ନାଟ୍ୟ ପ୍ରଯୋଜନା

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ
ଭୁବନେଶ୍ୱର

Digitized by srujanika@gmail.com

ଶ୍ରୀ ରଘୁନାଥ ରଥ ବିରଚିତ

ନାଟ୍ୟ ମନୋରମା

ଅନୁବାଦକ

ଡକ୍ଟର କାଳୀଚରଣ ପଟ୍ଟନାୟକ

ଓଡ଼ିଶା ସଂଗୀତ ନାଟକ ଏକାଡେମୀ

ଭୁବନେଶ୍ୱର—୨

Digitized by srujanika@gmail.com

ପ୍ରଥମ ପ୍ରକାଶ—୧୦୦୦

୧୯୭୭

ମୂଲ୍ୟ—

Digitized by srujanika@gmail.com

ସୂଚନା

'ନାଟ୍ୟ ମନୋରମା', ଜଣେ ବିଶିଷ୍ଟ ଉତ୍କଳୀୟ ପଣ୍ଡିତ ଶ୍ରୀ ରଘୁନାଥ ରଥଙ୍କ ବିରଚିତ ଏକ ଉପାଦେୟ ଗ୍ରନ୍ଥ । ରାଜ୍ୟ ସଂଗ୍ରହାଳୟରେ ରକ୍ଷିତ ଥିବା ଏକ ପାଣ୍ଡୁଲିପିକୁ ଭିତ୍ତି କରି ସଂଗୀତ ଓ ନୃତ୍ୟ ବିଜ୍ଞାନ ସମ୍ବଳିତ ଏହି ଗ୍ରନ୍ଥଟି ଓଡ଼ିଶା ସାହିତ୍ୟ ଏକାଡେମୀ କର୍ତ୍ତୃକ ୧୯୫୯ ମସିହାରେ ଦେବନାଗରୀ ଲିପିରେ ପ୍ରକାଶିତ ହୋଇଛି । ଗ୍ରନ୍ଥଟିର ଶେଷ ଶ୍ଳୋକରୁ ଜଣାଯାଏ ଯେ ଗ୍ରନ୍ଥକାର ରଘୁନାଥ ରଥ କେରଳ ରାଜା ମାନକଣୁଙ୍କ ପୃଷ୍ଠପୋଷକତାରେ ଏହା ରଚନା କରିଥିଲେ । ସେ ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଉତ୍କଳୀୟ ରାଜା ଗଜପତି ଦିବ୍ୟସିଂହ ଦେବ (୧୬୯୩-୧୭୨୦ ଖ୍ରୀ:)ଙ୍କ ସମସାମୟିକ । ଯଦିଓ ସେ ତାଙ୍କର ବାସସ୍ଥାନ ସମ୍ବନ୍ଧରେ କୌଣସି ଉଲ୍ଲେଖ କରି ନାହାନ୍ତି ତତ୍କାଳୀନ ଉତ୍କଳୀୟ ରାଜାଙ୍କର 'ଅଙ୍କ' ବ୍ୟବହାର କରିଥିବାରୁ ଏବଂ ଉତ୍କଳୀୟ ଗ୍ରନ୍ଥକାର ରାୟରାମାନନ୍ଦ, ହରି ନାୟକ, କୃଷ୍ଣ ଦାସ, ବିଶିଷ୍ଟ କବି ଓ ସଙ୍ଗୀତଜ୍ଞ ପୁରୁଷୋତ୍ତମ ମିଶ୍ର ଇତ୍ୟାଦିଙ୍କ ନାମୋଲ୍ଲେଖ କରିଥିବାରୁ ସେ ନିଜେ ଉତ୍କଳୀୟ ହୋଇଥିବାର ସ୍ପଷ୍ଟ ସୂଚନା ମିଳେ । କିନ୍ତୁ ସେ କିପରି କେରଳ ରାଜାଙ୍କର ପୃଷ୍ଠ ପୋଷକତା ଲାଭ କରିଥିଲେ ସେ ସଂପର୍କରେ ଅଦ୍ୟାବଧି କୌଣସି ପ୍ରମାଣ ମିଳିନାହିଁ । ସମ୍ଭବତଃ ଜ୍ଞାନ ଅନ୍ୱେଷଣରେ ସେ କେରଳ ପର୍ଯ୍ୟନ୍ତ ଯାଇ ସେଠାରେ ରାଜାଙ୍କର ପୃଷ୍ଠପୋଷକତା ଅର୍ଜନ କରିଥିଲେ କିମ୍ବା କେରଳ ରାଜା ତୀର୍ଥଯାତ୍ରାରେ ପୁରୀକୁ ଆସିଥିବା ସମୟରେ ପାଣ୍ଡିତ୍ୟରେ ତାଙ୍କୁ ମୁଗ୍ଧ କରି ପୃଷ୍ଠପୋଷକତା ଲାଭ କରିଥିଲେ ।

Digitized by srujanika@gmail.com

ଏହି ଗ୍ରନ୍ଥଟିର କେବଳ ମୂଳ ସଂସ୍କୃତ ପାଠ ଦେବନାଗରୀ ଲିପିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶ କରିଥିଲେ । ତେଣୁ ଓଡ଼ିଆଭାଷୀ ନୃତ୍ୟ-ସଂଗୀତ ପ୍ରେମୀଙ୍କ ଦ୍ୱାରା ତାହା ଯଥାଯଥ ଅନୁସୃତ ହେବାରେ ଅସୁବିଧା ଉପୁଜିଲା । ଏହି କାରଣରୁ ଗ୍ରନ୍ଥଟିର ଓଡ଼ିଆ ଅନୁବାଦ ପ୍ରକାଶ କରିବା ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ସ୍ଥିର କରାଗଲା । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏହି ଗ୍ରନ୍ଥର ଓଡ଼ିଆ ଅନୁବାଦ କରିଛନ୍ତି । ବର୍ତ୍ତମାନ ଗ୍ରନ୍ଥଟି ନୃତ୍ୟ ସଂଗୀତ ପ୍ରେମୀଙ୍କ ନିକଟରେ ସହଜ ବୋଧ ହୋଇ ଯଥାଯଥ ଅନୁସୃତ ହେବ ବୋଲି ମୁଁ ଆଶା କରୁଛି ।

ଶ୍ରୀ ଗଙ୍ଗାଧର ମହାପାତ୍ର
ସମ୍ପାଦକ
ଓଡ଼ିଶା ସଂଗୀତ ନାଟକ ଏକାଡେମୀ

Digitized by srujanika@gmail.com

ନାଟ୍ୟମନୋରମା ସୂଚୀ

ବିଷୟ	ପୃଷ୍ଠା
ଇଷ୍ଟଦେବତା ନମସ୍କାର	୧
ସଙ୍ଗୀତ ନିରୂପଣ	୨
ସଙ୍ଗୀତର ପରମ୍ପରା ଶୁଦ୍ଧି	୩
ସଙ୍ଗୀତର ଉତ୍କର୍ଷତା	୪
ସଙ୍ଗୀତର ଚତୁର୍ବର୍ଗ ସାଧନତ୍ୱ	୫
ସଙ୍ଗୀତର ସ୍ୱରୂପ	୬
ସଙ୍ଗୀତର ଭେଦଦ୍ୱୟ	୭
ନାଦ କଥନ	୭
ନାଦର ଦ୍ୱିବିଧ ଭେଦ	୮
ନାଦର ପାଞ୍ଚପ୍ରକାର ଭେଦ	୯
ପାଞ୍ଚପ୍ରକାର ନାଦର ସ୍ଥାନ ଭେଦ	୯
ପବନ ନାଦ ଉତ୍ପତ୍ତିର ପ୍ରଧାନ କାରଣ	୧୦
ନାଦ ମାହାତ୍ମ୍ୟ	୧୦
ନାଦ ଭେଦ	୧୦
ଗୀତ ନିରୂପଣ	୧୨
ଗୀତର ମହିମା	୧୨
ଶ୍ରୁତି ନିରୂପଣ	୧୫
ଶ୍ରୁତି ଭେଦ	୧୬
କେଉଁ ସ୍ୱରରେ କେଉଁ ଶ୍ରୁତି	୧୭

Digitized by srujanika@gmail.com

ବିଷୟ	ପୃଷ୍ଠା
ଶ୍ରୁତି ମାହାତ୍ମ୍ୟ	୧୮
ସ୍ୱର ନିରୂପଣ ଓ ଭେଦ	୧୯
ସପ୍ତସ୍ୱରରେ ଅକ୍ଷର	୨୦
ସପ୍ତସ୍ୱରର ବିଭାଗ	୨୧
ମନ୍ଦ୍ରାଦିର ସ୍ଥାନ ନିରୂପଣ	୨୧
ଷଡ୍‌ଜାଦି ସ୍ୱରର ଜନ୍ମସ୍ଥାନ	୨୧
ସ୍ୱରରେ ଛନ୍ଦର ଉତ୍ପତ୍ତି	୨୪
ସପ୍ତସ୍ୱରର ଧ୍ୱନି ନିର୍ଣ୍ଣୟ	୨୪
ସପ୍ତସ୍ୱରର କୁଳ	୨୫
ସପ୍ତସ୍ୱରର ବର୍ଣ୍ଣ (ରୂପ)	୨୫
ସପ୍ତସ୍ୱରର ଦେବତା	୨୬
ସପ୍ତସ୍ୱର ମଧ୍ୟରେ ଉଚ୍ଚ, ନୀଚ ଓ ସ୍ୱରିତ ନିର୍ଣ୍ଣୟ	୨୭
କେଉଁ କେଉଁ ବେଦରୁ ସପ୍ତସ୍ୱର ଉତ୍ପନ୍ନ	୨୭
ସ୍ୱରମାନଙ୍କର ବ୍ରହ୍ମଣାଦି ବର୍ଣ୍ଣ	୨୮
କେଉଁ ଦେବତା କେଉଁ ସ୍ୱରରେ ସନ୍ତୁଷ୍ଟ ହୁଅନ୍ତି	୨୮
ହାସ୍ୟାଦି ରସରେ ସ୍ୱର ପ୍ରୟୋଗ	୨୯
ସ୍ୱରମାନଙ୍କର ଜନ୍ମଭୂମୀ	୨୯
ସପ୍ତସ୍ୱରଙ୍କ ସପ୍ତଦେଶ	୩୦
ସପ୍ତସ୍ୱରର ଲୋକ ନିର୍ଣ୍ଣୟ	୩୦
ସ୍ୱରମାନଙ୍କର ଜନ୍ମବାର	୩୧
ସପ୍ତସ୍ୱରର ସପ୍ତ ବେଦଶାଖା	୩୧
ସପ୍ତସ୍ୱରର ବୟସ ନିର୍ଣ୍ଣୟ	୩୨
ସପ୍ତସ୍ୱରର ପ୍ରୟୋଗ	୩୨
ସପ୍ତସ୍ୱରର ବାଦି ଇତ୍ୟାଦି ଭେଦ	୩୩
ସ୍ୱରର ଗ୍ରାମ	୩୩
ଗ୍ରାମର ସ୍ଥାନ, ସ୍ଥିତି ଓ ଭେଦ	୩୪

Digitized by srujanika@gmail.com

ବିଷୟ — ପୃଷ୍ଠା

ଗ୍ରାମର ଉପଯୋଗିତା — ୩୫
ଗ୍ରାମର ରୂପ — ୩୫
ମୂର୍ଚ୍ଛନା ନିରୂପଣ ଓ ଭେଦ — ୩୬
ମୂର୍ଚ୍ଛନାର ଫଳ ଓ ସ୍ୱରୂପ — ୩୭
ତାନ କଥନ — ୩୮
ତାନମାନଙ୍କର ୪୯ ସଂଖ୍ୟାର ହେତୁ — ୩୮
ତାନର ନାମ ଉତ୍ପତ୍ତି ତା — ୩୯
ସ୍ୱରଭେଦ ବର୍ଣ୍ଣି — ୪୦
ସ୍ୱରର ଗୃଣଭେଦ — ୪୦
ଗ୍ରହ ଓ ନ୍ୟାସ ସ୍ୱର — ୪୦
ଅଂଶ ସ୍ୱର ଓ ତାର ପ୍ରାଧାନ୍ୟ — ୪୧
ସ୍ୱରର ଜାତି — ୪୨

ରାଗ — ୪୩
ରାଗରେ ପୁରୁଷ ଓ ସ୍ତ୍ରୀର ବିଚାର — ୪୩
ରାଗରେ ସ୍ଥାନ ନିର୍ଣ୍ଣୟ — ୪୫
ରାଗମାନଙ୍କ ମଧ୍ୟରେ ସ୍ତ୍ରୀ ଓ ପୁରୁଷ ଭେଦ — ୪୬
ସ୍ତ୍ରୀ ରାଗର ନାମ ଓ ସଂଖ୍ୟା — ୪୬
ନାରଦଙ୍କ ମତରେ ସ୍ତ୍ରୀ ଓ ପୁରୁଷ ରାଗର ଫଳ — ୪୭
ରାଗ ଭେଦ — ୪୮
ରାଗମାନଙ୍କର ଗାୟନ ଫଳ — ୪୯
ରାଗର ଧ୍ୟାନ — ୫୦
ରାଗମାନଙ୍କର ଗାୟନ କାଳ ନିର୍ଣ୍ଣୟ — ୬୨
ରାଗମାନଙ୍କର ଗାନ-ନିଷିଦ୍ଧ ସମୟ — ୬୩
ବାରଣ୍ଡ ରାଗର ଗାୟନ କାଳ — ୬୪
ରସମାନଙ୍କ ମଧ୍ୟରେ ସ୍ତ୍ରୀ, ପୁରୁଷ ଓ ନପୁଂସକ ଭେଦ — ୬୫

Digitized by srujanika@gmail.com

ବିଷୟ	ପୃଷ୍ଠା
ରାଗର ଅକାଳ ଗାୟନରେ ଦୋଷ ଓ ଅପବାଦ	୬୫
ରାଗର ଅକାଳ ଗାୟନ ଦୋଷର ପ୍ରାୟଶ୍ଚିତ୍ତ	୬୬
ସର୍ବକାଳରେ ଗାନଯୋଗ୍ୟ ରାଗ	୬୬
ରାଗ ଗାୟନ ସମ୍ବନ୍ଧରେ ନାରଦଙ୍କ ମତ	୬୬
ଗୀତ ଭେଦ	୬୭
ଅନିବଦ୍ଧ ଗୀତ ଲକ୍ଷଣ	୬୭
ଆଲପ୍ତି ଲକ୍ଷଣ	୬୮
ଆଲପ୍ତିର ଭେଦ	୬୮
ଗୀତର ତିନିଭେଦ	୬୯
ଶୁଦ୍ଧଗୀତର ଲକ୍ଷଣ	୬୯
ଛାୟାଲଗ ଗୀତର ଲକ୍ଷଣ	୬୯
ଶୁଦ୍ଧଗୀତର ପ୍ରବନ୍ଧ ଆଖ୍ୟା	୭୦
ପ୍ରବନ୍ଧର ଅଙ୍ଗ ମଧ୍ୟରେ ଧାତୁ	୭୦
ପ୍ରବନ୍ଧର ଅଙ୍ଗ	୭୧
ପ୍ରବନ୍ଧର ଜାତି	୭୨
ପ୍ରବନ୍ଧ ଗୀତରେ ତାଳ, ରାଗ, ପାଟାଦି, ପ୍ରୟୋଗ ବିଧି	୭୩
ରାଗ ପ୍ରଭୃତିର ବହୁତ୍ୱ	୭୩
ମାତୃକା ପ୍ରବନ୍ଧ	୭୪
ମାତୃକା ପ୍ରବନ୍ଧର ଭେଦ	୭୫
ମାନୁଷୀ ମାତୃକା ପ୍ରବନ୍ଧର ଲକ୍ଷଣ	୭୫
ଦିବ୍ୟମାନୁଷୀ ମାତୃକା ପ୍ରବନ୍ଧର ଲକ୍ଷଣ	୭୫
ମାତୃକା ପ୍ରବନ୍ଧରେ ରାଗତାଳର ନିୟମ	୭୬
ମାତୃକା ପ୍ରବନ୍ଧର ମହିମା	୭୬
ଅନ୍ୟ ପ୍ରବନ୍ଧ ବିଷୟ	୭୭
କାୟୁବାଳ ପ୍ରବନ୍ଧ	୭୮
ତାଳାର୍ଣ୍ଣବ ପ୍ରବନ୍ଧ	୭୯

Digitized by srujanika@gmail.com

ବିଷୟ	ପୃଷ୍ଠା
ସିଂହଳୀନ ପ୍ରବନ୍ଧ	୭୯
ସୂଡ଼ ପ୍ରବନ୍ଧର ଲକ୍ଷଣ	୮୦
ଛାୟାଲଗ ସୂଡ଼ ଲକ୍ଷଣ	୮୨
ଧ୍ରୁବ ଲକ୍ଷଣ	୮୩
ମଣ୍ଠ ଲକ୍ଷଣ	୮୩
ଧ୍ରୁବ ମଣ୍ଠଲକ୍ଷଣ ତାଳ	୮୩
ଗାୟନରେ ଧ୍ରୁବକର ପ୍ରାଧାନ୍ୟ	୮୪
ଧ୍ରୁବ ଲକ୍ଷଣ	୮୪
ମହ୍ଲାର ରାଗରେ ଉଦାହରଣ	୮୫
ମଣ୍ଠଲକ୍ଷଣ	୮୬
ଆଡ଼ତାଳରେ ମହ୍ଲାରରାଗରେ ଉଦାହରଣ	୮୭
ଧ୍ରୁବ, ମଣ୍ଠଲକ୍ଷଣରେ ଭେଦ ଓ ଖଣ୍ଡ	୮୮
ଭଙ୍ଗୀ ଲକ୍ଷଣ	୯୦
ତାଳମାନଙ୍କର ଆବୃତ୍ତି	୯୦
ସିଂହନନ୍ଦନତାଳରେ ଉଦ୍‌ଗ୍ରାହାଦିର ଉଦାହରଣ	୯୧
ଏକତାଳୀ ଆଦିର ବନ୍ଧ ସମାବେଶ	୯୧
ତାଳର ପରିଭାଷା	୯୨
ଅନୁଦ୍ରୁତାଦି ୬ ତାଳର ପ୍ରତ୍ୟେକଙ୍କ ୬ ଗୋଟି ନାମ	୯୩
ଅନୁଦ୍ରୁତାଦିର ଉତ୍ପତ୍ତି ସ୍ଥାନ	୯୪
ଅନୁଦ୍ରୁତାଦିର ବର୍ଣ୍ଣ	୯୫
ଅନୁଦ୍ରୁତାଦିର ଦେବତା	୯୫
ଅନୁଦ୍ରୁତାଦିର ମାତ୍ରା ପରିମାଣ	୯୬
ତାଳ ଶବ୍ଦର ବ୍ୟୁତ୍ପତ୍ତି	୯୬
'ନ' କାରାଦି ଗଣର ଉତ୍ପତ୍ତି ସ୍ଥାନ	୯୭
'ନ' କାରାଦି ଅଷ୍ଟଗଣର ବର୍ଣ୍ଣ	୯୮
ଗଣର ଶୁଭାଶୁଭ ଫଳ	୯୮

Digitized by srujanika@gmail.com

ବିଷୟ	ପୃଷ୍ଠା
'ନ' କାରାଦି ଗଣର ପ୍ରୟୋଗ	୧୦୧
ମାତ୍ରା ପ୍ରମାଣ	୧୦୧
ଗୁରୁ-ଲଘୁ ଅକ୍ଷର ନିର୍ଣ୍ଣୟ	୧୦୨
ଅନୁଦ୍ରୁତାଦିର ଅଙ୍ଗୁଳି ପ୍ରମାଣ	୧୦୨
ଅନୁଦ୍ରୁତାଦିର ରେଖାନ୍ୟାସ	୧୦୩
ଦ୍ରୁତ ପ୍ରଭୃତିର ସଶବ୍ଦ ଓ ନିଃଶବ୍ଦ ଘାତ	୧୦୩
ଦ୍ରୁତ ପ୍ରଭୃତିର ଘାତ ପ୍ରମାଣ	୧୦୪
ସଶବ୍ଦ ଓ ନିଃଶବ୍ଦର ଅନିତ୍ୟତା	୧୦୫
ଦ୍ରୁତାଦିମାନଙ୍କର ପ୍ରକାଶ ସ୍ୱତ୍ତ	୧୦୬
ଅନୁଦ୍ରୁତାଦିର ପ୍ରକାର	୧୦୬
ଗୀତ, ବାଦ୍ୟ ଓ ନୃତ୍ୟର ମୂଳକାରଣ ତାଳ	୧୦୬
ତାଳର ପ୍ରାଧାନ୍ୟ	୧୦୮
ତାଳର ଦେବତା	୧୦୮
ଆଦିତାଳର ରସ ନାମ	୧୧୦
ଆଦିର ପ୍ରକାର ଭେଦ	୧୧୧
କୁମୁଦ ଓ ଷତ୍ତ	୧୧୨
ଚଛକାର	୧୧୩
ଶୁଦ୍ଧ ଯତିର ଉଦାହରଣ	୧୧୩
ନାଟସ୍ୱଗ ଯୂତିରେ ଉଦାହରଣ	୧୧୩
ଯତିଭେଦ	୧୧୪
ନିଃସାରୁ ତାଳ	୧୧୫
ନିଃସାରୁ ଭେଦ	୧୧୬
ମଣ୍ଠକ ତାଳ	୧୧୬
ମଣ୍ଠକ ଭେଦ	୧୧୮
ଝମ୍ପକ ତାଳ	୧୧୯
ଝମ୍ପକ ଭେଦ	୧୨୦

Digitized by srujanika@gmail.com

ବିଷୟ	ପୃଷ୍ଠା
ରୂପକ ତାଳ ଓ ଭେଦ	୧୨୨
ନିପୁଣ ଓ ତାର ଭେଦ	୧୨୪
ଅଡ୍ଡ ତାଳ	୧୨୫
ଅଡ୍ଡ ଭେଦ	୧୨୬
ଏକତାଳୀ	୧୨୭
ଏକତାଳୀ ଭେଦ	୧୨୮
କୁଡ୍ଡକ ତାଳ	୧୨୯
କଳାବହୁଳ ଶଶୀପ୍ରିୟାଦ ଗୃରତାଳ	୧୩୧
ନଳକୁବର ତାଳ	୧୩୧
ବାଦକାକୁଳ ତାଳ	୧୩୨
ସିଂହନନ୍ଦନ ତାଳ	୧୩୨
କ୍ଷୁଦ୍ରଗୀତ ଲକ୍ଷଣ	୧୩୪
ଅନ୍ତ୍ୟାନୁପ୍ରାସ	୧୩୫
ଛନ୍ଦପଦା ଲକ୍ଷଣ ଓ ଉଦାହରଣ	୧୩୫
ଛନ୍ଦକଳା ଗୀତ ଲକ୍ଷଣ ଓ ଭେଦ	୧୩୬
ଧ୍ରୁବପଦା ଗୀତ ଲକ୍ଷଣ	୧୩୭
ପାଞ୍ଚାଳୀ ଗୀତଲକ୍ଷଣ ଓ ଉଦାହରଣ	୧୩୮
ଗୀତମାନଙ୍କର ଭେଦବିଷୟ	୧୩୯
ମାନୁଷ ଗୀତରେ ଭାଷା	୧୩୯
ଗୀତର ଗୁଣ	୧୪୦
ଗ୍ରହ	୧୪୦
ଅନାଗତ ଗ୍ରହ	୧୪୧
ସମଗ୍ରହ ଓ ଉଦାହରଣ	୧୪୨
ଅତୀତ ଗ୍ରହ ଓ ଉଦାହରଣ	୧୪୨
ଗ୍ରହ ମାହାତ୍ମ୍ୟ	୧୪୩
ଲୟ ଲକ୍ଷଣ	୧୪୩

Digitized by srujanika@gmail.com

ବିଷୟ	ପୃଷ୍ଠା
ଦ୍ରୁତାଦି ଲୟର ପାଠ ବର୍ଣ୍ଣୟ	୧୪୪
ଦ୍ରୁତାଦି ଲୟର ମାତ୍ରା ପ୍ରମାଣ	୧୪୪
ଯତି ଲକ୍ଷଣ	୧୪୪
ସମା ଯତି	୧୪୫
ଶ୍ରୋତୋବହା ଯତି	୧୪୫
ଗୋପୁଚ୍ଛିକା ଯତି	୧୪୫
ମାନ ଲକ୍ଷଣ	୧୪୫
ଧାତୁର ପୁନରୁକ୍ତି ଓ ନବନବତ୍ୱ	୧୪୬
ରାଗର ରମ୍ୟତା ଲକ୍ଷଣ	୧୪୭
ଗମକର ଉତ୍ପତ୍ତିସ୍ଥାନ	୧୪୭
ଗମକର ସ୍ୱରୂପ	୧୪୭
ଗମକ ଭେଦ	୧୪୮
ଗମକର ଅଭ୍ୟାସ ବିଧି	୧୪୯
ଗୀତର ଅଙ୍ଗହୀନ ଦୋଷ	୧୪୯
ସଂସ୍କୃତ ଓ ପ୍ରାକୃତ ଗୀତରେ	୧୫୦
କେବଳ ଭଷାଗୀତ	୧୫୦
ସଂସ୍କୃତ ଗୀତ ବିଷୟ	୧୫୧
ଗାୟକ ଦୋଷ	୧୫୨
ଗାୟକ ଭେଦ	୧୫୩
ଏକଳାଦି ଗାୟକ ଭେଦ	୧୫୩
ଗାୟିକା ଲକ୍ଷଣ	୧୫୪
ବାଗ୍‌ଗେୟକାର ଲକ୍ଷଣ ଓ ଭେଦ	୧୫୪
ବାଦ୍ୟ ମାହାତ୍ମ୍ୟ	୧୫୬
ବାଦ୍ୟର ଫଳ	୧୫୭
ବାଦ୍ୟ ଭେଦ	୧୫୭
ତତ ବାଦ୍ୟର ଭେଦ	୧୫୭

Digitized by srujanika@gmail.com

ବିଷୟ	ପୃଷ୍ଠା
ତତ ବାଦ୍ୟର ଫଳ	୧୬୪
ବୀଣା ସାଧନଦ୍ୱାରା ମୋକ୍ଷ ପ୍ରାପ୍ତ	୧୬୪
ଶୁଷିର ବାଦ୍ୟ	୧୬୫
ବଂଶବାଦ୍ୟ	୧୬୫
ବଂଶୀର ଭେଦ	୧୬୬
ବେଣୁ	୧୬୬
ମୁରଲୀ	୧୬୬
ବଂଶୀ	୧୬୮
ଫୁତ୍କାର ଗୁଣ	୧୬୮
ଫୁତ୍କାର ଦୋଷ	୧୬୯
ବଂଶୀବାଦକର ଗୁଣ	୧୬୯
ବଂଶୀ ବାଦକର ଦୋଷ	୧୭୦
ଆନଦ୍ଧ ବାଦ୍ୟ	୧୭୧
ମର୍ଦ୍ଦଳର ନବାଙ୍ଗ ଉପଯୋଗ	୧୭୧
ମର୍ଦ୍ଦଳ ଉପଯୋଗୀ କାଷ୍ଠ	୧୭୧
ମର୍ଦ୍ଦଳ ଲକ୍ଷଣ ଓ ପ୍ରମାଣ	୧୭୨
ମର୍ଦ୍ଦଳ ନିର୍ମାଣ ଓ ବିଧି	୧୭୨
ଖରଲ ଲେପ	୧୭୩
ପୂରିକା	୧୭୩
ମର୍ଦ୍ଦଳର ମାହାତ୍ମ୍ୟ	୧୭୪
ଘନବାଦ୍ୟ	୧୭୫
ତାଳବାଦ୍ୟ ନିର୍ମାଣ	୧୭୫
ତତବାଦ୍ୟର ଉତ୍ପତ୍ତି କାରଣ	୧୭୬
ଏହି ବାଦ୍ୟର ବାଦକ	୧୭୭
ସର୍ବ ମନୋରଞ୍ଜକ ନୃତ୍ୟ	୧୭୮
ନୃତ୍ୟଲକ୍ଷଣ	୧୭୮

Digitized by srujanika@gmail.com

ବିଷୟ	ପୃଷ୍ଠା
ବିଳାସ	୧୭୯
ନୃତ୍ୟ ପ୍ରାରମ୍ଭରେ ଗାୟନର ଆବଶ୍ୟକତା	୧୭୯
ନୃତ୍ୟ ମହିମା	୧୭୯
ନୃତ୍ୟର ଭେଦ	୧୮୦
ତାଣ୍ଡବର ଭେଦ	୨୮୦
ପ୍ରେରଣୀ, ବହୁରୂପ ଓ ଲାସ୍ୟ ଲକ୍ଷଣ	୧୮୧
ଲାସ୍ୟର ଭେଦ	୧୮୨
ଛୁରିତ ଲକ୍ଷଣ	୧୮୨
ଯୌବତ ଲାସ୍ୟ ଲକ୍ଷଣ	୧୮୨
ନୃତ୍ୟ ପ୍ରବର୍ତ୍ତନ କ୍ରମ	୧୮୨
କାଣ୍ଡି ନୃତ୍ୟ	୧୮୩
କାକଡ଼ ନୃତ୍ୟ	୧୮୩
ଶାବରୀ ନୃତ୍ୟ	୧୮୪
କୁରଞ୍ଜି ନୃତ୍ୟ	୧୮୪
ମଲ୍ଲବଳୀ ନୃତ୍ୟ	୧୮୪
ସଭା ନିବେଶନ ବିଧି	୧୮୫
ସଭାସଦ ଲକ୍ଷଣ	୧୮୭
ନୃତ୍ୟରେ ସ୍ତ୍ରୀମାନଙ୍କର ପ୍ରାଧାନ୍ୟ	୧୮୭
ନର୍ତ୍ତକୀ ସ୍ତ୍ରୀମାନଙ୍କ ଲକ୍ଷଣ	୧୮୮
ନୃତ୍ୟର ଅଯୋଗ୍ୟା ସ୍ତ୍ରୀ	୧୮୯
ଜର୍ଜର ପୂଜାବିଧି	୧୮୯
ଯବନିକା ବିଧି	୧୯୦
ଉପଭେଦରେ ଯବନିକାର ବର୍ଣ୍ଣଭେଦ	୧୯୦
ନର୍ତ୍ତକ ନର୍ତ୍ତକୀର ମଣ୍ଡନ ବିଧି	୧୯୧
କେଶାନ୍ତର	୧୯୧
ମସୀ ଓ ଶୁଦ୍ଧ ମସୀ	୧୯୨

Digitized by srujanika@gmail.com

ବିଷୟ	ପୃଷ୍ଠା
ଶୁଦ୍ଧ ମସୀ ଉପଯୋଗୀ ଦ୍ରବ୍ୟ	୧୯୩
ହରିତାଳର ମହିମା	୧୯୩
ହରିତାଳର ଦେବତା	୧୯୪
ହରିତାଳର ଅଭିମନ୍ତ୍ରଣ	୧୯୪
ବେଣୀ ନିର୍ଣ୍ଣୟ	୧୯୫
ମାଳା ଧାରଣ ନିୟମ	୧୯୬
ଚତୁର୍ବିଧ ଅଳଙ୍କାର	୧୯୬
ବିଦ୍ଧାଦି ଅଳଙ୍କାର ଲକ୍ଷଣ	୧୯୭
ନାଟ୍ୟ ଭୂଷା	୧୯୮
ନାଟ୍ୟବୃତ୍ତି ଓ ଏମାନଙ୍କ ଉତ୍ପତ୍ତି	୧୯୮
ଭାରତୀ ଆଦିର ମହିମା	୧୯୮
ରଙ୍ଗ ପ୍ରବେଶ ପ୍ରକାର	୧୯୯
ସଭାଜନମାନଙ୍କର ଆକାଙ୍କ୍ଷା	୨୦୦
ନୃତ୍ୟ ପ୍ରକାର	୨୦୦
ନୃତ୍ୟରେ ବର୍ଜନୀୟ	୨୦୦
ନାଟ୍ୟର ରଞ୍ଜକ ସମୟ ନିର୍ଣ୍ଣୟ	୨୦୧
ସାଧୁବାଦ	୨୦୧
ସଭାସ୍ଥଳ ପ୍ରଥମେ ଛାଡ଼ିବା ନିଷେଧ	୨୦୨
ହସ୍ତକ ଓ ଷଡ଼୍‌ବିଧ ଅଙ୍ଗ	୨୦୨
ଶିରଭେଦ	୨୦୨
ପରିବାହିତ	୨୦୩
ହସ୍ତର ହସ୍ତକ ଭେଦ	୨୦୪
ପତାକା ହସ୍ତ	୨୦୪
ତ୍ରିପତାକ ହସ୍ତ	୨୦୫
ସଂଖ୍ୟା ସୂଚକ ହସ୍ତ	୨୦୬
ହସ୍ତକରଣ କାଳୀନ ଚେଷ୍ଟା	୨୦୬

Digitized by srujanika@gmail.com

ବିଷୟ	ପୃଷ୍ଠା
ସ୍ବପ୍ନ ଲକ୍ଷଣ	୨୦୭
ଅଭିନୟ ରସୋତ୍ପତ୍ତିର ହେତୁ	୨୦୭
ରସର ଆତ୍ମସ୍ବରୂପ	୨୦୮
ନାନ୍ଦୀଲକ୍ଷଣ	୨୦୮
ନାନ୍ଦୀର ପ୍ରୟୋଜନ	୨୦୯
ଅଶୁଦ୍ଧ ଗୀତ ନୃତ୍ୟ ନିଷେଧ	୨୦୯
ସଂଗୀତ ବୃକ୍ଷର ରୂପ	୨୦୯
ଗ୍ରନ୍ଥକର୍ତ୍ତାଙ୍କ ପରିଚୟ	୨୧୦
ଉପଜୀବକ ରଘୁନାଥ ରଥ	୨୧୧

Digitized by srujanika@gmail.com

ନାଟ୍ୟ ମନୋରମା

ଅଥ ପ୍ରଥମଃ ପାଦଃ

ଅଥେଷ୍ଟି୍ ଦେବତା ନମସ୍କାରଃ

ରାଧାମନଃ କୈରବ-ତାରକେଶଂ, ନମାମି ଦେବଂ ପଶୁପାଳ-ବେଶମ୍ ।
କଳନ୍ଦଜା-ତୀର-ବିହାରତୋଷଂ, ଗୋପୀଷୁ ସଂବର୍ଦ୍ଧିତ ମନ୍ଦହାସମ୍ । ॥୧॥

ଅନୁବାଦ

ରାଧାଙ୍କ ମନ କୁମୁଦ ଇନ୍ଦୁ, ଗୋପାଳବେଶୀ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରୁଅଛୁ । ଗୋପୀମାନଙ୍କଦ୍ୱାରା ସଂବର୍ଦ୍ଧିତ ମଧୁମନ୍ଦହାସଯୁକ୍ତ ଯମୁନା-ତଟ ବିହାରପ୍ରେମୀ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରୁଅଛୁ ।

ମୃଗମଦକୃତଚର୍ଚ୍ଚ ପୀତକୌଶେୟ ବାସା
ରୁଚିର ଶିଖିଶିଖଣ୍ଡାବଦ୍ଧଧମ୍ମିଲ୍ଲପାଶା ।
ଅନୃଜୁନିହିତମଂଶେ ବଂଶମୁକ୍‌ଭାଣୟନ୍ତୀ
ଧୃତମୁରଲୀଲା ମାଳମ ପାତୁ ରାଧା ॥୨॥

ଅନୁବାଦ

ଯାହାଙ୍କର ସମସ୍ତ ଅଙ୍ଗ କସ୍ତୁରୀଲିପ୍ତ, ଯେ ପୀତବାସଧାରୀ, ଯେ ସୁନ୍ଦର, ଯେ ଶିଖିପୁଚ୍ଛ ମୁକୁଟ ଧାରଣ କରିଅଛନ୍ତି, ଯେ ସ୍କନ୍ଧ ବଙ୍କକରି ବଂଶୀ ଧାରଣ କରିଅଛନ୍ତି, ଯାହାଙ୍କର ଗଳାଠାରୁ ପାଦ

Digitized by srujanika@gmail.com

ପର୍ଯ୍ୟନ୍ତ ବନମାଳା ଲମ୍ବିଅଛି, ସେହି ମୁରରିପୁ ଶ୍ରୀକୃଷ୍ଣଙ୍କର ଲୀଳା ବିସ୍ତାର କାରିଣୀ ଗାଥା ଆପଣମାନଙ୍କୁ ରକ୍ଷା କରନ୍ତୁ ।

ଚୂର୍ଣ୍ଣିକମ—

ଯଦ୍ୟପି ବିବୁଧବୃନ୍ଦାନନ୍ଦଦାୟିନୀ ସକଳ ସଙ୍ଗୀତ ଶାସ୍ତ୍ରାଂଶତଃ ସାର-ସୁଧାଧାରିଣୀ ନାଟ୍ୟାଗମଦୁଗ୍ଧେଽସ୍ଥାନକାର ନିଃଶେଷଦନ୍ତୀ ଗାନ୍ଧର୍ବ-ଲୀଳାୟିତ-ସୁକୁମାରମତି-ମନ୍ମଥପଚୟୂଚଣ୍ଡ-ଚକୋର-ଚୟାନ୍ ଖେଳୟନ୍ତୀ ସ୍ୱଗମ୍ୟା ସଂଗୀତାର୍ଣ୍ଣବ ଚନ୍ଦ୍ରିକା ଶୋଭତେ, ତଥାପି ମେଧାବିହୀନ ବୋଧଶକ୍ତିକ୍ଷୀଣ ରହିତଭାଗ୍ୟବିଭବସ୍ୱୋଦର ପୂରଣ ବ୍ୟବସାୟବିଶେଷ ବହୁକାଳ-ପଠନାନର୍ହାଽଽମିତ ବିବିଧଜନାନାମଳ୍ପତରଶ୍ରମେଣାଽପି ସଂଗୀତଜ୍ଞାନଂ ଭବିଷ୍ୟତ୍ୱିତି ମନସି ସୁଚିନ୍ତ୍ୟ, ଶ୍ରୀ ନୀଳକଣ୍ଠନାମଧେୟେନ କେରଳୋର୍ବୀନର-ପତିନା ନାଟ୍ୟ ମନୋରମା ସମାରଭ୍ୟତେ ।

ଅନୁବାଦ

ଯେଉଁ ସଂଗୀତାର୍ଣ୍ଣବ ଚନ୍ଦ୍ରିକା ବିଦ୍ୱଜ୍ଜନମାନଙ୍କର ଆନନ୍ଦଦାୟିନୀ, ଯାହା ସଂଗୀତଶାସ୍ତ୍ରର ସାରଭୂତ ଓ ଅମୃତତୁଲ୍ୟ, ନାଟ୍ୟଶାସ୍ତ୍ରରେ ଯାହା ଅନ୍ତର୍ଭୁକ୍ତଭାବରେ ରହିଅଛି, ଜଡ଼ବ୍ୟକ୍ତିମାନଙ୍କପକ୍ଷେ ଯାହା ଅବୋଧ ଏବଂ ଯହିଁରେ ଗୀତବାଦ୍ୟନୃତ୍ୟଲୀଳା ସନ୍ନିବେଶିତ ଅଛି, ସେହି ସଂଗୀତାର୍ଣ୍ଣବ ଚନ୍ଦ୍ରିକା ଅତି ମନୋରମ ହେଲେ ମଧ୍ୟ ମେଧାହୀନ ଓ ବୋଧଶକ୍ତିକ୍ଷୀଣ, ଭାଗ୍ୟହୀନ ଓ ଉଦରମାତ୍ର ପୋଷଣରେ ବ୍ୟସ୍ତ—ଏହି ବିବିଧ ଲୋକ ସାମାନ୍ୟ ପରିଶ୍ରମ ଦ୍ୱାରା ଏହି ସଂଗୀତଶାସ୍ତ୍ରରେ ପାରଦର୍ଶୀ ହୋଇପାରିବେ ଏହା ଚିନ୍ତାକରି କେରଳାଧିପତି ନୀଳକଣ୍ଠ ଏହି ନାଟ୍ୟ ମନୋରମା ରଚନା କଲେ ।

ଅଥ ସଙ୍ଗୀତ ନିରୂପଣମ୍—

ପୁରା ଚତୁର୍ଣ୍ଣାଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ ।
ଇଦଂ ତୁ ପଞ୍ଚମଂ ବେଦଂ ସଙ୍ଗୀତଂ ସମକଳ୍ପୟତ୍ ॥୩॥

Digitized by srujanika@gmail.com

ଅନୁବାଦ—ସଂଗୀତ ନିରୂପଣ

ପୂର୍ବକାଳରେ ପଦ୍ମଭୂ (ବ୍ରହ୍ମା) ଚତୁର୍ବେଦରୁ ସାର ସଂଗ୍ରହ କରି, ସଙ୍ଗୀତ ଶାସ୍ତ୍ର ରଚନା କଲେ ଓ ଏହାର ନାମ ପଞ୍ଚମ ବେଦ ଦେଲେ ।

"କୁତଃ କମୁତ୍ପନ୍ନଂ ତଦାହ"

କେଉଁ ବେଦରୁ କଅଣ ଜାତ ହେଲା ? ତାହା କହୁଅଛି :—

ଋଗଭ୍ୟଃ ପାଠ୍ୟମଭୂଦ୍‌ଗୀତଂ ସାମଭ୍ୟଃ ସମପଦ୍ୟତ
ଯଜୁର୍ଭ୍ୟୋଽଭିନୟା ଜାତା ରସାସ୍ତ୍ୱାଥର୍ବଣଃ ସ୍ମୃତାଃ ॥୪॥

ଅନୁବାଦ

ଋଗ୍‌ବେଦରୁ ପାଠ୍ୟ, ସାମବେଦରୁ ଗୀତ ବା ଗାୟନ; ଯଜୁର୍ବେଦରୁ ଅଭିନୟ ଏବଂ ଅଥର୍ବବେଦରୁ ରସ ଜାତ ହେଲା । ଏହିରୂପେ ଚତୁର୍ବେଦରୁ ସଙ୍ଗୀତ ଜାତ ହୋଇଅଛି ।

ଅଥ ସଙ୍ଗୀତସ୍ୟ ପରମ୍ପରାଶୁଦ୍ଧିମାହ—

ବର୍ତ୍ତମାନ ସଙ୍ଗୀତର ପରମ୍ପରା ଶୁଦ୍ଧି ବା ସମ୍ପ୍ରଦାୟ ଶୁଦ୍ଧି ବିଷୟ କହୁଛି ।

ବ୍ରହ୍ମାବିଲୋଚନ-ସମୀରଣ-କଶ୍ୟପଶ୍ଚ
ମତଙ୍ଗ-କାଶ୍ୱତର-କୋହଳ-ନାରଦାଶ୍ଚ ।
ନନ୍ଦ୍ୟାଞ୍ଜନେୟ ସୁରପା ଭରତୋଽମ୍ବିକାଦ୍ୟା
ଏତେହି ନାଟ୍ୟରଚନାଂ ବିଦଧୁଃ ପୁରାବୈ ॥୫॥

ଅନୁବାଦ

ପୂର୍ବକାଳରେ ନାଟ୍ୟ ବା ସଙ୍ଗୀତଶାସ୍ତ୍ରକୁ ବ୍ରହ୍ମା, ବିଲୋଚନ, ବାୟୁ, କଶ୍ୟପ, ମତଙ୍ଗମୁନି, ଅଶ୍ୱତର ମୁନି, ନାରଦ, ମନୁ, ନନ୍ଦୀ

Digitized by srujanika@gmail.com

(ଶିବପୁତ୍ର), ଅଞ୍ଜନେୟ (ହନୁମାନ), ସୁରଶା (ଇନ୍ଦ୍ର), ଭରତମୁନି, ଅମ୍ବିକା—ଏହିମାନେ ରଚନା କରିଥିଲେ । ଏହା ଭିନ୍ନ ଅନ୍ୟମାନେ ମଧ୍ୟ ସଙ୍ଗୀତଶାସ୍ତ୍ର ରଚନା କରିଅଛନ୍ତି ।

"ଅଥ ସଙ୍ଗୀତସ୍ୟ ପ୍ରାଶସ୍ତ୍ୟମାହ" (ସଙ୍ଗୀତର ଉତ୍କର୍ଷତା)

ଶ୍ରୁତି ସ୍ମୃତ୍ୟାଦମାହିତ୍ୟ ନାନାଶାସ୍ତ୍ରବିଦୋଽପି ଚ ।
ସଙ୍ଗୀତଂ ଯେ ନଜାନନ୍ତି ତେ ଦ୍ୱିପାଦା ମୃଗାଃ ସ୍ମୃତାଃ । ୬ ।

ଅନୁବାଦ

ଶ୍ରୁତି-ସ୍ମୃତି ଆଦି ସାହିତ୍ୟ ଓ ନାନା ଶାସ୍ତ୍ରରେ ପଣ୍ଡିତ ହୋଇଥିଲେ ମଧ୍ୟ ଯେଉଁମାନେ ସଙ୍ଗୀତ ନ ଜାଣନ୍ତି, ସେମାନେ ସାକ୍ଷାତ ଦୁଇପାଦଅ ପଶୁ ତୁଲ୍ୟ ଅଟନ୍ତି । ଏହି କାରଣରୁ ସଙ୍ଗୀତ ଶାସ୍ତ୍ର ଜାଣିବା ଉଚିତ ।

ଅଜ୍ଞାତ୍ୱା ନାଟ୍ୟଶାସ୍ତ୍ରଂ ତୁ ବୃଥା ବେଦାଦିଷୁ ଶ୍ରମମ୍ ।
କୁର୍ବନ୍ତି ନରା ଯେ ବୈ ବିଜ୍ଞେୟାସ୍ତେ ନରାଧମାଃ । ୭ ।

ଅନୁବାଦ

ଯେଉଁମାନେ ନାଟ୍ୟ ସଙ୍ଗୀତଶାସ୍ତ୍ର ନ ଜାଣି ବେଦାଦି ଶାସ୍ତ୍ରରେ ପରିଶ୍ରମ କରନ୍ତି, ସେମାନେ ନରମାନଙ୍କ ମଧ୍ୟରେ ଅଧମ ।

ସଙ୍ଗୀତେନ ରମ୍ୟେଣ ସୁଖଂ ଯସ୍ୟ ନ ଚେତସି ।
ମନୁଷ୍ୟୋବୃଷଭୋ ଲୋକେ ବିଧାତ୍ରୈବ ସ ବଞ୍ଚିତଃ । ୮ ।

ଅନୁବାଦ

ମନୋହର ସଙ୍ଗୀତରେ ଯାହା ମନରେ ଆନନ୍ଦ ନ ଆସେ, ବନ୍ୟ-ଲୋକ ହେଲେ ହିଁ, ବିଧାତା ତାଙ୍କୁ ସୁଖ ନ ଦେଇ ଭଣ୍ଡାଇଲେ ବୋଲି ବୁଝିବାକୁ ହେବ ।

Digitized by srujanika@gmail.com

"ଅଥ ସଙ୍ଗୀତସ୍ୟ ଶ୍ରୀକୃଷ୍ଣପ୍ରୀତି କାରଣମାହ"—ଶ୍ରୀକୃଷ୍ଣଙ୍କର ସଙ୍ଗୀତ-ପ୍ରୀତି କାରଣ ।

ଭକ୍ତାଃ ସତତୈର୍ଲଳିତୈଃ କାରିତୈର୍ବା ସ୍ୱୟଂ କୃତୈଃ ।
ଗୀତୈର୍ବାଦ୍ୟୈଶ୍ଚ ନୃତ୍ୟୈଶ୍ଚ ଶ୍ରୀକୃଷ୍ଣଂ ପରିତୋଷୟେତ୍ । ୯ ।

ଅନୁବାଦ

ଭକ୍ତଜନମାନେ ନିଜେ ହେଉ ବା ପରଦ୍ୱାରା ହେଉ, ସତତ ଏବଂ ଲଳିତ ଗୀତ ବାଦ୍ୟ ନୃତ୍ୟ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ତୃପ୍ତ କରାଇବେ ।

ଗୀତଂ ବାଦ୍ୟଂ ଚ ନୃତ୍ୟଂ ଚ ନାଟ୍ୟଂ ବିଷ୍ଣୁକଥାଂ ମୁନେ ?
ଯଃ କରୋତି ସ ପୁଣ୍ୟାତ୍ମା ତ୍ରୈଲୋକ୍ୟୋପରିସଂସ୍ଥିତଃ । ୧୦ ।

ଅନୁବାଦ

ଯେଉଁଲୋକ ଗୀତ, ବାଦ୍ୟ, ନୃତ୍ୟ ଏବଂ ନାଟ୍ୟ ଦ୍ୱାରା ବିଷ୍ଣୁ ମହିମା ପ୍ରକଟ କରଏ—ସେ ପୁଣ୍ୟାତ୍ମା । ସେ ତ୍ରିଲୋକର ଉପରିସ୍ଥିତ ବୈକୁଣ୍ଠରେ ବାସକରେ ।

"ଅଥ ସଙ୍ଗୀତସ୍ୟ ଚତୁର୍ବର୍ଗସାଧନତ୍ୱ ମାହ"—

ସଙ୍ଗୀତରେ ଚତୁର୍ବର୍ଗ (ଧର୍ମ, ଅର୍ଥ, କାମ ଓ ମୋକ୍ଷ ଫଳ) ପ୍ରାପ୍ତିର ସାଧନ ସମ୍ପର୍କରେ କୁହାଯାଉଛି—

ଛନ୍ଦଂ ନୃତ୍ୟଂ ତେଷୁ ଗୀତଂ ସମ୍ୟଗାକଳିତଂ ତଦା ।
ଚତୁର୍ବର୍ଗଫଳପ୍ରାପ୍ତେଃ କାରଣଂ ମୁନୟୋଽବଦନ୍ । ୧୧ ।

Digitized by srujanika@gmail.com

ଅନୁବାଦ

ମୁନିମାନେ କହିଛନ୍ତି,—ମନୁଷ୍ୟମାନେ ଯଦି ସଙ୍ଗୀତଶାସ୍ତ୍ର ଉତ୍ତମ ରୂପେ ଆୟତ୍ତ କରନ୍ତି, ତେବେ ସେମାନେ ଚତୁର୍ବର୍ଗ ଫଳ ପାଆନ୍ତି ।

ତ୍ରିବର୍ଗଫଳଦାଃ ସର୍ବେ ଦାନ-ଯଜ୍ଞ-ସ୍ତବାଦୟଃ ।
ଏକଂ ସଂଗୀତବିଜ୍ଞାନଂ ଚତୁର୍ବର୍ଗ ଫଳପ୍ରଦମ୍ ।୧୨।

ଅନୁବାଦ

ଦାନ, ଯଜ୍ଞ, ସ୍ତବ ପ୍ରଭୃତି ଦ୍ୱାରା ତ୍ରିବର୍ଗ ଲାଭହୁଏ । କିନ୍ତୁ ଏକମାତ୍ର ସଂଗୀତ-ବିଜ୍ଞାନ ଦ୍ୱାରା ଚତୁର୍ବର୍ଗ ଫଳ ପ୍ରାପ୍ତି ହୁଏ ।

କୃଷ୍ଣେଶାଦବାପ୍ତଧର୍ମୌ ନୃପାଦେରର୍ଥକାମକୌ
ଆକାମତୋ ନିର୍ବହଣାନ୍ମୋକ୍ଷସ୍ତସ୍ମାତ୍ତଦଭ୍ୟସେତ୍ । ୧୩ ।

ଅନୁବାଦ

କୃଷ୍ଣ ଓ ମହେଶଙ୍କୁ ସ୍ତୁତି କଲେ ଧର୍ମପ୍ରାପ୍ତି ହୁଏ। ରାଜାଠାରୁ ଅର୍ଥ ଓ କାମ ପ୍ରାପ୍ତି ହୁଏ। କିନ୍ତୁ ନିଷ୍କାମଭାବେ ସଙ୍ଗୀତ ପରିଶୀଳନ ଦ୍ୱାରା ମୋକ୍ଷ ଲାଭ ହୁଏ ।

"ଅଥ ସଙ୍ଗୀତରୂପଂ କିମେତତ୍ତଦାହ"—

ସଂଗୀତର ସ୍ୱରୂପ—

ଗୀତଂ ବାଦ୍ୟଂ ଚ ନୃତ୍ୟଂ ଚ ତ୍ରୟଂ ସଂଗୀତ ମୁଚ୍ୟତେ ।
ଗୀତବାଦ୍ୟେ ଉଭେ ଏବ ସଂଗୀତମିତି କେଚନ ।୧୪।

Digitized by srujanika@gmail.com

ଅନୁବାଦ

ଗୀତ, ବାଦ୍ୟ ଓ ନୃତ୍ୟ ଏ ତିନଙ୍କୁ ସଂଗୀତ କୁହାଯାଏ । କେହି କେହି ଗୀତ ଓ ବାଦ୍ୟକୁ ମଧ୍ୟ ସଂଗୀତ କୁହନ୍ତି ।

"ଅଥ ସଂଗୀତସ୍ୟ ଭେଦଦ୍ୱୟମାହ"—

ସଂଗୀତର ଦୁଇଟି ଭେଦ ।

ମାର୍ଗ-ଦେଶୀ ବଭେଦେନ ସଂଗୀତଂ ଭବତ ଦ୍ୱଧା
ମାର୍ଗଶ୍ରିତଂ ତୁ ସଂଗୀତଂ ସ୍ୱର୍ଗେ ଭୂର ପ୍ରୟୋଗଭାକ୍
ଜଗଜ୍ଜନ ମନୋହାରୀ ଦେଶୀ ସଂଗୀତ ମୁଚ୍ୟତେ । ୧୫ ।

ଅନୁବାଦ

ସଂଗୀତ ଦୁଇପ୍ରକାର । ଯଥା —ମାର୍ଗ ଓ ଦେଶୀ । ସ୍ୱର୍ଗରେ ମାର୍ଗ ସଂଗୀତ ବହୁଳ ପ୍ରଚଳିତ । ଜଗତଜନ ମନୋହାରୀ ସଂଗୀତକୁ ଦେଶୀ ସଂଗୀତ କୁହାଯାଏ (ଯାହା ପୃଥିବୀରେ ପ୍ରଚଳିତ)

"ତତ୍ର ଗୀତସ୍ୟ ପ୍ରଥମୋଦ୍ଦିଷ୍ଟତ୍ୱେନ ତତ୍କାରଣତ୍ୱା ପ୍ରଥମତୋ ନାଦଃ କଥ୍ୟତେ"

—ଗୀତ ବା ସଂଗୀତର ପ୍ରଥମ ଉଦ୍ଦେଶ୍ୟ ହେଲା ନାଦ । ତେଣୁ ପ୍ରଥମରୁ ନାଦ କଥା କୁହାଯାଉଅଛି ।

ନାଭେରୂର୍ଦ୍ଧ୍ୱଂ ହୃଦସ୍ଥାନାନ୍ମାରୁତଃ ପ୍ରାଣସଂଜ୍ଞକଃ ।
(୧) ନଦତି ବ୍ରହ୍ମରନ୍ଧ୍ରାନ୍ତେ ତେନଃ ନାଦଃ ପ୍ରକୀର୍ତ୍ତିତଃ । ୧୬ ।

---

(୧) ନାଦଂର୍ଦ୍ଧ-ପାଠଭେଦ ।

Digitized by srujanika@gmail.com

ଅନୁବାଦ

ନାଭୀ ଉପର ହୃଦୟସ୍ଥଠାରୁ ପ୍ରାଣ ପବନ ଉଠି ବ୍ରହ୍ମ ରନ୍ଧ୍ରରେ ଧ୍ୱନିତ ହୁଏ । ଏହାକୁ ନାଦ କୁହନ୍ତି ।

"ଅନ୍ୟ ମତେ ଧ୍ୱ (ଉମପି) ବାଦୋସ୍ପୃର ପ୍ରକାରମାହ"

ମତାନ୍ତରେ—

ଆକାଶାଗ୍ନିମରୁଜ୍ଜାତୋ ନାଭେରୁର୍ଦ୍ଧ୍ୱଂ ସମୁଚ୍ଚରନ୍ ।
ମୁଖେଽଭିବ୍ୟକ୍ତି ମାୟାତି ଯଃ ସ ନାଦଃ ପ୍ରକୀର୍ତ୍ତିତଃ । ୧୭ ।

ଅନୁବାଦ

ଯାହା ଆକାଶ, ଅଗ୍ନି ଓ ପବନରୁ ଜାତ ହୋଇ ନାଭୀ ଉପରକୁ ଉଠି ମୁଖରେ ଅଭିବ୍ୟକ୍ତ ହୁଏ, ତାହା ନାଦ ।

ପବନାନଳନାମାନୌ ନାଦୌ ତୁ ପରିକୀର୍ତ୍ତିତଃ
ଜାତସ୍ତଯୋଃସଂଯୋଗେନ ନାଦ ଇତି ସ୍ମୃତଃ ।୧୮ ।

ଅନୁବାଦ

ପବନରୁ 'ନ' ଅକ୍ଷର, ଅଗ୍ନିରୁ 'ଦ' ଅକ୍ଷର ମିଶି ଅଗ୍ନି ଓ ପବନ ସଂଯୋଗରୁ ନଦ ଜାତ ହୋଇ 'ନାଦ' ନାମରେ କଥିତ ହୁଏ । (୨)

"ଅଥ ନାଦସ୍ୟ ଦ୍ୱିବିଧ ଭେଦମାହ"—

—ନାଦ ଦ୍ୱିବିଧ ।

ସ ଚ ପ୍ରାଣିଭବୋଽପ୍ରାଣିଭବଶ୍ଚୋଭୟସମ୍ଭବଃ ।
ଆଦ୍ୟଃ କାୟଭବୋ ଘଣାଦ୍ୟଭବସ୍ତ୍ର ଦ୍ୱିତୀୟକଃ ।
ତୃତୀୟୋଽପି ଚ ବଂଶାଦ୍ୟଭବ ଇତ୍ୟଂ ତ୍ରିଧା ମତଃ । ୧୯ ।

---

(୨) ନକାରଂ ପ୍ରାଣ ନାମାନଂ ଦକାରମନଳଂ ବିଦୁଃ
ଜାତଃ ପ୍ରାଣାଗ୍ନି ସଂଯୋଗାତ୍ତେନ ନାଦୋଽଭିଧୀୟତେ ॥

Digitized by srujanika@gmail.com

ଅନୁବାଦ

(୧) ପ୍ରାଣୀ ଭବ (୨) ଅପ୍ରାଣୀ ଭବ (୩) ଉଭୟ ସମ୍ଭବ । ଶରୀରରୁ ଯେଉଁ ନାଦ ଜାତହୁଏ, ତାହା ପ୍ରାଣୀ ଭବ । ବୀଣାଦିରୁ ଜାତ ନାଦ—ଅପ୍ରାଣୀ ଭବ ଏବଂ ବଂଶୀ ଇତ୍ୟାଦିରୁ ଜାତ ନାଦକୁ ଉଭୟ ସମ୍ଭବ ବୋଲିଯାଏ ।

"ଅଥ ନାଦ । ସ ନାଦଃ କଥଂ ପଞ୍ଚବିଧ ଭେଦଂ ପ୍ରାପ୍ନୋତି ତଦାହ"

—ନାଦର ପାଞ୍ଚପ୍ରକାର ଭେଦ :—

ସ ସଞ୍ଚରନ୍ନୂର୍ଦ୍ଧ୍ୱପଥେ ଧତ୍ତେ ପଞ୍ଚବିଧାନ୍ କ୍ରମାତ୍ ।
ଅତି ସୂକ୍ଷ୍ମଶ୍ଚ ସୂକ୍ଷ୍ମଶ୍ଚ ବ୍ୟକ୍ତୋଽବ୍ୟକ୍ତଶ୍ଚ କୃତ୍ରିମଃ । ୨୦ ।

ଅନୁବାଦ

ନାଦ ଊର୍ଦ୍ଧ୍ୱକୁ ଉଠି କ୍ରମେ ପାଞ୍ଚ ପ୍ରକାର ହୁଏ । ଯଥା :— (କ) ଅତିସୂକ୍ଷ୍ମ, (ଖ) ସୂକ୍ଷ୍ମ, (ଗ) ବ୍ୟକ୍ତ, (ଘ) ଅବ୍ୟକ୍ତ ଓ (ଙ) କୃତ୍ରିମ ।

"ଅଥ ପଞ୍ଚବିଧ ନାଦସ୍ୟ କାନି ପଞ୍ଚସ୍ଥାନାନି ତାନ୍ୟାହ"—

—ପାଞ୍ଚପ୍ରକାର ନାଦର ସ୍ଥାନ ଭେଦ ।

ଅତିସୂକ୍ଷ୍ମୋ ଭବେନ୍ନାଭୌ ହୃଦି ସୂକ୍ଷ୍ମ ପ୍ରକାଶତେ ।
ବ୍ୟକ୍ତୋଽତିବ୍ୟଜ୍ୟତେ କଣ୍ଠେ ଽବ୍ୟକ୍ତଃ ଶିରସି ସ୍ମୃତଃ ।
କୃତ୍ରିମୋ ମୁଖ ଦେଶେସ୍ୟାଦିତି ପଞ୍ଚବିଧୋ ମତଃ ୨୧ ।

ଅନୁବାଦ

ନାଦ, ନାଭିରେ ଅତି ସୂକ୍ଷ୍ମ ହୋଇ ପୁଣି ହୃଦୟରେ ସୂକ୍ଷ୍ମ ହୁଏ । କଣ୍ଠରେ ବ୍ୟକ୍ତ ହୁଏ । ଶିରରେ ଅବ୍ୟକ୍ତ ହୁଏ, ମୁଖରେ କୃତ୍ରିମ ହୁଏ । ଏହିପରି ପାଞ୍ଚ ପ୍ରକାର ମତ ।

Digitized by srujanika@gmail.com

"ଅଥ ନାଦୋତ୍ପତ୍ତିଂପ୍ରତି ପବନସ୍ୟ ପ୍ରଧାନ କାରଣତାମାହ"—

—ପବନ, ନାଦ ଉତ୍ପତ୍ତିର ପ୍ରଧାନ କାରଣ ।

କୁମ୍ଭକାରେ ଯଥା ଚକ୍ରେ ଘଟତେ ଘଟନାଦକମ୍
ତଥା ସମୀରଣୋ ଗର୍ଭେ ଜାୟନ୍ତେ ପ୍ରାଣିନାମପି । ୨୨ ।

ଅନୁବାଦ

କୁମ୍ଭାର ଚକରେ ଯେପରି ଘଟ ଆଦି ପ୍ରସ୍ତୁତ କରେ । ସେହିପରି ପ୍ରାଣୀମାନଙ୍କ ଉଦର ମଧ୍ୟରେ ବାୟୁ ନାଦ ସୃଷ୍ଟିର କାରଣ ହୁଏ ।

"ଅଥ ନାଦ ମାହାତ୍ମ୍ୟମାହ"—

—ନାଦ ମାହାତ୍ମ୍ୟ ।

ନ ନାଦେନ ବିନା ଗୀତଂ ନ ନାଦେନ ବିନା ସ୍ୱରଃ ।
ନ ନାଦେନ ବିନା ରାଗସ୍ତସ୍ମାନ୍ନାଦାତ୍ମକଂ ଜଗତ୍ । ୨୩ ।

ଅନୁବାଦ

ନାଦ ବିନା ଗୀତ, ସ୍ୱର ବା ରାଗ କାହାର ଉତ୍ପତ୍ତି ସମ୍ଭବ ନୁହେଁ । ଶବ୍ଦ ନାଦରୁ ସୃଷ୍ଟ । ନାଦହିଁ ବ୍ରହ୍ମ । ଜଗତ ନାଦରୁ ଜାତ ହୋଇଛି ।

ନାଦୋପାସନୟା ଦେବା ବ୍ରହ୍ମାବିଷ୍ଣୁ ମହେଶ୍ୱରାଃ ।
ଭବନ୍ତୁପାସିତାଃ ନୂନଂ ତସ୍ମାଦେତେ ତଦାତ୍ମିକାଃ ।୨୪।

ଅନୁବାଦ

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଆଦି ଦେବତାମାନେ ନାଦର ଉପାସନା କରନ୍ତି । ତେଣୁ ନାଦର ବ୍ରହ୍ମନାମ ସାର୍ଥକ ।

Digitized by srujanika@gmail.com

ନାଦରୂପଂ ପରଂବ୍ରହ୍ମ ନାଦରୂପୋ ମହେଶ୍ୱରଃ ।
ନାଦରୂପା ପରାଶକ୍ତି ନାଦରୂପୋ ଜନାର୍ଦ୍ଦନଃ ।୨୫।

ଅନୁବାଦ

ଯେ ପରଂବ୍ରହ୍ମ—ସେ ନାଦ । ଯେ ମହେଶ୍ୱର—ସେ ନାଦ । ଯେ ପରାଶକ୍ତି—ସେ ନାଦ ଏବଂ ବିଷ୍ଣୁ ମଧ୍ୟ ନାଦ ସ୍ୱରୂପୀ ଅଟନ୍ତି ।

"ଅଥ ମନ୍ଦ୍ରାଦି ଭେଦତ୍ରୟସ୍ୟ କଥନମ୍"—

—ମନ୍ଦ୍ର ପ୍ରଭୃତି ତିନି ଭେଦ ।

ବ୍ୟବହାରେ ତ୍ୱସୌନାଦଃ ପ୍ରୋଚ୍ୟତେ ତ୍ରିବିଧୋ ବୁଧୈଃ ।
ମନ୍ଦ୍ରୋ ହୃଦସ୍ଥିତଃ କଣ୍ଠେ ମଧ୍ୟସ୍ତାରସ୍ତୁ ମୂର୍ଦ୍ଧନି ।୨୬।

ଅନୁବାଦ

ପଣ୍ଡିତମାନେ ନାଦକୁ ତିନି ପ୍ରକାର ଭେଦରେ ବ୍ୟବହାର କରନ୍ତି । ହୃଦସ୍ଥରୁ ମନ୍ଦ୍ର, କଣ୍ଠରୁ ମଧ୍ୟ ଓ ମୂର୍ଦ୍ଧାରୁ ତାର ନାଦ ଉଚ୍ଚାରିତ ହୁଏ ।

ଏବଂ ବହୁବିଧରୂପୈର୍ନାଦସ୍ତୁ ବହୁଧୋଦିତଃ ।
ପ୍ରକୃତାନୁପଯୋଗିତ୍ୱାତ୍ ନ ମୟା ସ ପ୍ରପଞ୍ଚିତଃ ।୨୭।

ଅନୁବାଦ

ଏହିରୂପେ ଆର୍ଯ୍ୟମାନେ ନାଦ ସମ୍ବନ୍ଧେ ବହୁ ବର୍ଣ୍ଣନା କରିଅଛନ୍ତି । ତାର ବିଶେଷ ଉପଯୋଗିତା ନ ଥିବାରୁ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଉନାହିଁ ।

Digitized by srujanika@gmail.com

"ଅଥ ଗୀତଂ ନିରୂପ୍ୟତେ"

ଗୀତ ନିରୂପଣ—

ତଲ୍ଲକ୍ଷଣଂ ଭ୍ରାଚାର୍ଯ୍ୟମତ ଭେଦାନ୍ନାନାବିଧମ୍ । ମୟା ତତ୍ରାପି ବହୁ ସମ୍ମତମୁଚ୍ୟତେ ।

ଗୀତର ଲକ୍ଷଣ ସମ୍ବନ୍ଧରେ ଆଚାର୍ଯ୍ୟମାନଙ୍କର ନାନା ମତଭେଦ ଦେଖାଯାଏ । କିନ୍ତୁ ଯାହା ବହୁ ସମ୍ମତ ମୁଁ ତାହା କହୁଅଛି ।

ଧାତୁ ମାତୁ ସମାଯୁକ୍ତଂ ଗୀତମିତ୍ୟଭିଧୀୟତେ ।
ତତ୍ର ନାଦାତ୍ମକୋ ମାତୁ ର୍ଧାତୁରକ୍ଷର ସଞ୍ଚୟଃ ।।୨୮।।

ଗୀତଂ ରଞ୍ଜକ ଧାତୁମାତୁ ସନ୍ଦର୍ଭମ୍ । ରଞ୍ଜକ ସ୍ୱରସନ୍ଦର୍ଭୋ ଗୀତମ୍—ଅପ୍ୟମପ୍ୟେକ ପକ୍ଷଃ ।

ଅନୁବାଦ

ଧାତୁ ଓ ମାତୁ ମିଶିଲେ ତାକୁ ଗୀତ କୁହାଯାଏ । ମାତୁ ନାଦାତ୍ମକ ଓ ଧାତୁ ଅକ୍ଷର ସଞ୍ଚୟ । ଧାତୁ ମାତୁଯୁକ୍ତ ହେଲେ ତାହା ମନୋହାରି ହୁଏ । ରଞ୍ଜକ ସ୍ୱର ସମାବେଶ ଗୀତ ବୋଲାଏ । ଏହା ମଧ୍ୟ ଏକ ପକ୍ଷର ମତ ।

"ଅଥ କେବଳ ଗୀତସ୍ୟ ମାହାତ୍ମ୍ୟ ମାହ"—ବିଷ୍ଣୁପୁରାଣେ ।

—ବିଷ୍ଣୁପୁରାଣ ମତେ କେବଳ ଗୀତର ମହିମା କହୁଅଛି ।

କାବ୍ୟାଳାପାଶ୍ଚ ଯେ କେଚିଦ୍‌ଗୀତକାନ୍ୟଖିଳାନି ଚ ।
ଶବ୍ଦ ମୂର୍ତ୍ତିଧର ସ୍ୟୈତେ ବିଷ୍ଣୋରଂଶା ମହାତ୍ମନଃ ।।୨୯।।

ଅନୁବାଦ

କାବ୍ୟ, ଆଳାପ ଓ ଗୀତ ପ୍ରଭୃତି ଶବ୍ଦ ମୂର୍ତ୍ତିଧର ବିଷ୍ଣୁଙ୍କର ଅଂଶ । ସେହି ବିଷ୍ଣୁ ମହାତ୍ମା ବା ପରମାତ୍ମା ଅଟନ୍ତି ।

Digitized by srujanika@gmail.com

ଆନନ୍ଦଂ ତନୁତେ ଗୀତଂ ପଶୋରପି ଶିଶୋରପି ।
ବିହଙ୍ଗାନାଂ ଭୁଜଙ୍ଗାନାଂ କୁରଙ୍ଗାଣାଂ ବିଶେଷତଃ ।୩୦।

ଅନୁବାଦ

ଗୀତ, ପଶୁ-ଶିଶୁ-ବିହଙ୍ଗ-ଭୁଜଙ୍ଗମାନଙ୍କର ବିଶେଷ ଭାବରେ ଆନନ୍ଦ ବର୍ଦ୍ଧନ କରେ ।

ସଂସାର-ଦୁଃଖତପ୍ତାନାମୁତ୍ତମାନାମନୁଗ୍ରହାତ୍ ।
ପ୍ରଭୁଣା ଶଙ୍କରେଣୈବ ଗୀତବିଦ୍ୟା ପ୍ରକାଶିତା ॥ ୩୧ ॥

ଅନୁବାଦ

ସଂସାରର ଦୁଃଖ ସନ୍ତାପରେ ସନ୍ତାପିତ ମାନବ ତଥା ଉତ୍ତମ ବ୍ୟକ୍ତିମାନଙ୍କ ନିମନ୍ତେ ଗୀତଜ୍ଞ ଶଙ୍କର ଏହା ପ୍ରକାଶ କରିଅଛନ୍ତି ।

ଗୀତେନ ହରିଣା ବନ୍ଧଂ ପ୍ରାପ୍ନୁବନ୍ତ୍ୟପି ପକ୍ଷିଣଃ -
ବିଳାଦାୟାନ୍ତି ଫଣିନଃ ଶିଶବୋ ନ ରୁଦନ୍ତି ଚ ॥ ୩୨ ॥

ଅନୁବାଦ

ଗୀତର ଆକର୍ଷଣରେ ହରିଣୀମାନେ ବନ୍ଧା ହୁଅନ୍ତି । ପକ୍ଷୀମାନେ ଜାଲରେ ପଡ଼ନ୍ତି । ସାପ ଗାତ ଭିତରୁ ବାହାରି ଆସେ ଓ ଶିଶୁ ରୋଦନ ତ୍ୟାଗ କରେ ।

ଗୀତଂ ପୀନପୟୋଧରା ସମଦନା ନାରୀ, ବିଚିତ୍ରା କଥା ।
ରମ୍ୟଂ ହର୍ମ୍ମ୍ୟତଳଂ ସୁଧାଂଶୁ କିରଣପ୍ରୋଦ୍ଦୀପିତା ଯାମିନୀ ॥
ଶତଙ୍କାଃ ସୁହୃଦଃ ସୁତାଃ ସୁମନସୋ ଭକ୍ତାଃ ଧ୍ରୁବାଃ ସେବକାଃ ।
ଶୁଦ୍ଧଂ ଗୀତଫଳଂ କବିତ୍ୱମମଳଂ ସଂସାରସାରା ମତାଃ ॥ ୩୩ ॥

Digitized by srujanika@gmail.com

ଅନୁବାଦ

ଗୀତ, ଗୀତୋନ୍ମତ୍ତରମଣୀ ଓ କାମ କଳାବତୀ ନାରୀ, ବଚନ କଥା, ମଣୀୟ ପ୍ରାସାଦ, ନିର୍ମଳ ଚନ୍ଦ୍ରକିରଣରେ ଉଦ୍ଭାସିତ ଯାମିନୀ, ମନର ଭାବ ବୁଝୁଥିବା ମିତ୍ର, ଗୁଣଜ୍ଞ ସୁତ, ଭକ୍ତ ଏବଂ ସେବକ, ଶୁଦ୍ଧ ଗୀତର ଫଳ, ନିର୍ମଳ କବିତ୍ୱ- ଏହି ସମସ୍ତ ସଂସାରରେ ସାର ଅଟନ୍ତି ।

କୃତ୍ତିତଦ୍ଭୂତପ୍ରେ କ୍ରମତଃ ପରଂ, ଫଣିବରୋଽଶ୍ୱତରୋଽତ ପଞ୍ଚମଃ
ଅପି ମୃତାଂ ସଦବାପ ମଦାଳସାଂ ମଧୁର-ଗୀତ-ବଶୀକୃତ ଶଙ୍କରଃ । ॥ ୩୪

ଅନୁବାଦ

ଅଶ୍ୱତର ନାମକ ଏକ ମହାସର୍ପ ଥିଲା । ସେ ପଞ୍ଚମ ସ୍ୱରରେ ଗୀତ ଗାଇଥିଲା । ଏଥିରେ ମହାଦେବ ବଶ ହୋଇଥିଲେ । ମଦାଳସା ନାମ୍ନୀ ଅପ୍ସରା ମୃତ୍ୟୁ ପ୍ରାପ୍ତି ହୋଇ ମଧ୍ୟ ପୁଣି ବଞ୍ଚି ଉଠିଥିଲା । ଗୀତର ମାହାତ୍ମ୍ୟ ସମ୍ବନ୍ଧରେ ଏଥିରୁ ବଳି ଆଉ ଚମତ୍କାର କଥା କଅଣ ଅଛି ?

ପରମାନନ୍ଦବର୍ଦ୍ଧନମଭିମତଫଳଦଂ ବଶୀକରଣମ୍ ।
ସକଳଜନଚିତ୍ତ ହରଣଂ ବିମୁକ୍ତି ବୀଜଂ ପରଂ ଗୀତମ୍ ॥ ୩୫ ॥

ଅନୁବାଦ

ଗୀତ ପରମାନନ୍ଦ ବର୍ଦ୍ଧନ କରେ । ବାଞ୍ଛିତ ଫଳ ଦିଏ । ବଶୀଭୂତ କରାଏ । ସବୁ ଲୋକଙ୍କ ଚିତ୍ତ ହରଣ କରେ—ଏହା ମୁକ୍ତିର ବୀଜ ଅଟେ ।

କୃଷ୍ଣଂ ସନ୍ତୋଷୟେଦ୍ ଯସ୍ତୁ ସୁଗୀତୈର୍ମଧୁରସ୍ୱନୈଃ ।
ସାମବେଦ ଫଳଂ ତସ୍ୟ ଜାୟତେ ନାତ୍ର ସଂଶୟଃ ॥ ୩୬ ॥

Digitized by srujanika@gmail.com

ଅନୁବାଦ

ମଧୁର ଧ୍ୱନିରେ ଉତ୍ତମ ରୂପେ ଗୀତ ଗାଇବା ଲୋକ କୃଷ୍ଣଙ୍କୁ ସନ୍ତୋଷ ଦେଇଥାଏ । ସେ ସାମବେଦ ପାଠର ଫଳମଧ୍ୟ ଲଭ କରେ— ଏଥିରେ ସନ୍ଦେହ ନାହିଁ ।

ନାହଂ ତିଷ୍ଠାମି ବୈକୁଣ୍ଠେ ନ ଯୋଗି ହୃଦୟେ ରବୌ ।
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ॥ ୩୭ ॥

ଅନୁବାଦ

ଶ୍ରୀକୃଷ୍ଣ ନାରଦଙ୍କୁ କହୁଛନ୍ତି, :- ମୁଁ ବୈକୁଣ୍ଠରେ ନଥାଏ, ଯୋଗୀ ହୃଦୟରେ ନ ଥାଏ, ସୂର୍ଯ୍ୟ ମଣ୍ଡଳରେ ଅଛି—ଏହା ମଧ୍ୟ ନୁହେଁ ଯେଉଁଠାରେ ମୋର ଭକ୍ତମାନେ ଗୀତ ଗାଆନ୍ତି (ପ୍ରୀତି ସହକାରେ) ମୁଁ ସେହିଠାରେ ଥାଏ ।

ତେଷାଂ ପୂଜାଦିକଂ ଗନ୍ଧଧୂପାଦ୍ୟୈଃ କ୍ରିୟତେ ନରୈଃ ।
ତେନ ପ୍ରୀତିଂ ପରଂ ଯାମି ନ ତଥା ମତ୍ ପ୍ରପୂଜନାତ୍ ॥ ୩୮ ॥

ଅନୁବାଦ

ମୋର ଗୁଣଗାନ କରୁଥିବା ଭକ୍ତମାନଙ୍କୁ ଗନ୍ଧ, ଧୂପ ଦ୍ୱାରା ଲୋକମାନେ ପୂଜାକଲେ, ମୁଁ ଯେପରି ସନ୍ତୁଷ୍ଟ ହୁଏ, ମୋତେ ପୂଜା କରିବା ଦ୍ୱାରା ସେତେ ସନ୍ତୁଷ୍ଟ ହୋଇପାରେ ନାହିଁ ।

"ଅଥ ଶ୍ରୁତି ନିରୂପଣମ୍"

ଶ୍ରୁତି ନିରୂପଣ—

ସ ନାଦଃ ଶ୍ରୁତୟୋ ଦ୍ୱାବିଂଶତି ସ୍ୟାନ୍ମାରୁତାହତାହତଃ ।
ଦ୍ୱାବିଂଶତିସ୍ତିର୍ଯ୍ୟଗୂର୍ଦ୍ଧ୍ୱନାଡ଼୍ୟୋ ହୃଦୟମାଶ୍ରିତାଃ ॥ ୩୯ ॥

Digitized by srujanika@gmail.com

ଅନୁବାଦ

ବାୟୁଦ୍ୱାରା ଆହତ ହୋଇ ନାଦରୁ ବାଇଶିଟି 'ଶ୍ରୁତି' ଜାତ ହୁଏ । ଏଗୁଡ଼ିକ (ନାଡ଼ି) ତର୍ଯ୍ୟକ (ତେରଛା) ଭାବରେ ହୃଦୟକୁ ଆଶ୍ରୟ କରି ଉପରକୁ ଉଠିଛନ୍ତି ।

ତା ଯାବତ୍ୟସ୍ତୁ ତାବତ୍ୟ ଶ୍ରୁତୟଃ ପରିକୀର୍ତ୍ତିତାଃ ।
କ୍ରମାଦୁଚ୍ଚୋଚ୍ଚତା ଯୁକ୍ତା ବୀଣାଦାବେବ-ଲକ୍ଷିତାଃ ॥୪୦ ॥

ଅନୁବାଦ

ନାଡ଼ୀ ସଂଖ୍ୟାପରି ଶ୍ରୁତି ସଂଖ୍ୟା ମଧ୍ୟ ବାଇଶଟି, ଯଥାକ୍ରମରେ ଏଗୁଡ଼ିକ ଉପରକୁ ଉପରକୁ ଅଛନ୍ତି । ବୀଣାଦି ଯନ୍ତ୍ରରୁ ଏହା ସ୍ପଷ୍ଟ ଲକ୍ଷ୍ୟ କରାଯାଇପାରେ ।

ଶ୍ରବଣାଦେବ ବୋଦ୍ଧବ୍ୟାଃ ଶ୍ରୁତୟଃ ଶ୍ରୁତିଗୋଚରାଃ ।
କଫାଦି ଦୂଷିତେ କର୍ଣ୍ଣେ ତାସାଂ ବ୍ୟକ୍ତିର୍ନଜାୟତେ ॥ ୪୧ ॥

ଅନୁବାଦ

ଯାହା ଶୁଣିବାମାତ୍ରେ ଜାଣିହୁଏ ତାକୁ ଶ୍ରୁତି ବୋଲାଯାଏ । କର୍ଣ୍ଣବିନା ଅନ୍ୟ କାହାର ଦ୍ୱାରା ଶ୍ରୁତିବୋଧ ହେବ ନାହିଁ । କଫାଦି ରହି କର୍ଣ୍ଣ ଦୂଷିତ ହେଲେ ଶ୍ରୁତି ଜାଣି ହୁଏ ନାହିଁ ।

' ଅଥ ଦ୍ୱାବିଂଶତି ଶ୍ରୁତି.ନାମ ଷଡ଼୍‌ଜାଦି ସପ୍ତସ୍ୱରେଷୁ ନାନ୍ଦ୍ୟାଦି ଶ୍ରୁତି ସଂମିଳନ ସଂଖ୍ୟା କଥନମ୍"—

ବାଇଶଟି ଶ୍ରୁତିର ନାମ ଷଡ଼ଜାଦି ସପ୍ତସ୍ୱରେଷୁ ନାନ୍ଦୀ ଇତ୍ୟାଦି ଶ୍ରୁତି ସମ୍ମିଳନସଂଖ୍ୟା କଥନମ୍ ।

Digitized by srujanika@gmail.com

ଚତସ୍ରଃ ପଞ୍ଚମେ ସଡ୍‌ଜେ ମଧମେ ଶ୍ରୁତୟୋ ମତାଃ
ଋଷଭେ ଧୈବତେ ତିସ୍ରୋ ଦ୍ୱେ ଗନ୍ଧାରେ ନିଶାଦକେ ।୪୨।

ଅନୁବାଦ

ପଞ୍ଚମ, ଷଡ଼ଜ ଓ ମଧମରେ ଚାରିଶ୍ରୁତି, ଋଷଭ ଓ ଧୈବତରେ ତିନି ଏବଂ ଗାନ୍ଧାର ଓ ନିଷାଦରେ ଦୁଇଟି କରି ଶ୍ରୁତି ରହି ମୋଟରେ ଏହାର ସଂଖ୍ୟା ବାଇଶଟି ।

ଅଥ କସ୍ମିନ୍‌ ଷଡ଼୍‌ଜାଦିସ୍ୱରେ କାଃ ଶ୍ରୁତୟସ୍ତଦାହ—

ନାନ୍ଦୀ ବଶାଳା ସୁମୁଖୀ ବଚସାଃ ଷଡ଼୍‌ଜଜାଃ ସ୍ମୃତାଃ ।
ଚଷା ଘନା ଗୁଳମୀକା ଋଷଭେ ତିସ୍ର ଈରିତାଃ ।୪୩।
ଗାନ୍ଧାରେ ସରଘାମାଳା ମଧ୍ୟମେ ମାଗଧୀ ଶିବା ।
ମାତଙ୍ଗିକା ଚ ମୈତ୍ରୀ ଚ ଚତସ୍ରଃ ପରିକଳ୍ପିତାଃ ।୪୪।
ବାଳା କଳା କଳରବା ଶାର୍ଙ୍ଗରବ୍ୟପି ପଞ୍ଚମେ ।
ମାତା ରସାମୃତା ଚେତି ତିସ୍ରୋ ଧୈବତ ନାମନି ।୪୫।
ନିଷାଦ ନାମନି ଦ୍ୱେ ଚ ବିଜୟା ମଧୁକର୍ଯପି ।
ଇତି ସ୍ୱରାଣାଂ ଶ୍ରୁତୟୋ ଦ୍ୱାବିଂଶତିରୁଦୀରିତାଃ ।୪୬।

ଅନୁବାଦ

ଷଡ଼ଜର ଶ୍ରୁତି—(୪) ନାନ୍ଦୀ, ବିଶାଳା, ସୁମୁଖୀ ଓ ଫଚଷା ।
ଋଷଭର ଶ୍ରୁତି—(୩) ଚଷା, ଘନା ଓ ଗୁଳନିକା ।
ଗାନ୍ଧାରର ଶ୍ରୁତି—(୧) ସରେଘାମାଳା ।
ମଧମର ଶ୍ରୁତି—(୪) ମାଗଧୀ, ଶିବା, ମାତଙ୍ଗୀକା ଓ ମୈତ୍ରୀ ।
ପଞ୍ଚମର ଶ୍ରୁତି—(୪) ବାଳା, କଳା, କଳରବା ଓ ଶାରଙ୍ଗରବା ।
ଧୈବତର ଶ୍ରୁତି—(୩) ମାତା, ରସା ଓ ଅମୃତା ।
ନିଶାଦର ଶ୍ରୁତି—(୨) ବିଜୟା ଓ ମଧୁକରୀ ।
ଏହିପରି ସପ୍ତସ୍ୱରରେ ବାଇଶଟି ଶ୍ରୁତି ଉତ୍ପତ୍ତି ହୁଏ ।

Digitized by srujanika@gmail.com

ଅଥ ଶ୍ରୁତି ମହାତ୍ମ୍ୟମ୍—

ଶ୍ରୁତି ମାହାତ୍ମ୍ୟ—

ଶ୍ରୁତି ସ୍ଥାନେ ସ୍ୱରାନ୍ ବକ୍ତୁଂ ନାଽଲଂ ବ୍ରହ୍ମାଽପି ତତ୍ତ୍ୱତଃ ।
ଜଳେଷୁ ଚରଣଂ ମାର୍ଗେ । ମୀନାନାଂ ନୋପଲକ୍ଷ୍ୟତେ ।୪୭।

ଅନୁବାଦ

ପାଣି ଭିତରେ ପହଁରୁଥିବା ମାଛର ଯାତାୟାତ ପଥ କୁହାଯାଇ ନପାରିବା ଭଳି ବ୍ରହ୍ମା ମଧ୍ୟ ଶ୍ରୁତି ସ୍ଥାନରେ ସ୍ୱରମାନଙ୍କୁ ଠିକଣାକରି କହିପାରିବେ ନାହିଁ ।

ଯଥା କ୍ଷୀରଗତଂ ସର୍ପିର୍ଯଥା କାଷ୍ଠଗତୋଽନଳଃ ।
ଜ୍ଞାପ୍ୟତେଽଧୋପଦେଶେନ ତଥା ସ୍ୱରଗତା ଶ୍ରୁତିଃ ।୪୮।

ଅନୁବାଦ

ଦୁଧ ଭିତରେ ଘିଅ ଥିବା ପରି ଓ କାଠ ଭିତରେ ନିଆଁ ଥିବା ପରି ସ୍ୱର ଭିତରେ ଶ୍ରୁତି ରହିଛି । ଏହା ଉପଦେଶଦ୍ୱାରା ଜାଣିହୁଏ ନାହିଁ ।

ତୁଲ୍ୟଶ୍ରୁତିସ୍ୱରଣାଂ ବୈ ଭେଦା ଏତେଷୁ ଯେ ସ୍ଥିତାଃ ।
ଅପ୍ରଯୋଜ୍ୟତୟା ନୋକ୍ତାଃ ଶ୍ରୁତୀନାଂ ଜାତିଭେଦତଃ ।୪୯।

(ପାଠାନ୍ତର— ଜ୍ଞାପ୍ୟତେଽତୋପଦେଶେନ"—ଏହି ଅର୍ଥରେ "ଉପଦେଶ ଦ୍ୱାରା ଜାଣିହୁଏ"—ଏକଥା ଅନ୍ୟ ପୋଥିରେ ଦେଖିବାକୁ ପାଇଲି ।)

ଅନୁବାଦ

ସମାନ ଶ୍ରୁତିଥିବା ସ୍ୱର ମାନଙ୍କର ଭେଦ କହିବା ନିଷ୍ପ୍ରୟୋଜନ । ତେଣୁ ସେମାନଙ୍କର ଜାତିଭେଦ କହୁନାହିଁ ।

Digitized by srujanika@gmail.com

"ଅଥ ସ୍ୱର ନିରୂପଣ ମାହ"

ସ୍ୱର ନିରୂପଣ—

ସ୍ୱୟଂ ଯୋ ରାଜତେ ନାଦଃ ସ ସ୍ୱରଃ ପରିକୀର୍ତ୍ତିତଃ ।
ସୋଽପି ସପ୍ତସ୍ୱରସ୍ତଜଜ୍ଞୈଃପ୍ରୋକ୍ତଃ ଷଡ୍‌ଜାଦି ଭେଦତଃ ।୫୦।

ଅନୁବାଦ

ଯେଉଁ ନାଦ ନିଜେ ପ୍ରକାଶିତ ହୁଏ, ତାହାକୁ ସ୍ୱର କହନ୍ତି । ପଣ୍ଡିତମାନେ କହିଛନ୍ତି; ଷଡ଼୍‌ଜାଦି ଭେଦରେ ଏହାର ସଂଖ୍ୟା ସାତ ।

ଅପର ପକ୍ଷୋଽନ୍ତ—

ପକ୍ଷାନ୍ତରେ

"ସ ସ୍ୱରୋ ଯଃ ଶ୍ରୁତିସ୍ଥାନେ ସ୍ୱରନ୍ ହୃଦୟରଞ୍ଜକଃ ।"
ଶ୍ରୁତି ସ୍ଥାନରୁ ନିର୍ଗତ ସ୍ୱର ହୃଦୟ ରଞ୍ଜକ ହେଲେ ତାକୁ ସ୍ୱର କୁହାଯାଏ ।

ଅୟମପି ପୁନରେକଃ ପକ୍ଷଃ—
ଅନ୍ୟ ପକ୍ଷରେ—

କିମ୍ବା ଶ୍ରୋତୃମନୋ ଯସ୍ମାଦ୍ରଞ୍ଜୟନ୍ତୀ ତତଃ ସ୍ୱରଃ ।୫୧।

ଅନୁବାଦ

କିମ୍ବା ଶୁଣିବା ଲୋକର କାନକୁ ଯାହା ସୁଖପ୍ରଦ ହୁଏ, ତାକୁ ସ୍ୱର କୁହାଯାଏ ।

ଅଥ କେ ତେ ସ୍ୱରା ଇତ୍ୟାହ—

ସେମାନେ କେଉଁ କେଉଁ ସ୍ୱର ?

ଷଡ଼୍‌ଜଶ୍ଚ ଋଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା
ପଞ୍ଚମୋ ଧୈବତଶ୍ଚୈବ ନିଷାଦଚଶ୍ଚେତି ତେ ସ୍ୱମାଃ ।୫୨।

Digitized by srujanika@gmail.com

ଅନୁବାଦ

ଯଥାକ୍ରମରେ ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ସ୍ୱର ଗୁଡ଼ିକର ଅବସ୍ଥିତ ରହିଛି ।

ପକ୍ଷାନ୍ତର ମାହ—

ପକ୍ଷାନ୍ତରେ

ନିଷାଦର୍ଷଭଗାନ୍ଧାର ଷଡ଼୍‌ଜ-ମଧ୍ୟମ-ଧୈବତାଃ ।
ପଞ୍ଚମଶ୍ଚେତ୍ୟମୀ ସପ୍ତ ତନ୍ତ୍ରୀକଣ୍ଠୋତ୍ଥିତାଃ ସ୍ୱରାଃ ।୫୩।

ଅନୁବାଦ

ନିଷାଦ, ଋଷଭ, ଗାନ୍ଧାର, ଷଡ଼ଜ, ମଧ୍ୟମ, ଧୈବତ, ପଞ୍ଚମ— ଏହି ସାତ ସ୍ୱର ତନ୍ତ୍ରଯନ୍ତ୍ର (ବୀଣା)ରୁ ଜାତ ହୁଏ ।

ଅଥ ସପ୍ତସ୍ୱରୈଷ୍ୱେକୈକଂ ସପ୍ତାକ୍ଷରାଣାମାହ—

ସପ୍ତସ୍ୱରରେ ଅକ୍ଷର

'ସା'କ୍ଷରେ ଷଡ଼ଜକୋ ଜାତ 'ରି' ବର୍ଣ୍ଣେ ଋଷଭଃ ସ୍ମୃତଃ ।
'ଗା' କ୍ଷରେ ଚୈବ ଗାନ୍ଧାରେ 'ମା'କ୍ଷରେ ମଧ୍ୟମଃ ସ୍ମୃତଃ ।୫୪।
'ପା' କ୍ଷରେ ପଞ୍ଚମଶ୍ଚୈବ 'ଧା' କ୍ଷରେ ଚୈବ ଧୈବତଃ ।
'ନି' ବର୍ଣ୍ଣେ ଚ ନିଷ୍ୟଦସ୍ତୁ ଜାତଃ ସପ୍ତସ୍ୱରୋ ଧ୍ରୁବମ୍ ।୫୫।

ଅନୁବାଦ

ସପ୍ତସ୍ୱରରୁ ସାତ ଅକ୍ଷର ସମ୍ବନ୍ଧେ କହୁଅଛୁ । 'ସା' ଅକ୍ଷରରୁ ଷଡ଼ଜ, 'ରି' ଅକ୍ଷରରୁ ଋଷଭ, 'ଗା' ଅକ୍ଷରରୁ ଗାନ୍ଧାର, 'ମା' ଅକ୍ଷରରୁ ମଧ୍ୟମ, 'ପା' ଅକ୍ଷରରୁ ପଞ୍ଚମ, 'ଧା' ଅକ୍ଷରରୁ ଧୈବତ ଓ 'ନି' ଅକ୍ଷରରୁ ନିଷାଦ ବୁଝାଯାଏ, ଏହାହିଁ ମୂଳ ସ୍ୱର ବିଧାନ ।

Digitized by srujanika@gmail.com

ଅଥ ଷଡ଼୍‌ଜାଦି ସପ୍ତସ୍ୱରାଣାଂ ମନ୍ଦ୍ରାଦି-ତ୍ରିବିଧ-କଥନମ୍—

ସପ୍ତସ୍ୱରର ତିନିବିଭାଗ କହୁଅଛି—

ତେ ସନ୍ତି ତ୍ରିବିଧା ମନ୍ଦ୍ର, ତାର ମଧ୍ୟ ସମାଶ୍ରିତାଃ ।
(୧) ମନ୍ଦ୍ର, (୨)ତାର, (୩) ମଧ୍ୟମ-ଏମାନଙ୍କର ଆଶ୍ରୟ ସ୍ଥଳ ।

ଅଥ ମନ୍ଦ୍ରାଦିନାଂ ସ୍ଥାନାନ୍ତତ୍ତ୍ୱକଥନମ୍—

ମନ୍ଦ୍ରାଦିର ସ୍ଥାନ ନିରୂପଣ :

ତ୍ରିଣି ସ୍ଥାନାନି ତେଷାଂ ତୁ ହୃଦି ମନ୍ଦ୍ରୋଽଭିଧୀୟତେ ।
କଣ୍ଠେ ମଧ୍ୟୋ ମୂର୍ଦ୍ଧ୍ନି ତାରୋ ଦ୍ୱିଗୁଣସ୍ତୂତ୍ତରୋତ୍ତରମ୍ ।୫୬।

ଅନୁବାଦ

ମନ୍ଦ୍ରର ସ୍ଥାନ ହୃଦୟ, ମଧ୍ୟର ସ୍ଥାନ କଣ୍ଠ ଓ ତାରର ସ୍ଥାନ ମୂର୍ଦ୍ଧ୍ନି । ପ୍ରତ୍ୟେକ ପ୍ରତ୍ୟେକଙ୍କଠାରୁ କ୍ରମରେ ଉତ୍ତରୋତ୍ତର ଦୁଇଗୁଣ ।

ପ୍ରୟୋଗାଭାବତସ୍ତାନ୍ୟ ବିଶେଷେଣ-ମହୀତଳେ ।
ବିକୃତାଦ୍ୱାଦଶା ହ୍ୟେତେ ନୋକ୍ତା ବିସ୍ତରଶଙ୍କୟା ।୫୭।

ଅନୁବାଦ

ପୃଥିବୀରେ ଅନ୍ୟଗୁଡ଼ିକର ବିଶେଷ ପ୍ରୟୋଜନ ନାହିଁ, ବିକୃତାଦି ବାରୋଟି ଭବ ମଧ୍ୟ ଅଛି, ଯେଉଁଗୁଡ଼ିକ ବାହୁଲ୍ୟ ଭୟରୁ ଲେଖାଯାଉ-ନାହିଁ ।

ଅଥ ଷଡ଼୍‌ଜାଦି ସପ୍ତସ୍ୱରାଣାଂ ଜନ୍ମସ୍ଥାନାନ୍ୟାହ—

ଷଡ଼ଜାଦି ସପ୍ତସ୍ୱରର ଜନ୍ମସ୍ଥାନ :—

କଣ୍ଠାଦୁତ୍ତିଷ୍ଠତେ ବ୍ୟକ୍ତଂ ଷଡ଼୍‌ଜ ସଂଜ୍ଞସ୍ତୁ ଜାୟତେ ।
କଣ୍ଠୋରସ୍ତାଳୁନାସାଭ୍ୟୋ ଜିହ୍ୱାୟା ଦଶନାଦପି ।୫୮।

Digitized by srujanika@gmail.com

ଅନୁବାଦ

କଣ୍ଠ, ବକ୍ଷସ୍ଥଳ, ତାଳୁ, ନାସିକା, ଜିହ୍ୱା ଓ ଦନ୍ତ ଏହି ଛଅ ସ୍ଥାନରୁ ଜାତହୋଇ ଯେଉଁ ସ୍ୱର କଣ୍ଠ ମାଧ୍ୟମରେ ଅଭିବ୍ୟକ୍ତି ଲାଭ କରେ—ତାହା ଷଡ଼ଜ ।

ନାଭିମୂଳାଦ୍ୟଦା ବର୍ଣ୍ଣ ଉତ୍ଥିତଃ କୁରୁତେ ଧ୍ୱନିଂ ।
ଋଷଭସ୍ୟୈବନର୍ଯାତି ହେଳୟା ଋଷଭଃ ସ୍ମୃତଃ ।୬୯।

ଅନୁବାଦ

ଯେଉଁ ସ୍ୱର ନାଭିମୂଳରୁ ଉତ୍ଥିତ ହୁଏ, ତାହା ବୃଷଭର ସ୍ୱର ପରି ଜଣାଯାଏ । ତାହାକୁ ବାକ୍ୟାନ୍ତରେ ଋଷଭ ବୋଲି କୁହନ୍ତି ।

ବାୟୁଃ ସମୁଦ୍‌ଗତୋ ନାଭେଃ କଣ୍ଠଶୀର୍ଷସମାହତଃ ।
ନାନା ଗନ୍ଧବହଃ ପୁଣ୍ୟୋ ଗାନ୍ଧାରସ୍ତେନ ହେତୁନା ।୭୦।

ଅନୁବାଦ

ନାଭିରୁ ଉଠି ଯେଉଁ ପବନ କଣ୍ଠ ଓ ମସ୍ତକରେ ଆହତ ହୁଏ, ତାହା ସୁଗନ୍ଧଯୁକ୍ତ ଓ ପବିତ୍ର ଅଟେ । ତାହାକୁ ଗାନ୍ଧାର ବୋଲାଯାଏ ।

ତଦ୍ୱଦେବୋତ୍‌ଥିତୋ ବାୟୁ ଉରଃକଣ୍ଠ ସମାହତଃ ।
ନାଭିପ୍ରାପ୍ତୋ ମହାନାଦୋ ମଧ୍ୟସ୍ଥସ୍ତେନ ମଧ୍ୟମଃ ।୭୧।

ଅନୁବାଦ

ସେହିପରି ବାୟୁ ନାଭୀମୂଳରୁ ଉଠି ବକ୍ଷସ୍ଥଳ, କଣ୍ଠରେ ବାଜ ଜୋର ଶବ୍ଦ କରି ଉଦରରେ (ମଧ୍ୟସ୍ଥ) ପ୍ରବେଶ କରେ । ଏହି କାରଣରୁ ଏହାର ନାମ ମଧ୍ୟମ ସ୍ୱର ।

Digitized by srujanika@gmail.com

ବାୟୁ ସମୁଦ୍‌ଗତୋ ନାଭେ ଉରୋ ହୃତ୍‌କଣ୍ଠମୂର୍ଦ୍ଧସୁ ।
ବିଚରନ୍‌ ପଞ୍ଚମସ୍ଥାନପ୍ରାପ୍ତ୍ୟା ପଞ୍ଚମ ଉଚ୍ୟତେ ।୬୨।

ଅନୁବାଦ

ଯେଉଁ ବାୟୁ ନାଭୀସ୍ଥଳରୁ ଉଠି ବକ୍ଷ, ହୃଦୟ, କଣ୍ଠ ଓ ତାଳୁ ସ୍ପର୍ଶ କରି ଧ୍ୱନିତ କରେ, ତାହା ପାଞ୍ଚଗୋଟି ସ୍ଥାନ ଛୁଇଁ ଉତ୍ପନ୍ନ ହେଉଥିବାରୁ ପଞ୍ଚମ ବୋଲାଏ ।

ଅଭିସନ୍ଧୀୟତେ ଯସ୍ମାତ୍‌ସ୍ୱରସ୍ତେନୈଷ ଧୈବତଃ ।
ସ ତୁ ତାର ପ୍ରଧାନତ୍ୱାଲ୍ଲଲାଟେଭିପ୍ରତିଷ୍ଠତେ ।୬୩।

ଅନୁବାଦ

(ଛଅଟି) ସ୍ୱରକୁ ଅଭିସନ୍ଧାନ ବା ଲୋଡ଼େ ବୋଲି ତାହାର ନାମ ଧୈବତ । ଏହା 'ତାର' ପ୍ରଧାନ ଅର୍ଥାତ୍‌ ଉଚ୍ଚ ସ୍ୱରରେ ଉଚ୍ଚାରିତ ହୁଏ । ଲଲାଟରେ ଏହାର ସ୍ଥାନ ।

ନିଷୀଦନ୍ତି ସ୍ୱରାଃ ଯସ୍ମାନ୍ନିଷାଦ ସ୍ତେନ କଥ୍ୟତେ ।
ଅଶେଷ ସନ୍ଧିବିଷୟଂ. ସ ତୁ ବ୍ୟାପ୍ୟାଽବତିଷ୍ଠତେ ।୬୪।

ଅନୁବାଦ

ସ୍ୱର ଗୁଡ଼ିକ (ପୂର୍ବୋକ୍ତ ଛଅ ସ୍ୱର) ଯେଉଁଠି ବିଶ୍ରାମ ନିଅନ୍ତି-ତାହାକୁ ନିଷାଦ କୁହାଯାଏ । ଏହା ଶରୀରର 'ସନ୍ଧିସ୍ଥଳ ମାନଙ୍କରେ ବ୍ୟାପି ରହେ ।

Digitized by srujanika@gmail.com

ଅଥ ଷଡ଼୍‌ଜାଦି ସପ୍ତସ୍ୱରାଣାଂ ଅନୁଷ୍ଟୁବାଦି ସପ୍ତଛନ୍ଦାଂସ୍ୟାହ—

ଷଡ଼୍‌ଜାଦି ସପ୍ତସ୍ୱରରେ ଅନୁଷ୍ଟୁପ ଆଦି ସାତଗୋଟି ଛନ୍ଦର ସଂପୃକ୍ତ.

କ୍ରମାନୁଷ୍ଟୁବ୍‌ଗାୟତ୍ରୀ ତ୍ରିଷ୍ଟୁପ୍ ଚ ବୃହତୀ ତତଃ'
ପଂକ୍ତିରୁଷ୍ଣିକ୍ ଚ ଜଗତୀତ୍ୟାହୁଶ୍ଛନ୍ଦାଂସି ସାଦଷୁ ।୭୫।

ଅନୁବାଦ

ଯଥାକ୍ରମରେ ଷଡ଼ଜରେ ଅନୁଷ୍ଟୁପ, ଋଷଭରେ ଗାୟତ୍ରୀ, ଗାନ୍ଧାରରେ ତ୍ରିଷ୍ଟୁପ, ମାଧ୍ୟମରେ ବୃହତୀ, ପଞ୍ଚମରେ ପଂକ୍ତି, ଧୈବତରେ ଉଷ୍ଣିକ ଏବଂ ନିଷାଦରେ ଜଗତି, ଏହିରୂପେ ସପ୍ତସ୍ୱରରେ ସପ୍ତଛନ୍ଦ (ରଚିତ) ସ୍ଥାପିତ ।

ଅଥ ଷଡ଼୍‌ଜାଦି ସପ୍ତସ୍ୱରଧ୍ୱନିକର୍ତ୍ତୃତ୍ୱେନ ମୟୂରାଦି ସପ୍ତ କଥନମ୍

ମୟୂର ପ୍ରଭୃତିଙ୍କଠାରୁ ସପ୍ତସ୍ୱରର ଧ୍ୱନି ନିର୍ଣ୍ଣୟ—

ଷଡ଼୍‌ଜ ବଦତି ମୟୂରୋ ନିଷାଦଂଚ ବଦେଦ୍ ଗଜଃ ।
ଅଜା ବଦତି ଗାନ୍ଧାରଂ କ୍ରୌଞ୍ଚୋ ବଦତି ମଧ୍ୟମଂ ।୭୬।

ଅନୁବାଦ

ମୟୂର ଷଡ଼ଜସ୍ୱର, ହାତୀ ନିଷାଦ ସ୍ୱର, ଛେଳି ଗାନ୍ଧାର ସ୍ୱର, ବଗ ମଧ୍ୟମ ସ୍ୱରପରି ଧ୍ୱନି କରନ୍ତି ।

କୁସୁମାଗମେ କାଳେ ଚ କୋକିଳଃ ପଞ୍ଚମଂ ବଦେତ୍ ।
ପ୍ରାବୃଟ୍ କାଳେ ତୁ ସଂପ୍ରାପ୍ତେ ଭେକୋ ବଦତି ଧୈବତଂ ।୭୭।
ବୃଷଭୋଽପି ବଦେଦ୍ଦେବଂ ଋଷଭଂ ସ୍ୱରମୁଚ୍ୟତେ ।୭୭ (କ)

Digitized by srujanika@gmail.com

ଅନୁବାଦ

ବସନ୍ତ କାଳରେ କୋଇଲ କଣ୍ଠରୁ ନିର୍ଗତ ହେଉଥିବା ସ୍ୱର-ପଞ୍ଚମ,
ବର୍ଷାକାଳର ବେଙ୍ଗ କଣ୍ଠରୁ ଧୈବତ ସ୍ୱର ଶୁଣାଯାଏ ।
ବୃଷଭର ଧ୍ୱନିକୁ ଋଷଭ ସ୍ୱର କୁହନ୍ତି ।

ଅଥ ସ୍ୱରଣାଂ ମଧ୍ୟେ କେ କସ୍ମାତ୍କୁଳାଦୁତ୍ପନ୍ନାସ୍ତଦାହ—

ସପ୍ତସ୍ୱରର କୁଳ—

ଦେବକୁଳୋତ୍ପନ୍ନାଃ ଷଡ଼୍ଜ ଗାନ୍ଧାର ମଧ୍ୟମାଃ ।
ଋଷଭୋଽପି ତଦୁତ୍ପନ୍ନଃ ପଞ୍ଚମୋଽପି ତଥା ସ୍ମୃତଃ ।୬୮।

ଅନୁବାଦ

ଷଡ଼ଜ, ଗାନ୍ଧାର, ମଧ୍ୟମ, ଋଷଭ, ପଞ୍ଚମ ଏମାନେ ଦେବକୁଳରୁ ଜାତ ।

ପିତୃବଂଶସମୁତ୍ପନ୍ନୌ ହ୍ୟସ୍ତଂ ପଞ୍ଚମଧୈବତୌ ।
ଅସୁରାଣାଂ କୁଳୋତ୍ପନ୍ନୋ ନିଷାଦଶ୍ଚେତି ନିର୍ଣ୍ଣୟଃ ।୬୯।

ଅନୁବାଦ

ପିତୃବଂଶରୁ ପଞ୍ଚମ ଧୈବତ ଏବଂ ଅସୁର କୁଳରୁ ନିଷାଦ ସ୍ୱର ଜାତ ହୋଇଅଛି ।

ଅଥ ଷଡ଼ଜାଦ୍ୟ ସପ୍ତସ୍ୱରାଣାଂ ରୂପମାହ—

ଷଡ଼ଜାଦ୍ୟ ସପ୍ତସ୍ୱରର (ରୂପ) ବର୍ଣ୍ଣ—

ଅମ୍ଭୋଜବର୍ଣ୍ଣଃ ଷଡ଼୍ଜ ସ୍ୟାଦୃଷଭଃ ପିଞ୍ଜରାକୃତଃ ।
ସୁବର୍ଣ୍ଣବର୍ଣ୍ଣୋ ଗାନ୍ଧାରେ ମଧ୍ୟମଃ କୁନ୍ଦସୁନ୍ଦରଃ ।୭୦।

Digitized by srujanika@gmail.com

ଅନୁବାଦ

ଷଡ଼ଜ ପଦ୍ମବର୍ଣ୍ଣ, ଋଷଭ ରକ୍ତ ପୀତବର୍ଣ୍ଣ ଗାନ୍ଧାର ସୁବର୍ଣ୍ଣ ବର୍ଣ୍ଣ ଓ ମଧ୍ୟମ କୁନ୍ଦ (ଫୁଲ) ବର୍ଣ୍ଣ ।

ଶ୍ୟାମଳଃ ପଞ୍ଚମୋ ଜ୍ଞେୟୋ ଧୈବତଃ ପୀତବର୍ଣ୍ଣକଃ ।
ନିଷାଦଃ କର୍ବୁରଶ୍ଚୈବଂ ସ୍ୱରବର୍ଣ୍ଣାଃ ପ୍ରକୀର୍ତ୍ତିତାଃ ।୭୧।

ଅନୁବାଦ

ପଞ୍ଚମ ଶ୍ୟାମଳ ବର୍ଣ୍ଣ, ଧୈବତ ପୀତବର୍ଣ୍ଣ, ନିଷାଦ କର୍ବୁର (ଚିତ୍ରିତ) ବର୍ଣ୍ଣ ।

ଅଥ ଷଡ଼ଜାଦ୍ୟ ସପ୍ତସ୍ୱରାଣାଂ ଦେବତାମାହ—

ସପ୍ତସ୍ୱରର ଦେବତା—

ଷଡ଼ଜସ୍ୟ ବ୍ରହ୍ମଦେବଃ ସ୍ୟାନ୍ନିଷାଦୋ ବହ୍ନିଦେବତଃ ।
ଗାନ୍ଧାରଶ୍ଚନ୍ଦ୍ରଦେବଃ ସ୍ୟାନ୍ମଧ୍ୟମୋ ରୁଦ୍ରଦୈବତଃ ।୭୨।

ଅନୁବାଦ

ଷଡ଼ଜର ଦେବତା ବ୍ରହ୍ମ ନିଷାଦର ବହ୍ନି, ଗାନ୍ଧାରର ଚନ୍ଦ୍ର ଓ ମଧ୍ୟମର ଦେବତା ରୁଦ୍ର ।

ପଞ୍ଚମୋ ବିଷ୍ଣୁଦେବଃ ସ୍ୟାଦ୍ଧୂମକେତୁସ୍ତୁ ଧୈବତେ ।
ଋଷଭସ୍ୟାଗ୍ନିଦେବଃ ସ୍ୟାତ୍ସ୍ୱରାଣାଂ ଦେବତାଃ ସ୍ମୃତାଃ ।୭୩।

ଅନୁବାଦ

ପଞ୍ଚମର ବିଷ୍ଣୁ, ଧୈବତର ଧୂମକେତୁ, ଋଷଭର ଅଗ୍ନି— ଏମାନେ ସ୍ୱରର ଦେବତା ।

Digitized by srujanika@gmail.com

ଅଥ ଷଡ଼୍‌ଜାଦ୍ଦ ସପ୍ତସ୍ୱରାଣା ମୁଚ୍ଚ, ନୀଚ, ସ୍ୱରିତ, ନିର୍ଣ୍ଣୟମାହ—

ସପ୍ତସ୍ୱର ମଧ୍ୟରେ ଉଚ୍ଚ, ନୀଚ ଓ ସ୍ୱରିତ ନିର୍ଣ୍ଣୟ—

ଉଚ୍ଚୈ ନିଷାଦ ଗାନ୍ଧାରୌ ନୀଚୈ ଋଷଭଧୈବତୌ ।
ଶେଷାସ୍ତୁ ସ୍ୱରିତା ଜ୍ଞେୟାଃ ଷଡ଼୍‌ଜ ମଧ୍ୟମ ପଞ୍ଚମାଃ ।୨୪।

ଅନୁବାଦ

ନିଷାଦ, ଗାନ୍ଧାର ଦୁଇ ସ୍ୱର ଉଚ୍ଚ, ଧୈବତ ଏବଂ ଋଷଭ ଏ ଦୁହେଁ ନୀଚ । ଷଡ଼୍‌ଜ, ମଧ୍ୟମ ଓ ପଞ୍ଚମ ଏ ତିନି ସ୍ୱର ସ୍ୱରିତ (ମଧ୍ୟ ଭଳି) ।

ଅଥ ଷଡ଼୍‌ଜାଦ୍ଦ ସପ୍ତସ୍ୱରାଣାଂ ମଧ୍ୟେ କେ କସ୍ମାଦ୍‌ବେଦାଦୁତ୍ପନ୍ନା ସ୍ତଦାହ—

କେଉଁ କେଉଁ ବେଦରୁ ସପ୍ତସ୍ୱର ଉତ୍ପନ୍ନ ?

ଷଡ଼୍‌ଜର୍ଷଭୌ ସମୁତ୍ପନ୍ନୌ ଋଗ୍‌ବେଦାଦ୍ଧ୍ୱନୌ ସ୍ମୃତୌ ।
ମଧ୍ୟମୋଧୈବତଶ୍ଚୈବ ଯଜୁର୍ବେଦାନ୍ନିକାବୁଭୌ ।୨୫।

ଅନୁବାଦ

ଋକ୍‌ବେଦରୁ ଷଡ଼୍‌ଜ ଓ ଋଷଭ ଉତ୍ପନ୍ନ । ମଧ୍ୟମ ଓ ଧୈବତ ଯଜୁର୍ବେଦରୁ ଉତ୍ପନ୍ନ ।

ଗାନ୍ଧାରପଞ୍ଚମୌଚୈବ ସାମବେଦାନ୍ନିକାବୁଭୌ
ନିଷାଦୋଽଥର୍ବଣୋ ଜ୍ଞେୟୋ ସ୍ୱରାଣାଂ ବେଦଜନ୍ୟତା ।୨୬।

ଅନୁବାଦ

ସାମବେଦରୁ ଗାନ୍ଧାର ଓ ପଞ୍ଚମ ଏବଂ ଅଥର୍ବ ବେଦରୁ ନିଷାଦ ସ୍ୱର ଜାତ ହୋଇଛି ।

Digitized by srujanika@gmail.com

ଅଥ ଷଡ଼ଜାଦି ସପ୍ତସ୍ୱରାଣାଂ ବ୍ରାହ୍ମଣାଦି ଚତୁର୍ବିଧ ଜାତି କଥନମ୍—

ସ୍ୱରମାନଙ୍କର ବ୍ରହ୍ମଣାଦି ବର୍ଣ୍ଣ—

ଦ୍ୱିଜାତୟୋ ଭବନ୍ତ୍ୟେତେ ଷଡ଼ଜ ମଧ୍ୟମ ପଞ୍ଚମାଃ ।
ଋଷଭୋ ଧୈବତଶ୍ଚାପି ବିଜ୍ଞେୟୌ କ୍ଷତ୍ରିୟାବମୌ
ଗନ୍ଧାରସ୍ତୁ ଭବେଦ୍‌ବୈଶ୍ୟୋ ନିଷାଦଃ ଶୂଦ୍ର ଏବ ଚ ।୭୭।

ଅନୁବାଦ

ଷଡ଼ଜ, ମଧ୍ୟମ ଓ ପଞ୍ଚମ ସ୍ୱରମାନଙ୍କର ଜାତି ବ୍ରାହ୍ମଣ । ଋଷଭ ଓ ଧୈବତ—ଏ ଦୁହେଁ କ୍ଷତ୍ରିୟ, ଗାନ୍ଧାର ସ୍ୱରର ଜାତି ବୈଶ୍ୟ ଓ ନିଷାଦ ସ୍ୱରର ଜାତି ଶୂଦ୍ର ।

ଅଥ ଷଡ଼ଜାଦି ସପ୍ତସ୍ୱରାଣାଂ ମଧ୍ୟେ କେଷୁ ସ୍ୱରେଷୁ କେ ଦେବାସ୍ତୁଷ୍ୟନ୍ତି ତଦାହ—

କେଉଁ ଦେବତା କେଉଁ ସ୍ୱରରେ ସନ୍ତୁଷ୍ଟ ହୁଅନ୍ତି—

କୁମାରଃ ଶଙ୍କରୋ ବ୍ରହ୍ମା ବିଷ୍ଣୁଶ୍ଚାପି ଧନେଶ୍ୱରଃ ।
ଆଦିତ୍ୟଃ ସୁରନାଥଶ୍ଚ କ୍ରମେଣୌ ଯାନ୍ତି ତୁଷ୍ଟତାମ୍ ।୭୮।

ଅନୁବାଦ

ଷଡ଼ଜ ସ୍ୱରରେ କାର୍ତ୍ତିକ, ଋଷଭରେ ମହାଦେବ, ଗାନ୍ଧାରରେ ବ୍ରହ୍ମା, ମଧ୍ୟମରେ ବିଷ୍ଣୁ, ପଞ୍ଚମରେ କୁବେର, ଧୈବତରେ ସୂର୍ଯ୍ୟ, ନିଷାଦରେ ଇନ୍ଦ୍ର ସନ୍ତୁଷ୍ଟ ହୁଅନ୍ତି ।

Digitized by srujanika@gmail.com

ଅଥ ଷଡ଼୍‌ଜାଦ୍ଵସପ୍ତସ୍ଵରାଣାଂ ହାସ୍ୟାଦ୍ଵରସେଷ ପ୍ରୟୋଗ କଥନମ୍—

ହାସ୍ୟାଦ୍ଵ ରସରେ ସ୍ଵର ପ୍ରୟୋଗ—

ହାସ୍ୟେ ଶୃଙ୍ଗାରକେ କାର୍ଯ୍ୟୌ ସ୍ଵରୌ ମଧ୍ୟମ ପଞ୍ଚମୌ ।
ଷଡ଼୍‌ଜର୍ଷଭୌ ତଥା ପ୍ରୋକ୍ତୌ ବୀରେ ରୌଦ୍ରେ ଚ ତାବୁଭୌ ।୭୯।

ଅନୁବାଦ

ମଧ୍ୟମ, ପଞ୍ଚମ ଦୁହେଁ ହାସ୍ୟ ଓ ଶୃଙ୍ଗାର ରସ ଓ ଷଡ଼୍‌ଜ ଏବଂ ଋଷଭ ସ୍ଵର ଦୁହେଁ ବୀର ଓ ରୌଦ୍ରରସ ଲଗି ଉପଯୁକ୍ତ ।

ଗାନ୍ଧାରଶ୍ଚ ନିଷାଦଶ୍ଚ କର୍ତ୍ତବ୍ୟଃ କରୁଣେ ରସେ ।
ଧୈବତଶ୍ଚାପି କର୍ତ୍ତବ୍ୟୋ ବୀଭତ୍ସେ ଚ ଭୟାନକେ ।୮୦।

ଅନୁବାଦ

ଗାନ୍ଧାର ଓ ନିଷାଦର କରୁଣ ରସ ଏବଂ ବୀଭତ୍ସ ଓ ଭୟାନକ ରସ ପାଇଁ ଧୈବତ ସ୍ଵର ପ୍ରଯୁଜ୍ୟ ।

ଅଥ ଷଡ଼୍‌ଜାଦ୍ଵ ସପ୍ତସ୍ଵରାଣାଂ ଜମ୍ବୁ ପ୍ରଭୃତି ସପ୍ତଦ୍ଵୀପ ଜନ୍ମ କଥନମ୍—

ସ୍ଵରମାନଙ୍କର ଜନ୍ମଭୂମୀ—

ଜମ୍ବୁଶାକକୁଶକ୍ରୌଞ୍ଚ ଶାଲ୍ମଳୀ ଶ୍ୱେତ ପୁଷ୍କରାଃ ।
ଦ୍ଵୀପାନ୍ଜନ୍ମଭୁବଃ ସପ୍ତ ଷଡ଼୍‌ଜାଦ୍ଵନାମନୁକ୍ରମାତ୍ ।୮୧।

ଅନୁବାଦ

ଜମ୍ବୁ ଦ୍ଵୀପରୁ ଷଡ଼୍‌ଜ, ଶାକ ଦ୍ଵୀପରୁ ଋଷଭ, କୁଶ ଦ୍ଵୀପରୁ ଗାନ୍ଧାର, କ୍ରୌଞ୍ଚ ଦ୍ଵୀପରୁ ମଧ୍ୟମ, ଶାଲ୍ମଳୀ ଦ୍ଵୀପରୁ ପଞ୍ଚମ, ଶ୍ୱେତ ଦ୍ଵୀପରୁ ଧୈବତ ଓ ପୁଷ୍କର ଦ୍ଵୀପରୁ ନିଷାଦ ଜନ୍ମଲାଭ କରିଅଛି ।

Digitized by srujanika@gmail.com

ଅଥ ଷଡ଼୍‌ଜାଦ୍ୱେ ସପ୍ତସ୍ୱରାଣାଂ କାନ୍ୟକୁବ୍‌ଜାଦ୍ୱ- ସପ୍ତଦେଶ କଥନମ୍—

ସପ୍ତସ୍ୱରଙ୍କ କାନ୍ୟକୁବ୍‌ଜାଦ୍ୱ ସପ୍ତଦେଶ ।

ଶ୍ରୀ କାନ୍ୟକୁବ୍‌ଜ-କାଶ୍ମୀରଦେଶ୍ୟୌ ପଞ୍ଚମ ମଧ୍ୟମୌ
ମହାରାଷ୍ଟ୍ରୋଡ୍ରଦେଶୀୟୌ ଗତାବୃଷଭଧୈବତୌ ।୮୨।

ଅନୁବାଦ

ପଞ୍ଚମ ସ୍ୱରର ଦେଶ କାନ୍ୟକୁବ୍‌ଜ, ମଧ୍ୟମ ସ୍ୱରର ଦେଶ କାଶ୍ମୀର, ଋଷଭର ମହାରାଷ୍ଟ୍ର ଓ ଧୈବତର ସ୍ଥାନ ଓଡ୍ରଦେଶ ।

ଗାନ୍ଧାରସ୍ତୁ ନିଷାଦସ୍ତୁ ଗୌଡ଼ ନେପାଳ ଦେଶଜୌ ।
ଷଡ୍‌ଜ ଉତ୍ତରଦେଶୀୟଃ ସ୍ୱରଦେଶା ଅମି ମତାଃ ।୮୩।

ଅନୁବାଦ

ଗାନ୍ଧାରର ଗୌଡ଼, ନିଷାଦର ନେପାଳ, ଷଡ଼ଜର ଉତ୍ତର ଦେଶ।

ଅଥ ଷଡ଼୍‌ଜାଦ୍ୱ ସପ୍ତସ୍ୱରାଣାଂ ଭୂରାଦ୍ୱସପ୍ତଲୋକ କଥନମ୍—

ସପ୍ତସ୍ୱରର ଭୂ ଇତ୍ୟାଦ୍ୱ ସପ୍ତଲୋକ ନିର୍ଣ୍ଣୟ ।

ଭୂର୍ଭୁବଃ ସ୍ୱଃ ମହଃ ସଞ୍ଜ୍ଞଂ ଜନଃ ସତ୍ୟଂ ତପୋଽପି ଚ ।
ଲୋକେଷ୍ୱ ଡଡ୍‌ଜପ୍ରମୁଖାଃ ନିବସନ୍ତି ସ୍ୱରାଃ କ୍ରମାତ ।୮୪।

ଅନୁବାଦ

ଭୂଲୋକ, ଭୁବଲୋକ, ସ୍ୱର୍ଲୋକ, ମହଲୋକ, ଜନଲୋକ, ସତ୍ୟଲୋକ, ତପଲୋକ-ଯଥାକ୍ରମେ ଷଡ଼ଜ ପ୍ରଭୃତି ସାତସ୍ୱରର ନିବାସ ସ୍ଥଳ ।

Digitized by srujanika@gmail.com

ଅଥ ଷଡ଼ଜାଦ ସପ୍ତସ୍ୱରାଣାଂ ରବ୍ୟାଦସପ୍ତଜନ୍ମବାର କଥନମ୍—

ସ୍ୱରମାନଙ୍କର ଜନ୍ମବାର—

ରବିଶ୍ଚନ୍ଦ୍ରଃ କୁଜଃ ସୌମ୍ୟୋ ଜୀବଃ ଶୁକ୍ରଃ ଶନୈଶ୍ଚରଃ ।
ଷଡ଼୍‌ଜାଦୀନାଂ କ୍ରମାଦେତେ ଜନ୍ମବାରାଃ ପ୍ରକୀର୍ତ୍ତିତାଃ ।୮୫।

ଅନୁବାଦ

ରବି, ସୋମ, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର ଓ ଶନି ଯଥାକ୍ରମେ ସପ୍ତସ୍ୱରର ଜନ୍ମବାର ।

ଅଥ ଷଡ଼ଜାଦ୍ଦ ସପ୍ତସ୍ୱରାଣାଂ ବେଦଶାଖା କଥନମ୍—

ସପ୍ତସ୍ୱରର ବେଦଶାଖା—

ଉଚ୍ଚୂର୍ଗୀତବଦଃ ଶାଖାମାର୍ଚ୍ଚୀ ମୃଷଭ-ଷଡ୍‌ଜୟୋଃ ।
ଗାନ୍ଧାରେ ମଧ୍ୟମେ ଶାଖାଂ ସନ୍ତ୍ରୋମାଧ୍ୟାନ୍ଦ୍ୱିକୀଂ ବଦୁଃ ।୮୬।

ଅନୁବାଦ

ଋଷଭ ଓ ଷଡ଼ଜଙ୍କର ଆର୍ଚ୍ଚୀ ଶାଖା । ଗାନ୍ଧାର ମଧ୍ୟମର ମାଧ୍ୟାନ୍ଦ୍ୱିକୀ ଶାଖାବୋଲି ପଣ୍ଡିତମାନେ କୁହନ୍ତି ।

ପଞ୍ଚମୋ ଧୈବତଶ୍ଚୈତୌ ସ୍ୱରୌ କୌଥୁମ ଶାଖିନୌ ।
କାଣ୍ୱଶାଖା ନିଷାଦସ୍ୟ ସ୍ୱରଶାଖାଃ କ୍ରମାଦମାଃ ।୮୭।

ଅନୁବାଦ

ପଞ୍ଚମ ଓ ଧୈବତସ୍ୱରର କୁଥୁମ ଶାଖା । ନିଷାଦର କାଣ୍ୱ ଶାଖା ।

Digitized by srujanika@gmail.com

ଅଥ ଷଡ଼ଜାଦ୍ଦ ସପ୍ତସ୍ୱରାଣାଂ ବୟଃପ୍ରମାଣ କଥନମ୍—

ସପ୍ତସ୍ୱରର ବୟସ ନିର୍ଣ୍ଣୟ—

ଷଡ଼୍‌ଜୋ ଦ୍ୱାଦଶବର୍ଷଃସ୍ୟାଦୃଷଭଃ ଷୋଡ଼ଶାଦ୍ଧିକଃ ।
ଅବ୍‌ଦସ୍ୟ ପଞ୍ଚବିଂଶତ୍ୟା ଯୁକ୍ତୋ ଗାନ୍ଧାର ଇଷ୍ୟତେ ।୮।

ଅନୁବାଦ

ଷଡ଼ଜର ବାରବର୍ଷ, ଋଷଭର ଷୋଳ ଓ ଗାନ୍ଧାରର ପଚିଶ ବର୍ଷ ବୟସ ।

ତ୍ରିଂଶଦ୍‌ବର୍ଷୋ ମଧମାଖ୍ୟାଃ ପଞ୍ଚମାଖ୍ୟାଃ ସ୍ୱରଃ ପୁନଃ ।
ପଞ୍ଚତ୍ରିଂଶଦ୍‌ବତ୍ସରଃ ସ୍ୟାଚ୍ଚତ୍ୱାରିଂଶତ୍ସମସ୍ତ୍ୱଧଃ । ।୯।
ଷଷ୍ଟି ବର୍ଷୋ ନଷାଦାଖ୍ୟଃ ସ୍ୱରାଣାଂ କଥିତାଃ ସମାଃ ।

ଅନୁବାଦ

ମଧମର ତିରିଶ, ପଞ୍ଚମ ପଇଁତିରିଶ ଓ ଧୈବତର ଚାଳିଶ ଓ ନଷାଦର ସ୍ୱର ଷାଠିଏ ବର୍ଷ ।

ଅଥ ଷଡ଼୍‌ଜାଦ୍ଦ ସପ୍ତସ୍ୱରାଣାଂ ପ୍ରୟୋଗ କଥନମ୍—

ସପ୍ତସ୍ୱରରେ ପ୍ରୟୋଗ—

ସୁତକର୍ମଣି ଷଡ଼୍‌ଜଃ ସ୍ୟାଦୃଷଭୋ ଧ୍ୟାନ କର୍ମଣି ।
ଗାନ୍ଧାର ଶ୍ଚଶଙ୍କାରେଽସୁରକର୍ମଣି ମଧ୍ୟମଃ ।୧୦।
ଉତ୍ସବେ ପଞ୍ଚମୋ ଜ୍ଞେୟଃ ଷାନ୍ତକର୍ମଣି ଧୈବତଃ ।
ବିନୋଦକର୍ମଣି ବୁଧୈ ର୍ନିଷାଦଃ କଥିତଃ ସ୍ୱରଃ ।୧୧।

ଅନୁବାଦ

ପଣ୍ଡିତମାନଙ୍କ ମତରେ ସୁରକର୍ମରେ ଷଡ଼ଜ, ଧ୍ୟାନରେ ଋଷଭ, ଶିବ ପୂଜାରେ ଗାନ୍ଧାର, ଅସୁର ସମ୍ପର୍କରେ (୧) ମଧ୍ୟମ, ଉତ୍ସବରେ

Digitized by srujanika@gmail.com

ପଞ୍ଚମ, ଷଡ଼ିସ୍ଵ କର୍ମରେ ଧୈବତ, ବିନୋଦ କର୍ମରେ ନିଷାଦ ସ୍ଵର ପ୍ରୟୋଗ କରାଯାଏ ।

(୧) ପାଠାନ୍ତର :— ସ୍ଵର କର୍ମରେ ମଧ୍ୟମ ସ୍ଵର ପ୍ରୟୋଗ ।

ଅଥ ଷଡ଼ଜାଦି ସପ୍ତସ୍ଵରାଣାଂ ବାଦ୍ୟାଦି ଭେଦଚତୁଷ୍ଟୟମାହ—

ସପ୍ତସ୍ଵରର ବାଦି ଇତ୍ୟାଦି ଚତୁରଭେଦ ।

ତେ ବାଦି ସମ୍ବାଦି ବିବାଦିନଶ୍ଚ ତଥାଽନୁବାଦୀ ସ୍ଵରକାଶ୍ଚତୁର୍ଦ୍ଧା ।
ଭୂପୋଽଥ ମନ୍ତ୍ରୀ ରିପୁରଶ୍ଚ ସଙ୍ଗୀ କ୍ରମାତ୍ତଥୈବଂ
ଗାଦିତାଃ ସ୍ଵରାଃସ୍ୟୁଃ ।୯୨।

ଅନୁବାଦ

ସ୍ଵରର ବାଦୀ, ସମ୍ବାଦୀ, ବିବାଦୀ, ଓ ଅନୁବାଦୀ—ଏହିପରି ଚତୁର-ଭେଦ । ଏମାନେ ଯଥାକ୍ରମେ ରାଜା, ମନ୍ତ୍ରୀ, ଶତ୍ରୁ ଓ ସଙ୍ଗୀରୂପେ ବର୍ଣ୍ଣନୀୟ ହୁଅନ୍ତି ।

ବାଦୀନୃପସ୍ତଥାମାତ୍ୟଃ ସମ୍ବାଦ୍ୟଥ ବିବାଦ୍ୟରିଃ ।
ଅନୁବାଦୀତ୍ୟନୁଚରୋ ବିଜ୍ଞୈଃ ପାଦସ୍ୟ ଚେରିତଃ ।୯୩।

ଅନୁବାଦ

ବାଦୀ—ରାଜାତୁଲ୍ୟ, ସମ୍ବାଦୀ—ମନ୍ତ୍ରୀ ତୁଲ୍ୟ, ବିବାଦୀ—ଅରି ତୁଲ୍ୟ ଓ ଅନୁବାଦୀ—ଅନୁଚର ତୁଲ୍ୟ, ଏହି ରୂପେ ରାଜା ମନ୍ତ୍ରୀ ହିସାବରେ ବିଚାର କରାଯାଏ ।

ଅଥ ଗ୍ରାମାନାହ—

ସ୍ଵରର ଗ୍ରାମ—

ଗ୍ରାମାଂସ୍ତ୍ରୀଂଶ୍ଚ ପ୍ରବକ୍ଷାମି ଧୋରମନ୍ଦ୍ରକଚାରକାମ୍ ।
ଷଡ଼୍‌ଜ-ମଧ୍ୟମ-ଗାନ୍ଧାରଂ ନାମ ଗ୍ରାମ ତ୍ରୟସ୍ଵକମ୍ ।୯୪।

Digitized by srujanika@gmail.com

ଅନୁବାଦ

ଗ୍ରାମ ତିନିପ୍ରକାର । ଷଡ଼ଜ, ମଧ୍ୟମ ଓ ଗାନ୍ଧାର—ପ୍ରତି ଗ୍ରାମର ତିନିଟି ବିଭାଗ ଅଛି । ଯଥା—ଘୋର, ମନ୍ଦ୍ର ଓ ତାର ।

ଅଥ ଘୋର-ମନ୍ଦ୍ର-ତାରାଣାଂ ସ୍ଥାନତ୍ରୟମାହ—

ଘୋର, ମନ୍ଦ୍ର, ତାରର ସ୍ଥାନ—

ନାଭିମଧ୍ୟେ ସ୍ଥିତୋ ଘୋରେ ମନ୍ଦ୍ରକୋ ହୃଦୟସ୍ଥିତଃ ।
ଶିରୋଗତସ୍ତଥା ତାର ସ୍ୱପ୍ତୋ ଗ୍ରାମାଃ ପ୍ରକୀର୍ତ୍ତିତାଃ ।୧୫।

ଅନୁବାଦ

ଘୋର = ନାଭି ମଧ୍ୟ ସ୍ଥଳ । ମନ୍ଦ୍ର = ହୃଦୟ । ତାର = ଶିର ।

ଅଥ ଘୋରାଦି ଗ୍ରାମତ୍ରୟାଣାଂ ନାଗଲୋକାଦି ଲୋକତ୍ରୟସ୍ଥିତି ମାହ"—

ଘୋର ପ୍ରଭୃତି ତିନିଗ୍ରାମର ନାଗଲୋକ ପ୍ରଭୃତିର ସ୍ଥାନ—

ତାରସ୍ତୁ ଦେବଲୋକନାଂ ମନ୍ଦ୍ରକୋ ମର୍ତ୍ତ୍ୟ ଲୋକତଃ ।
ଘୋରସ୍ତୁ ନାଗଲୋକାନାଂ ତୈଲୋକ୍ୟଂ ବ୍ୟାପ୍ୟ ସଂସ୍ଥିତମ୍ ।୧୬।

ଅନୁବାଦ

ତାର = ଦେବଲୋକ । ମନ୍ଦ୍ର = ମର୍ତ୍ତ୍ୟଲୋକ । ଘୋର = ନାଗ-ଲୋକ ।

ଅଥ ଘୋରାଦି ଗ୍ରାମାଣାଂ ଏକରୂପାଦି ଭେଦମାହ—

ଘୋର ପ୍ରଭୃତି ଗ୍ରାମର ଏକ ପ୍ରଭୃତି ଭେଦ—

ଏକ ରୂପୋ ଭବେତ୍ତାରେ ଦ୍ୱିରୂପୋମନ୍ଦ୍ରକସ୍ତଥା ।
ବହୁ ରୂପଂଚ ଘୋରଂ ଚ ଗ୍ରାମ୍ୟରୂପାଃ ପ୍ରକୀର୍ତ୍ତିତାଃ ।୧୭।

Digitized by srujanika@gmail.com

ଅନୁବାଦ

ତାରର ରୂପ ଗୋଟିଏ, ମନ୍ଦ୍ରର ଦୁଇଟି, ଘୋରର ବହୁରୂପ ।

ଅଥ ଷଡ଼୍‌ଜ ମଧ୍ୟମ ଗାନ୍ଧାର ଗ୍ରାମାଣାମୁପଯୋଗିତାମାହ—

ଷଡ଼୍‌ଜ, ମଧ୍ୟମ, ଗାନ୍ଧାର ଗ୍ରାମର ଉପଯୋଗିତା—

ଷଡ଼୍‌ଜ ମଧ୍ୟମୟୋର୍ମର୍ତ୍ତ୍ୟେ ଗ୍ରାମୟୋ ରୂପଯୋଗିତା ।
ପଟ୍ଟବାରେଣ ସନ୍ତତଃ ଗାନ୍ଧାରଃ ଦିବ ଗୀୟତେ ।୧୮।

ଅନୁବାଦ

ଷଡ଼୍‌ଜ ଏବଂ ମଧ୍ୟମ ଗ୍ରାମର ଉପଯୋଗ (ପ୍ରଚୁର) ମର୍ତ୍ତ୍ୟରେ । ସପରିବାର ଗାନ୍ଧାର ସ୍ୱର୍ଗଲୋକରେ ପ୍ରଚଳିତ ।

ଅଥ ଗ୍ରାମସ୍ୟ ରୂପମାହ—

ଗ୍ରାମର ରୂପ

ସ୍ୱରାଣାଂ ସୁବ୍ୟବସ୍ଥାନାଂ ସମୂହୋ ଗ୍ରାମ ଇଷ୍ୟତେ ।୧୯।

ଅନୁବାଦ

ସ୍ୱରମାନଙ୍କର ସଦ୍ଭାବସ୍ଥାନକୁ ଗ୍ରାମ କୁହନ୍ତି ।

ଅନ୍ୟପକ୍ଷୋଽପି—

ପକ୍ଷାନ୍ତରେ—

ଜାତଭିଃ ଶ୍ରୁତିଭିଶ୍ଚୈବ ସ୍ୱରାଃ ଗ୍ରାମତ୍ୱମାଗତା

ଜାତି ଏବଂ ଶ୍ରୁତିମାନଙ୍କ ସହିତ ଅବସ୍ଥିତ ହେଲେ, ତାହା ସ୍ୱର-ମାନଙ୍କର ଗ୍ରାମ ବୋଲାଏ ।

Digitized by srujanika@gmail.com

ଅଥ ମୂର୍ଚ୍ଛନା ନରୂପଣ ମାହ—

ମର୍ଚ୍ଛନା ନରୂପଣ—

ଯଦ ସ୍ୱରେ ମୂର୍ଚ୍ଛିତ ଏବ ରାଗତାଂ ପ୍ରାପ୍ତସ୍ତ ତାମାହ ମୁନସ୍ତୁ ମୂର୍ଚ୍ଛନାଂ ।
ଗ୍ରାମୋଦ୍‌ଭବାସ୍ତାଃ ସ୍ୱରସପ୍ତସଂଯୁକ୍ତାଃ ସ୍ଥାନବଯ୍ୱେ ସ୍ୟୁଃ ପୁନରେ-
କବିଂଶତ ।।୧୦୦।

ଅନୁବାଦ

ସ୍ୱର ଗୁଡ଼ିକ ମୂର୍ଚ୍ଛିତ ବର୍ଦ୍ଧିତ ହୋଇ ରାଗ ପ୍ରସୂତର ଉପଯୁକ୍ତ ହେଲେ, ତାହା ମୂର୍ଚ୍ଛନା ବୋଲାଏ । ଗ୍ରାମରୁ ଉଦ୍ଭବ ଏହି ମୂର୍ଚ୍ଛନାମାନେ ସପ୍ତସ୍ୱରର ସଂପୃକ୍ତରେ ଏକୋଇଶ ପ୍ରକାର ହୁଅନ୍ତି ।

ଅଥ ଏକବିଂଶତି ମର୍ଚ୍ଛନାନାଂ ନାମାନ୍ୟାହ—

ଏକୋଇଶ ଗୋଟି ମୂର୍ଚ୍ଛନାର ନାମ—

ଲଳିତା, ମଧ୍ୟମା, ଚନ୍ଦ୍ରା, ରୋହିଣୀ ଚ ମତଙ୍ଗଜା ।
ସୌବିରୀ, ବର୍ଣ୍ଣମଧ୍ୟା ଚ ଷଡ଼୍‌ଜମଧ୍ୟା ଚ ପଞ୍ଚମା ।୧୦୧
ମତ୍ସରୀ, ମୃଦୁମଧ୍ୟା ଚ ଶୁଦ୍ଧାନ୍ତା ଚ କଳାବତୀ ।
ତୀବ୍ରା, ରୌଦ୍ରୀ ତଥା ବ୍ରାହ୍ମୀ, ବୈଷ୍ଣବୀ, ଖେଚରୀ, ବରା ।୧୦୨।
ନାଦାବତୀ, ବିଶାଳା ଚ ତ୍ରିଷୁ ଗ୍ରାମେଷୁ ବୈ କ୍ରମାତ୍ ।
ଏକବିଂଶତିରିତ୍ୟୁକ୍ତାଃ ମୂର୍ଚ୍ଛନାସ୍ତୁଦ୍‌ ଦ୍ୱୈମୌଳିକା ।୧୦୩।

ଅନୁବାଦ

(୧) ଲଳିତା, (୨) ମଧ୍ୟମା, (୩) ଚନ୍ଦ୍ରା, (୪) ରୋହିଣୀ, (୫) ମତଙ୍ଗଜା, (୬) ସୌବିରୀ, (୭) ବର୍ଣ୍ଣମଧ୍ୟା, (୮) ଷଡ଼୍‌ଜ ମଧ୍ୟମା, (୯) ପଞ୍ଚମା, (୧୦) ମତ୍ସରୀ, (୧୧) ମୃଦୁମଧ୍ୟା, (୧୨) ଶୁଦ୍ଧାନ୍ତା, (୧) କଳାବତୀ, (୧୪) ତୀବ୍ରା, (୧୫) ରୌଦ୍ରୀ, (୧୬) ବ୍ରାହ୍ମୀ, (୧୭) ବୈଷ୍ଣବୀ, (୧୮) ଖେଚରୀ, (୧୯) ବରା, (୨୦) ନାଦାବତୀ ଓ (୨୧) ବିଶାଳା ।

Digitized by srujanika@gmail.com

ଅଥ ମୂର୍ଚ୍ଛନାନାଂ ଫଲମାହ—

ମୂର୍ଚ୍ଛନାର ଫଳ —

ଶିବାଗ୍ରେ ମୂର୍ଚ୍ଛନାଂ କୃତ୍ୱା ବ୍ରହ୍ମହାପି ବିମୁଚ୍ୟତେ ।

—ମହାଦେବଙ୍କ ଆଗରେ ମୂର୍ଚ୍ଛନା ଗାନ କଲେ ବ୍ରହ୍ମହତ୍ୟା ପାପ କ୍ଷୟ ହୁଏ ।

ଅଥ ମୂର୍ଚ୍ଛନା ପ୍ରୟୋଗସ୍ୟ ରୂପମାହ—

ମୂର୍ଚ୍ଛନା ପ୍ରୟୋଗର ସ୍ୱରୂପ—

ମୂର୍ଚ୍ଛନାଂ କଳସ୍ୱଚତେ। ମୁରଣବୋର୍ଦ୍ଧଶିକା-ଧ୍ୱନି-ବିଶେଷ-ବିତାନୈଃ ।
ମୂର୍ଚ୍ଛନାଂ ଯଯୁରନଙ୍ଗଶରୌଘୈରଙ୍ଗନା ଇତିପଚେରିବ ଯେନାଃ ।୧୦୩

ଅନୁବାଦ

ମୁର ନାମକ ଦୈତ୍ୟର ଶତ୍ରୁ ଶ୍ରୀକୃଷ୍ଣ (ଅବତାରରେ) ବଂଶୀଧ୍ୱନି ମୂର୍ଚ୍ଛନା ପ୍ରୟୋଗ ଦ୍ୱାରା କନ୍ଦର୍ପର ଶର ପରି ଗୋପାଙ୍ଗନାମାନଙ୍କୁ ମୋହିତା (ମୂର୍ଚ୍ଛିତା) କରାଇଥିଲେ ।

ଅଥ ମୂର୍ଚ୍ଛନାନାମସଙ୍ଖ୍ୟତ୍ୱମାହ—

ମୂର୍ଚ୍ଛନା ଅସଂଖ୍ୟ—

ମୂର୍ଚ୍ଛନା ଏବ ତାନାଃ ସ୍ୟୁଃ ଶୁଦ୍ଧା ଆରୋହଣଶ୍ରିତାଃ ।
ତେଷାଂ ଭୂରିତରାଃ ଭେଦାଃ କସ୍ମାନ୍ କର୍ତ୍ତୁଂ ନ ବକ୍ଷ୍ୟତେ ।୧୦୪।

ଅନୁବାଦ

ସ୍ୱରର ଶୁଦ୍ଧ ଆରୋହଣ କ୍ରମକୁ ମୂର୍ଚ୍ଛନା କୁହନ୍ତି । ତାନ ଏହାକୁ ଆଶ୍ରୟ କରେ । ଏଗୁଡ଼ିକ ଅସଂଖ୍ୟ ।

Digitized by srujanika@gmail.com

ଅଥ ତାନାଃ କଥ୍ୟନ୍ତେ—

ତାନ—

ବିସ୍ତୀର୍ଯ୍ୟନ୍ତେ ପ୍ରୟୋଗା ଯୈ ର୍ମୂର୍ଚ୍ଛନା ଶେଷସଂଶ୍ରୟାଃ ।
ତାନାସ୍ତେଽପ୍ୟୂନପଞ୍ଚାଶତ୍ ସପ୍ତସ୍ୱର ସମୁଦ୍ଭବାଃ । ।୧୦୬।

ଅନୁବାଦ

ଯେଉଁ ସ୍ୱର ପ୍ରୟୋଗକୁ ବିସ୍ତାର କରନ୍ତି, (ଗୀତର ବିସ୍ତାର-କର୍ମ) ମୂର୍ଚ୍ଛନାର ଶେଷ ଅଂଶ ଆଶ୍ରୟ କରନ୍ତି—ତାହାକୁ ତାନ ବୋଲାଯାଏ । ଏମାନଙ୍କ ସଂଖ୍ୟା ୪୯ । ତାନଗୁଡ଼ିକ ସ୍ୱରରୁ ଜାତ ହୁଅନ୍ତି ।

ଅଥ ତାନାନାମୂନପଞ୍ଚାଶତ୍‌ପରିମିତ ସଂଖ୍ୟାହେତୁ କଥନମ୍—

ତାନମାନଙ୍କର ୪୯ ସଂଖ୍ୟାର ହେତୁ—

ଊନପଞ୍ଚାଶଦନଲୈର୍ବିଷ୍ଣୁ-ରେଚଷ୍ଣୁ-ମାନସୈଃ ।
ଯତ୍ର ତାନାଃ ପ୍ରତନ୍ୟନ୍ତ ଊନପଞ୍ଚାଶଦପ୍ୟତଃ ।୧୦୭।

ଅନୁବାଦ

ବିଷ୍ଣୁଙ୍କର ନିର୍ମଳ ମନରୁ ୪୯ ପବନ ଜାତ ହୋଇ ତାନର ବିସ୍ତୃତ ଘଟିଅଛି । ଏହାର ସଂଖ୍ୟା ଅନୁସାରେ ତାନ ୪୯ଟି ।

ଅଥୋନପଞ୍ଚାଶତ୍ପରିମିତ ହୌମ୍ୟାଦ୍ୟ ତାନାନାଂ ନାମାନାମାନ୍ୟାହ—

ତାନର ହୌମ୍ୟ ପ୍ରଭୃତି ୪୯ ଗୋଟି ନାମ—

ହୌମ୍ୟା ହାର୍ମ୍ୟବଦାଦ୍ୟତୌ ଚ ଗମକଃ ସଂଗୃହୀତା ଧାରତୌ ।
ସ୍ୱଷ୍ଟା ଚନ୍ଦବଳୀଷଦଷ୍ଟ ବନ୍ଧନୀ ରଗାଙ୍ଗ ହାଦୌ ଜସ୍ୱୀ ।
ମାହାଶ୍ଚୈବ ନରକ୍ଷରଷ୍ଟ ଲଳତା ଶ୍ଳୁହଜିଦ୍ୟାଙ୍ଗୋ ଗଜଃ ।
ପ୍ରୌଢୀଧରଣଙ୍କୌ ପ୍ରବନ୍ଧ ଦବକୌ ଦ୍ରାବ ଚ ଲିପ୍ତ ସ୍ରୁତଃ ।୧୦୮।

Digitized by srujanika@gmail.com

ଜ୍ୟୋତିର୍ବନ୍ଧରଙ୍କୌ ତତଃ ସୁଲଳିତା ରଙ୍ଗୋଽର୍ଦ୍ଧମାଷାରଣୋ—
ନଷ୍ଟୋଦ୍ଦିଷ୍ଟକ ରକ୍ତ ତାଳ ବନତା ଖଞ୍ଜୌ ବଟି ଖଟପୂଃ ।
କର୍ଣ୍ଣସ୍ଥାଣ ଗତାର୍ଦ୍ଧତାରଧରଣୋ ମଧ୍ୟାନ୍ତତାରଃ କଡ଼ଃ
ସ୍ତଦ୍ବତ୍ ସଙ୍କରସା ଚ କର୍ଣ୍ଣଜନିତଃ ସର୍ବାଗ୍ରମାଷୋତ୍ତରୌ ।୧୦୯।

ଅନୁବାଦ

୧ । ସ୍ୱୈମ୍ୟ, ୨ । ସ୍ୱାମ୍ୟ, ୩ । ଅବବାନ୍ବିତ, ୪ । ଗମକ, ୫ । ସଂଗ୍ରହିତ, ୬ । ଆଧାଶ୍ରିତ, ୭ । ଗ୍ରସ୍ତା, ୮ । ଗ୍ରୁଦ୍ଧ, ୯ । ବଳୀ, ୧୦ । ଷର, ୧୧ । ବନ୍ଦନ, ୧୨ । ଘଚାଙ୍ଗ, ୧୩ । ସ୍ୱାର୍ଦ୍ଧି, ୧୪ । ଜସ୍ପୀ, ୧୫ । ମାଷା, ୧୬ । ନରଷର, ୧୭ । ଲଳିତା, ୧୮ । ସ୍ୱୀପୁଙ୍ଗ ୧୯ । ଗଜ, ୨୦ । ପ୍ରୌଦୀ, ୨୧ । ଧାରଣକ. ୨୨ । ପ୍ରବନ୍ଧ, ୨୩ । ଦବକା; ୨୪ । ଦ୍ରାବୀ, ୨୫ । ଲିପ୍ତି, ୨୬ । ଜ୍ୟୋତି, ୨୭ । ବନ୍ଧରକ, ୨୮ । ସୁଲଳିତା, ୨୯ । ରଙ୍ଗ, ୩୦ । ଅର୍ଦ୍ଧମାଷା, ୩୧ । ରଣ, ୩୨ । ନଷ୍ଟ, ୩୩ । ଉଦ୍ଦିଷ୍ଟ, ୩୪ । ରକ୍ତ, ୩୫ । ତାଳ, ୩୬ । ବନତା, ୩୭ । ଖଞ୍ଜ, ୩୮ । ବଟୀ, ୩୯ । ଖଟପୂ, ୪୦ । କର୍ଣ୍ଣସ୍ଥାଣ, ୪୧ । ଗତ, ୪୨ । ଅର୍ଦ୍ଧତାର, ୪୩ । ଧରଣ, ୪୪ । ମଧ୍ୟାନ୍ତାର, ୪୫ । କଡ଼, ୪୬ । ସଙ୍କରସା, ୪୭ । କର୍ଣ୍ଣଜାତ, ୪୮ । ସର୍ବାଗ୍ରମାଷା, ୪୯ । ଉତ୍ତର ।

ଅଥ ତାନାନାଂ ନାମରଚନା କେନ କୃତା ତଦାହ—

ତାନର ନାମ ରଚୟିତା—

ଜନପଞ୍ଚାଣଦେବ୍ରଥଂ ତୁ ତାନାନାଂ ନାମ କଳ୍ପନମ୍ ।
ରଚିତଂ ଭରତେନାପି ମୁନିନା ସଙ୍କରଞ୍ଜକମ୍ ।୧୧୦।

ଅନୁବାଦ

ଲୋକ ମନୋରଞ୍ଜନ ନିମିତ୍ତ ଭରତ ମୁନି ତାନର ନାମ ରଚନା କଲେ ।

Digitized by srujanika@gmail.com

ଅଥ ସ୍ୱରଭେଦ ବର୍ଣ୍ଣମାହ—

ସ୍ୱରଭେଦ ବର୍ଣ୍ଣ—

ସ୍ୱରେ ଗାନକ୍ରିୟାରମ୍ଭଃ ପ୍ରଯୁକ୍ତୋ ବର୍ଣ୍ଣ ଉଚ୍ୟତେ ।
—ଗାୟନ ଆରମ୍ଭ କାଳର ସ୍ୱରକୁ ବର୍ଣ୍ଣ ବୋଲଯାଏ ।

ଅଥ ସ୍ୱରାଣାଂ ଚତୁର୍ବିଧ ଭେଦାନାହ—

ସ୍ୱରର ଚତୁର୍ଭେଦ—

ସ୍ଥାୟ୍ୟାରୋହ୍ୟବରୋହୀ ଚ ସଞ୍ଚାରୀତି ଚତୁର୍ବିଧଃ ।୧୧।

ଅନୁବାଦ

ଏମାନେ ଚତୁଃପ୍ରକାର । ଯଥା—ସ୍ଥାୟୀ, ଆରୋହୀ, ଅବରୋହୀ ଓ ସଂଚାରୀ ।

ଅଥ ସ୍ଥାୟ୍ୟାଦି ସ୍ୱରାଣାଂ ଭେଦ ସଂଖ୍ୟାମାହ—

ସ୍ଥାୟୀ ଆଦି ସ୍ୱର ଭେଦ ସଂଖ୍ୟା—

ଷଡ୍‌ବିଂଶତିଃ ସ୍ଥାୟିନଃ ସ୍ୟୁଃ ଆରୋହଣୋ ଦ୍ୱାଦଶୈବ ତୁ ।
ସଞ୍ଚାରଣୋ ଦ୍ୱାଦଶୈବ ଦ୍ୱାଦଶୈବାବରୋହଣଃ ।୧୨।

ଅନୁବାଦ

ସ୍ଥାୟୀ ସ୍ୱର ୨୬ ପ୍ରକାର, ଆରୋହୀ ୧୨ ପ୍ରକାର, ସଞ୍ଚାରୀ ୧୨ ପ୍ରକାର ଓ ଅବରୋହୀ ୧୨ ପ୍ରକାର ।

ଅଥ ଗ୍ରହସ୍ୱରନ୍ୟାସସ୍ୱରାବାହ—

ଗ୍ରହ ସ୍ୱର ଓ ନ୍ୟାସ ସ୍ୱର—

ଗ୍ରହସ୍ୱରଃ ସ ଇତ୍ୟୁକ୍ତୋ ଯୋ ଗୀତାଦୌ ସମର୍ପିତଃ ।
ନ୍ୟାସସ୍ୱରଃ ସ ଇତ୍ୟୁକ୍ତୋ ଯୋ ଗୀତାଦି ସମାପ୍ତିକୃତ୍ ।୧୩।

Digitized by srujanika@gmail.com

ଅନୁବାଦ

ଗୀତର ପ୍ରାରମ୍ଭିକ ସ୍ୱରକୁ ଗ୍ରହ ସ୍ୱର କୁହାଯାଏ ଏବଂ ଯେଉଁ ସ୍ୱରରେ ଗୀତ ଶେଷ ହୁଏ, ତାକୁ ନ୍ୟାସ ସ୍ୱର କୁହନ୍ତି ।

ଅଥ ଅଂଶ ସ୍ୱରମାହ—

ଅଂଶ ସ୍ୱର—

ଯୋ ରକ୍ତିବ୍ୟଞ୍ଜକୋ ଗେୟେ ଯସ୍ୟ ସର୍ବେଽନୁଗାମିନଃ ।
ଯଃ ସ୍ୱସ୍ୱଂ ତ୍ରୁ ହଣଂ ଯାତୋ ନ୍ୟାସାଦୀନାଂ ପ୍ରୟୋଗତଃ ।
ଯସ୍ୟ ସର୍ବତ୍ର ବାହୁଲ୍ୟଂ ସ ବାଦ୍ୟଂଶୋ ନୃପୋପମଃ ।୧୧୪।

ଅନୁବାଦ

ଯେଉଁ ସ୍ୱର ମନୋରଞ୍ଜକ ଭାବରେ ବ୍ୟକ୍ତ ହୁଏ, ଅନ୍ୟ ସ୍ୱରଗୁଡ଼ିକ ଯାହାର ଅନୁଗତ, ଗ୍ରହ ଏବଂ ନ୍ୟାସ ସ୍ୱର ପ୍ରୟୋଗ ସମ୍ବନ୍ଧରେ ଯେଉଁ ସ୍ୱର ନିଜେ ଗ୍ରହ ସ୍ୱର ରୂପେ ପରିଚିତ ହୁଏ, ଏବଂ ଯେଉଁ ସ୍ୱରର ବହୁଳ ପ୍ରଚାର ଦେଖାଯାଏ, ତାହା ଅଂଶ ବା ବାଦୀ ସ୍ୱର । ଏହା ରାଜା ସ୍ୱର ।

ଅଥ ଅଂଶସ୍ୟ ପ୍ରଧାନତା କଥନେ ମାଘକାବ୍ୟେ-ସ୍ୟୁଦାହରଣ ମାହ—

ମାଘ କାବ୍ୟରେ ଅଂଶ ସ୍ୱରର ପ୍ରାଧାନ୍ୟ—

ଅନଲ୍ପତ୍ୱାତ୍ ପ୍ରଧାନତ୍ୱାଦଂଶସ୍ୟେବେତରେ ସ୍ୱରାଃ ।
ବିଜିଗୀଷୋ ନୃପତୟଃ ପ୍ରୟାନ୍ତି ପରିବାରତାମ୍ ।୧୧୫।

ଅନୁବାଦ

ଯେପରି ବିଶ୍ୱବିଜୟୀ ରାଜାର ଅନ୍ୟ ରାଜାମାନେ ସେବକ ହୋଇ-ଥାନ୍ତି, ସେହିପରି ଅନ୍ୟ ସ୍ୱରମାନେ ଅଂଶ ସ୍ୱରର ସେବକ ଅଟନ୍ତି ।

Digitized by srujanika@gmail.com

ଅଥ ଜାତିମାହ—

ସ୍ୱରର ଜାତି—

ଯସ୍ୟା ରାଗଜନସ୍ତୁ ଜାତରହ ସା ରାଗସ୍ୟ ମାତାଽପି ସା ।
ଶୁଦ୍ଧାଖ୍ୟାଂ ବକୃତାଦପ୍ୟୋଷ୍ଟ ମିଳନାତ୍ସଂମିଶ୍ରକାଷ୍ଟ ତ୍ରିଧା ।୧୧ଡ଼।

ଅନୁବାଦ

ଯହିଁରୁ ରାଗ ଜାତହୁଏ, ତାକୁ ଜାତ କୁହନ୍ତ । ସେ, ରାଗର ମାତା ସ୍ୱରୂପ, ଏହା ତନପ୍ରକାର ଯଥା—(୧) ଶୁଦ୍ଧା; (୨) ବକୃତା, (୩) ଶୁଦ୍ଧା ଓ ବକୃତା ସଂମିଶ୍ରଣରେ ସଂମିଶ୍ରକା ।

ଏତାସାଂ ଜାତନାଂ ବହୁତରେ ଭେଦାଃ ସନ୍ତ,—ଗ୍ରନ୍ଥ ବସ୍ତାର ଭୟାନ୍ନୋକ୍ତାଃ ।

—ଏହ୍ଵ ଜାତର ବହୁଭେଦ ଅଛୁ । ଗ୍ରନ୍ଥ ବଢ଼ିଯିବା ଭୟରେ ଅଧିକ କୁହାଯାଉ ନାହିଁ ।

"ଚନ୍ଦ୍ରେ ନୃପୋ ଯାଂ ଭୁବ କେରଳାସ୍ୟାଂ—
ଶ୍ରୀ ମାଳକଣ୍ଠୋଽପି ଚ ନାଟ୍ୟପୂର୍ବାମ୍ ।
ମନୋରମାଖ୍ୟାଂ ପ୍ରଥମୋହ୍ଵ ଜାତଃ-
ପାଦସ୍ତୁ ତସ୍ୟାଂ ବୁଧଶର୍ମଦାନ୍ୟାମ୍ ।୧।

କେରଳର ରାଜା ମାଳକଣ୍ଠ, ନାଟ୍ୟ ମନୋରମା ଆଖ୍ୟା ପ୍ରାପ୍ତ ଏହ୍ଵ ନାଟ୍ୟ ପୂର୍ବ ମନୋରମା ଅର୍ଥାତ୍ ନାଟ୍ୟ ମନୋରମା ଗ୍ରନ୍ଥକୁ ରଚନା କଲେ । ଏହା ତହିଁର ପ୍ରଥମପାଦ । ଏହା ପଣ୍ଡିତ ଜନମାନଙ୍କର ସୁଖଦାତା ।

—ଇତି ପ୍ରଥମପାଦ ।

Digitized by srujanika@gmail.com

ଦ୍ୱିତୀୟ ପାଦଃ

ଅଥ ରାଗାନାହ—

ରାଗ ସମ୍ବନ୍ଧେ କୁହାଯାଉଅଛି—

ଯୈସ୍ତୁ ଚେତାଂସି ରଜ୍ୟନ୍ତେ ଜଗତ୍ତ୍ରିତୟ ବର୍ତ୍ତିନାମ୍ ।
ତେ ରାଗା ଇତି କଥ୍ୟନ୍ତେ ମୁନିଭିର୍ଭରତାଦିଭିଃ ।୧।

ଅନୁବାଦ

ତିନି ଜଗତ (ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ) ବାସୀଙ୍କର ଯାହା ମନୋ-ରଞ୍ଜନ କରିପାରେ ତାହାକୁ ରାଗ ବୋଲି ଭରତ ଆଦି ମୁନିମାନେ କହିଛନ୍ତି ।

ଗୋପୀଭିର୍ଗୀତମାରବ୍ଧ ମେକୈକଂ କୃଷ୍ଣସନ୍ନିଧୌ ।
ତେନ ଜାତାନି ରାଗାଣାଂ ସହସ୍ରାଣି ତୁ ଷୋଡ଼ଶ ।୨।

ଅନୁବାଦ

ଷୋଳ ହଜାର ଗୋପୀ ଶ୍ରୀକୃଷ୍ଣଙ୍କ ନିକଟରେ, ଜଣକେ ଗୋଟିଏ ଲେଖାଏଁ ରାଗ ଗାଇଥିଲେ—ଏହିପରି ଷୋଳ ସହସ୍ର ରାଗର ସୃଷ୍ଟି ହୋଇ-ଅଛି ।

ଅଥ ତେଷୁ ପୁମାଂସଃ କଥ୍ୟନ୍ତେ ସ୍ତ୍ରିୟଶ୍ଚ କଥ୍ୟନ୍ତ୍ୟସ୍ତଦାହ—

ରାଗମାନଙ୍କ ମଧ୍ୟରେ ପୁରୁଷ ଓ ସ୍ତ୍ରୀର ବର୍ଣ୍ଣନ—

ରାଗେଷୁ ତେଷୁ ଷଟ୍‌ତ୍ରିଂଶଦ୍ରାଗିଣୀ ଚ ପୁମାଂଶ୍ଚ ଷଟ୍ ।
କାଳକ୍ରମେଣ ତତ୍ରାଽପି ହ୍ରାସ ଏବ ତୁ ଦୃଶ୍ୟତେ— ।୩।

Digitized by srujanika@gmail.com

ଅନୁବାଦ

କାଳକ୍ରମେ ସଂଖ୍ୟା ହ୍ରାସ ହୋଇ ଏହି ରାଗମାନଙ୍କ ମଧ୍ୟରୁ ୩୬ ଟି ରାଗିଣୀ (ସ୍ତ୍ରୀ) ଓ ୬ଟି ରାଗ (ପୁରୁଷ) ରୂପେ ପ୍ରଚଳିତ ।

ମେରୋରୁତ୍ତରତଃ ପୂର୍ବେ ପଶ୍ଚିମେ ଦକ୍ଷିଣେ ତଥା ।
କେଚିଦ୍‌ବଦନ୍ତି ତେ ସର୍ବେ ରାଗାଃ ସନ୍ତୀତି କସ୍ତୁ ତମ୍ ।୮।

ଅନୁବାଦ

କେହି କେହି କହନ୍ତି ମେରୁ (ପର୍ବତ)ର ଉତ୍ତରରେ, ପୂର୍ବରେ ପଶ୍ଚିମରେ ଓ ଦକ୍ଷିଣରେ ଏହି ରାଗଗୁଡ଼ିକ ଅଛନ୍ତି ।

ଅନ୍ୟକେଚିନ୍ନୁନମ୍ୟସ୍ତୁ ପୁନରେବଂ ବଦନ୍ତି—

ମତାନ୍ତରେ—

"ସମୁଦ୍ରକୁକ୍ଷୌ ଯେ ଦେଶା ସ୍ତରମିଷାଂ ପ୍ରଚୁରଣାଃ ।"

—ସମୁଦ୍ର ମଧ୍ୟବର୍ତ୍ତୀ ଦେଶ ଗୁଡ଼ିକରେ ଏହି ରାଗଗୁଡ଼ିକ ପ୍ରଚଳିତ ।

ଚୂର୍ଣ୍ଣିକମ୍—

ସମୁଦ୍ରକୁକ୍ଷୌ ଦେଶାନାମସମ୍ବନ୍ଧଃ ॥ ସମୁଦ୍ରକୁକ୍ଷୌ ଯେ ଦେଶା କଥଂ ସମ୍ବଧ୍ୟତେ ଏତେନ ଓଷ୍ଠେଧେନ ସତ୍ତ ତଦ୍‌ବରୋଧ ନିରାକର୍ତ୍ତୁଂ— "ଗଙ୍ଗାୟାଂ ଘୋଷଃ" ପ୍ରତିବସନ୍ତି ॥ "ବଟେ ଗାବଃ ସୁଶେରତେ" ଇତ୍ୟାଦି ବଚନାନ ସାମିପ୍ୟସପ୍ତମୀ ବିଧାୟ କାନ ବର୍ତ୍ତନାନ ଦର୍ଶପୂର୍ବ ॥ ଯଥା ବଟ ସମୀପେ ଗାବଃ ସ୍ୱଶେରତେ ॥ ତଥା ସମୁଦ୍ରକୁକ୍ଷି ସମୀପେ ଦେଶାସ୍ତି ବୃନ୍ଦୀତ ଭାବଃ ॥ ଅତୋ ଯଦୁକ୍ତଂ "ସମୁଦ୍ରକୁକ୍ଷୋ ଯେ ଦେଶା" ଇତି ତଦ୍‌ଯୁକ୍ତମେବ ॥

Digitized by srujanika@gmail.com

-ଅନୁବାଦ-

—ସମୁଦ୍ରକୁକ୍ଷୀରେ (ମଧ୍ୟରେ) ଦେଶଗୁଡ଼ିକ ଥିବା ଅସମ୍ଭବ— ଏକଥା କୁହାଯାଇ ପାରେ । କିନ୍ତୁ କହିବାର ଉଦ୍ଦେଶ୍ୟ ଏହି ଯେ, ଏସବୁ ସମୁଦ୍ର କିମ୍ବା ପର୍ବତରେ ନାହାନ୍ତି; ସମୁଦ୍ର ନିକଟବର୍ତ୍ତୀ ଦେଶରେ ଅଛନ୍ତି ବୋଲି ବୁଝିବାକୁ ହେବ । ଯେପରି "ଗଙ୍ଗାୟାଂ ଘୋଷଃ ପ୍ରତି-ବସତି" କିମ୍ବା ଏହାର ଅର୍ଥ, "ଗଙ୍ଗାରେ ଘୋଷ" ଅର୍ଥାତ୍ ଗୌଡ଼ପଲ୍ଲୀ ଅଛି—ଏହା ନୁହେଁ । ଗଙ୍ଗା ନିକଟରେ ଗୌଡ଼ପଲ୍ଲୀ ଅଛି, ଏପରି ବୁଝିବାକୁ ହେବ । ଆହୁରି "ବଟେ ଗାବଃ ସୁଶେରତେ" ଏହାର ଅର୍ଥ ବରଗଛରେ ଗାଈ ଶୋଇଛନ୍ତି—ଏହା ନୁହେଁ, ମୂଳରେ ବା ସମୀପରେ ଶୋଇଛନ୍ତି । ଏହାକୁ ସାମୀପେ ସପ୍ତମୀ କୁହନ୍ତି ।

ଅଥ ଅଙ୍ଗ, ବଙ୍ଗ, କଳିଙ୍ଗାଦି ଦେଶାନାଂ ନାମାନ୍ୟାହ—

ଏଗର ସ୍ଥାନ ନିର୍ଣ୍ଣୟ (ଅଙ୍ଗ, ବଙ୍ଗ, କଳିଙ୍ଗ ଇତ୍ୟାଦି)

ଅଙ୍ଗ, ବଙ୍ଗ, କଳିଙ୍ଗ, ତୈଲଙ୍ଗ, ତେଲଙ୍ଗ, ତ୍ରିଲିଙ୍ଗ, ସୁବଙ୍ଗ, ସୁବଙ୍ଗ, ପୁଲିଙ୍ଗ, ଲେଖାଙ୍ଗ, ସୌବୀର, କୀର, କାଶ୍ମୀର, ନାଭିର, ନାହିର, ସିନ୍ଧୁ, ଜାଳନ୍ଧର, ମରୁ, ମଗଧ, ନିଷେଧ, ମଳୟ, ହିମୟ, ଗନ୍ଧାଦ୍ୱୟ, ମାଳବ, ଜାଳବ, ମରୁ, କୁରୁ, ଉତ୍କଳ, କୁନ୍ତଳ, ସିଂହଳ, ହରକେଳ, କେରଳ, ମଲ୍ଲବାର, ମଲ୍ଲ, ଭଲ୍ଲ, ସୌବିଦ, ମଲ୍ଲରାଟ, କଂକଟ, ଗୁଜରାଟ, ଗୁର୍ଜ୍ଜର, ଗୌଡ଼, ଦ୍ରାବିଡ଼, ଓଡ୍ର, ଅନ୍ତର୍ବେଦୀ, ଚେଦୀ, କାଞ୍ଚି, କୁଞ୍ଚିକା, ପାଞ୍ଚାଳ, ସୁରାଷ୍ଟ୍ର, ମହାରାଷ୍ଟ୍ର, ଶବର, ଲୋହାବର, ଖଶରଣ, କୋଙ୍କଣ, ଶବରୂପ, କାମରୂପ, ହରିଗର୍ଭ, ବିଦର୍ଭ, ଦୁର୍ମଠ, ବଠ, କୀକଟ, ଦୋରଙ୍ଗଣ, ଟଂଗଣ, ନାଠ, ଭୋଟ, କରାଟ, କରହାଟ, କର୍ଣ୍ଣାଟ, କୁନ୍ତିକା, ଅବନ୍ତୀ, କର୍ଣ୍ଣକୁବ୍ଜ, କାନ୍ୟକୁବ୍ଜ, ଭୋଜ, କମ୍ବୋଜ, ଠେକ, ତୁଖାର, ବିହାର, ବନହାର, ରାଜଗୃହ, ବିଦେହ, ବାହ୍ଲିକ, ଚଚରୀକ, ନିଗର୍ଭ, ନିଘର୍ଣ୍ଣାଦିଷୁ, ଦେଶେଷୁ ଏତାଃ ପ୍ରଚରନ୍ତୀତି ॥

Digitized by srujanika@gmail.com

ଅଥ ପ୍ରଚରତ୍ତାଂ ଦ୍ୱିଚତ୍ୱାରିଂଶଦ୍ରାଗାଣାଂ ପୁଂସ୍ତ୍ରୀଂଭେଦେନ ନାମାନ୍ୟାହ—

ପ୍ରଚଳିତ ରାଗମାନଙ୍କ ମଧ୍ୟରେ ସ୍ତ୍ରୀ ଓ ପୁରୁଷ ଭେଦ—

ମାଳବଶ୍ଚୈବ ମହ୍ଲାରଃ ଶ୍ରୀରାଗଶ୍ଚ ବସନ୍ତକଃ ।
ହିନ୍ଦୋଳଶ୍ଚାଥ କର୍ଣ୍ଣାଟ ଏତେ ରାଗାଃ ଷଡ଼ୀରିତାଃ ।୫।

ଅନୁବାଦ

ମାଳବ, ମହ୍ଲାର, ଶ୍ରୀରାଗ, ବସନ୍ତ, ହିନ୍ଦୋଳ (ହିନ୍ଦୋଳ) ଓ କର୍ଣ୍ଣାଟ—ଏହି ଛଅଗୋଟି ପୁରୁଷ ରାଗ ।

ଅଥୈଷାଂ ପ୍ରତ୍ୟେକଂ ସ୍ତ୍ରୀ ସଂଖ୍ୟା ସ୍ତ୍ରୀ ନାମାନି ଚାହ—

ଏମାନଙ୍କର ସ୍ତ୍ରୀ ନାମ ଓ ସଂଖ୍ୟା—

ଧନାସୀ ମାଳଶ୍ରୀ ଚୈବ ରାମକେରୀ ଚ ସିନ୍ଧୁଡ଼ା ।
ଅଶ୍ୱବାରୀ ଭୈରବୀ ଚ ମାଳବସ୍ୟ ପ୍ରିୟାଇମାଃ ।୬।

ଅନୁବାଦ

ଧନାସୀ, ମାଳଶ୍ରୀ (ମାଳସୀ), ରାମକେରୀ, ସିନ୍ଧୁଡ଼ା, ଅଶ୍ୱବାରୀ ଓ ଭୈରବୀ—ଏମାନେ ମାଳବ ରାଗର ସ୍ତ୍ରୀ ।

ବେଲାବଳୀ ଚ ପୂରବୀ କାନଡ଼ା ମାଧବୀ ତଥା ।
କୋଡ଼ା କେଦାରିକାଚୈବ ମହ୍ଲାର-ଦୟିତା ଇମାଃ ।୭।

ଅନୁବାଦ

ମହ୍ଲାର ରାଗର ସ୍ତ୍ରୀ—ବେଲାବଳୀ, ପୂରବୀ, କାନାଡ଼ା, ମାଧବୀ କୋଡ଼ା ଓ କେଦାରିକା ।

ଶ୍ରୀ ଗାନ୍ଧାରୀ ଚ ସୁଭଗା ଗୌଡ଼ୀ କୌମାରିକା ତଥା ।
ବେଲୋୟାରୀ ଚ ବୈରାଗୀ ଶ୍ରୀ ରାଗସ୍ୟ ହିପ୍ରିୟଃ ସ୍ମୃତାଃ ।୮।

Digitized by srujanika@gmail.com

ଅନୁବାଦ

ଶ୍ରୀ ରାଗର ସ୍ତ୍ରୀ-ଗାନ୍ଧାରୀ, ସୁଭଗା, ଗୌଡ଼ୀ, କୌମାରିକା, ବେଲୋ-ୟାରୀ ଓ ବୈରାଗୀ ।

ତୋଡ଼ୀ ଚ ପଞ୍ଚମୀ ଚୈବ ଲଳିତା ପଠମଞ୍ଜରୀ ।
ଗୁର୍ଜ୍ଜରୀ ଚ ବିଭାଷା ଚ ବସନ୍ତଦୟିତା ଇମାଃ ।୯।

ଅନୁବାଦ

ବସନ୍ତ ରାଗର ସ୍ତ୍ରୀ—ତୋଡ଼ୀ, ପଞ୍ଚମୀ, ଲଳିତା, ପଟ୍ଟମଞ୍ଜରୀ, ଗୁର୍ଜ୍ଜରୀ ଓ ବିଭାଷା ।

ମାୟୂରୀ ଦୀପିକା ଚୈବ ଦେଶକାରୀ ଚ ପାହିଡ଼ା ।
ବରାଡ଼ୀ ମାରହାଠୀ ଚ ଏତା ହିନ୍ଦୋଳ ଯୋଷିତଃ ।୧୦।

ଅନୁବାଦ

ହିନ୍ଦୋଳ (ହିନ୍ଦୋଳ) ରାଗର ସ୍ତ୍ରୀ—ମୟୂରୀ, ଦୀପିକା, ଦେଶକାରୀ, ପାହିଡ଼ା, ବରାଡ଼ୀ ଓ ମାରହାଠୀ ।

ନାଟିକା ଚାଥ ଭୂପାଳୀ ରାମକେଳୀ ଗଡ଼ା ତଥା ।
କାମୋଦା ଚାଥ କଲ୍ୟାଣୀ କର୍ଣ୍ଣାଟସ୍ୟ ପ୍ରିୟାଇମାଃ ।୧୧।

ଅନୁବାଦ

କର୍ଣ୍ଣାଟ ରାଗର ସ୍ତ୍ରୀ—ନାଟିକା, ଭୂପାଳୀ, ରାମକେଳୀ, ଗଡ଼ା କାମୋଦ ଓ କଲ୍ୟାଣୀ ।

ଅଥ ରାଗାଣାଂ ପୁଂସ୍ତ୍ରୀବିବେଚନେ ନାରଦଃ ଫଳମାହ—

ନାରଦ ମତରେ ସ୍ତ୍ରୀ ପୁରୁଷ ହିସାବରେ ରାଗର ଫଳ—

ରାଗଚ୍ଛେଦାଳ୍ପେଚ୍ଛ ପୂର୍ବଂ ତତ୍ପତ୍ନୀଂ ତଦନନ୍ତରମ୍ ।
ଅନ୍ୟପତ୍ନୀ ନ ଗାତବ୍ୟା ନୃପାଜ୍ଞାୟାଂ ନ ଦୂଷଣମ୍ ।୧୨।

Digitized by srujanika@gmail.com

ଅନୁବାଦ

ପ୍ରଥମରେ ଯେଉଁ ରାଗରେ ଆଳାପ କରିବ, ସେଇ ରାଗର ରାଗିଣୀ ଗାଇବ । ଅନ୍ୟ ରାଗିଣୀ ଗାଇବ ନାହିଁ । କିନ୍ତୁ ରାଜାଙ୍କ ଆଦେଶରେ ଗାନ କଲେ ଏହା ଦୋଷାବହ ନୁହେ ।

ଅଥ ରାଗାଣାଂ ନିର୍ଣ୍ଣୟୋଽଶକ୍ୟ ଇତ୍ୟାହ—
ରାଗ ନିର୍ଣ୍ଣୟ କରିବା ଅସମ୍ଭବ—

ଅନୁବାଦ

ଦେଶେ ଦେଶେ ଭିନ୍ନନାମ୍ନାଂ ରାଗାଣାଂ ଚିତ୍ରନିର୍ଣ୍ଣୟମ୍ ।
କୋଽପି କର୍ତ୍ତୁଂ ନ ଶକ୍ନୋତି ନିରଣାପ୍ତି ନିତନ୍ତ୍ୟା ।୧୩।

ଅନୁବାଦ

ଦେଶ ଭେଦରେ ରାଗର ନାମ ଭିନ୍ନ ଭିନ୍ନ ହୁଏ । ତେଣୁ ରାଗତତ୍ତ୍ୱ ନିର୍ଣ୍ଣୟ ସମ୍ଭବପର ନୁହେ । ଏଣୁ ମୁଁ ମଧ୍ୟ ନିର୍ଣ୍ଣୟ କରିପାରୁ ନାହିଁ ।

ଅଥ ରାଗାଣାଂ ଷାଡ଼ବୌଡ଼ବ ସଂପୂର୍ଣ୍ଣ ଭେଦତ୍ରୟ କଥନମ୍—

ରାଗମାନଙ୍କର ଷାଡ଼ବ, ଓଡ଼ବର, ସମ୍ପୂର୍ଣ୍ଣଇତ୍ୟାଦି ଭେଦ –

ଷାଡବୌଡ଼ବ ସମ୍ପୂର୍ଣ୍ଣ ରାଗାଃ ସ୍ୟୁସ୍ତ୍ରିବିଧାମତାଃ ।
ଷଡ୍‌ଭିଃ ସ୍ୱରୈଃ ସମୁକ୍ତାଃ ଯେ ଷାଡ଼ବାସ୍ତେ ପ୍ରକୀର୍ତ୍ତିତାଃ
ପଞ୍ଚଭିଃସ୍ତୌଡ଼ବାଃ ପୂର୍ଣ୍ଣସ୍ୱରୈଃ ସମ୍ପୂର୍ଣ୍ଣକା ମତାଃ ।୧୪।

ଅନୁବାଦ

ଷାଡବ-ଓଡ଼ବ-ସମ୍ପୂର୍ଣ୍ଣ ଭେଦରେ ରାଗ ତିନିପ୍ରକାର । ଛଅ ସ୍ୱରରେ ହେଉଥିବା ରାଗକୁ ଷାଡ଼ବ କୁହନ୍ତି । ୫ ସ୍ୱରରେ ଓଡ଼ବ ଓ ସମ୍ପୂର୍ଣ୍ଣ ସ୍ୱର (୭ସ୍ୱର) ରେ ସମ୍ପୂର୍ଣ୍ଣ ରାଗହୁଏ ।

Digitized by srujanika@gmail.com

ଅଥ ଷାଡ଼ବୌଡ଼ବ ସମ୍ପୂର୍ଣ୍ଣ ରାଗାଣାଂ ଗାୟନ ଫଲମାହ—

ଷାଡ଼ବ, ଓଡ଼ବ, ସମ୍ପୂର୍ଣ୍ଣ ରାଗମାନଙ୍କର ଗାୟନ ଫଳ ।

ସଂଗ୍ରାମେ ଖାରତା ରୂପଲାବଣ୍ୟ ଗୁଣ-କୀର୍ତ୍ତନମ୍ (ନେ) ।
ଗାନେ ଷାଡ଼ବ-ରାଗାଣାଂ ଗଦନ୍ତଂ ପୂର୍ବ-ସୂରୟଃ ।୧୫।

ଅନୁବାଦ

ପୂର୍ବାଚାର୍ଯ୍ୟମାନେ କହିଛନ୍ତି ଯେ, ସଂଗ୍ରାମ, ଖାରତା, ରୂପ-ଲାବଣ୍ୟ, ଏବଂ ଗୁଣକୀର୍ତ୍ତନରେ ଷାଡ଼ବ ରାଗ ପ୍ରଯୁଜ୍ୟ ।

ବ୍ୟାଧିନାଶେ ଶତ୍ରୁନାଶେ ଭୟଶୋକ-ବିନାଶନେ ।
ଔଡ଼ବାସ୍ତୁ ପ୍ରଗାତବ୍ୟାଃ ଗ୍ରହଶାନ୍ତ୍ୟର୍ଥ କର୍ମଣୀ ।୧୬।

ଅନୁବାଦ

ରୋଗନାଶ, ଶତ୍ରୁନାଶ, ଭୟଶୋକ ବିନାଶ ଓ ଗ୍ରହଶାନ୍ତି କର୍ମରେ ଓଡ଼ବ ରାଗ ପ୍ରଶସ୍ତ ।

ଆୟୁ ଧର୍ମ ଯଶଃ କୀର୍ତ୍ତି ବୁଦ୍ଧି-ସୌଖ୍ୟ-ଧନାନି ଚ ।
ରାଜ୍ୟାଭିବୃଦ୍ଧିଃ ସନ୍ତାନଃ ପୂର୍ଣ୍ଣରାଗେଷୁ ଜାୟତେ ।୧୭।

ଅନୁବାଦ

ସମ୍ପୂର୍ଣ୍ଣ ରାଗରେ ଆୟୁଷ ବୃଦ୍ଧି ହୁଏ । ଧର୍ମ, ଯଶ, ସନ୍ତାନ, ବୁଦ୍ଧି, କୀର୍ତ୍ତି, ସୌଖ୍ୟ, ଧନ ଓ ରାଜ୍ୟ ପ୍ରାପ୍ତି ହୁଏ ।

ଅନ୍ୟେଽପି ସନ୍ତି ଭୂୟାଂସୋ ରାଗାଃ ସଂକୀର୍ଣ୍ଣଲକ୍ଷଣଃ ।
ଯେ ଯେ ଯଥା ଶ୍ରୁତା ଦେଶେ ଜ୍ଞେୟାସ୍ତେ ତେ ତଥା ବୁଧୈଃ ।୧୮।

Digitized by srujanika@gmail.com

ଅନୁବାଦ

ଏହାଛଡ଼ା ରାଗର ସଂକୀର୍ଣ୍ଣ ବୋଲି ଗୋଟିଏ ବିଭାଗ ଅଛି । ଏମାନଙ୍କର ସଂଖ୍ୟା ଅନେକ । ଯେଉଁ ଯେଉଁ ଦେଶରେ ଯେଉଁ ରାଗ ଖ୍ୟାତ ବା ପ୍ରଚଳିତ ପଣ୍ଡିତମାନେ ତାକୁ ସେଇଭଳି ଜାଣିବେ ।

ଅଥ ରାଗାଣାଂ ଧ୍ୟାନମାହ—

ରାଗର ଧ୍ୟାନ—

ନିତମ୍ବିନୀଚୁମ୍ବିତ ବକ୍ତ୍ର ପଦ୍ମଃ ଶୁକଦ୍ୟୁତିଃ କୁଣ୍ଡଳବାନ୍ ପ୍ରମତ୍ତଃ ।
ସଙ୍ଗୀତଶାଳାଂ ପ୍ରବିଶନ୍ ପ୍ରଦୋଷେ ମାଳାଧରୋ ମାଳବରାଗରାଜଃ ।୧୯।

ଅନୁବାଦ

ମାଳବ ରାଗ—ନାୟିକା ମୁଖ ଚୁମ୍ବନ କରୁଅଛି, କୁଣ୍ଡଳ ଓ ମାଳା ଧାରଣ କରିଅଛି । ଦେହର ବର୍ଣ୍ଣ ଶୁକ ପକ୍ଷୀପରି ଏବଂ ଅତ୍ୟନ୍ତ ମତ୍ତ ହୋଇ ସନ୍ଧ୍ୟାକାଳରେ (ସୂର୍ଯ୍ୟାସ୍ତ କାଳରେ) ସଙ୍ଗୀତ ଶାଳାରେ ପ୍ରବେଶ କରୁଅଛି ।

ନୀଲୋତ୍ପଳଂ କର୍ଣ୍ଣପୁଟେ ଦଧାନା ଶ୍ୟାମା ସୁକେଶୀ ଚ ସୁମଧ୍ୟଭାଗା ।
ଈତତ୍ସ୍ତ୍ରହାସାମ୍ବୁଜଯୁଗ୍ମରମ୍ୟା ଧନାସୀ ସା ପଦ୍ମସୁରକ୍ତନେତ୍ରା ।୨୦।

ଅନୁବାଦ

ଧନାଶ୍ରୀ ରାଗ—ଅଳସୀ ଫୁଲ ପରି ଦେହର ବର୍ଣ୍ଣ । ସୁକେଶୀ, କଟୀ ମଧ୍ୟମା, କାନରେ ଦୁଇଟି ନଳକଇଁ ଖୋସା ହୋଇଛି, କମଳ, ନୟନା, ମନ୍ଦହାସରେ ଯାହାର ମୁଖ ମନୋହର ହୋଇଛି ।

କରେ ଦଧତାମ୍ବୁଜ ପୁଷ୍ପରମ୍ୟା ଚେତନ୍ତ୍ରଚଣ୍ଡାରୁ ବଳେନ୍ଦ୍ରପୂର୍ଣ୍ଣୀ ।
କଣ୍ଠେ ଚ ରତ୍ନୌକ୍ତିକହାରବଦ୍ଧା ଯା ମାଲସୀ ସଂକଥିତା ବଚସା ।୨୧।

Digitized by srujanika@gmail.com

ଅନୁବାଦ

ମାଳଶ୍ରୀ—ଶ୍ୱେତ ବେଶା, ଦୁଇ କରରେ ଦୁଇଟି ପଦ୍ମଫୁଲ ଧରି ବୃକ୍ଷମୂଳେ ଥାଏ, କଣ୍ଠରେ ମୁକ୍ତା ଓ ରତ୍ନହାର—ଏଣେ ତେଣେ ଶ୍ୱେତ ଥାଏ।

ପ୍ରତପ୍ତଚାମୀକର-ଗୌରବର୍ଣ୍ଣା କର୍ଣ୍ଣାବତଂସ କମଳଂ ବହନ୍ତୀ ।
ପୌଷ୍ପଂ ଧନୁଃ ପୌଷ୍ପଶରଂ ଦଧାନା ଚନ୍ଦ୍ରାନନା ଶ୍ରୀମକରଶ୍ଚ ପ୍ରଦିଷ୍ଟା ।୨୨।

ଅନୁବାଦ

ମକରଶ୍ରୀ—ଫୁଲଧନୁ ଓ ଫୁଲଶର ଧରିଅଛି । ତପ୍ତକାଞ୍ଚନ ପରି ଦେହ, କାନରେ ପଦ୍ମଫୁଲ ଦ୍ୱାରା ଭୂଷିତ ହୋଇଥିବା ଚନ୍ଦ୍ରପରି ମୁଖମଣ୍ଡଳ ଶୋଭା ପାଉଅଛି ।

ସଚନ୍ଦ୍ରନୀଳଦ୍ୟୁତିରମ୍ବୁଜାକ୍ଷୀ ପ୍ରବାଦୟନ୍ତୀ କପିଳାସଯନ୍ତ୍ରମ୍ ।
ଶ୍ୱେତାମ୍ବରାହ୍ୱାଭରଣା ସୁକେଶୀ ସା ସିନ୍ଧୁଡ଼ା କାନ୍ତସମୀପସଂସ୍ଥା ।୨୩।

ଅନୁବାଦ

ସିନ୍ଧୁଡ଼ା—କପିଳାସ ଯନ୍ତ୍ର ବଜାଉଅଛି । ଇନ୍ଦ୍ରନୀଳମଣି ପରି କାନ୍ତି, ପଦ୍ମନୟନା, ଶ୍ୱେତାମ୍ବରରତ୍ନଆଭରଣଯୁକ୍ତା, ସୁକେଶୀ, କାନ୍ତ ନିକଟରେ ବସିଥାଏ ।

ଜବା-ପ୍ରସୂନ-ଦ୍ୟୁତି ରମ୍ୟବକ୍ତ୍ରା ଶୁକଂ ଚ ପଦ୍ମଂ କରୟୋର୍ଦଧାନା
କ୍ଷୌମାଂଶୁକାଚ୍ଛାଦିତଗାତ୍ରୟଷ୍ଟିର୍ମତା ବରିଷ୍ଠା କଥିତାଽଶ୍ୱବାଣୀ ।୨୪।

ଅନୁବାଦ

ଅଶ୍ୱବାଣୀ (ଆଶାବରୀ)—ମୁଖର ବର୍ଣ୍ଣ ଜବାକୁସୁମ ପରି, ଗୋଟିଏ ହାତରେ ଶୁଆ ଆଉ ଗୋଟିଏ ହାତରେ ପଦ୍ମଫୁଲ ଧରିଥାଏ, ରେଶମ ପାଟର ସୁନ୍ଦର ବସ୍ତ୍ର ପିନ୍ଧିଥାଏ ।

Digitized by srujanika@gmail.com

ଚନ୍ଦ୍ରପ୍ରଭା ଗୁରୁମୁଖୀ ସୁନେତ୍ରା ବିଦ୍ୟାଧରା ନୃତ୍ୟକଳାଂ ବହନ୍ତୀ ।
ପୀକଧ୍ୱନିଃଶବ୍ଦ ମନୋହରାଙ୍ଗୀ ସା ଭୈରବୀପୂର୍ବଂ କଥିତା ମୁନୀନ୍ଦ୍ରୈଃ ।୨୫।

ଅନୁବାଦ

ଭୈରବୀ—ଚନ୍ଦ୍ରପ୍ରଭା, ଗୁରୁମୁଖୀ, ସୁନୟନା, ବିଦ୍ୟାଧରା, ନୃତ୍ୟ-କଳା-ବହନ୍ତ (ଗନ୍ଧର୍ବ ରମଣୀ ପରି) ନୃତ୍ୟକଳା-କୁଶଳା, ପୀକ କଣ୍ଠୀ, ଲାବଣ୍ୟମୟୀ ।

ବିହାରଶୀଳୋଽତି ସୁକାନ୍ତମୂର୍ତ୍ତିଃ କାନ୍ତାପ୍ରିୟୋ ଧାର୍ମିକବୃତ୍ତିଶୀଳଃ ।
କାମାତୁରଃ ପିଙ୍ଗଳ ନେତ୍ରଯୁଗ୍ମୋ ମହ୍ଲାର ରାଗଃ କୁସୁମପ୍ରିୟଶ୍ଚ ।୨୬।

ଅନୁବାଦ

ମହ୍ଲାର—ମନୋହର ମୂର୍ତ୍ତି, ନାୟିକାପ୍ରିୟ, ସ୍ୱଭାବଧାର୍ମିକ, କାମାତୁର, ପିଙ୍ଗଳନେତ୍ର, ବିହାରଶୀଳ ଏବଂ କୁସୁମପ୍ରିୟ ।

ସଙ୍କେତପାତ୍ରାଂ ଦୟିତସ୍ୟ ଦତ୍ତ୍ୱା ବିତନ୍ୱତୀ ଭୂଷଣମଙ୍ଗସଙ୍ଗୈଃ ।
ମୁହୁଃ ସ୍ମରନ୍ତୀ ସ୍ମରମିଷ୍ଟଦେବଂ ବେଲାବଳୀ ନୀଳସରୋଜକାନ୍ତିଃ ।୨୭।

ଅନୁବାଦ

ବେଲାବଳୀ—ନାୟକକୁ ସଙ୍କେତ ଦେଉଥାଏ, ଅଙ୍ଗରେ ଭୂଷଣମାନ ପିନ୍ଧୁଥାଏ । ମୁହୁର୍ମୁହୁ କନ୍ଦର୍ପକୁ ସ୍ମରଣ କରୁଥାଏ, ନୀଳକଇଁ-ପରି ଏହାର କାନ୍ତି ।

ସ୍ୱକାନ୍ତ-ସମ୍ପାଦିତ ଭୂରିପତ୍ରାବଳୀଂ ବହନ୍ତୀ କୁଚକୁମ୍ଭଯୁଗ୍ମେ ।
ଦୂର୍ବାଦଳଶ୍ୟାମତନୁଃ ସକାମା ପ୍ରାଣାଧିକା ସା ପୂରବୀ ପ୍ରଦିଷ୍ଟା ।୨୮।

ଅନୁବାଦ

ପୂରବୀ—ନିଜର କାନ୍ତଦ୍ୱାରା ଉଚ୍ଚ କୁଚଯୁଗଳରେ ପତ୍ରାବଳୀ ଲିଖିତ ହୋଇଥାଏ, ଦୂର୍ବାଦଳପରି ଶ୍ୟାମଳ ତନୁ, କାମ-ବିଭୋଳା, ନିଜ ନାୟକର ପ୍ରାଣାଧିକା ଅଟେ ।

Digitized by srujanika@gmail.com

ଅଶୋକବୃକ୍ଷସ୍ୟ ତଳେ ନିଷଣ୍ଣା ବିୟୋଗିନୀ ଲାସ୍ୟ-କଳାନ୍ବିତାଙ୍ଗୀ ।
ବିଭୂଷଣାଢ୍ୟା ଜଟିଳେ କବେଣୀ ସା କାନଡ଼ା ହେମଲତେବ ତନ୍ୱୀ ।୨୯।

ଅନୁବାଦ

କାନଡ଼ା—କନକଲତା ପରି ସୁନ୍ଦରୀ, କୃଶାଙ୍ଗୀ, ସୁନ୍ଦର ବେଣୀ, ଶୋଭିତା, ବସ୍ତ୍ରଭୂଷଣ ମଣ୍ଡିତା, ଲାସ୍ୟ-ନୃତ୍ୟ କୁଶଳା, ବିୟୋଗିନୀ ନାରୀ ।

ପାଠାନ୍ତରେ :—"ଅବିୟୋଗିନୀ" ଅର୍ଥାତ୍ ସର୍ବଦା ନାୟକର ସଙ୍ଗିନୀ ।

ସଂଚିନ୍ତ୍ୟ ସଂଗ୍ରନ୍ଥ୍ୟ ଗଳେ ଦଧାନା ପ୍ରସୂନମାଳାଂ ଦୟିତସ୍ୟ ବାଳା ।
ଗୌରୀ ସୁକାନ୍ତାନନଚୁମ୍ବିତାସ୍ୟା ସା ମାଧବୀ ମାଧବୀକା ନିକୁଞ୍ଜେ ।୩୦।

ଅନୁବାଦ

ମାଧବୀ—ଗୌରାଙ୍ଗୀ, ଉତ୍ତମ ନାୟକ ଦ୍ୱାରା ମୁଖ ଚୁମ୍ବିତା, ଷୋଡ଼ଶୀ, କୁସୁମମାଳା ଗୁନ୍ଥି ଥରକୁ ଥର ଦୟିତ ଗଳାରେ ପିନ୍ଧାଇ ମାଧବୀ ଲତା କୁଞ୍ଜରେ ବସି ରହିଥାଏ ।

ସନ୍ତ୍ରୁପିଂ ବାଦୟତଃ ସ୍ୱଭର୍ତ୍ତୁର୍ଯା ଲାସ୍ୟମଭ୍ୟସ୍ୟତି ସଂମୁଖସ୍ଥା ।
ସଦୈବ ତାଳାରହିତା ଚ ବାଳା କୋଡ଼ା କରାଳାଭ୍ରମିତା
ସ୍ମୃତା ସା ।୩୧।

ଅନୁବାଦ

କୋଡ଼ା—ଉତ୍ତମ କଚ୍ଛପୀ ବୀଣା ବାଦନ ଶୀଳା ସର୍ବଦା ତାଳ ବିଗୁଚରଣ, ନିଜର ନାୟକ ସମୁଖରେ ଲାସ୍ୟନୃତ୍ୟ ଅଭ୍ୟାସ କରୁଥାଏ ଏବଂ କରାଳ ଭ୍ରମରେ (ଭଉଁରୀ ନୃତ୍ୟ) ଆଚରଣ କରୁଥିବା ଷୋଡ଼ଶୀ ।

ସ୍ନାତ୍ୱା ସମୁତ୍ତୀର୍ଣ୍ଣବଶା ସୁଦେହା କେଶାଗ୍ରନିଃସ୍ୟନ୍ଦିତବାରିବିନ୍ଦୁଃ ।
ନିଷ୍ପିଡ଼ୟନ୍ତୀ ସ୍ମିତିମିତାଂଶୁକାନ୍ତଂ କେଦାରିକା ବ୍ୟକ୍ତପୟୋଧରଶ୍ରୀଃ ।୩୨।

Digitized by srujanika@gmail.com

ଅନୁବାଦ

କେଦାରୀକା—ସୁନ୍ଦରୀ ରମଣୀ ସ୍ନାନ ସାରି ଉଠି ଆସିଛି, କେଶ ଅଗ୍ରରୁ ବିନ୍ଦୁ ବିନ୍ଦୁ ଜଳ ଖସି ପଡ଼ୁଛି, ଓଦା କାନି ଚିପୁଡ଼ୁଛି, କୁଚ ଯୁଗଳ ଫୁଟି ଦିଶୁଛି ।

ଲୀଳା ବିହାରେଣ ବନାନ୍ତରାଳେ ଚିନ୍ୱନ୍ ପ୍ରସୂନାନି ବଧୂସହାୟଃ ।
ବିଳାସିବେଶୋଦିତଦିବ୍ୟମୂର୍ତ୍ତିଃ ଶ୍ରୀରାଗ ଏଷ ପ୍ରଥିତଃ ପୃଥିବ୍ୟାମ୍ ।୩୩।

ଅନୁବାଦ

ଶ୍ରୀରାଗ—ଦିବ୍ୟ ବିଳାସ ବେଶଧାରୀ, ନିଜର ପତ୍ନୀ ସହିତ ବନ ମଧ୍ୟରେ ଲୀଳା ଖେଳା କରି କୁସୁମଚୟନ କରୁଅଛି ।

ସନ୍ଧ୍ୟାକାଳେ ବେଶ୍ମନି ପ୍ରାଣବନ୍ଧୋ ସ୍କନ୍ଧେ ବୀଣାଂ ବାଦୟନ୍ତୀ ଦଧାନା ।
ତାରହାରାଧାରୁଚିତ୍ରାନୁରାଗୀ ସ୍ତ୍ରୀ ଗାନ୍ଧାରୀ ଗନ୍ଧମାଲ୍ୟା ନିଶାନ୍ତେ ।୩୪।

ଅନୁବାଦ

ଗାନ୍ଧାରୀ ରାଗିଣୀ—ଗୈରିକ ଅଙ୍ଗରେ ତିଳକ ଘେନିଥାଏ । ହସ୍ତରେ ଗନ୍ଧ, ଚନ୍ଦନ, ପୁଷ୍ପମାଳା ଧାରଣ କରେ, ଗଳାରେ ମୁକ୍ତାହାର ପିନ୍ଧିଥାଏ । ସନ୍ଧ୍ୟା କାଳରେ ନିଜର ପ୍ରାଣବନ୍ଧୁଙ୍କ ଶୟନ କକ୍ଷରେ ଥାଇ କାନ୍ଧରେ ବୀଣାଧରି ବଜାଏ ।

ରସପଦାର୍ଥ-ବିବେଚନକୌତୁକଂ ବେଦଧତି କବିତୋଚିତସଂସଦି ।
ସ୍ୱକବିତାମୃତଭାବନତତ୍ପରା ଭଗବତୀ ସୁଭଗା ସମୁଦୀରିତା ।୩୫।

ଅନୁବାଦ

ଶୁଭଗା ରାଗିଣୀ—ଅଷ୍ଟୈଶ୍ୱର୍ଯ୍ୟଶାଳିନୀ ସୁଭଗା ରସ ବିବେଚନା ପୂର୍ବକ, ଅର୍ଥ ବିସ୍ତାରରେ କୌତୁକୀ ଓ କବିତା ସଂସଦରେ ସ୍ୱରଚିତ— କବିତାର ଭାବନାରେ ମୁଗ୍ଧ ।

Digitized by srujanika@gmail.com

ପୁଷ୍ପୋଦ୍ୟାନେଷ୍ୱାର୍ଦ୍ଧମାଲ୍ୟକଳାପୈଃ କ୍ରୀଡ଼ନ୍ତୀୟଂ କୋକିଳା କାକଳୀଭିଃ ।
ବାମା ଶ୍ୟାମା ସଦ୍‌ଗୁଣପ୍ରେମସୀମା ଗୌଡ଼ୀ ଗୌରୀ ଗୌରବେଶା ପ୍ରଦିଷ୍ଟା ।୩୬।

ଅନୁବାଦ

ଗୌଡ଼ୀ—ଗୌରବର୍ଣ୍ଣା ବାମା, ଶ୍ୟାମା, ଅଶେଷ ସଦ୍‌ଗୁଣାବଳୀ ସହଚରୀମାନଙ୍କ ସହିତ ପୁଷ୍ପ ବାଟିକାରେ (ଉଦ୍ୟାନର) କୋଇଲିର ମଧୁର ଧ୍ୱନି ସହିତ କ୍ରୀଡ଼ାନିରତା ।

ଅଟ୍ଟାଳିକାୟାଂ ସ୍ଫୁଟ କୌମୁଦୀଭିଃ ପ୍ରକାଶିତାୟାଂ ରଜନୀବିହାରେ ।
ଦ୍ୟୂତାପ୍ସୁ କାନ୍ତେନ ସମଂ ବସନ୍ତ କୌମାରିକା କାମକଳାଂ ବହନ୍ତୀ । ।୩୭।

ଅନୁବାଦ

କୌମାରିକା ରାଗିଣୀ—ଚନ୍ଦ୍ରକିରଣରେ ଅଟ୍ଟାଳିକା ଉପରେ ନାୟକ ସହିତ କାମକଳା ନିପୁଣା କୁମାରୀ ପଶା ଖେଳରେ ରତ ଅଛନ୍ତି ।

ଗୌରୀ ପାଦାମ୍ଭୋଜକାବର୍ଚ୍ଚୟନ୍ତୀ ଗାନ୍ଧର୍ବୀଭିଃ ରମ୍ୟସାନୁପ୍ରଦେଶେ ।
ନାନାରତ୍ନୋପାୟନୈର୍ଭକ୍ତିଯୁକ୍ତା ବେଲେୟାରୀ କଥ୍ୟତେ
ବାଳକେୟମ୍ ।୩୮।

ଅନୁବାଦ

ବେଲୋୟାରୀ ରାଗିଣୀ—ଗୌରୀ (ଦଶ ବର୍ଷୀୟା କନ୍ୟା) ମେରୁ ପର୍ବତର ଅତ୍ୟନ୍ତ ସୁବାସିତ ସ୍ଥାନରେ ଗନ୍ଧର୍ବକନ୍ୟାମାନଙ୍କ ସହିତ ପୂଜା ପୁଷ୍ପ ନେଇ (ରତ୍ନ ଉପହାର ସହ) ପାର୍ବତୀଙ୍କ ପାଦପଦ୍ମ ଭକ୍ତିରେ ପୂଜା କରୁଅଛି ।

ଉଲ୍ଲାସୟନ୍ତୀ ଯତ କେଶବର୍ଣ୍ଣଂ ସୁମାଙ୍ଗମାଳ ବିଶେଷକାନ୍ତ୍ୟା ।
ଶୃଙ୍ଗାଧୀପତ୍ରାଣ ନିବନ୍ଧନଜ୍ଞା ବୈରାଗୀଣୀୟଂ କଥିତା ମନୋଜ୍ଞା ।୩୯।

Digitized by srujanika@gmail.com

ଅନୁବାଦ

ବୈରାଗୀ ରାଗିଣୀ—ମାଳତୀ ପୁଷ୍ପମାଳରେ ଆପଣାର କେଶ ବେଶ ସଜାଡ଼ି ସୁନ୍ଦରୀ, ଗୃହସ୍ୱାମୀ (ନାୟକ) ପ୍ରାଣକୁ ଉତ୍ତମରୂପେ ବନ୍ଧନ କରି ଜାଣେ ।

ଚୂତାଙ୍କୁରେଣୈବ କୃତାବତଂସୋ ବିଘୂର୍ଣ୍ଣମାନାରୁଣ-ପଦ୍ମନେତ୍ରଃ ।
ପୀତାମ୍ବରଃ କାଞ୍ଚନ ଗୌରଦେହୋ ବସନ୍ତରାଗୋ ଯୁବତି-ପ୍ରିୟଶ୍ଚ ।୪୦।

ଅନୁବାଦ

ବସନ୍ତ ରାଗ—ପୀତବର୍ଣ୍ଣ (ପୀତବାସ) ପରିହିତ ସୁବର୍ଣ୍ଣ କାନ୍ତି, ଯୁବତୀପ୍ରିୟ, ଆମ୍ବ ବଉଳ କର୍ଣ୍ଣରେ ଭୂଷଣ କରି ରକ୍ତ ପଦ୍ମନେତ୍ର ଘୂମାଇଲ୍ ପରି କରୁଥାଏ ।

ଉନ୍ନିଦ୍ର-ପଙ୍କେରୁହ-ଗୌରନେତ୍ରା କୁରଙ୍ଗଶାବଂ କଳମାଙ୍କୁରେଣ ।
ସମ୍ଭାବୟନ୍ତୀ ବିପିନୋପକଣ୍ଠେ ତୋଡ଼ୀୟମିନ୍ଦୀବରଦାମରମ୍ୟା ।୪୧।

ଅନୁବାଦ

ତୋଡ଼ୀରାଗିଣୀ—ଫୁଟିଲ୍ ପଦ୍ମ ପାଖୁଡ଼ା ପରି ଆଖି, ଗଳାରେ ନୀଳକଇଁ ମାଳା ପିନ୍ଧି ବଣ ନିକଟରେ କଅଁଳ ଧାନଗଛ ଗୁଡ଼ାଏ ଦେଇ ମୃଗ ଶିଶୁକୁ ଖୁଆଉଥାଏ ।

ସଙ୍ଗୀତ ଗୋଷ୍ଠୀଷୁ ଗରିଷ୍ଠଭାବଂ ସମାଶ୍ରିତା ଗାୟକ ସମ୍ପ୍ରଦାୟୈଃ ।
ଝଙ୍କା କ୍ୱଣନ୍ନୂପୁରପାଦରମ୍ୟା ସା ପଞ୍ଚମୀ ପଞ୍ଚମ ବେଦବଜ୍ଞା ।୪୨।

ଅନୁବାଦ

ପଞ୍ଚମୀ ରାଗ—ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ପ୍ରଧାନ । ପାଦରେ ଧ୍ୱନି କରୁଥିବା ନୂପୁର ଶୋଭା ପାଉଅଛି । ଝଙ୍କାରନ୍ତୁ, ପଞ୍ଚମବେଦ ଅର୍ଥାତ୍ ସଙ୍ଗୀତ ଶାସ୍ତ୍ରଜ୍ଞ ଗାୟକ ସମ୍ପ୍ରଦାୟରେ ପରିବେଷ୍ଟିତ ହୋଇଅଛି ।

Digitized by srujanika@gmail.com

ଶିଖିନକେଶଚୟସ୍ୟ ସୁସଂଯମଂ ବଦଧତୀ ଶୟ୍ୟୋତ୍ଥିତବତ୍ୟ ସୌ ।
ବଲୁଳିତାଳକବଲ୍ଲିବୃତାନନା ସୁଲଳିତା ଲଳିତା କଳିତା ବୁଧୈଃ ।୪୩।

ଅନୁବାଦ

ଲଳିତା—ଶେଜରୁ ଉଠି ଆସି ବସିଛନ୍ତି । ମୟୂର ପୁଚ୍ଛ ପରି କେଶ ବାନ୍ଧିଛନ୍ତି । ଚୂର୍ଣ୍ଣ କୁନ୍ତଳ ମୁଖ ଢାଙ୍କି ଦେଉଛି । ପଣ୍ଡିତମାନେ ଏହାଙ୍କୁ ସୁଲଳିତା ବୋଲି କୁହନ୍ତି ।

ସଖୀକଳାପୈଃ ପରିହାସଶୀଳା କ୍ୱଚିତ୍ ସମସ୍ୟାଂ ପରିପୂରୟନ୍ତୀ ।
ପତ୍ରାବଳୀଂ ସତ୍କମଲଂ ବହନ୍ତୀ ସଦ୍‌ସୂକ୍ତିଶୀଳାଂ ପଠମଞ୍ଜରୀୟମ୍ ।୪୪।

ଅନୁବାଦ

ପଠମଞ୍ଜରୀ—ସଖୀମାନଙ୍କ ସହ ପରିହାସ କରନ୍ତି, ନାନା ସମସ୍ୟା ପୂରଣ କରିବାରେ ନିପୁଣା, ଅଙ୍ଗରେ ପତ୍ରାବଳୀ ରଚିତ ହୋଇଅଛି, ପଦ୍ମ-ଫୁଲ ଧରିଅଛି—ଉତ୍ତମ ସୂକ୍ତିତର୍କ ନିପୁଣା ।

କର୍ଣ୍ଣୋତ୍ପଳାଲମ୍ବିମଧୁବ୍ରତାନାଂ ସୁଶୃଣ୍ୱତୀ ମଞ୍ଜୁଳକୂଜିତାନି ।
କାନ୍ତାନ୍ତିକଂ ଗନ୍ତୁମନା ପ୍ରଦୋଷେ ସା ଗୁଞ୍ଜରୀ ବେଶକଳାଞ୍ଚିତାଙ୍ଗୀ ।୪୫।

ଅନୁବାଦ

ଗୁଞ୍ଜରୀ—କାନରେ ନୀଳକମଳ ଖୋସିଛି, ତା'ଉପରେ ଭ୍ରମର ବସିଛନ୍ତି । ତା'ର ଗୁଞ୍ଜନ ଶୁଣୁଛି, ସନ୍ଧ୍ୟାକାଳରେ କାନ୍ତ ନିକଟକୁ ଅଭିସାର କରୁଅଛି, ସୁବେଶା ସଜ୍ଜିତା ହୋଇ ।

ଅଧ୍ୟାପୟନ୍ତୀ ନିଜଶିଷ୍ୟବର୍ଗଂ ସଙ୍ଗୀତଶାସ୍ତ୍ରାଣି ବହୂରୟନ୍ତ ।
ମନୋହର ହାରଲତାଭିରାମା ସମସ୍ତଭାଷାକୁଶଳା ବିଭାଷା ।୪୬।

Digitized by srujanika@gmail.com

ଅନୁବାଦ

ବହୁଭାଷା—ବିବିଧ ଭାଷା ଜାଣେ । ଉତ୍ତମ ଗୀତଶାସ୍ତ୍ରର ବିସ୍ତର-ବର୍ଣ୍ଣ, ସୁନ୍ଦର ମୁକ୍ତାମାଳା ଗଳାରେ ଲତାପରି ଶୋଭା ପାଉଛି । ସେ ନିଜ ଶିଷ୍ୟମାନଙ୍କୁ ପଢ଼ାଉଛି ।

ହାଳାବିଳାସେନ ପଠନ୍ ପୃଥିବ୍ୟାଂ ରୁଷାର୍ପିତସ୍ତରକ୍ଷଣମାଲବୃନ୍ଦୈଃ ।
ଉଲ୍ଲୋଳୟନ୍ ଗୀତରସୈର୍ବିଦଗ୍ଧାନ୍ ହିଲ୍ଲୋଳ ରାଗଃ କଥିତୋ
ବିଦଗ୍ଧୈଃ ।୪୭।

ଅନୁବାଦ

ହିଲ୍ଲୋଳ (ହିନ୍ଦୋଳ) ମଦିରା ପାନକରି ଭୂଇଁରେ ଲେଟି ଯାଉଛି, ସଙ୍ଗେ ସଙ୍ଗେ (ସାମାନ୍ୟ କାରଣରୁ) ସଖୀମାନଙ୍କ ଉପରେ ରାଗିଯାଉଛି । ଗୀତରସଦ୍ୱାରା ପଣ୍ଡିତମାନଙ୍କୁ ଆନନ୍ଦ ଦାନ କରି ଚଞ୍ଚଳ କରାଇଦେଉଛି ।

ମୟୂରକେକାଶ୍ରବଣୋଲ୍ଲସନ୍ତୀ ମୟୂରିକାଂ ବୀକ୍ଷ୍ୟ ମୁଦଂ ବହନ୍ତୀ ।
ମୟୂରିକାପିଚ୍ଛଭରଂ ଦଧାନା ମୟୂରିକା ସଂକଥିତା ଗୁଣଜ୍ଞୈଃ ।୪୮।

ଅନୁବାଦ

ମୟୂରିକା—ମୟୂର ସ୍ୱନ ଶୁଣି ଉଲ୍ଲସିତ ହେଉଅଛି । ମୟୂର ଦେଖି ଆନନ୍ଦ ହେଉଅଛି । ଗୁଡ଼ାଏ ମୟୂର ପୁଚ୍ଛ ଧରିଅଛି । ପଣ୍ଡିତମାନେ ଏହାକୁ ମୟୂରିକା ରାଗିଣୀ କୁହନ୍ତି ।

ପ୍ରଦୋଷକାଳେ ଗୃହଦେହଳୀସ୍ଥ ପ୍ରସନ୍ନପଦ୍ମାରୁଣ ଗାତ୍ରଯଷ୍ଟିଃ ।
ସୀମନ୍ତସିନ୍ଦୂରବିରାଜମାନା ସୁଗନ୍ଧିମାଲ୍ୟା କିଲ ଦୀପିକେୟମ୍ ।୪୯।

ଅନୁବାଦ

ଦୀପିକା—ସନ୍ଧ୍ୟାକାଳରେ ଦେହଳୀ (ଘରର ଏରୁଣ୍ଡି ବନ୍ଧରେ) ଉତ୍ତମ ଦୀପଟିଏ ଧରି ବସିଛି । ଦେହର ବର୍ଣ୍ଣ ଅରୁଣ ବର୍ଣ୍ଣ ପରି । ମୁଣ୍ଡରେ ସିନ୍ଦୂର ଦେଇଛି, ଉତ୍ତମ ମାଳ ଧାରଣ କରିଅଛି ।

Digitized by srujanika@gmail.com

ସାର୍ଦ୍ଧଂ ସଖିଭିର୍ବିଜନେ ବସନ୍ତୀ ବିଶଦ ବକ୍ଷୋଜଯୁଗକ୍ଷତାନି ।
ନିରୀକ୍ଷମାଣା ମଣିଦର୍ପଣେଷୁ ସା ଦେଶକାରୀ କଥିତା ଗୁଣଜ୍ଞୈଃ ।୫୦।

ଅନୁବାଦ

ଦେଶକାରୀ—ସଖୀମାନଙ୍କ ସହ ଏକାନ୍ତରେ ବସିଛି । ମଣି-ଦର୍ପଣରେ ବିଶଦ ସ୍ତନ-କ୍ଷତମାନ ଦେଖୁଅଛି ।

ଭର୍ତ୍ତୁର୍ଦଧାନା ଚରଣାରବିନ୍ଦଂ ନିଷେଧଯୁକ୍ତା ପରଦେଶଯାନମ୍ ।
ପ୍ରକାମଲୋଲାକ୍ଷିଯୁଗା ପ୍ରମୁଗ୍ଧା ସା ପାହ୍ଵଡ଼ା ସଂକଥିତା କବୀନ୍ଦ୍ରୈଃ ।୫୧।

ଅନୁବାଦ

ପାହ୍ଵଡ଼ା—ନାୟକର ପାଦଧରି ତାହାକୁ ବିଦେଶ ଯିବାକୁ ବାରଣ କରୁଅଛି, ମୁଗ୍ଧ-ଚଞ୍ଚଳ ନୟନା ।

କର୍ଣ୍ଣେ ଦଧାନା ସୁରପୁଷ୍ପଯୁଗ୍ମଂ ସୁବୃତ୍ତ ବକ୍ଷୋଜ ମନୋହରାଙ୍ଗୀ ।
ସ୍ମେରାନନା ଚାରୁ ବିଲୋଲନେତ୍ରା ଗୌରାଙ୍ଗଯଷ୍ଟିଃ କଥିତା ବରାଡ଼ୀ ।୫୨।

ଅନୁବାଦ

ବରାଡ଼ୀ—କାନରେ ପାରିଜାତକ ଫୁଲ ଖୋସିଛି । ବର୍ତ୍ତୁଳ କୁଚ ଶୋଭିତା ସୁନ୍ଦରୀ, ଦରହାସିନୀ, ସୁନ୍ଦର ଚଞ୍ଚଳ ନେତ୍ରା ।

ଉତ୍ଫୁଲ୍ଲମାନା ପ୍ରଥମେ ବିଭାବେ ମାନଂ ପୁନଃ କର୍ତ୍ତୁମନାଷ୍ଟିରେଣ ।
ରିଜୁସ୍ତ୍ରବା ନିଭୃତଂ ବଦନ୍ତୀ ସା ମାରହାଠୀ ହଟକେଳିତୁଷ୍ଟା ।୫୩।

ଅନୁବାଦ

ମାରହାଠି—ପ୍ରଥମ ବିଭାବ (ରସ) ରେ ଆନନ୍ଦ ହୁଏ । ପୁଣି ପରେ ବହୁକାଳ ମାନବତୀ ହୁଏ । ସରଳା, କ୍ଷୀଣ ବଚନା (ଗୁନ ଗୁନ କଥା କହେ) କୌତୁକ କ୍ରୀଡ଼ାରେ ସନ୍ତୋଷ ହୁଏ ।

Digitized by srujanika@gmail.com

କୃପାଣପାଣି ସ୍ତୁରଗାଧିରୂଢ଼ୋ ମୟୂରକଣ୍ଠୋପମ କଣ୍ଠକାନ୍ତ ।
ସ୍ଫୁରଜ୍ଜିତୋଷ୍ଣୀଷଧରଃ ପ୍ରସ୍ଥାତ କର୍ଣ୍ଣାଟରାଜୋ ହରଣାନ୍ନହନ୍ତୁମ୍ ।୫୪।

ଅନୁବାଦ

କର୍ଣ୍ଣାଟ—ଘୋଡ଼ା ଚଢ଼ିଛି, ହାତରେ ଖଡ୍ଗ ଧରିଛି, ଧଳା ପାଗ ମୁଣ୍ଡରେ ଉଡ଼ୁଛି, ହରଣ ମାରିବାକୁ ବାହାରିଛି ।

ଚରଂ ନଟନ୍ତୀ ସ୍ୱରଭଙ୍ଗିମାଢ଼୍ୟା ସଂପ୍ରେରୟନ୍ତୀ ନଟକର୍ମ ବିଜ୍ଞାନ୍ ।
ସ୍ୱନୃତ୍ୟଗୀତାଦି କୃତାବଧାନା ନାଟୀ ସୁନାଟ୍ୟ ପ୍ରକଟୈସ୍ୟମୁକ୍ତା ।୫୫।

ଅନୁବାଦ

ନାଟୀ—ସ୍ୱର ଜ୍ଞାନ ନିପୁଣା, ବହୁକାଳ ନୃତ୍ୟଶୀଳା, ନଟକର୍ମ ବିଜ୍ଞମାନେ ଏହାକୁ ନୃତ୍ୟ କରିବାକୁ ପଠାଉଛନ୍ତି । ନୃତ୍ୟ ସହିତ ଗୀତରେ ପ୍ରବୀଣା, ଉତ୍ତମ ନାଟ୍ୟ କରୁଛି ।

ସ୍ୱନାୟକଂ ପୁଷ୍ପଲତାଧିରୂଢ଼ଂ ସମନ୍ଦଗୀତଂ ସମୁଦୀକ୍ଷମାଣା ।
ପ୍ରଚୀୟମାନା କୁସୁମାନି ଶଶ୍ୱଦ୍ ଭୂପାଲିକା ସା ସ୍ଖଳଦୁତ୍ତରୀୟା ।୫୬।

ଅନୁବାଦ

ଭୂପାଳୀ—କୁସୁମ ଲତାରେ ଲୁଚିଛି, ଗୁଣୁ ଗୁଣୁ କରି ଗୀତ ଗାଉଁଛି, ଆପଣା ନାୟକକୁ ଦେଖୁଛି, ଓଢ଼ଣା ଖସିପଡ଼ୁଛି, ଥରକୁ ଥର ଫୁଲ ତୋଳୁଛି ।

ସ୍ୱର୍ଣ୍ଣପ୍ରଭା ସାମ୍ବର-ଭୂଷଣାଢ଼୍ୟା ମାନଂ ନଚୈଳଂ ବିପୁଷା ବହନ୍ତି ।
କାନ୍ତେ ପଦୋପାନ୍ତ ମନୁଶ୍ରିତେଽପି ମାନୋନ୍ନତା ରମିକେସି ପ୍ରଦିଷ୍ଟା ।୫୭।

ଅନୁବାଦ

ରମକେଶୀ—ସୁନାବରନା, ନୀଳବାସନା, ଅଳଙ୍କାର ପରିହିତା ନାୟିକା, ନାୟକ ତା'ର ପଦପ୍ରାନ୍ତରେ ପଡ଼ିଲେ ମଧ୍ୟ ମାନ ଛାଡ଼ୁନାହିଁ ।

Digitized by srujanika@gmail.com

ହାଟୋଷବୈଦଗ୍ଧ୍ୟ ଇତଃ ସମସ୍ତ-କଳାବଳାସେନ ହମୋଦୟନ୍ତୀ ।
ବୃହନ୍ନତମ୍ବୋପରଗ୍ର ସ୍ଥୂଳଦେହା ଗଡ଼ା ପ୍ରଗଲ୍‌ଭ ପ୍ରନସ୍ୱରଣୀଳା (୧) ।୬ ।

ପାଠାନ୍ତର :—(୧) ନମ୍ରା ।

ଅନୁବାଦ

ଗଡ଼ା—ରତ୍ତ-ପଣ୍ଡିତା, ସକଳ କଳାବଳାସିଣ, ଗରୁ ନତମ୍ବ, ହୃଷ୍ଟପୃଷ୍ଟ ଦେହା, ବହୁ କଥା କହେ, ଗୁରୁସ୍ତନା ।

ଭର୍ତ୍ତୃସମଂ ପ୍ରାଥସି ହେମବର୍ଣ୍ଣା ପୟୋଦହାରେଣ ସବୋରୁହାଣି ।
ହତନ୍ୱତ୍ତ ସୌରଭମୋଦମାନା କାମୋଦକା ସା କଥିତା
ଗୁଣଜ୍ଞୈଃ ।୭।

ଅନୁବାଦ

କାମୋଦା—ନଜ ନାୟକ ସହତ ଜଳରୁ ପଦ୍ମ ତୋଳୁଛନ୍ତି, ପଦ୍ମ ଗନ୍ଧରେ ପ୍ରମୋଦତା ହେଉଅଛି ।

ନରେନ୍ଦ୍ର ରୂପଂ ପ୍ରିୟ୍ସବର୍ଗ-ଭୂପଂଗତ ପ୍ରସ୍ତରେଣ କୃତ ପ୍ରଣାମା । (୧)
ଅନେକ ଗବ୍ୟାନ୍ତର ରୂପଯୁକ୍ତା କଲ୍ୟାଣିକା ସା କଥିତା ଗୁଣଜ୍ଞୈଃ ।୬୦।

(୧) ଭୂପଂ ଶତ ପ୍ରକାରେଣ—ପାଠାନ୍ତର ।

ଅନୁବାଦ

କଲ୍ୟାଣ—ରଜାପର ଯେ ସ୍ୱାମୀ, ତା'ର ଚରଣରେ ଶତବାର ପ୍ରଣାମ କରୁଅଛୁ ରତ୍ତ ପଣ୍ଡିତା, ହବଧ ବେଶମଞ୍ଜୁଳା ।

—ଇତ ରାଗରାଗିଣୀ ଧ୍ୟାନ ପ୍ରକରରଣଂ ସମାପ୍ତମ୍ ॥

—ଇତ ରାଗରାଗିଣୀର ଧ୍ୟାନ ପ୍ରକାରଣ ସମାପ୍ତ ॥

Digitized by srujanika@gmail.com

ଅଥ ରାଗାଣାଂ ଗାୟନକାଳ ନିର୍ଣ୍ଣୟମାହ—

ରାଗମାନଙ୍କର ଗାୟନକାଳ ନିର୍ଣ୍ଣୟ ।

ଶ୍ରୀପଞ୍ଚମୀଂ ସମାରଭ୍ୟ ବିଷ୍ଣୋଃ ଶୟନମେବ ଚ ।
ତାବଦ୍ ବସନ୍ତେ ଗୀୟତେ ପ୍ରଭାତେ ଭୈରବାଦିକମ୍ ।୬୧।

ଅନୁବାଦ

ଶ୍ରୀପଞ୍ଚମୀଠାରୁ ବିଷ୍ଣୁ ଶୟନ (ବିଷ୍ଣୁ ଶୟନ-ଆଷାଢ଼ ଶୁକ୍ଳ ଏକାଦଶୀ) ପର୍ଯ୍ୟନ୍ତ ବସନ୍ତ ରାଗର ଗାୟନକାଳ । ପ୍ରଭାତରେ ଭୈରବ ରାଗ ଗାଇବ ।

ମଧ୍ୟାହ୍ନେ ତୁ ବରାଡ଼୍ୟାଦେଃ ସାୟଂ କର୍ଣ୍ଣାଟନାଟୟୋଃ ।
ଶ୍ରୀରାଗମାଳବାଦେସ୍ତୁ ଗାନେ ଦୋଷୋ ନ ବିଦ୍ୟତେ ।୬୨।

ଅନୁବାଦ

ମଧ୍ୟାହ୍ନରେ ବରାଡ଼ୀ ଆଦି ରାଗ ଗାଇବ । କର୍ଣ୍ଣାଟ ଏବଂ ନାଟ ସନ୍ଧ୍ୟାକାଳରେ ଗାଇବ । ଏତେବେଳେ ଶ୍ରୀରାଗ ଓ ମାଳବ ଆଦି ରାଗମାନଙ୍କୁ ଗାଇବା ଦୋଷବହ ନୁହେ ।

ଇନ୍ଦ୍ରପୂଜାଂ ସମାରଭ୍ୟ ଯାବଦ୍ ଗିରିସୁତାର୍ଚ୍ଚନମ୍ ।
ତାବଦେବ ସମୁଦ୍ଦିଷ୍ଟଂ ଗାନଂ ବୈ ମାଳବଶ୍ରିୟଃ ।୬୩।

ଅନୁବାଦ

ଇନ୍ଦ୍ରପୂଜା (ଇନ୍ଦ୍ର ପୂର୍ଣ୍ଣମୀ)ଠାରୁ ଦେବୀ ପୂଜା (ଅପରାଜିତ-ଦଶମୀ) ପର୍ଯ୍ୟନ୍ତ ମାଳଶ୍ରୀ ଗାଇବା ସମୟ ।

ପ୍ରାତର୍ଗେୟାସ୍ତୁ ଦେଶାଖ୍ୟା ଲଳିତଃ ପଠମଞ୍ଜରୀ ।
ବିଭାସୋ ଭୈରବୀ ଚୈବ କାମୋଦୀ ଗୁଣ୍ଡକେର୍ୟପି ।୬୪।

Digitized by srujanika@gmail.com

ଅନୁବାଦ

ପ୍ରାତଃକାଳରେ ଦେଶାକ୍ଷୀ, ଲଳିତ, ପଠମଞ୍ଜରୀ, ବଙ୍ଗସ, ଭୈରବୀ କାମୋଦୀ ଓ ଗୁଣ୍ଡକେଶୀ ରାଗମାନ ଗାଇବା ଉଚିତ ।

ଏକା ବରାଡ଼ୀ ମଧ୍ୟାହ୍ନେ ସାୟଂ କର୍ଣ୍ଣାଟମାଳବୌ ।
ନାଟଶ୍ଚୈବ ବିଶେଷେଣ ଶେଷା ଗେୟାସ୍ତୁ ସର୍ବଦା ।୬୫।

ଅନୁବାଦ

ବରାଡ଼ୀ ରାଗ କେବଳ ମଧ୍ୟାହ୍ନରେ । ସୂର୍ଯ୍ୟାସ୍ତ କାଳରେ କର୍ଣ୍ଣାଟ, ମାଳବ ଓ ନାଟରାଗ ଗାଇବ, ଅନ୍ୟରାଗମାନଙ୍କୁ ସବୁ ସମୟରେ ଗାଇ ପାରିବ ।

"ହିନ୍ଦୋଳଶ୍ଚ ବସନ୍ତଶ୍ଚ ବସନ୍ତେ ରଞ୍ଜକାବୁଭୌ"
—ହିନ୍ଦୋଳ ଓ ବସନ୍ତ ରାଗ ବସନ୍ତ ଋତୁ ସୁଖପ୍ରଦ ।

ଅଥ ନାଟ୍ୟାଦ୍ୟ ରାଗାଣାଂ ଗାୟନ-ନିଷିଦ୍ଧକାଳମାହ—

ନାଟ ପ୍ରଭୃତି ରାଗର ଗାଇବା ନିଷିଦ୍ଧ ସମୟ—

ନାଟୀ ଗୌଡ଼ୀ ବରାଡ଼ୀଶ୍ଚ ଗୁର୍ଜରୀ ଦେଶିରେବ ଚ ।୬୬।
ପୂର୍ବାହ୍ନେ ଗାନମେତେଷାଂ ନିଷିଦ୍ଧମିତି ତଦ୍‌ବିଦଃ ।
ନୈବାପରାହ୍ନେ ଗାତବ୍ୟୌ ଭୈରବୀ ଲଳିତୌ କ୍ୱଚିତ୍ ।୬୭।
ଏବଂ ତୁ ବହୁଧାଚାର୍ଯ୍ୟୈର୍ଗାନେକାଳଃ ସମୀରିତଃ ।
ଯସ୍ମିନ ଦେଶେ ଯଥାଶିଷ୍ଟୈ ଗୀତଂ ବିଜ୍ଞସ୍ତଥାଚରେତ୍ ।୬୮।

ଅନୁବାଦ

ପୂର୍ବାହ୍ନରେ ନାଟୀ, ଗୌଡ଼ୀ, ବରାଡ଼ୀ, ଗୁର୍ଜରୀ ଗାଇବା ନିଷିଦ୍ଧ । ଅପରାହ୍ନରେ ଭୈରବୀ ଓ ଲଳିତ ଗାଇବା ନିଷିଦ୍ଧ । ପଣ୍ଡିତମାନେ ଏହି ପରି ରାଗମାନଙ୍କର ଗାୟନକାଳ ସ୍ଥିର କରିଅଛନ୍ତି ।

Digitized by srujanika@gmail.com

ବିଜ୍ଞବ୍ୟକ୍ତିମାନେ ଯେଉଁ ଦେଶରେ ଯେପରି ଚଳଣି, ସେପରି ଗାଇବାକୁ ମତ ଦିଅନ୍ତି ।

ଅଥ ରାଗୈର୍ବିରଚିତାନାଂ ଗୀତାନାଂ ବୀରାଦି ରସେଷୁ ଗାୟନକାଳମାହ—

ବୀରାଦି ରାଗର ଗାୟନ କାଳ

ଦିବସଃ ପ୍ରଥମେ ଯାମେ ରସୋବୀରଃ ପ୍ରକାଶତେ ।
ଅତ ଊର୍ଦ୍ଧ୍ୱଂ ରୌଦ୍ରରସଂ ବଦନ୍ତ୍ୟା ପ୍ରହରଦ୍ୱୟେ ॥
ଚତୁର୍ଥ ଯାମେ କରୁଣୋ ରସସ୍ତତ୍ର ଉଦାହୃତଃ ।୬୯।

ଅନୁବାଦ

ଦିବସର ପ୍ରଥମ ପ୍ରହରରେ ବୀର ରସର ଗୀତ ଗାଇବ । ତହିଁପରେ (ଦ୍ୱିତୀୟ ଓ ତୃତୀୟ ପ୍ରହର) ରୌଦ୍ର ରସର ଗୀତ ଗାଇବ । ଚତୁର୍ଥ ପ୍ରହରରେ କରୁଣ ରସର ଗୀତ ଗାଇବ ।

ସାୟଂ ଜ୍ୟୋତ୍ସ୍ନଂ ଚ ଶୃଙ୍ଗାରେ ବଭତ୍ସାଦ୍ଭୁତକୌ ନଶି ।
ତମିସ୍ରାଯାମର୍ଦ୍ଧରାତ୍ରେ ବର୍ତ୍ତମାନ୍ୟୋ ଭୟାନକଃ ।୭୦।

ଅନୁବାଦ

ସନ୍ଧ୍ୟାକାଳରେ ଚନ୍ଦ୍ର କିରଣ ତଳେ ଶୃଙ୍ଗାର ରସର ଗୀତ ଏବଂ ରାତିରେ ବୀଭତ୍ସ, ଅଦ୍ଭୁତ ରସର ଗୀତ ଗାଇବ । ରାତି ଅଧରେ ଭୟାନକ ରସରେ ଗୀତ ଗାଇବ ।

ଚନ୍ଦ୍ରୋଦୟେ ପ୍ରଭାତେ ଚ ରସଃ ଶାନ୍ତ ଉଦାହୃତଃ ।
ବର୍ତ୍ତନୀୟୋ ଦିବା ହାସ୍ୟୋ ରସାନାଂ କାଳ ଈଦୃଶଃ ।୭୧।

ଅନୁବାଦ

ଚନ୍ଦ୍ର ଉଦୟ ଓ ପ୍ରଭାତ କାଳରେ ଶାନ୍ତରସ ଏବଂ ଦିବସରେ ହାସ୍ୟରସ ଗାଇବ ।

Digitized by srujanika@gmail.com

ଅଥ ରସାନାଂ ମଧ୍ୟେ ସ୍ତ୍ରୀ, ପୁରୁଷ, ନପୁଂସକ ଭେଦମାହ—

ରସମାନଙ୍କ ମଧ୍ୟରେ ସ୍ତ୍ରୀ, ପୁରୁଷ ଓ ନପୁଂସକ ଭେଦ—

ବୀଭତ୍ସଃ କରୁଣୌ ଯୋଷିତ୍ ହାସ୍ୟଶ୍ଚାଦ୍ଭୁତ ଏବ ଚ ।
ଶାନ୍ତଶ୍ଚ ଷଣ୍ଢଃ ବିଜ୍ଞେୟାଃ ଶେଷାଃ ସ୍ୟୁଃ ପୁରୁଷା ରସାଃ ।୭୨।

ଅନୁବାଦ

ବୀଭତ୍ସ ଏବଂ କରୁଣ ରସ, ସ୍ତ୍ରୀ-ହାସ୍ୟ, ଅଦ୍ଭୁତ, ଶାନ୍ତ—ଏମାନେ ନପୁଂସକ ଏବଂ ବାକି ରସ (ଶୃଙ୍ଗାର, ବୀର, ଭୟାନକ, ରୌଦ୍ର) ପୁରୁଷ ଜାତୀୟ ।

ଅଥ ରାଗାଣାମକାଳଗାୟନେ ଦୋଷମାହ—

ରାଗର ଅକାଳ ଗାୟନର ଦୋଷ—

ଉଲଙ୍ଘ୍ୟ ସମୟଂ ରାଗାନ୍ ଯସ୍ତୁ ଗାୟତି ଗାୟକଃ ।
ତସ୍ୟ କୁର୍ବନ୍ତି ଗନ୍ଧର୍ବାଃ ସର୍ବନାଶଂ ନ ସଂଶୟଃ ।୭୩।

ଅନୁବାଦ

ଯେଉଁ ଗାୟକ ରାଗର ସମୟ ଲଙ୍ଘନକରି ଗାଏ, ଗନ୍ଧର୍ବମାନେ ତାହାର ସର୍ବନାଶ କରନ୍ତି—ଏଥିରେ ସନ୍ଦେହ ନାହିଁ ।

ଅଥ ରାଗାଣାମ କାଳଗାୟନେ ଦୋଷାପବାଦ ମାହ—

ରାଗର ଅକାଳ ଗାୟନରେ ଦୋଷାପବାଦ—

ରାଗେ ଯତ୍ପ୍ରୋକ୍ତମସ୍ମାଭିଃ ସମୟାଦ୍ୱ ରସାଦ୍ୱ ଚ ।
ତତ୍ସର୍ବମନ୍ୟଥାଽପି ସ୍ୟାଦ୍ରାଜ୍ଞାମାଜ୍ଞାବଶାଦ୍ୱବ ।୭୪।
ଶ୍ରେଣୀବନ୍ଧେ, ନୃପାଜ୍ଞାୟାଂ ରଙ୍ଗଭୂମୌ ନ ଦୋଷଦମ୍ ।୭୫।

Digitized by srujanika@gmail.com

ଅନୁବାଦ

ରଜାର ଆଦେଶରେ, ଲୋକ ସମାବେଶରେ, ରଙ୍ଗଭୂମୀରେ ରାଗମାନଙ୍କର ଯେଉଁ ସମୟ ଓ ରସାଦି ନିର୍ଦ୍ଦେଶ କରାଗଲା ତାହାର ବ୍ୟତିକ୍ରମ ହେଲେ ଦୋଷାବହ ହୁଏନାହିଁ ।

ଅଥ ରାଗାଣାମ କାଲ ଗାୟନ ଦୋଷ ପ୍ରାୟଶ୍ଚିତ ମାହ—

ରାଗମାନଙ୍କର ଅକାଲଗାୟନ ଦୋଷର ପ୍ରାୟଶ୍ଚିତ—

ଲୋଭମୋହାଚ୍ଚ ଯେ କେଚିଦ୍ ଗାୟନ୍ତି ଚ ବିରାଗତଃ ।
ସୁରସା ଗୁର୍ଜ୍ଜରୀ ତେଷାଂ ଦୋଷଂ ହନ୍ତୀତି କଥ୍ୟତେ ।୭୬।

ଅନୁବାଦ

ଲୋଭ ଏବଂ ମୋହର ବଶବର୍ତ୍ତୀ ହୋଇ ଯେଉଁମାନେ ଅକାଳରେ ରାଗମାନଙ୍କୁ ଗାଆନ୍ତି, ସେମାନେ ସୁରଧା ଗୁର୍ଜରୀ ରାଗ ଗାଇଲେ ଦୋଷ ନାଶ ହୁଏ ।

ଅଥ ସର୍ବକାଲଗେୟ ରାଗାନାହ—

ସର୍ବକାଳରେ ଗାନଯୋଗ୍ୟ ରାଗ—

ବସନ୍ତେ ରମକେଲ୍ୟାଂ ଚ ଗୁର୍ଜ୍ଜରୀ ସୁରସାଽପି ଚ ।
ସର୍ବସ୍ମିନ୍ ଗୀୟତେ କାଳେ ନୈବ ଦୋଷାଽଭିଜାୟତେ ।୭୭।

ଅନୁବାଦ

ସବୁ ସମୟରେ ବସନ୍ତ, ରାମକେଲୀ ଓ ସୁରସା ଗୁର୍ଜ୍ଜରୀ ଗାଇବା ଦୋଷାବହ ନୁହେ ।

Digitized by srujanika@gmail.com

ରାଗାଣାଂ ଗାୟନେ ନାରଦସ୍ତୁ ବିଶେଷମାହ—

ରାଗ ଗାୟନ ସମ୍ବନ୍ଧରେ ନାରଦଙ୍କ ବିଶେଷ କଥନ—

ଦଶଦଣ୍ଡାତ୍ପରଂ ରାତ୍ରୌ ସର୍ବେଷାଂ ଗାନମୀରିତମ୍ ।

ରାତ୍ରି ଦଶଦଣ୍ଡପରେ ଯେ କୌଣସି ରାଗ ଗାଇଲେ ତାହା ଦୋଷାବହ ହୁଏ ନାହିଁ ।

ଅଥ ଗୀତଭେଦାନାହ—

ନିବଦ୍ଧମନିବଦ୍ଧଂ ଚ ଗୀତଂ ଦ୍ୱିବିଧଲକ୍ଷଣମ୍ ।୧୮।

ଅନୁବାଦ

ଗୀତ ଦୁଇପ୍ରକାର । ଯଥା—ନିବଦ୍ଧ ଓ ଅନିବଦ୍ଧ । ଏହା ଲକ୍ଷଣ ଭେଦରେ ହୁଏ ।

ନିବଦ୍ଧ ଲକ୍ଷଣମାହ—

ନିବଦ୍ଧଂ ଚ ଭବେଦ୍‌ଗୀତଂ ତାଳମାନରସାନ୍ୱିତମ୍ ।
ଛନ୍ଦୋ ଗମକ ଧାତ୍ୱଙ୍ଗ ବର୍ଣ୍ଣାଦି-ନିୟମୈଃ କୃତମ୍ ।୧୯।

ଅନୁବାଦ

ନିବଦ୍ଧ ଲକ୍ଷଣ—ତାଳ, ମାନ, ରସ, ଛନ୍ଦ, ଗମକ, ଧାତୁ, ଅଙ୍ଗ ଓ ବର୍ଣ୍ଣାଦି-ନିୟମାବଦ୍ଧ ଗୀତ ।

ଅଥାନିବଦ୍ଧଗୀତ ଲକ୍ଷଣମାହ —

ଅନିବଦ୍ଧ ଗୀତ ଲକ୍ଷଣ—

ଅନିବଦ୍ଧଂ ଭବେଦ୍‌ଗୀତଂ ବର୍ଣ୍ଣାଦିନିୟମଂ ବିନା (କ) ।

(କ) ଅନିବଦ୍ଧ—ବର୍ଣ୍ଣାଦି ନିୟମ ବିରହିତ ଗାନକୁ ଅନିବଦ୍ଧ ଗାନ କୁହାଯାଏ ।

Digitized by srujanika@gmail.com

ଅଥ ଆଲପ୍ତି ଲକ୍ଷଣମାହ—

ଆଲପ୍ତି (ଆଳାପ) ଲକ୍ଷଣ—

ବର୍ଣ୍ଣାଳଙ୍କାରସଂଯୁକ୍ତା ଗମକ-ସ୍ଥାନ-ଶବତା ।
ଆଲପ୍ତିରୁଚ୍ୟତେ ବିଜ୍ଞୈର୍ଭୂରିଭଙ୍ଗିମନୋହରା ।୮୦।

ଅନୁବାଦ

ନାନା ଭଙ୍ଗୀ, ବର୍ଣ୍ଣ, ଅଳଙ୍କାର, ରସଯୁକ୍ତ ବିବିଧ ଗମକର ବିଶବତା ଥିଲେ, ତାହା ଆଳାପ ବୋଲାଏ ।

ଅନ୍ୟ ପକ୍ଷୋଽପ୍ୟୁକ୍ତି—

ପକ୍ଷାନ୍ତରେ—

ଆଲପ୍ତିସ୍ତ୍ୱନିବଦ୍ଧଂ ସ୍ୟା ଦ୍ରାଗାଲପନରୂପିଣୀ (କ)

(କ) ନିବନ୍ଧର ଆଲପ୍ତି (ଆଳାପ)ହିଁ ରାଗର ମୁଖ୍ୟ ସ୍ୱରୂପ ।

ଅଥାଲପ୍ତି ଭେଦଦ୍ୱୟମାହ—

ଆଲପ୍ତିର ଦୁଇଭେଦ—

ସା ଦ୍ୱିଧା ଗଦିତା ରାଗରୂପକାଭ୍ୟାଂ ବିଶେଷଣାତ୍ ।
ନୋକ୍ତା ବାହୁଲ୍ୟ ଭିୟା ଗ୍ରନ୍ଥେ ବହୁବିଧା ଭିଦାଃ ।୮୧।

ଅନୁବାଦ

(୧) ରାଗର ଆଳପ୍ତି (୨) ରୂପକ ଆଳପ୍ତି—ଗ୍ରନ୍ଥ ବାହୁଲ୍ୟ ଭୟରେ ଏହାର ବହୁବିଧ ଭେଦ ଉଲ୍ଲେଖ କରାଗଲା ନାହିଁ ।

Digitized by srujanika@gmail.com

ଅଥ ଗୀତସ୍ୟ ଶୁଦ୍ଧାଦିଭେଦତ୍ରୟମାହ—

ଗୀତର ଶୁଦ୍ଧ ପ୍ରଭୃତି ତିନିଭେଦ—

ଶୁଦ୍ଧଂ, ଛାୟାଲଗଂ, କ୍ଷୁଦ୍ରମିତି ତସ୍ୟ ତ୍ରିଧା ମତମ୍ ।

(କ) ଶୁଦ୍ଧ, (ଖ) ଛାୟାଲଗ, (ଗ) କ୍ଷୁଦ୍ର ।

ଇତର ପକ୍ଷୋଽସ୍ତି—

ଅନ୍ୟପକ୍ଷରେ—

ଶୁଦ୍ଧଂଶାଳଗ ସଙ୍କୀର୍ଣ୍ଣଭେଦାତ୍ ଗୀତଂ ତ୍ରିଧାନ୍ୱିତମ୍ ।
ଶୁଦ୍ଧଂ ତୁ ଶିବରୂପେଣ ଶକ୍ତିରୂପେଣ ସାଳଗମ୍ ।
ଦ୍ୱୟୋର୍ମିଶ୍ରଂ ତୁ ସଙ୍କୀର୍ଣ୍ଣମତସ୍ତ୍ରିବିଧଂ ମତମ୍ ।୮୩।

ଅନୁବାଦ

ଶୁଦ୍ଧ—ଶିବ ରୂପକ, ଶାଳଗ—ଶକ୍ତିରୂପିଣୀ । ଦୁହିଙ୍କ ମିଶ୍ରଣରେ ସଙ୍କୀର୍ଣ୍ଣ ରାଗହୁଏ ।

ଅଥ ଶୁଦ୍ଧଗୀତ ଲକ୍ଷଣମାହ—

ଶୁଦ୍ଧଗୀତର ଲକ୍ଷଣ—

ଆଳାପୈର୍ଧାତୁଭିରଙ୍ଗୈଃ ସଂଯୁକ୍ତଂ ଶୁଦ୍ଧମୁଚ୍ୟତେ ॥

ଅନୁବାଦ

ଆଳାପ, ଧାତୁ ଏବଂ ଅଙ୍ଗ ମିଶ୍ରଣରେ ଶୁଦ୍ଧ ଗୀତ ହୁଏ ।

ଅଥ ଛାୟାଲଗ ଗୀତସ୍ୟ ଲକ୍ଷଣ ମାହ—

ଛାୟାଲଗ ଗୀତ ଲକ୍ଷଣ—

Digitized by srujanika@gmail.com

ଶୁଦ୍ଧସ୍ୟ ଲଗତଚ୍ଛାୟା° ଯତଚ୍ଛାୟାଲଗଂ ବଦୁଃ ।୮୫।

—ଶୁଦ୍ଧଗୀତର ଛାୟା (କେତେକ ବଭାଗ) ଯେଉଁ ଗୀତରେ ଥାଏ, ତାହା ଛାୟାଲଗ ।

ସଙ୍କୀର୍ଣ୍ଣଶବ୍ଦେନ କ୍ଷୁଦ୍ରଗୀତ ମେବୋଚ୍ୟତେ ॥

—ସଙ୍କୀର୍ଣ୍ଣ ଶବ୍ଦରେ କ୍ଷୁଦ୍ରଗୀତ ବୁଝିବାକୁ ହେବ ।

(ଶୁଦ୍ଧ ଏବଂ ଛାୟାଲଗ ଦୁଇଟି ଲକ୍ଷଣ ଏଥିରେ ଥାଏ)

ଅଥ ଶୁଦ୍ଧଗୀତସ୍ୟାପି ପ୍ରବନ୍ଧମାହ—

ଶୁଦ୍ଧ ଗୀତର ପ୍ରବନ୍ଧ ଆଖ୍ୟା—

ପ୍ରକୃଷ୍ଟୋ ଯସ୍ତୁ ବନ୍ଧଃ ସ୍ୟାସ୍ତ ପ୍ରବନ୍ଧୋ ନଗଦ୍ୟତେ ॥

ଅର୍ଥ—ପ୍ରକୃଷ୍ଟ, ବସ୍ତୁ, ନବଦ୍ଧ ଗୀତ ପ୍ରବନ୍ଧ ବୋଲାଏ ।

(ଉତ୍ତମ, ଆଳାପ, ଧାତୁ ଇତ୍ୟାଦିଯୁକ୍ତ ଗୀତ ହିଁ ପ୍ରବନ୍ଧ)

ଅଥ ପ୍ରବନ୍ଧାଙ୍ଗମଧ୍ୟେ ପ୍ରଥମତଃ ଧାତୁମାହ—

ପ୍ରବନ୍ଧର ଅଙ୍ଗମଧ୍ୟରେ ଧାତୁ—

ପ୍ରବନ୍ଧାବୟବେ ଧାତୁଶ୍ଚାତ । ଅବୟବୋ ଭାଗ ବଶେଷଃ ॥

ଅର୍ଥ—ଧାତୁ ପ୍ରବନ୍ଧରେ ଅବୟବ । ଅବୟବର ଭାଗବଶେଷ ।

ସତୁ ଚତୁର୍ବିଧଃ-ଉଦ୍‌ଗ୍ରାହ, ମେଳାପକ, ଧ୍ରୁବାଭୋଗା ଇତ ॥

(୧) ଉଦ୍‌ଗ୍ରାହ, (୨) ମେଳାପକ, (୩) ଧ୍ରୁବ, (୪) ଆଭୋଗ ।

ଉଦ୍‌ଗ୍ରାହଃ ପ୍ରଥମୋ ଭାଗସ୍ତତୋ ମେଳାପକଃ ସ୍ମୃତଃ ॥

ଧ୍ରୁବସ୍ତଚ ଧ୍ରୁବଃ ପଶ୍ଚାଦାଭୋଗ (ମେଳାପଃ) ସ୍ତ୍ୱାନ୍ତିମୋମତଃ ।୮୫।

ଅନୁବାଦ

ଏହାପରେ କ୍ରମ—ଧ୍ରୁବ ଅର୍ଥାତ୍ ନଶ୍ଚଳ । ଏହା ବାରମ୍ବାର ଗାୟନ କରାଯାଏ ।

Digitized by srujanika@gmail.com

ଧ୍ରୁବତ୍ୱାନ୍ନିଶ୍ଚଳତ୍ୱାତ୍ତୁ ଧ୍ୱନଃ ପୁନରୁପାଦାନୀ ଧ୍ରୁବ ଇତ୍ୟର୍ଥଃ ।
ଆଭୋଗ କବିନାମ ସ୍ୟାତ୍ତଥା ନାୟକ ନାମ ଚ ।
ଯତ୍ର କବିନାମ ସ ଅଭୋଗ ଏବ ।
ଅଭୋଗେ ଏବ କବିନାମ କର୍ତ୍ତବ୍ୟମିତ୍ୟଭିପ୍ରାୟଃ ।

ଅର୍ଥ :—ଅଭୋଗ ଅଂଶରେ କବିଙ୍କର କିମ୍ବା ନାୟକର ନାମ ରହେ ।

ଅଥ ପ୍ରବନ୍ଧାଙ୍ଗାନ୍ୟାହ—

ଅଥ ପ୍ରବନ୍ଧର ଅଙ୍ଗ—

ଗମକୋ ବିରୁଦଂ ତେନ ତାଳଃ ପାଟଃ ସ୍ୱରସ୍ତଥା ।
ପ୍ରବନ୍ଧାଙ୍ଗ ଷଡ଼ଙ୍ଗାନ କଥିତାନ ବିରଞ୍ଚିନା ।୮୬।

ଅନୁବାଦ

ଗମକ, ବିରୁଦ, ତେନ, ତାଳ, ପାଟ ଏବଂ ସ୍ୱର—ଏହି ଛଅଟି ପ୍ରବନ୍ଧର ଅଙ୍ଗ ବୋଲି ବ୍ରହ୍ମା କହିଅଛନ୍ତି ।

ସ୍ୱରସ୍ୟ କମ୍ପୋ ଗମକଃ ବିରୁଦଂ ଗୁଣକୀର୍ତ୍ତନମ୍ ।
ତେନେ ଇତି ତେନକଃ ଶବ୍ଦୋ ମଙ୍ଗଳାର୍ଥଃ ପ୍ରୟୋଜକଃ ।୮୭।

ଅନୁବାଦ

(୧)ଗମକ—ସ୍ୱରକମ୍ପ
(୨) ବିରୁଦ—ଗୁଣ ବର୍ଣ୍ଣନା
(୩) ତେନ—'ତେ' 'ନେ' ଇତ୍ୟାଦି ଉଚ୍ଚାରଣ (ମଙ୍ଗଳାର୍ଥ ସୂଚକ)

ଆଦିର୍ଯତ୍ୟାଦିକାସ୍ତାଳାଃ, ଧା ଧା ଧୁଗୁ ଧିଗିତ୍ୟାଦ୍ୟାଃ ପାଟାଃ
ସ ରି ଗ ମ ପ ଧ ନୀତି ନିର୍ଦ୍ଦିଷ୍ଟାଃ ସ୍ୱରାଃ ।୮୮।

(୫) ପାଟ—ଧା, ଧା, ଧୁକ୍ ଇତ୍ୟାଦି ବାଦ୍ୟର ପାଟ (ଉକୁଟ)
(୬) ସ୍ୱର—ସା ରେ ଗା ମା ପା ଧା ନି ଇତ୍ୟାଦି ନିର୍ଦ୍ଦିଷ୍ଟ ସ୍ୱର ।

Digitized by srujanika@gmail.com

ଅଥ ପ୍ରବନ୍ଧନାଂ ଜାତିମାହ—

ପ୍ରବନ୍ଧର ଜାତି—

ଜାତୟଃ ସ୍ୟୁଃ ପ୍ରବନ୍ଧାନାଂ ତଥୈବ ମୁନିସମ୍ମତାମ୍ ।
ମେଦିନୀ ନନ୍ଦନୀ ଦୀପିନ୍ୟଥ ସ୍ୟାତ୍ପାବନୀ ତଥା ।
ତାଳାବଳୀ ତଥୈତ୍ୟାସାଂ ଲକ୍ଷଣଂ ପ୍ରତିପଦ୍ୟତେ ।୮୮।

ଅନୁବାଦ

ମୁନିମାନଙ୍କ ମତରେ ପ୍ରବନ୍ଧ ୫ ଜାତ । ଯଥା—(୧) ମେଦିନୀ, (୨) ନନ୍ଦନୀ, (୩) ଦୀପିନୀ, (୪) ପାବନୀ (୫) ତାଳାବଳୀ ।

ଷଡ଼ଙ୍ଗା ମେଦନୀ ପ୍ରୋକ୍ତା ପଞ୍ଚାଙ୍ଗା ନନ୍ଦନୀ ତଥା ।
ଦୀପିନୀ ଚତୁରଙ୍ଗା ସ୍ୟାତ୍ପାବନୀ ତ୍ର୍ୟଙ୍ଗିକା ମତା ॥
ଦ୍ୱ୍ୟଙ୍ଗୀ ତାଳାବଳୀ ପ୍ରୋକ୍ତା ମୁନିଭି ର୍ଭରତାଦିଭିଃ ।୮୯।

ଅନୁବାଦ

ଭରତାଦି ମୁନିମାନଙ୍କ ମତରେ ମେଦନୀର ୬ଟି ଅଙ୍ଗ, ନନ୍ଦନୀର ୫ଟି ଅଙ୍ଗ, ଦୀପିନୀର ୪ଟି ଅଙ୍ଗ, ପାବନୀର ୩ଟି ଅଙ୍ଗ ଓ ତାଳାବଳୀର ଦୁଇଟି ଅଙ୍ଗ ହୁଏ ।

ଏତେନ ଏକାଙ୍ଗଃ ପ୍ରବନ୍ଧୋ ନ ଭବତୀତି ସୂଚିତମ୍ ।
ଏକେନ ତାଳେନ ଭବେତ୍ ପ୍ରବନ୍ଧ ସ୍ତାଳଦ୍ୱୟେନ ତ୍ରିଭିରେବ ଲୋକେ ।
ଚତୁର୍ଭିରେବାଽଥ ଚ ପଞ୍ଚଭିର୍ବା ଯଥେଚ୍ଛୟା ବା ପରିକଳ୍ପନୀୟଃ ।୯୦।
ଏତେନ ପ୍ରବନ୍ଧଗୀତେ ତାଳ ପ୍ରୟୋଗ ବିଧାନମୁକ୍ତମ୍ ।

ଅନୁବାଦ

ଗୋଟିଏ ଅଙ୍ଗରେ ପ୍ରବନ୍ଧ ହୁଏ ନାହିଁ । ଗୋଟିଏ, ଯୋଡ଼ିଏ, ତିନୋଟି, ଚାରୋଟି, ପାଞ୍ଚୋଟି କିମ୍ବା ତତୋଧିକ ତାଳରେ ପ୍ରବନ୍ଧ ହୋଇପାରେ ।

ଏହିପରି ପ୍ରବନ୍ଧ ଗୀତରେ ତାଳବିଧାନ କୁହାଗଲା ।

Digitized by srujanika@gmail.com

ଅଥ ପ୍ରବନ୍ଧ ଗୀତେଷୁ ତାଳରାଗପାଟାଦୀନାଂ ବିଧି ମାହ—

ପ୍ରବନ୍ଧ ଗୀତରେ ତାଳ, ରାଗ, ପାଟ ଇତ୍ୟାଦି ପ୍ରୟୋଗ ବିଧି—

ବହୁତାଳଃ ପ୍ରବନ୍ଧାସ୍ତୁ ରାଗୈର୍ବହୁଭିରେବ ଚ ।
ଆଦିମଧ୍ୟାନ୍ତ ବିନ୍ୟାସପାଟାଦୀନାଂ ବିଧାନତଃ ।
ଭେଦା ବହୁତରସ୍ତେଷାଂ ନୋକ୍ତାଃ ବିସ୍ତରଶଙ୍କୟା ।୯୧।

ଅନୁବାଦ

ପ୍ରବନ୍ଧଗୁଡ଼ିକ ବହୁ ତାଳ ଓ ବହୁ ରାଗରେ ରଚିତ ହୁଏ । ଆଦି, ମଧ୍ୟ, ଅନ୍ତରେ ବିନ୍ୟାସ ଓ ପାଟଯୁକ୍ତ ହୁଏ । ଏହାର ବହୁ ପ୍ରକାର ଭେଦ ଅଛି । ଗ୍ରନ୍ଥ ବିସ୍ତାର ଭୟରେ ଏଠାରେ ସମସ୍ତ କୁହାଯାଉ ନାହିଁ ।

ଅଥ ରାଗାଦୀନାଂ ବହାରତ୍ୱେ ବାକ୍ୟମାହ—

ରାଗ ପ୍ରଭୃତିର ବହୁତ୍ୱ—

ନ ରାଗାଣାଂ ନ ତାଳାନାଂ ନ ବାଦ୍ୟାନାଂ ବିଶେଷତଃ ।
ନାଽପି ପ୍ରବନ୍ଧ ଗୀତାନାମନ୍ତୋ ଜଗତି ବିଦ୍ୟତେ ।୯୨।

ଅନୁବାଦ

ଜଗତରେ ରାଗ, ତାଳ, ବାଦ୍ୟ ବିଶେଷକର ପ୍ରବନ୍ଧ ଗୀତ ଅସଂଖ୍ୟ ।

ତଥାପି ପ୍ରବନ୍ଧେଷ୍ୟଃ କେଚିତ୍ ପ୍ରବନ୍ଧାଃ ଲକ୍ଷଣୈ ର୍ଦୃଶ୍ୟନ୍ତେ—

ତଥାପି କେତୋଟି ପ୍ରବନ୍ଧର ଲକ୍ଷଣ କୁହାଯାଉଅଛି—

Digitized by srujanika@gmail.com

ବର୍ଣ୍ଣସ୍ୟ ଶବ୍ଦସ୍ୟ ବିଶେଷତଃ ସ୍ୟୁର୍ନାମାନି କାର୍ଯ୍ୟଣି
ତଥାପି ତେଷାମ୍ ।
ଏବଂ ପ୍ରବନ୍ଧା ବହବଃ ପ୍ରବନ୍ଧାଃ ସ୍ୟୁର୍ଧାତୁମାତୁଃ ପ୍ରଗୁଣାଙ୍କିତାସ୍ତୁ ।୧୩।
ବସ୍ତୁପ୍ରକାଶକୋ ନାମ୍ନା ଯଥାସ୍ୟାଦ୍ଦିଷ୍ଟୁ ବର୍ଣ୍ଣିତଃ ।୧୪।

ଅନୁବାଦ

ବର୍ଣ୍ଣର ବିଶେଷତ୍ୱରୁ ବା ଶବ୍ଦ (ଅକ୍ଷର)ର ବିଶେଷତ୍ୱରୁ ପ୍ରବନ୍ଧମାନଙ୍କର ନାମକରଣ କରିବ । ପ୍ରବନ୍ଧ ବହୁତ ପ୍ରକାର । ଧାତୁ ଓ ମାତୁର ପ୍ରୟୋଗ ଗୁଣରୁ ଏମାନେ ଚିହ୍ନିତ ହୁଅନ୍ତି ।

ଯେଉଁଠାରେ ବସ୍ତୁଙ୍କର ଗୁଣ ବର୍ଣ୍ଣିତ ହୋଇଥିବା ପ୍ରବନ୍ଧକୁ ବସ୍ତୁପ୍ରକାଶ ପ୍ରବନ୍ଧ ବୋଲିଯାଏ ।

ବସ୍ତୁ ପ୍ରକାଶକ ପ୍ରବନ୍ଧେ ଉଦାହରଣ ମିତ୍ୟାହ
ଧନାଶ୍ରୀ ରାଗେଣ ଜୟନାରାୟଣ ଇତ୍ୟାଦି ଗୀତମ୍—

ଧନାଶ୍ରୀ ରାଗରେ ବସ୍ତୁ ପ୍ରକାଶକ ପ୍ରବନ୍ଧର ଉଦାହରଣ
ଜୟ ନାରାୟଣ ଇତ୍ୟାଦି ଗୀତମ୍ —

ଅଥ ମାତୃକା ପ୍ରବନ୍ଧମାହ—

ମାତୃକା ପ୍ରବନ୍ଧ—

ଏକୈକ-ମାତୃକା ବର୍ଣ୍ଣ ପୂର୍ବିକାଣି ପଦାନି ଚେତ୍ ।
କ୍ରମେଣ ଯତ୍ର ଗୀୟନ୍ତେ ମାତୃକା ସା ବିଧା ମତା ।୧୫।

ଅନୁବାଦ

ଯେଉଁ ପ୍ରବନ୍ଧର ପୂର୍ବରେ ଗୋଟିଏ ଗୋଟିଏ ହୋଇ ମାତୃକା ବର୍ଣ୍ଣଯୁକ୍ତ ପଦ ('ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷରାଦ୍ୟ ଶବ୍ଦ) କ୍ରମାନୁସାରେ ରଚିତ ଗୀତହୁଏ । ତାହାକୁ ମାତୃକା ପ୍ରବନ୍ଧ କୁହାଯାଏ । ଏହା ତିନି ପ୍ରକାର ।

Digitized by srujanika@gmail.com

ଅଥ ମାତୃକା-ପ୍ରବନ୍ଧସ୍ୟ ଭେଦତ୍ରୟନାମ-କଥନମ୍—

ମାତୃକା ପ୍ରବନ୍ଧର ଭେଦ ତିନିପ୍ରକାର—

ଦବ୍ୟା ଚ ମାନୁଷୀ ଦବ୍ୟମାନୁଷୀ ଚେତ୍ତ ସା ତ୍ରିଧା ।

ଅର୍ଥ—(୧) ଦବ୍ୟା, (୨) ମାନୁଷୀ, (୩) ଦବ୍ୟ ମାନୁଷୀ ।

ଅଥ ଦବ୍ୟା-ମାତୃକା ପ୍ରବନ୍ଧ ଲକ୍ଷଣମାହ—

ଦବ୍ୟ-ମାତୃକା ପ୍ରବନ୍ଧର ଲକ୍ଷଣ—

ଦବ୍ୟା-ସଂସ୍କୃତସ୍ଥା ବାଗ୍ମ ମାର୍ଗ-ତାଳେନ ଗୀୟତେ । ୯୭।

ଅନୁବାଦ

ଦବ୍ୟା ପ୍ରବନ୍ଧର ଭାଷା ସଂସ୍କୃତ ଏବଂ ମାର୍ଗ ତାଳରେ ଗୀତହୁଏ ।

ଅଥ ମାନୁଷୀ-ମାତୃକା ପ୍ରବନ୍ଧସ୍ୟ ଲକ୍ଷଣମାହ—

ମାନୁଷୀ ମାତୃକା ପ୍ରବନ୍ଧର ଲକ୍ଷଣ—

ମାନୁଷୀ ପ୍ରାକୃତଗୀର୍ଦେଶୀତାଳେନ ନିର୍ମିତା ।

ଅର୍ଥ:— ମାନୁଷୀ ପ୍ରବନ୍ଧର ଭାଷା ପ୍ରାକୃତ (ଓଗକୃତ) ଏବଂ ତାଳ-ଦେଶୀ ।

ଅଥ ଦବ୍ୟମାନୁଷୀ-ମାତୃକା ପ୍ରବନ୍ଧଗୀତ ଲକ୍ଷଣମାହ—

ଦବ୍ୟମାନଷୀ ମାତୃକା ପ୍ରବନ୍ଧ ଲକ୍ଷଣ—

ଦ୍ୱୟୋର୍ମିଶ୍ରପ୍ରଣାଦୁକ୍ତା ମାତୃକା ଦବ୍ୟମାନୁଷୀ ।୯୮।

Digitized by srujanika@gmail.com

ଅନୁବାଦ

ପୂର୍ବୋକ୍ତ ଉଭୟ ପ୍ରବନ୍ଧ ଦ୍ୱୟର ମିଶ୍ରଣରେ ଦବ୍ୟମାନୁଷୀ ମାତୃକା ପ୍ରବନ୍ଧ ହୁଏ । (ସଂସ୍କୃତ ଏବଂ ପ୍ରାକୃତ ମିଶ୍ରିତ ଭାଷା ଓ ମାର୍ଗ ବା ଦେଶୀ ତାଳରେ ନିର୍ମିତ)

ଅଥ ମାତୃକା ପ୍ରବନ୍ଧସ୍ୟ ତାଳରାଗୟୋର୍ନିୟମମାହ—

ମାତୃକା ପ୍ରବନ୍ଧରେ ରାଗତାଳର ନିୟମ (ବିଧି)—

ତାଳନୈକେନ ରାଗେଣ ବହୁଭିର୍ବା ପ୍ରୟୋଗତଃ ।

ଅର୍ଥ— ମାତୃକା ପ୍ରବନ୍ଧରେ ଗୋଟିଏ ରାଗ କମ୍ବା ଗୋଟିଏ ତାଳ ବା ବହୁତାଳ ବହୁ ରାଗ ହୋଇପାରେ ।

ଅଥ ମାତୃକା-ପ୍ରବନ୍ଧସ୍ୟ ମହିମାନମାହ—

ମାତୃକା ପ୍ରବନ୍ଧର ମହିମା—

ସର୍ବମନ୍ତ୍ରମୟୀ ହ୍ୟେଷା ସର୍ବସିଦ୍ଧିପ୍ରଦାୟିନୀ ।୧୮।

ଅନୁବାଦ

ଏହା ସର୍ବମନ୍ତ୍ରମୟୀ ଏବଂ ସର୍ବସିଦ୍ଧି ପ୍ରଦାୟିନୀ ।

"ଉପର ମାର୍ଗଦେଶୀ-ତାଳୌ ବକ୍ଷତେ ତୟୋର୍ମଧ୍ୟେ
ଯେନ କେନ ଚନ୍ନିର୍ମିତେତ୍ୟର୍ଥଃ ।।"

ଇତି ନି ମାତୃକା ପ୍ରବନ୍ଧଃ ।।

Digitized by srujanika@gmail.com

ମାର୍ଗ ଓ ଦେଶୀତାଳ—

ଏମାନଙ୍କ ମଧ୍ୟରୁ ଯେ କୌଣସି ତାଳରେ ମାତୃକା ପ୍ରବନ୍ଧ ପ୍ରସ୍ତୁତ ହୋଇପାରେ ।

ଇତି ଶ୍ରୀମାତୃକା ପ୍ରବନ୍ଧ ।

ଅଥାନ୍ୟ ପ୍ରବନ୍ଧ ବିଷୟ ମାହ—

ଅନ୍ୟ ପ୍ରବନ୍ଧ ବିଷୟ—

ଏଳାଦ୍ୟା ଦୁଷ୍କରାଃ ସନ୍ତି ପ୍ରବନ୍ଧାଃ ମୁନିଭାଷିତାଃ ।
ତେଭ୍ୟଃ ଷଡ୍‌ବିଂଶତିଃ ପ୍ରୋକ୍ତା ହରିନାଥୁକ ସୂରିଣା ।
କଥ୍ୟନ୍ତେ ହମଶାସ୍ତ୍ରେ ଚ ନାମ ମାତ୍ରେଣ କେବଳମ୍ ।୯୯।

ଅନୁବାଦ

ମୁନିମାନଙ୍କ ମତରେ ଏଳା ପ୍ରଭୃତି ବହୁ ଦୁଷ୍କର ପ୍ରବନ୍ଧ ଅଛି । ସେମାନଙ୍କ ମଧ୍ୟରୁ ସଙ୍ଗୀତ ପଣ୍ଡିତ ହରିନାଥୁକ ୨୬ ଗୋଟି ପ୍ରବନ୍ଧ ସମ୍ବନ୍ଧେ କହିଛନ୍ତି । ହମାନ୍ଥୁରେ କେବଳ ସେମାନଙ୍କର ନାମ କୁହାଯାଉ ଅଛି ।

ପଞ୍ଚତାଳେ-ଶ୍ୱରେବର୍ଣ୍ଣ-ସ୍ୱର-ଶ୍ଚୈବାଙ୍କଚାରିଣୀ ।
ସ୍ୱରାର୍ଥୋ ମାତୃକା ଚୈବସ୍ତଥା ରାଗ-କଦମ୍ବକଃ ।୧୦୦।

ସ୍ୱରଙ୍ଗଂ କରଣଂ ବର୍ତ୍ମନ୍ୟଥ ତାଳାର୍ଣ୍ଣବସ୍ତଥା ।
ଶ୍ରୀରଙ୍ଗଃ ଶ୍ରୀବିଳାସଶ୍ଚ ପଞ୍ଚଭଙ୍ଗୀ ତତଃପରମ୍ ।୧୦୧।

ପଞ୍ଚାନନୋମାତିଳକୌ ସିଂହଲୀଳସ୍ତଥାପରଃ ।
ତ୍ରିଭଙ୍ଗୀ ହଂସଲୀଳଶ୍ଚ ତଥା ହରି-ବିଳାସକଃ ।୧୦୨।

ସୁଦର୍ଶନଃ ସ୍ୱରାଙ୍ଗ ଶ୍ରୀବର୍ଦ୍ଧନୋ ହର୍ଷବର୍ଦ୍ଧନଃ ।
ବୀରଶ୍ରୀର୍ମଙ୍ଗଳଶ୍ଚୈବ ଲହରୀ ଚ ପ୍ରକୀର୍ତ୍ତିତାଃ ।୧୦୩।

ନବରତ୍ନାଭିଧଃ ପ୍ରୋକ୍ତସ୍ତଥା ସରଭ-ଲୀଳକଃ ।
କଣ୍ଠାଭରଣନାମା ଚେତେତେ ଷଡ୍‌ବିଂଶତିର୍ମତାଃ ।୧୦୪।

Digitized by srujanika@gmail.com

ଅନୁବାଦ

ପ୍ରବନ୍ଧର ନାମ—ପଞ୍ଚତାଳେଶ୍ୱର, ବର୍ଣ୍ଣସ୍ୱର, ଅଙ୍କଶ୍ରେଣୀ, ସ୍ୱରାର୍ଥ, ମାତୃକା, ରାଗକଦମ୍ବ, (ଏ ଋ ବହୁଳ ହେବ) ତାଳାର୍ଣ୍ଣବ, ଶ୍ରୀରଙ୍ଗ, ଶ୍ରୀବିଳାସ, ପଞ୍ଚଭଙ୍ଗୀ, ଉମାତିଳକ, ସିଂହଲୀଳ, ତ୍ରିଭଙ୍ଗୀ, ହଂସଲୀଳ, ହରବିଳାସ, ସୁଦର୍ଶନ, ସ୍ୱରାଙ୍କ, ଶ୍ରୀବର୍ଦ୍ଧନ, ହର୍ଷବର୍ଦ୍ଧନ, ବୀରଶ୍ରୀ, ମଙ୍ଗଳ, ଲମ୍ବହେଣ୍ଡୀ, ନବରତ୍ନ, ସରଭଲୀଳ ଓ କଣ୍ଠାଭରଣ ।

ତେଷାଂ ମଧ୍ୟେ ପ୍ରୟୋଗାର୍ହାନ୍ ପ୍ରବନ୍ଧାନ୍ କତିଚିଦ୍ ବ୍ରୁବେ ।
ତେଭ୍ୟୋଽନ୍ୟଃ କାଯ୍ୟୁବାଳଃ ସ୍ୟାତ୍ ସଏବାଦୌ ନିରୂପ୍ୟତେ ।୧୦୫।

ଅନୁବାଦ

ଏମାନଙ୍କ ମଧ୍ୟରେ ଯାହା ପ୍ରୟୋଗ ହୋଇପାରେ ଏପରି କେତୋଟି ପ୍ରବନ୍ଧ କଥା କହୁଅଛୁ । ପ୍ରଥମରୁ କାଯ୍ୟୁବାଳ ନାମକ ଅନ୍ୟତମ ପ୍ରବନ୍ଧ କଥା କୁହା ଯାଉଅଛି ।

କାଯ୍ୟୁବାଳ-ପ୍ରବନ୍ଧୋ ଯଥା—

କାଯ୍ୟୁବାଳ ପ୍ରବନ୍ଧ—

ଯତ୍ରତାଳାଃ ପ୍ରଦର୍ଶ୍ୟନ୍ତେ ପାଟମାତ୍ରେଣ କେବଳମ୍ ।
ପଦାନାଂ କଳ୍ପନାବେଗେ କାଯ୍ୟୁବାଳଃ ସ ଈର୍ଯ୍ୟତେ ।୧୦୬।

ଅନୁବାଦ

ଯେଉଁ ପ୍ରବନ୍ଧରେ ତାଳ ଏବଂ କେବଳ ପାଟ ଥାଏ, ଆବେଗରେ ପଦମାନଙ୍କର କଳ୍ପନା କରାଯାଇଥାଏ, ତାହାକୁ କାଯ୍ୟୁବାଳ ପ୍ରବନ୍ଧ କୁହନ୍ତି ।

"ଗୀତ ପ୍ରକାଶେ ତୂଦାହରଣମସ୍ତି । ଇତି କାଯ୍ୟୁବାଳ ପ୍ରବନ୍ଧଃ ॥"

ଅର୍ଥ—ଏହାର ଉଦାହରଣ ଗୀତ ପ୍ରକାଶରେ ମିଳିବ ।

ଇତି କାଯ୍ୟୁବାଳ ପ୍ରବନ୍ଧ ।

Digitized by srujanika@gmail.com

ଅଥ ତାଳାର୍ଣ୍ଣବ-ପ୍ରବନ୍ଧମାହ—

ତାଳାର୍ଣ୍ଣବ ପ୍ରବନ୍ଧ—

ତାଳାର୍ଣ୍ଣବୋ ଭୂତେତାଳୈର୍ଭବେତ୍ ସଂସ୍କୃତଭାଷୟା ।
ଯୋଗାଦ୍‌ଗଦ୍ୟସ୍ୟ ପଦ୍ୟସ୍ୟ ସ ଦ୍ୱିଧା ପରିକୀର୍ତ୍ତିତଃ ।୧୦୭।

ଅନୁବାଦ

ତାଳାର୍ଣ୍ଣବ ପ୍ରବନ୍ଧ ସଂସ୍କୃତ ଭାଷାରେ, ଗଦ୍ୟପଦ୍ୟ ମିଶ୍ରଣରେ ଏବଂ ବହୁତାଳ ସହଯୋଗରେ ହୋଇଥାଏ ।

ଇତି ତାଳାର୍ଣ୍ଣବ ପ୍ରବନ୍ଧଃ ।

—ଇତି ତାଳାର୍ଣ୍ଣବ ପ୍ରବନ୍ଧ ॥

ଅଥ ସିଂହଲୀଳ-ପ୍ରବନ୍ଧ ମାହ—

ସିଂହଲୀଳ ପ୍ରବଂଧ—

ସ୍ୱରୈଃ ପାଟୈଶ୍ଚ ବିରୁଦୈସ୍ତେନକୈ ର୍ଯୋ ବିରଚ୍ୟତେ ।
ସିଂହଲୀଳେନ ତାଳେନ ସିଂହଲୀଳଃ ସ ଉଚ୍ୟତେଃ ।୧୦୮।

ଅନୁବାଦ

ସ୍ୱର, ପାଟ, ବିରୁଦ, ତେନକ ଯୁକ୍ତ ହୋଇ ସିଂହଲୀଳ ତାଳରେ ଏହା ରଚିତ ହୁଏ ।

ସିଂହଲୀଳ ତାଳସ୍ତୁ 'ସଙ୍ଗୀତ ଚୂଡ଼ାମଣୌ' ଯଥା—

'ସଙ୍ଗୀତ ଚୂଡ଼ାମଣି' ଗ୍ରନ୍ଥ ବର୍ଣ୍ଣିତ ସିଂହଲୀଳ ତାଳ—

ସିଂହଲୀଳେ ଲଘୋରନ୍ତେ ଦ୍ରୁତଦ୍ୱୟଂ ପରିକୀର୍ତ୍ତିତମ୍ ॥

ଇତି ସିଂହଲୀଳଃ ପ୍ରବନ୍ଧ; ॥

Digitized by srujanika@gmail.com

ଅନ୍ୟେ ଯେ ତୁ ପ୍ରବନ୍ଧାଶ୍ଚ ପଞ୍ଚତାଳେଶ୍ୱରାଦୟଃ ।
ମୟା ତୁ ଗ୍ରନ୍ଥ ବାହୁଲ୍ୟଖ୍ୟାପନୋକ୍ତାସ୍ତୁ ତେଽପି ଚ ।୧୦୯।

ଅନୁବାଦ

ଗୋଟିଏ ଲଘୁମାନରେ ଛଅଗୋଟି ଦ୍ରୁତ ହୁଏ ।

ଇତି ସିଂହନନ୍ଦନ ପ୍ରବନ୍ଧ ।

ପଞ୍ଚତାଳେଶ୍ୱର ପ୍ରଭୃତି ଅନ୍ୟାନ୍ୟ ଯେଉଁ ପ୍ରବନ୍ଧ ଅଛି, ଗ୍ରନ୍ଥ ବଢ଼ିଯିବା ଭୟରେ ସେଗୁଡ଼ିକ ଆଉ ଲେଖାଯାଉ ନାହିଁ ।

ଅଥ ସୂଡ଼ପ୍ରବନ୍ଧ ମାହ—

ସୂଡ଼ ପ୍ରବନ୍ଧ—

"ସୂଡ଼ ପ୍ରବନ୍ଧୋଽପି ଶୁଦ୍ଧଗୀତମଧ୍ୟେ ବହୂଲ୍ଲିଖିତଃ ॥"

ଅର୍ଥ – ଶୁଦ୍ଧଗୀତ ମଧ୍ୟରେ ବହୁ ସୂଡ଼ ପ୍ରବନ୍ଧ ଲିଖିତ ହୋଇଅଛି ।

ଅଥ ସୂଡ଼ ପ୍ରବଂଧ ଲକ୍ଷଣ ମାହ—

ସୂଡ଼ ପ୍ରବଂଧର ଲକ୍ଷଣ—

ତାଳା ନବାଦକା ଯତ୍ର ପାଟାଦି ରହିତା ଯଦି ।
ସୂଡ଼ପ୍ରବଂଧଃ କଥିତ ଏକରାଗ-ନିବେଶିତଃ ।୧୧୦।

ଅନୁବାଦ

ଏହା ନବତାଳରେ ରଚିତ । ପାଟାଦିର ଏଥିରେ ସ୍ଥାନ ନାହିଁ । ଗୋଟିଏ ରାଗ ବ୍ୟବହୃତ ହୁଏ ।

Digitized by srujanika@gmail.com

ଅନ୍ୟମତେ ତୁ—

ଅନ୍ୟ ମତରେ—

ଆଦୌ ତାଳାଦିକଂ ଯତ୍ର ମଧ୍ୟେ ତ୍ୱାଲପମୁଚ୍ଚରନ୍ ।
ଅନ୍ତେ ଏକତାଳୀ କଥିତା ସାଽସୌ ସୂଡ଼ପ୍ରବନ୍ଧକା ।୧୧୧।

ଇତି ସୂଡ଼ପ୍ରବନ୍ଧ-ଲକ୍ଷଣମ୍ ।

ଅନୁବାଦ

ଆଦ୍ୟ ତାଳ ପ୍ରଭୃତି ଥିବ, ମଧ୍ୟରେ ଆଳାପ ରହିବ, ଶେଷରେ ଏକତାଳୀ ହେବ—ଏହାକୁ ସୂଡ଼ ପ୍ରବନ୍ଧ କୁହନ୍ତି ।

ଇତି ସୂଡ଼ପ୍ରବନ୍ଧ ।

ଚକ୍ରେ ନୃପୋ ଯାଂ ଭୁବି କେରଳାୟାଂ
ଶ୍ରୀମାଳକଣ୍ଠୋଽପି ଚ ନାଟ୍ୟପୂର୍ବାମ୍ ।
ମନୋରମାଖ୍ୟାଂ ତୁ ଗତୋ ଦ୍ୱିତୀୟଃ-
ପାଦସ୍ତୁ ତସ୍ୟାଂ ବୁଧଶର୍ମଦାନ୍ୟାମ୍ ॥୧୧୨॥

ଅନୁବାଦ

ପଣ୍ଡିତମାନଙ୍କର ସୁଖଦାୟୀ ଏହି ନାଟ୍ୟପୂର୍ବ ମନୋରମା ଅର୍ଥାତ୍ ନାଟ୍ୟ ମନୋରମା ଗ୍ରନ୍ଥକୁ କେରଳ ଭୂଖଣ୍ଡର ରାଜା ଶ୍ରୀମାଳକଣ୍ଠ ରଚନା କଲେ । ଏହା ଏଇ ଗ୍ରନ୍ଥର ଦ୍ୱିତୀୟ ପାଦ ।

Digitized by srujanika@gmail.com

ତୃତୀୟଃ ପାଦଃ

—ତୃତୀୟ ପାଦ—

ଅଥ ଛାୟାଲଗ ସୂଡ଼ ଲକ୍ଷଣମାହ—

ଛାୟାଲଗ ସୂଡ଼ ଲକ୍ଷଣ—

ଉକ୍ତାନାମେବ ଭାବନାଂ ଛାୟା ମାତ୍ରଂ ଭବେଦ୍ୟଦି ।
ଛାୟାଲଗସ୍ତୁ ସୂଡ଼ୋକ୍ତଃ ମୁନିଭିର୍ଭରତାଦିଭିଃ ।୧।

ଅନୁବାଦ

ଉକ୍ତ ସୂଡ଼ ପ୍ରବନ୍ଧ ଲକ୍ଷଣରେ ଯେଉଁ ଯେଉଁ ଲକ୍ଷଣ କୁହାଯାଇ-ଅଛି, ତହିଁ ମଧ୍ୟରୁ କିଛି ବା ଛାୟାଥିଲେ ତାହା ଛାୟାଲଗ ହୁଏ ।

ଛାୟାଲଗସ୍ତାଦ୍ୟ ଯତିସ୍ତତସ୍ତୁ ନିଃସାରମଣ୍ଠୌ ତ୍ରିପୁଟଡ଼୍ଡ଼ ଝମ୍ପାଃ ।
ସ୍ୟାଦ୍ରୂପକାଖ୍ୟାଃ ପୁନରେକତାଳୀ ତାଳୈସ୍ତଦେତୈର୍ନବଭିଃ
ଧ୍ରୁବସ୍ଥାଃ ।୨।

ଅନୁବାଦ

ଛାୟାଲଗ ସୂଡ଼ (୧) ଆଦ୍ୟ (୨) ଯତି, (୩) ନିଃସାରୁ, (୪) ମଣ୍ଠ, (୫) ତ୍ରିପୁଟ, (୬) ଅଡ଼୍ଡ଼, (୭) ଝମ୍ପ, (୮) ରୂପକ ଏବଂ (୯) ଏକତାଳୀ, ଏହି ନଅତାଳରେ ହୁଏ ।

Digitized by srujanika@gmail.com

ଅଥ ଧ୍ରୁବଲକ୍ଷଣ ତାଳମାହ—

ଧ୍ରୁବ ଲକ୍ଷଣ—

ନଃଶାର ଚ ଯତିଶ୍ଚୈବ ଦ୍ୱୟଂ ତୁ ଧ୍ରୁବ ଲକ୍ଷଣମ୍ ॥
ଅର୍ଥ—ନଶାର ଏବଂ ଯତି ତାଳ ଦୁହେଁ ଧ୍ରୁବ ଲକ୍ଷଣ ।

ଅଥ ମଣ୍ଠଲକ୍ଷଣ ତାଳମାହ—

ମଣ୍ଠ ଲକ୍ଷଣ—

ମଣ୍ଠଶ୍ଚୈକତାଳୀ ଚ ମଣ୍ଠଲକ୍ଷଣ ସମ୍ଭବୌ ।୩।

ଅନୁବାଦ

ମଣ୍ଠଲକ୍ଷଣ—ମଣ୍ଠତାଳ ଏବଂ ଏକତାଳି ତାଳରେ ରଚିତ ହୁଏ ।

ଅଥ ଧ୍ରୁବଲକ୍ଷଣ ତାଳମାହ—

ଧ୍ରୁବ ମଣ୍ଠଲକ୍ଷଣ ତାଳ—

ଆଦ୍ୟ ରୂପ-ନିପୃଠ କଣ୍ଠ୍ୟଡ଼୍ଡ଼ ଝମ୍ପକ କୁଡ଼୍ଡ଼ୁକା
ଜପାଡ଼୍ଡ଼ମାନଃ ସପ୍ତୈତେ ଧ୍ରୁବ ମଣ୍ଠ ଦ୍ୱୟାଶ୍ରିକାଃ ।୪।

ଅନୁବାଦ

ଆଦ୍ୟ, ରୂପକ, ନିପୃଠ, ଆଡ଼୍ଡ଼, ଝମ୍ପକ, କୁଡ଼୍ଡୁକ ଓ ଜପାଡ଼୍ଡ଼ ତାଳ—ଏହି ସାତ ତାଳ ଧ୍ରୁବ ଲକ୍ଷଣ ଏବଂ ମଣ୍ଠ ଲକ୍ଷଣ ହୁଏ ।

ଯତ୍ନାତ୍ତୁ ଦୁଷ୍କରତ୍ୱାତ୍ତୁ-ଧ୍ରୁବକାଦୟୋ ନ ଲିଖିତଃ ।

ଧ୍ରୁବକାଦ ତାଳମାନଙ୍କ ରଚନା ଅତି ଦୁଷ୍କର ହେତୁ ଲେଖାଗଲାନାହିଁ ।

Digitized by srujanika@gmail.com

ଅଥ ଗାୟନେ ଧ୍ରୁବକସ୍ୟ ପ୍ରାଧାନ୍ୟତ୍ୱମାହ—

ଧ୍ରୁବକର ପ୍ରାଧାନ୍ୟ—

ଯଥୈକ୍ୟଂ ନ ବିନା ଜ୍ଞାନଂ ନ ଧ୍ୟାନଂ ସ୍ଥିରତାଂ ବିନା ।
ନ ଶୁଦ୍ଧିଶ୍ଚ ବିନା ଦାନଂ ନ ଗାନଂ ଧ୍ରୁବକଂ ବିନା ।୫।

ଅନୁବାଦ

ଜ୍ଞାନ ବିନା ଐକ୍ୟ (ମୁକ୍ତି) ଅସମ୍ଭବ । ନିଶ୍ଚଳତା ବିନା ଧ୍ୟାନ ଅସମ୍ଭବ, ଦାନ ବିନା ଶୁଦ୍ଧି ଅସମ୍ଭବ, ସେହିପରି ଧ୍ରୁବକ ବିନା ଗାୟନ ଶୁଦ୍ଧ ନୁହେଁ । ଅର୍ଥାତ୍ ଧ୍ରୁବକ ବିନା ଗାୟନ ହୋଇ ନପାରେ ।

ଅଥ ଧ୍ରୁବସ୍ୟ ଲକ୍ଷଣ ମାହ—

ଧ୍ରୁବ ଲକ୍ଷଣ—

ଜ୍ଞେୟଃ ସ ଧ୍ରୁବଲକ୍ଷଣୋ ଯଦ ଭବେଦୁଦ୍‌ଗ୍ରାହ୍ୟ ଏବ ଧ୍ରୁବ-
ସ୍ତୁତିଃ ଖଣ୍ଡମିହଦ୍ୱିଧାତୁ ଗଦିତଂ ଦ୍ୱିର୍ଗେୟ ମେବୋଚ୍ଚକୈଃ ।୬।

ଅନୁବାଦ

ଉଦ୍‌ଗ୍ରାହ ଅଂଶ (୧ମ ପାଦ) ଉଚ୍ଚକରି ଦୁଇଥର ଗାଇଲେ, ତାହା ଧ୍ରୁବଲକ୍ଷଣ ବୋଲାଏ ଏବଂ ଏହା ଦୁଇ ଭାଗ (ଅବୟବ) ବା ଖଣ୍ଡରେ ବିଭକ୍ତ ।

ପ୍ରଥମଖଣ୍ଡାତ୍‌ପେକ୍ଷୟା ଦ୍ୱିତୀୟଖଣ୍ଡ ଉଚ୍ଚୈର୍ଗେୟଃ ।
ଦ୍ୱିବିମାତ୍ରାଧିକଃ ପ୍ରଥମଖଣ୍ଡଃ ସମମାତ୍ରୋ ବେତି କେଚନ୍ ।୭।

ଅନୁବାଦ

ପ୍ରଥମ ଖଣ୍ଡ (ଭାଗ) ଅପେକ୍ଷା ଦ୍ୱିତୀୟ ଖଣ୍ଡ ଉଚ୍ଚରେ ଗାଇବ । କେହି କେହି କୁହନ୍ତି ଦ୍ୱିତୀୟ ଖଣ୍ଡ, ପ୍ରଥମ ଖଣ୍ଡ ଅପେକ୍ଷା ଦୁଇ ତିନି ମାତ୍ରା ଅଧିକ କିମ୍ବା ସମାନ ହେବ ।

Digitized by srujanika@gmail.com

ଉକ୍ତଂ ଦ୍ୱିଖଣ୍ଡମୁଦ୍‌ଗ୍ରାହେ ଦ୍ୱିଖଣ୍ଡଂ ଧ୍ରୁବକେ ମତମ୍ ।
ତତୋ ଦ୍ୱିଖଣ୍ଡମାଭୋଗେ ତାଳବର୍ଣ୍ଣରସୈଃ ସମମ୍ ।୮।

ଅନୁବାଦ

ଉଦ୍‌ଗ୍ରାହ, ଧ୍ରୁବ ଓ ଆଭୋଗ ପ୍ରତ୍ୟେକ ଦୁଇ ଦୁଇ ଖଣ୍ଡରେ ବିଭକ୍ତ, ତାଳ, ବର୍ଣ୍ଣ (ଅକ୍ଷର) ଓ ରସ ସମାନ ହେବ ।

ଉଦ୍‌ଗ୍ରାହଂ ପ୍ରଥମଂ ଗୀତ୍ୱା ଧ୍ରୁବଂ ଗାୟେତ୍ତତଃ ପରମ୍ ।
ତତୋଽନ୍ତର ଧ୍ରୁବସ୍ତସ୍ମାଦାଭୋଗ ସ୍ୟାଦ୍ଧ୍ରୁବକସ୍ତତଃ ॥
ଗୀତ୍ୱା ପୂର୍ବଂ ପଦନ୍ୟାସୋ ଯତ୍ରାସୌ ଧ୍ରୁବକୋ ମତଃ ।୯।

ଅନୁବାଦ

ପ୍ରଥମେ ଉଦ୍‌ଗ୍ରାହ, ତହିଁପରେ ଧ୍ରୁବ, ତହିଁପରେ ଅନ୍ତରା ଓ ତହିଁପରେ ଆଭୋଗ ଏବଂ ଧ୍ରୁବ ଏ ଦୁହିଁଙ୍କୁ ଗାଇବାର ନିୟମ ।

ଅଥୋଦାହରଣଂ ମହ୍ଲାର ରାଗେଣ—

ମହ୍ଲାର ରାଗରେ ଉଦାହରଣ—

ଜୟ ଜୟ ଶଙ୍କର କଙ୍କର ଜନମ ବିଭବ ଭଞ୍ଜନ
ଜନରଞ୍ଜନ ଆ···
ନବଶଶୀଖଣ୍ଡ ଶିଖଣ୍ଡ ଚନ୍ଦ୍ରକର ଶଶଧର ବହ୍ନି
ବିଲୋଚନ ଆ ରେ···

ଇତି ପ୍ରଥମ ଖଣ୍ଡ ॥

ପରଶୁ-କପାଳ-କୁରଙ୍ଗ-ଡମରୁଧର ହର ହର ଦୁରନ
ହରନ୍ତ ଭୟମ୍ ।
ସୁର ତଟିନୀ ସୁତ-ମୁକୁଟ-ମହାନଟ-ଗୌରୀଲମ୍ପଟ
ତ ଆ ଇ ସ୍ୱା ଇ ସ୍ୱରୋ ···

ଇତ୍ୟୁତ ଖଣ୍ଡଃ ॥

Digitized by srujanika@gmail.com

—ଖଣ୍ଡ ଦ୍ୱୟମପି ଦ୍ୱିର୍ଗେୟମ୍ ॥

ଅର୍ଥ—ଏହି ଦୁଇଖଣ୍ଡ ଦୁଇଥର ଗାଇବାକୁ ହେବ । ଉରଣ୍ଡକପାଳ ଓ ସ୍ୱର ତଟିମ୍ନ—ଏହି ପର ଦୁଇଖଣ୍ଡ ।

ଇତି ଧ୍ରୁବ ।

ଅଥ ଖଣ୍ଡଦ୍ୱୟ ଗୀତ୍ୱାଂ ଧ୍ରୁବଃ ଗେୟମିତିଧ୍ରୁବଃ ।

ନମଦମରେଶ-କଣ୍ଠ-ମଞ୍ଜୁମଣି-ମାର୍ଜିତ ନଖଚନ୍ଦ୍ର ବନ୍ଦେ ।
ଭବ ଭବ ଶରଣଂ ଭକ୍ତି-ବିଭୂଷିତ କୃଷ୍ଣଦାସ ଇତି ଗାୟତି ଆରେ···

ନଥାପି ଆ ଇଆରେ ଆରେ ଇତ୍ୟାଦୟୋ ନିରର୍ଥକାଃ
ସ୍ତୋଭାଃ ଗୀତଲାଳିତ୍ୟାର୍ଥଂ ଗାୟକୈଃ ପ୍ରଯୁଜ୍ୟନ୍ତେ ॥

ଅର୍ଥ— ତଥା, ଇଆ ଇତ୍ୟାଦି ନିରର୍ଥକ ତାଳ ସମ୍ବନ୍ଧ ଏହି ଶବ୍ଦମାନଙ୍କୁ ଗୀତର ଲାଳିତ୍ୟ ବୃଦ୍ଧି ନିମିତ୍ତ ଗାୟକମାନେ ଗାଇଥାଆନ୍ତି ।

ଅଥ ମଣ୍ଠଲକ୍ଷଣମାହ—

ମଣ୍ଠ ଲକ୍ଷଣ—

ସମ୍ୟାନ୍ମଣ୍ଠକ ଲକ୍ଷଣୋ ଯତ୍ର ସମାବୁଦ୍‌ଗ୍ରାହକା ଭୋଗକା-
ବୁଦ୍‌ଗ୍ରାହା ଦ୍ୱିଗୁଣୋଽଥ ସାର୍ଦ୍ଧଗୁଣକୋ ବାସ୍ୟାଧ୍ରୁବସ୍ତଥ ଚ ।୧•।

ଅନୁବାଦ

ଯେଉଁ ଗୀତର ଉଦ୍‌ଗ୍ରାହ ଏବଂ ଆଭୋଗ ସମାନ ହୁଅନ୍ତି (ସମମାତ୍ରିକ) କିମ୍ବା ଉଦ୍‌ଗ୍ରାହ ଅପେକ୍ଷା ଧ୍ରୁବ ଦୁଇଗୁଣ ଅଥବା ଦେଢ଼ଗୁଣ ହୁଏ, ତାହା ମଣ୍ଠଲକ୍ଷଣ ।

Digitized by srujanika@gmail.com

ଉଦାହରଣମାଦ୍ୟତାଳେ ମହ୍ଲାର ରାଗେଣ—

ଆଦ୍ୟ ତାଳରେ ମହ୍ଲାର ରାଗରେ ଉଦାହରଣ —

ଦ୍ୱାରାବତ୍ୟା ପୁରଂ ମନୁଜ-ଫଯୁନ ଉଦ୍ଧବ ସମ୍ୱତୋ ନୟୁତମୟୁମ୍ ।
ଅନ୍ତ୍ରେବଉମ ଶଶବୋ ନନ୍ଦକ ନରୂତ୍ତମ ସମିତ ସ୍ତି ଆଇ ଆଇ ଆରେ···

ଇତ୍ୟୁଦ୍‌ଗ୍ରାହଃ ॥

ଦେଡ଼ଗୁଣା ଧ୍ରୁବ—

ମୁକୁନ୍ଦ ନୃପତ୍ତ ରାଜତସ୍ୟା । ବପୁଳ ଭକ୍ତିଚୟା ହରିଚରିତଂ-
ହନ୍ତ ନଖିଳ ମନୁକରୋତ ଆ···ରେ···

ଇତ ସାର୍ଦ୍ଧୋକଗୁଣୋ ଧ୍ରୁବଃ ।

ଆଭୋଗ—

ଜନତାନ୍ନନ୍ଦନ-କେତୁରମ୍ଭୁରନ୍ଦ, ଚନ୍ଦ୍ର କରେ ଶୋଭା ।
ହିନ୍ଦୁ ସମୀପେ ସତତଂ ବହରତ କୃଷ୍ଣଦାସ ଇତ ବରଚତ
ଆ·····ରେ·····

ଇତ୍ୟାଭୋଗଃ ।

ଅମୀ ଉକ୍ତ ପ୍ରବନ୍ଧେଷୁ ବାହୁଲ୍ୟେନାପି ସଂସ୍ଥିତାଃ ।
ମୟା ତୁ ଗ୍ରନ୍ଥ-ବାହୁଲ୍ୟ-ଭୀତ୍ୟା ନ ଲକ୍ଷିତଂ ପୁନଃ ।୧୧।

ଅନୁବାଦ

ଉକ୍ତ ପ୍ରବନ୍ଧ ମାନଙ୍କରେ ଏହିପରି ବହୁତ ଅଛି । ଅର୍ଥାତ୍ ଉଦ୍‌ଗ୍ରାହାଦ ଲକ୍ଷଣ ବହୁତ ରହିଛି । ଗ୍ରନ୍ଥ ବାହୁଲ୍ୟ ଭୟରେ ଅଧିକ ଲେଖା ଯାଉନାହିଁ ।

Digitized by srujanika@gmail.com

ଏକ-ଦ୍ୱି-ତ୍ରି-ଚତୁଃ ଖଣ୍ଡୈସ୍ତାଳେ ବିବର୍ଦ୍ଧେଷତ ।
ଉଦ୍‌ଗ୍ରାହାଦେଃ କଳ୍ପନା ତୁ ଯଥା ଲାଳିତ୍ୟମାଚରେତ୍ ।୧୨।

ଅନୁବାଦ

ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖଣ୍ଡ ବନ୍ଧନ ତାଳରେ ଯେପରି ଲାଳିତ୍ୟ ବୃଦ୍ଧି ହେବ ସେପରି ଗୀତରେ ଗୀତ ପ୍ରସ୍ତୁତ ହେବ ।
(ଲାଳିତ୍ୟ = ଅର୍ଥାତ୍ ରଞ୍ଜକତା)

ଅଥ ଧ୍ରୁବମଣ୍ଠ ଲକ୍ଷଣୟୋର୍ଭେଦମାହ—

ଧ୍ରୁବ, ମଣ୍ଠ ଲକ୍ଷଣରେ ଭେଦ—

ଧ୍ରୁବେ ତର୍ଦ୍ଧିଗୁଣଃ ସାର୍ଦ୍ଧୈକଗୁଣୋ ବା ମଣ୍ଠଃ ॥
ଅର୍ଥ – ମଣ୍ଠ ଧ୍ରୁବ ଅପେକ୍ଷା ଦୁଇଗୁଣ କମ୍ବା ଦେଢ଼ ଗୁଣ ହେବ ।

ଅଥ ଅବାନ୍ତର ଖଣ୍ଡମାହ—

ଅବାନ୍ତର ଖଣ୍ଡ—

କୁଡ଼ୁକ୍କାଦ୍ୟେକତାଳୀନାଂ ଖଣ୍ଡଃ ଷୋଡ଼ଶ ମାତ୍ରିକଃ ।
ପ୍ରାନ୍ତଃ ଖଣ୍ଡଶ୍ଚତୁର୍ଦଶଭିର୍ମାତ୍ରାଭିରୁପକଲ୍ପ୍ୟତେ ।୧୩।

ଅନୁବାଦ

କୁଡ଼ୁକ୍କ ଏବଂ ଏକତାଳୀର ଷୋଳମାତ୍ରାରେ ଖଣ୍ଡ ହୁଏ । ପ୍ରାନ୍ତ ଖଣ୍ଡ ଚଉଦମାତ୍ରା ।

ମାତ୍ରାଭିରଷ୍ଟଭିର୍ଭଙ୍ଗୀ ସ୍ୟାଦେବଂ ଭରତୋଽବ୍ରବୀତ୍
ଖଣ୍ଡୋ ମାତ୍ରା ଚତୁର୍ଦଶଭିର୍ଯତ୍ର ତ୍ରିପୁଟ୍ୟେସ୍ତଥା ।୧୪।

Digitized by srujanika@gmail.com

ଅନୁବାଦ

ଏମାନଙ୍କର ଆଠମାତ୍ରାରେ ଭଙ୍ଗୀ (ବିଭାଗ) ହୁଏ ବୋଲି ଭରତଙ୍କ ମତ । ଯତି ଏବଂ ବିପୁଷ୍ଟ ଦୁହିଁଙ୍କର ଚଉଦ ମାତ୍ରାରେ ଖଣ୍ଡ ହୁଏ । ସାତ ମାତ୍ରାରେ ଭଙ୍ଗୀ (ଭଙ୍ଗ ବା ଯତି) ପଡ଼େ । ଶେଷ ଖଣ୍ଡଟି ୧୨ ମାତ୍ରା ବିଶିଷ୍ଟ ହୁଏ ।

ଭଙ୍ଗୀ ତୁ ସପ୍ତମାତ୍ରାସ୍ୟାଂ ପ୍ରାନ୍ତୋ ଦ୍ୱାଦଶଭିଃ ସ୍ମୃତଃ ॥
ଝମ୍ପାଡ଼୍ଡିତାଳୟୋର୍ବନ୍ଧୋ ମାତ୍ରାଭିର୍ଦଶଭିର୍ଭବେତ୍ ।
କୁତ୍ରାପି ପଞ୍ଚଦଶଭିରୂନବିଂଶତିଭିଃ କ୍ୱଚିତ୍ ।୧୪।

ଅନୁବାଦ

ଝମ୍ପା, ଅଡ୍ଡ ତାଳର ଦଶମାତ୍ରା । କେଉଁଠି ପନ୍ଦର ବା ୧୯ ମାତ୍ରା ମଧ୍ୟ ହୁଏ । ପାଞ୍ଚ ପାଞ୍ଚ ମାତ୍ରାରେ ଭଙ୍ଗୀ (ଯତି) ପଡ଼େ ।

"ସର୍ବତ୍ରୈବ ହି ପଞ୍ଚମ୍ୟାଂ ଭଙ୍ଗୀର୍ବିରତା ॥"
ଖଣ୍ଡୋମାତ୍ରା ଚତୁର୍ଦ୍ଦଶଭିସ୍ତାଳେ ନିଃସାରୁ ନାମକ ।
ଷଷ୍ଠ୍ୟାଂ ଦଶମ୍ୟାଂ ଭଙ୍ଗୀସ୍ୟାତ୍ ପ୍ରାନ୍ତୋ ଦ୍ୱାଦଶଭିର୍ଭବେତ୍ ।୧୬।

ଅନୁବାଦ

ସର୍ବତ୍ର ପାଞ୍ଚମାତ୍ରାରେ ଭଙ୍ଗୀ ହୁଏ ।

ନିଃସାରୁ ତାଳ ଚଉଦ ମାତ୍ରାରେ ଖଣ୍ଡ ବୋଧ ହୁଏ । ୬ ମାତ୍ରା ଏବଂ ୧୦ ମାତ୍ରାରେ ଯତି ପଡ଼େ । ପ୍ରାନ୍ତ ଭାଗ ୧୨ ମାତ୍ରା ବିଶିଷ୍ଟ ହୁଏ ।

ରୂପକେତୁ ଦ୍ୱାଦଶଭିର୍ମାତ୍ରାଭିଃ କଥିତୋ ଦଳଃ ।
କ୍ୱାପ୍ୟେକାଦଶଭିଃ କାର୍ଯ୍ୟ ସ୍ତାଭିରେବାନ୍ତିମୋ ଦଳଃ ।
ଭଙ୍ଗ୍ୟତ୍ର ଷଷ୍ଠମାତ୍ରାୟାଂ ବଦନ୍ତ୍ୟେବଂ ହି ନାରଦଃ ।୧୭।

ଅନୁବାଦ

ରୂପକ ତାଳରେ ପ୍ରଥମ ଖଣ୍ଡ ୧୨ ମାତ୍ରା ହୁଏ । ସ୍ଥାନେ ସ୍ଥାନେ ୧୧ ମାତ୍ରା ହୁଏ । ଶେଷଖଣ୍ଡ ମଧ୍ୟ ଏହିପରି ମାତ୍ରାରେ ହୁଏ, ଛଅ ମାତ୍ରାରେ ଭଙ୍ଗୀ ବା ଯତି ପଡ଼େ ।

Digitized by srujanika@gmail.com

ଅନେ୍ୟ ରୂପକବଦ୍‌ବନ୍ଧାସ୍ତାଳାଗାନ ମନୋହରାଃ ॥
ଏକ ଦ୍ୱି ମାତ୍ରିକା ନ୍ୟୂନାଃ ସର୍ବେଷୁ ପ୍ରାନ୍ତ ଖଣ୍ଡକାଃ ।୧୮।

ଅନୁବାଦ

ଗୀତର ସୌନ୍ଦର୍ଯ୍ୟ ବୃଦ୍ଧିଲାଗି ଅନ୍ୟାନ୍ୟ ତାଳମାନଙ୍କରେ ମଧ୍ୟ ସଂଖ୍ୟା ରୂପକ ତାଳପରି । ଅବାନ୍ତର ଖଣ୍ଡ ବନ୍ଧମାନ ଚଳିବ । ପ୍ରାନ୍ତଖଣ୍ଡର ମାତ୍ରା ପ୍ରଥମ ଖଣ୍ଡଠାରୁ ଏକ ବା ଦୁଇମାତ୍ରା ଊଣା ମଧ୍ୟ ହୁଏ ।

ଅଥ ଭଙ୍ଗୀସ୍ୱରୂପ ମାହ—

ଭଙ୍ଗୀ କାହାକୁ କହନ୍ତି ?

ଗୀତେ ଭଙ୍ଗୀ-ବିଶେଷର୍ଜ୍ଞୈର୍ଯ୍ୟଦ୍ୱଦ୍ ବିଶ୍ରାନ୍ତିରୁଚ୍ୟତେ ।
ସା ତୁ ଯତ୍ୟାତ୍ମିକା ଜ୍ଞେୟା ଯତ୍ତଜ୍ଜ୍ୱୈର୍ଦ୍ୱୋଷ୍ଟ ବିଶ୍ରମା ।୧୯।

ଅନୁବାଦ

ଗୀତ ଗାଇବା ବେଳେ ଅଳ୍ପ ବିଶ୍ରାନ୍ତିକୁ ଭଙ୍ଗୀ କୁହନ୍ତି । ତାହାହିଁ ଯତି । ଜିହ୍ୱା ଏବଂ ଓଷ୍ଠ ଏ ଦୁହିଙ୍କର ବିଶ୍ରାମ ସ୍ଥଳକୁ ଯତି କୁହନ୍ତି ।

ଅଥ ତାଳନାମାବୃତ୍ତିମାହ—

ତାଳମାନଙ୍କର ଆବୃତ୍ତି—

ତାସ୍ତୁ ତାଳା ବୃତ୍ତୟଃ ତାଳକଳାନୁସାରେଣାଲ୍ପ କଳାନାଂ
ତାଳାନା ମାବୃତ୍ତୟୋ ବହୁତରାଃ କଳ୍ପମାସ୍ଥାଃ ॥

ଆବୃତ୍ତୟ ସ୍ତ୍ରିନସ୍ତୃତାଃ କଳ ତାଳକାନା-
ମିତ୍ୟେବଂ କେଚିଦାହ ଗୀତବିଦୋ ବଦନ୍ତି ॥

କଳା ବହୁଳ ତାଳେଷୁ ସିଂହନନ୍ଦନକାଦିଷୁ
ଆବୃତ୍ତିରେକା କଥିତା ତ୍ରିପୁଦ୍‌ଗ୍ରାହାଦିକାଦିଷୁ ।୨୦।

Digitized by srujanika@gmail.com

ଅନୁବାଦ

ତାଳର କଳା ଅନୁସାରେ ତାଳର ଆବୃତ୍ତି ଘଟେ । ଅଳ୍ପ କଳା-ଥିବା ତାଳର ଆବୃତ୍ତି ବହୁତ କରି କଳ୍ପନା କରିବ । ତାଳମାନଙ୍କର ଆବୃତ୍ତିର ସଂଖ୍ୟା ପରିମାଣ ଧରାଯାଏ ନାହିଁ ବୋଲି କେହି କେହି ପଣ୍ଡିତ ମତ ଦିଅନ୍ତି । ବହୁକଳା ବିଶିଷ୍ଟ ସିଂହନନ୍ଦନ ଇତ୍ୟାଦି ତାଳମାନଙ୍କ ପକ୍ଷରେ ଉଦ୍‌ଗ୍ରାହ ଇତ୍ୟାଦି ତିନି ସ୍ଥଳରେ ଗୋଟିଏ ମାତ୍ର ଆବୃତ୍ତି କରିହେବ ବୋଲି କହିଛି ।

ଅଥ ସଙ୍ଗୀତ-କୌମୁଦ୍ୟାଂ ସିଂହନନ୍ଦନତାଲେ ତ୍ରିଷୁଉଦ୍‌ଗ୍ରାହାଦିଷୁ—

ଏକସ୍ୟା ଆବୃତ୍ତ୍ୟା ଉଦାହରଣ ଗୀତମାହ—

ସଙ୍ଗୀତ କୌମୁଦୀ ଗ୍ରନ୍ଥରେ ସିଂହନନ୍ଦନ ତାଳରେ ଉଦ୍‌ଗ୍ରାହ ଇତ୍ୟାଦି ତିନି ବିଭାଗରେ ଗୋଟିଏ ମାତ୍ର ଆବୃତ୍ତି ସମ୍ବନ୍ଧରେ —

ଉଦାହରଣ ଗୀତ—

ଦଧତଂ ତ୍ୱଂ ମୁଖଶଶୀନଂ ଇତ୍ୟାଦି ଗୀତେ କଥମେକୈବାବୃତ୍ତିଶ୍ଚେନ୍ତ
ନ ଶଙ୍କନୀୟମ୍ ।
ବସ୍ତୁରଣଙ୍କସ୍ୟା ସର୍ବେ ତାଳା ନୋକ୍ତାଃ ॥

ଅର୍ଥ—"ଦଧତଂ ତଂ ମୁଖ ଶଶୀନଂ ଇତ୍ୟାଦି ଗୀତର ଏକମାତ୍ର ଆବୃତ୍ତି ହେତୁ ଆଶଙ୍କା କରିବାର କୌଣସି କାରଣ ନାହିଁ । ଗ୍ରନ୍ଥ ବିସ୍ତାର ଭୟରେ ସବୁ ତାଳ ସମ୍ବନ୍ଧରେ (ଆବୃତ୍ତି) କୁହାଗଲା ନାହିଁ ।

ଅଥ ଏକତାଳାଦିତାଲାନାଂ ବନ୍ଧସମାବେଶମାହ—

ଏକତାଲୀ ଆଦିର ବନ୍ଧ ସମାବେଶ—

ଏକତାଳୀ ତ୍ରିଭିନ୍ନତାଳେ ଦ୍ୱେ୍ୟକବନ୍ଧୋ ବିବର୍ଷିତଃ (ବିଭୂଷିତଃ)
ଯତିତାଳା ତ୍ରିପୁଟୟୋଃ ସମାବନ୍ଧଃ ପ୍ରକୀର୍ତ୍ତିତଃ ॥୬୧।

Digitized by srujanika@gmail.com

ଅନୁବାଦ

ଏକତାଳୀ ଏବଂ ଆଡ଼ା ତାଳରେ ଗୋଟିଏ ବନ୍ଧ ହୁଏ । ଯତି ଓ ମୂଠରେ ସମବନ୍ଧ ହୁଏ ।

ଝମ୍ପକଶ୍ଚଣ୍ଡ୍‌ଡତାଳାଶ୍ଚ ରୂପକୋ ମଣ୍ଠକସ୍ତଥା ।
କୁଡ଼୍‌କୋ ପାଡ଼୍‌ଡୌ ଚ ବନ୍ଧାଶ୍ଚ ଦଶତାଳାଃ ସମାଃ ସ୍ମୃତାଃ ।୨୨।

ଅନୁବାଦ

ଝମ୍ପକ, ଅଡ଼୍‌ଡ଼, ରୂପକ, ମଣ୍ଠ, କୁଡ଼୍‌ଡ଼ୁକ, ଉପାଡ଼ ପ୍ରଭୃତି ଦଶତାଳର ବନ୍ଧ ସମାବେଶ ହୁଏ । ଏହିରୂପେ ଦଶତାଳର ବଧି ।

“ନିଃସାରନାମ୍ନଃ ତାଳସ୍ୟ ସମାବେଶୋ ନ କୁତ୍ରଚିତ୍ ॥”

ଅର୍ଥ—ନିଃସାର ତାଳରେ କୌଣସି ତାଳପର ବନ୍ଧ ସମାବେଶ ହୁଏ ନାହିଁ ।

ଅଥ ତାଲାଙ୍ଗ-ପରିଭାଷାମାହ—(ଛନ୍ଦୋରତ୍ନାକର)

ଛନ୍ଦ ରତ୍ନାକର ଗ୍ରନ୍ଥ ଅନୁସାରେ ତାଳର ପରିଭାଷା ।

ମସ୍ତ୍ରିଗୁରୁସ୍ତ୍ରିଲଘୁଶ୍ଚ ନକାରୋ ଭାଦିଗୁରୁଃ ପୁନରାଦିଲଘୁର୍ଯଃ ।
ଜୋ ଗୁରୁମଧ୍ୟଗତୋ ରଲମଧ୍ୟଃ ସୋଽନ୍ତଗୁରୁଃ
କଥିତୋଽନ୍ତଲଘୁସ୍ତଃ ।୨୩।

ଅନୁବାଦ

‘ମ’—ଗୁରୁ ୩ ଅକ୍ଷର (ତିନୋଟି)—SSS
‘ନ’—ଲଘୁ ତିନୋଟି—I I I
‘ଭ’—ଆଦ୍ୟଟି ଗୁରୁ—SI I
‘ଯ’—ଆଦ୍ୟ ଲଘୁ—I SS
‘ଜ’—ମଧ୍ୟଟି ଗୁରୁ—I S I
‘ର’—ମଧ୍ୟ ଲଘୁ—S I S

Digitized by srujanika@gmail.com

'ସ'—ଅନ୍ତ ଗୁରୁ—।S
'ତ'—ଅନ୍ତ ଲଘୁ—SS।
(ଗୁରୁ—"S", ଲଘୁ—'।')

ଗୁରୁରେକୋ ଗକାରସ୍ତୁ ଲକାରୋ ଲଘୁରେକକଃ ।
ପ୍ଲୁତଃ ପକାର ଇତ୍ୟେବଂ ଦୋଦ୍ରୁତଃ ପରିକୀର୍ତ୍ତିତଃ ।୨୪।

ଅନୁବାଦ

'ଗ' ଅକ୍ଷରର ଅର୍ଥ—ଗୋଟିଏ ଗୁରୁ-ऽ
'ଲ' ଅକ୍ଷରର ଅର୍ଥ—ଗୋଟିଏ ଲଘୁ ।
'ପ' ଅକ୍ଷରର ଅର୍ଥ—ଗୋଟିଏ ପ୍ଲୁତ
'ଦ' ଅକ୍ଷରର ଅର୍ଥ—ଗୋଟିଏ ଦ୍ରୁତ
'ଗ'—ऽ, ଲ—।, ପ—ঃ, ଦ—0

ଅଥାନୁଦ୍ରୁତାଦ୍ୟ ପଞ୍ଚତାଳାଙ୍ଗମାହ—

ଅନୁଦ୍ରୁତାଦ୍ୟ ପଞ୍ଚତାଳାଙ୍ଗ—

"ଅନୁଦ୍ରୁତେ ଦ୍ରୁତଶ୍ଚୈବ ଲଘୁର୍ଗୁରୁରତଃପରମ୍ ।
ପ୍ଲୁତଶ୍ଚୈବ କ୍ରମେଣୈବ ତାଳାଙ୍ଗାନି ତୁ ପଞ୍ଚଧା ।୨୫।

ଅନୁବାଦ

ତାଳର ପାଞ୍ଚଟି ଅଙ୍ଗ ଯଥା—(୧) ଅନୁଦ୍ରୁତ (୨) ଦ୍ରୁତ, (୩) ଲଘୁ, (୪) ଗୁରୁ, (୫)ପ୍ଲୁତ ।

ଅଥାନୁଦ୍ରୁତାଦ୍ୟ ପଞ୍ଚତାଳାଙ୍ଗାନାଂ ପ୍ରତ୍ୟେକଂ ନାମ—ପଞ୍ଚକମାହ—

ଅନୁଦ୍ରୁତାଦ୍ୟ ୫ ତାଳର ପ୍ରତ୍ୟେକଙ୍କର ୫ ଗୋଟି ନାମ—

ଅନୁଦ୍ରୁତଂ ବିରାମଶ୍ଚ ମାତ୍ରାନ୍ତର୍ଯ୍ୟାଂଶ ସଞ୍ଜ୍ଞକଃ ।
ଅର୍ଦ୍ଧଚନ୍ଦ୍ରସ୍ତଥା ସନ୍ତି ବିଜ୍ଞେୟଂ ନାମ ପଞ୍ଚକମ୍ ।୨୬।

Digitized by srujanika@gmail.com

ଅନୁବାଦ

ଅନୁଦ୍ରୁତ, ବରାମ, ମାତ୍ରାଚତୁର୍ଥ୍ୟାଂଶ, ଅର୍ଦ୍ଧଚନ୍ଦ୍ର, ସନ୍ଧ୍ୟ—ଏହା ଅନୁଦ୍ରୁତର ପାଞ୍ଚ ଗୋଟି ନାମ ।

ଅର୍ଦ୍ଧମାତ୍ରଂ ଦ୍ରୁତଂ ବ୍ୟୋମଂ ବ୍ୟଞ୍ଜନଂ ବନ୍ଦୁକଂ ତଥା ।
ମାତ୍ରିକଂ ଯୁଗଳଂ ହ୍ରସ୍ୱଂ ଲଘୁବ୍ୟାପକମିତ୍ୟପି ।୨୭।

ଅନୁବାଦ

ଅର୍ଦ୍ଧମାତ୍ର, ଦ୍ରୁତ, ବ୍ୟୋମ, ବ୍ୟଞ୍ଜନ ଓ ବନ୍ଦୁ—ଏହା ଦ୍ରୁତର ପାଞ୍ଚ ନାମ ।

ଦ୍ୱିମାତ୍ରଂ ଯୁଗଳଂ ବକ୍ରଂ ଗୁରୁ ଦୀର୍ଘମିତି ସ୍ମୃତଂ ।
ସମୋଦ୍ଭବଂ ପ୍ଲୁତଂ ଦୀପ୍ତଂ ତଥା ତ୍ୟସ୍ରଂ ତ୍ରିମାତ୍ରକଃ ।୨୮।

ଅନୁବାଦ

ଗୁରୁ— ୨ମାତ୍ରା—ଯୁଗଳ, ବକ୍ର, ଗୁରୁ ଓ ଦୀର୍ଘ ।
ପ୍ଲୁତ—ସମୋଦ୍ଭବ, ପ୍ଲୁତ, ଦୀପ୍ତ, ତ୍ୟସ୍ର, ତ୍ରିମାତ୍ରକ ।

ଅଥାନୁଦ୍ରୁତାଦ ପଞ୍ଚାନାମୁତ୍ପତ୍ତି ସ୍ଥାନମାହ—

ଅନୁଦ୍ରୁତାଦ ପାଞ୍ଚଟିଙ୍କର ଉତ୍ପତ୍ତି ସ୍ଥାନ—

ଶିବ-ପୂର୍ବାନନାଜ୍ଜାତମନୁଦ୍ରୁତମିତି ସ୍ମୃତେତ୍ ।
ଅଘୋରାସ୍ୟାଦ୍ଦ୍ରୁତୋତ୍ପତ୍ତି ବାମ ବକ୍ତ୍ରାଲ୍ଲଘୋରପି ।୨୯।
ସଦ୍ୟୋମୁଖାସ୍ରମୁତ୍ପନ୍ନଂ ଦ୍ୱିମାତ୍ରଂ ଚେତ ନଶ୍ଚିତମ୍ ।
ଊର୍ଦ୍ଧ୍ୱବକ୍ତ୍ରାତ୍ତ୍ରିମାତ୍ରସ୍ୟ ଜନସ୍ତୁ ପରକୀର୍ତ୍ତିତା ।୩୦।

ଅନୁବାଦ

ଅନୁଦ୍ରୁତର ଉତ୍ପତ୍ତି—ଶିବଙ୍କର ପୂର୍ବ ମୁଖରୁ, ଦ୍ରୁତର ଉତ୍ପତ୍ତି—ଶିବଙ୍କର ଅଘୋର ନାମକ ମୁଖରୁ, ଲଘୁର ଉତ୍ପତ୍ତି—ଶିବଙ୍କର ବାମ

Digitized by srujanika@gmail.com

ମୁଖରୁ, ଗୁରୁର ଉତ୍ପତ୍ତି--ଶିବଙ୍କର ସଦ୍ୟୋ ମୁଖରୁ ଏବଂ ଶିବଙ୍କର ଊର୍ଦ୍ଧ୍ୱ ମୁଖରୁ ପ୍ଲୁତର ଉତ୍ପତ୍ତି ।

ଅଥାନୁଦ୍ରୁତାଦ୍ୱନାଂ ବର୍ଣ୍ଣମାହ—

ଅନୁଦ୍ରୁତାଦ୍ୱର ବର୍ଣ୍ଣ—

ଅନୁଦ୍ରୁତସ୍ୟ ବର୍ଣ୍ଣସ୍ତୁ ଧୂସରଃ ପରିକୀର୍ତ୍ତିତଃ ।
ଦ୍ରୁତୋଽବଦାତବର୍ଣ୍ଣଃ ସ୍ୟାଲ୍ଲଘୁଃ ସ୍ୟାତ୍ପୀତ ବର୍ଣ୍ଣକଃ ।
ଦ୍ୱିମାତ୍ରଃ ପାଣ୍ଡୁବର୍ଣ୍ଣଃ ସ୍ୟାତ୍ତ୍ରିମାତ୍ରଶ୍ଚିତ୍ର ବର୍ଣ୍ଣକଃ ।୩୧।

ଅନୁବାଦ

ଅନୁଦ୍ରୁତର ବର୍ଣ୍ଣ—ଧୂସର
ଦ୍ରୁତର ବର୍ଣ୍ଣ—ଶୁକ୍ଳ
ଲଘୁର ବର୍ଣ୍ଣ—ପୀତ
ଗୁରୁର ବର୍ଣ୍ଣ—ପାଣ୍ଡୁର
ପ୍ଲୁତର ବର୍ଣ୍ଣ—ଚିତ୍ର ।

ଅଥାନୁଦ୍ରୁତାଦ୍ୱ ପଞ୍ଚ ତାଲାଙ୍ଗାନାଂ ଦେବତାମାହ—

ଅନୁଦ୍ରୁତାଦ୍ୱ ପାଞ୍ଚ ତାଳର ଦେବତା—

ଦେବତାନୁଦ୍ରୁତାଖ୍ୟସ୍ୟ ଶରଜନ୍ମା ପ୍ରକୀର୍ତ୍ତିତଃ ।
ଦ୍ରୁତସ୍ୟ ଦେବତା ଶମ୍ଭୁର୍ଲଘୋରଦ୍ରିପତେଃ ସୁତା ।
ଗୌରୀଗୁର୍ବୌ ପ୍ଲୁତେ ସ୍ରଷ୍ଟା ଦେବତାନାମିତସ୍ତିତଃ ।୩୨।

ଅନୁବାଦ

ଅନୁଦ୍ରୁତର ଦେବତା—କାର୍ତ୍ତିକେୟ
ଦ୍ରୁତର ଦେବତା—ମହାଦେବ
ଲଘୁର ଦେବତା—ପାର୍ବତୀ

Digitized by srujanika@gmail.com

ଗୁରୁର ଦେବତା—ଶ୍ରୀକୃଷ୍ଣ
ପ୍ଲୁତର ଦେବତା—ବ୍ରହ୍ମା

ଅଥ ଦ୍ରୁତାଦୀନାଂ ମଧ୍ୟେ କେ କତି ମାତ୍ରାସ୍ତଦାହ—

ଅନୁଦ୍ରୁତାଦିର ମାତ୍ରା ପରିମାଣ—

ଲଘ୍ୱେକମାତ୍ରଂ ତୁ ଗୁରୁର୍ଦ୍ୱିମାତ୍ରଃ ପ୍ଲୁତସ୍ତ୍ରିମାତ୍ରୋ ଦ୍ରୁତମର୍ଦ୍ଧମାତ୍ରମ୍ ।
ଅନୁଦ୍ରୁତଂ ତୁ ଦ୍ରୁତକାର୍ଦ୍ଧମାତ୍ରଂ ବିରାମ ଇତ୍ୟସ୍ୟ ଭବେତ ନାମ ।

ଅନୁଦ୍ରୁତଂ ବିନାଽନ୍ୟେଷାଂ ସଂଜ୍ଞାଦଲଗପାନ୍ତିକା ।୩୩।

ଅନୁବାଦ

ଲଘୁ—ଏକମାତ୍ରା
ଗୁରୁ—ଦୁଇମାତ୍ରା
ପ୍ଲୁତ—ତିନିମାତ୍ରା
ଦ୍ରୁତ—ଅର୍ଦ୍ଧମାତ୍ରା
ଅନୁଦ୍ରୁତ—ଦ୍ରୁତର ଅର୍ଦ୍ଧମାତ୍ରା (ଅଧାର ଅଧା)
ଅନୁଦ୍ରୁତର ଅନ୍ୟ ନାମ—ବିରାମ

ଅନୁଦ୍ରୁତ ଛଡ଼ା ଅନ୍ୟ ତାଳାଙ୍ଗ (ଦ୍ରୁତ, ଲଘୁ, ଗୁରୁ, ପ୍ଲୁତ) ର ନାମ— ଦ ଲ ଗ ପା

ଅଥ ତାଳଶବ୍ଦସ୍ୟ ବ୍ୟୁତ୍ପତ୍ତିମାହ—

ତାଳ ଶବ୍ଦର ବ୍ୟୁତ୍ପତ୍ତି—

ସମସ୍ତସ୍ୟ ସମତ୍ୱେନ ରଞ୍ଜକତ୍ୱେନ ବୃଦ୍ଧିକମ୍ ।
ତାଳସ୍ତତ୍ୱେଷୁ ସଙ୍ଗୀତଂ ଯତ୍ରସ୍ଥାନେ ନିଗଦ୍ୟତେ ।୩୪।

Digitized by srujanika@gmail.com

ଅନୁବାଦ

ତାଳ ସମସ୍ତର ସମତା ରକ୍ଷାକରେ ଏବଂ ରଞ୍ଜକ ହୋଇ ଗୀତର ମାଧୂର୍ଯ୍ୟ ବଢ଼ାଏ ।

ତାଳ ଶବ୍ଦସ୍ୟ ପ୍ରକାରାନ୍ତରେଣାନ୍ୟଥା ବ୍ୟୁତ୍ପତ୍ତିରସ୍ତି । ସା ତୁ ସଙ୍ଗୀତାର୍ଣ୍ଣବଚନ୍ଦ୍ରକାୟାଂ ବକ୍ଷ୍ୟେ ॥

ତାଳ ଶବ୍ଦର ବ୍ୟୁତ୍ପତ୍ତି ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକାରୁ ମିଳିବ ।

ଅଥ ମକାରାଦ୍ୟ-ପରିଭାଷାକ୍ଷରାଷ୍ଟଗଣୋତ୍ପତ୍ତି ସ୍ଥାନମାହ—

'ମ' କାରାଦ୍ୟ ପରିଭାଷା ଅଷ୍ଟଅକ୍ଷର ଗଣର ଉତ୍ପତ୍ତି ସ୍ଥାନ—

ଉତ୍ପତ୍ତିର୍ମଗଣସ୍ୟ ସ୍ୟାତ୍ ସ୍ରଷ୍ଟୁଃ ସମ୍ମୁଖ-ବକ୍ତ୍ରତଃ ।
ଦକ୍ଷିଣାସ୍ୟ ସଗଣସ୍ୟାପି ଜଗଣସ୍ୟୋତ୍ତରାନନାତ୍ ।୩୫।
ପୃଷ୍ଠତୋ ବଦନାଦ୍ଉଦ୍ଭଗଣସ୍ୟୋଦ୍ଭବଃ ସ୍ମୃତଃ ।
ମଗଣାଦ୍ ଯଗଣୋ ଜାତଃ ସଗଣାତ୍ତଗଣସ୍ତଥା ।୩୬।
ଜଗଣାଦ୍ରଗଣୋ ଜାତୋ ଭଗଣାନ୍ନଗଣଃ ସ୍ମୃତଃ ।୩୭।

ଅନୁବାଦ

ବ୍ରହ୍ମାଙ୍କର ପୂର୍ବ ମୁଖରୁ 'ମ' ଗଣର ଉତ୍ପତ୍ତି ।
ବ୍ରହ୍ମାଙ୍କର ଦକ୍ଷିଣ ମୁଖରୁ 'ସ' ଗଣର ଉତ୍ପତ୍ତି ।
ବ୍ରହ୍ମାଙ୍କର ଉତ୍ତର ମୁଖରୁ 'ଜ' ଗଣର ଉତ୍ପତ୍ତି ।
ବ୍ରହ୍ମାଙ୍କର ପଶ୍ଚିମ ମୁଖରୁ 'ଭ' ଗଣର ଉତ୍ପତ୍ତି ।

'ମ' ଗଣରୁ 'ଯ' ଗଣ, 'ସ' ଗଣରୁ 'ତ' ଗଣ, 'ଜ' ଗଣରୁ 'ର' ଗଣ ଏବଂ 'ଭ' ଗଣରୁ 'ଣ' ଗଣ ଉତ୍ପନ୍ନ ହୋଇଅଛି ।

Digitized by srujanika@gmail.com

ଅଥ ମକାରାଦ୍ୟଷ୍ଟଗଣବର୍ଣ୍ଣମାହ--

'ମ' କାରାଦ ଅଷ୍ଟଗଣର ବର୍ଣ୍ଣ—

ମଗଣଃ ଶୋଣବର୍ଣ୍ଣଃ ସ୍ୟାଦ୍ୟଗଣଃ କୁନ୍ଦସନ୍ନିଭଃ ।
ରଗଣଃ ପୀତବର୍ଣ୍ଣଃ ସ୍ୟାତ୍ସଗଣୋ ଧୂମ୍ରବର୍ଣ୍ଣକଃ ।
ତଗଣଃ ପଞ୍ଚବର୍ଣ୍ଣୋଽପି ଜଗଣୋ ରକ୍ତବର୍ଣ୍ଣକଃ ।
ଭଗଣଃ ଶୁକ୍ଲବର୍ଣ୍ଣଃ ସ୍ୟାନ୍ନଗଣଶ୍ଚିତ୍ରବର୍ଣ୍ଣକଃ ।୩୮।

ଅନୁବାଦ

'ମ'—ରକ୍ତ
'ଯ'—ଶୁକ୍ଳ
'ର'—ହଳଦିଆ (ପୀତ)
'ସ'—କୃଷ୍ଣ
'ତ'—ଚିତ୍ରିତ (ପଞ୍ଚବର୍ଣ୍ଣୀ)
'ଜ'—ରକ୍ତବର୍ଣ୍ଣ
'ଭ'—ଶୁକ୍ଳବର୍ଣ୍ଣ
'ନ'—ଚିତ୍ରିତ ବର୍ଣ୍ଣ

ଅଥ ମକାରାଦ୍ୟଷ୍ଟଗଣସ୍ୟ ଶୁଭାଶୁଭଫଳମାହ—

'ମ' କରାଦ ଅଷ୍ଟବର୍ଣ୍ଣର ଶୁଭାଶୁଭ ଫଳ—

ମଗଣେ ଦୃଶ୍ୟତେ ଲଭ୍ୟେ ଭକ୍ଷ-ଭୋଜ୍ୟ ସମାହୃତଃ ।
ସର୍ବକାର୍ଯାଣି ସିଦ୍ଧ୍ୟନ୍ତି ଭୟଂ ତତ୍ର ନ ଜାୟତେ ।୩୯।

ଅନୁବାଦ

'ମ' ଗଣରେ ସର୍ବସିଦ୍ଧି ହୁଏ । ଭକ୍ଷ, ଭୋଜ୍ୟ ଓ ଲଭ ଦାୟକ, ଭୟହାରକ ।

Digitized by srujanika@gmail.com

ନଗଣେଽଭୀଷ୍ଟସିଦ୍ଧିଃ ସ୍ୟାଶ୍ରୌଖ୍ୟଂ ତଥ ପ୍ରଜାୟତେ ।
ନ ଦୁଃଖଂ ବଦ୍ଧ୍ୟତେ କଂଶଚ୍ଛୁଭଂ ତଥ ବନର୍ଦ୍ଦିଂଶଭ୍ର ।୪୦।

ଅନୁବାଦ

'ନ' ଗଣ = ସୁଖପ୍ରଦ, ଅଭୀଷ୍ଟ ସିଦ୍ଧିକାରୀ, ଦୁଃଖହାରୀ ଶୁଭ ପ୍ରଦାୟକ ।

ଭ-ଗଣେ କୀର୍ତ୍ତିମାପ୍ନୋତି ଧନଂ ଚୈବାନ୍ତ ପୁଷ୍କଳମ୍ ।
ପ୍ରାପ୍ୟୋ ହର୍ଷମନାଶ୍ଚୈବ ସଙ୍କ୍ଷୋଭ ସମନ୍ବିତଃ ।୪୧।

ଅନୁବାଦ

'ଭ' ଗଣ = କୀର୍ତ୍ତି ଓ ଧନ ପ୍ରାପ୍ତି ହେତୁ ଆନନ୍ଦ ଲାଭ । ସଙ୍କ୍ଷୋଭ ଦାତା ।

'ଯ'-ଗଣେ ଜୟମାପ୍ନୋତି ଧନଧାନ୍ୟାଦି ସମ୍ପଦମ୍ ।
ଦାସୀଦାସୌ ସୁଖଂ ବାସଃ ଶୋଭନାନି ବହୁନି ଚ ।୪୨।

ଅନୁବାଦ

'ଯ' ଗଣ = ଧନ-ଧାନ୍ୟ, ସମ୍ପତ୍ତି, ଦାସ-ଦାସୀ, ସୌଖ୍ୟ ଓ ବସ୍ତ୍ରଲାଭ ଇତ୍ୟାଦି ଶୁଭଫଳ ଦାୟକ ।

ଜ-ଗଣେ ଦୃଶ୍ୟତେ ହାନିଃ କାର୍ଯ୍ୟଂଚୈବ ନ ସିଦ୍ଧ୍ୟତି ।
ମିତ୍ରୈଃସହ ବିରୋଧଶ୍ଚ କଳହୋ ରୋଗ ଏବ ଚ ।୪୩।

ଅନୁବାଦ

'ଜ' ଗଣ = ମିତ୍ର ବିରୋଧ, ରୋଗବୃଦ୍ଧି, କାର୍ଯ୍ୟରେ ବାଧା, ସମସ୍ତ ପ୍ରକାର ହାନିକାରକ ।

Digitized by srujanika@gmail.com

ର-ଗଣେ ଭୟମାପ୍ନୋତି ବଗ୍ରହଶ୍ଚୈବ କଷ୍ଟଦଃ ।
ଅର୍ଥହାନଶ୍ଚ ଶୋକଶ୍ଚ ମୃତ୍ୟୁହେତୁର୍ନସଂଶୟଃ ।୪୭।

ଅନୁବାଦ

'ର' ଗଣ = ଭୟ, ବଗ୍ରେଧ, କଳହ, ଅର୍ଥହାନି, ଶୋକ ଓ ମୃତ୍ୟୁ ।

ସ-ଗଣେ ନିଷ୍ଫଳା ଚନ୍ତା ଭୟଂ ଚୈବାତି ଦାରୁଣମ୍ ।
ଆଶା ନ ବଦ୍ୟତେ ତସ୍ୟ ବାଞ୍ଛିତଂ ଚ ନ ସିଧ୍ୟତି ।୪୫।

ଅନୁବାଦ

'ସ' ଗଣ = ମନୋରଥର ବଫଳତା, ଘୋର ଭୟ, ଆଶା ଭଙ୍ଗ, ବାଞ୍ଛିତ ଫଳପ୍ରାପ୍ତିରେ ବଘ୍ନତା ।

ତ-ଗଣେ କାର୍ଯ୍ୟହାନଶ୍ଚାଽପ୍ୟର୍ଥନାଶୋ ଭବେଦ୍ ଧ୍ରୁବମ୍ ।
ଯତ୍ର ଗଚ୍ଛେତ୍ପୁନସ୍ତତ୍ର କାର୍ଯ୍ୟ ଶୂନ୍ୟଶ୍ଚ ମୂର୍ଦ୍ଧନି ଶେଷେ ।୪୬।

ଅନୁବାଦ

'ତ' ଗଣ = କାର୍ଯ୍ୟହାନ, ଅର୍ଥନାଶ, ଗମନ ସ୍ଥାନରେ ବଫଳତା ।

ପୁନରପି ଫଳାଫଳମାହ—

ପୁଣି ଏମାନଙ୍କ ଫଳ କୁହାଯାଉଅଛି—

ଶୁଭଂ କୁର୍ବନ୍ତି ତେ ସର୍ବେ ପ୍ରଥମେ ଯେ ଚତୁର୍ଗଣାଃ ।
ଶେଷେ ଗଣାଶ୍ଚ ଚତ୍ୱାରୋ ବପରୀତ-ଫଳପ୍ରଦାଃ ।୪୭।

ଅନୁବାଦ

ପ୍ରଥମ ଚତୁର୍ଗଣର ଫଳ ଶୁଭ ଓ ଶେଷ ଚତୁର୍ଗଣ ଅଶୁଭ ଫଳ ଦଅନ୍ତି ।

Digitized by srujanika@gmail.com

ଅଥ ମକାରାଦ୍ୟଷ୍ଟଗଣ ପ୍ରୟୋଗମାହ—

'ମ' କାରାଦ୍ ଆଠଗଣର ପ୍ରୟୋଗ—

ପ୍ରଥମ ଚତୁଷ୍କଂ ହରିଚରଣେଷୁ ଶେଷଚତୁଷ୍କଂ ଚଉଚଗଣେଷୁ ॥

ଅର୍ଥ :—ପ୍ରଥମ ଗୁରଗଣକୁ ବିଷ୍ଣୁ ପାଦପଦ୍ମ ବିଷୟ ବର୍ଣ୍ଣନାରେ ଓ ଶେଷ ଗୁରଗଣକୁ ବିଷ୍ଣୁ ଶତ୍ରୁମାନଙ୍କ ବିଷୟ ବର୍ଣ୍ଣନାରେ ପ୍ରୟୋଗ କରିବ ।

ଅଥ ମାତ୍ରାପ୍ରମାଣ ମାହ—

ମାତ୍ରା ପ୍ରମାଣ—

ପଞ୍ଚଲଘ୍ୱାକ୍ଷରାଣ୍ୟୁଚ୍ଚାର୍ଯ୍ୟନ୍ତେ କାଳେନ ଯାବତା ।
ତାବତ୍ କାଳସ୍ତୁ ମାତ୍ରେତି ଗଦିତଂ ପୂର୍ବ ସୂରିଭିଃ ।୪୮।

ଅନୁବାଦ

ପାଞ୍ଚଗୋଟି ଲଘୁ ଅକ୍ଷରର ଉଚ୍ଚାରଣ କାଳକୁ ଏକମାତ୍ରା ବୋଲି ପଣ୍ଡିତମାନେ କହନ୍ତି ।

ଅନ୍ୟମତେ ତୁ ମାତ୍ରାପ୍ରମାଣମାହ—

ଅନ୍ୟମତେ ମାତ୍ରା ପ୍ରମାଣ—

ଜାନୁ ପ୍ରଦକ୍ଷିଣୀକୃତ୍ୟ ନଦ୍ରୁତଂ ନ ବିଳମ୍ବିତମ୍ ।
ଯାବତ୍ ପର୍ଯ୍ୟେତି ଚ ତଳଂ ସା ମାତ୍ରା ପରିକୀର୍ତ୍ତିତା ।୪୯।

ଅନୁବାଦ

(ଜାନୁ ଗୁରପାଖେ) ଆଣ୍ଠୁ ଗୁରପାଖେ ଚଞ୍ଚଳ ନୁହେଁ କି ମନ୍ଥର ନୁହେଁ-ଏହିପରି ଭାବେ ହାତ ବୁଲାଇ ଆଣିବାକୁ ଯେତିକି ସମୟ ଲାଗିବ, ସେହି ସମୟକୁ ଏକମାତ୍ରା କୁହାଯାଏ ।

Digitized by srujanika@gmail.com

ଅଥ ଗୁରୁଲଘ୍ୱକ୍ଷର ନିର୍ଣ୍ଣୟ—

ଗୁରୁ-ଲଘୁ ଅକ୍ଷର ନିର୍ଣ୍ଣୟ—

ସାନୁସ୍ୱାରଶ୍ଚ ଦୀର୍ଘଶ୍ଚ ବିସର୍ଗୀଚ ଗୁରୁର୍ଭବେତ୍ ।
ବର୍ଣ୍ଣଃସଂଯୋଗ ପୂର୍ବଶ୍ଚ ତଥା ପାଦାନ୍ତଗୋଽପି ବା ।୫୦।

ଅନୁବାଦ

ଅନୁସ୍ୱାର ଯୁକ୍ତ ଅକ୍ଷର, ଦୀର୍ଘ ମାତ୍ରାଥିବା ଅକ୍ଷର, ବିସର୍ଗଥିବା ଅକ୍ଷର, ଯୁକ୍ତାକ୍ଷରର ପୂର୍ବ ଅକ୍ଷର, ପଦର ଶେଷ ଅକ୍ଷର (ବିକଳ୍ପରେ) ମାନ ଗୁରୁ ଉଚ୍ଚାରିତ ହୁଏ ।

ଅନୁଦ୍ରୁତାଦୀନାମଙ୍ଗୁଳପ୍ରମାଣ କଥନମ୍—

ଅନୁଦ୍ରୁତ ପ୍ରଭୃତିର ଅଙ୍ଗୁଳି ପ୍ରମାଣ—

ଦ୍ରୁତାଶ୍ରୟଂ ତୁ କଥିତଂ ଚତୁରଙ୍ଗୁଳି ବିସ୍ତୃତମ୍ ।
ଲଘୁରଷ୍ଟାଙ୍ଗୁଳଃ ପ୍ରୋକ୍ତୋ ଗୁରୁଃସ୍ୟାତ୍ ଷୋଡ଼ଶାଙ୍ଗୁଳଃ ।୫୧।
ପ୍ଲୁତସ୍ତ୍ୱଷ୍ଟାଙ୍ଗୁଳସ୍ତ୍ୱନୁଦ୍ରୁତଃ କଥିତଃକରଃନିଷ୍ଠା ॥

ଅନୁବାଦ

ଦ୍ରୁତର ଅଙ୍ଗୁଳି ପ୍ରମାଣ (ବିସ୍ତାର)—୪, ଲଘୁର—୮, ଏବଂ ଗୁରୁର ୧୬ ଅଟେ ।

ପ୍ଲୁତର ଅଙ୍ଗୁଳି ବିସ୍ତାର—୨୪, ଅନୁଦ୍ରୁତରେ ଆଘାତ ପରେ ଅଳ୍ପତିକିଏ କର ଗଣନା କରିବ ।

କସ୍ୟଚିନ୍ମତେ ଯଦଙ୍ଗୁଳପ୍ରମାଣମସ୍ତି ତଦାହ—

ମତାନ୍ତରେ ଅନୁଦ୍ରୁତର ଅଂଗୁଳ ପ୍ରମାଣ—

ତ୍ରିଭିରଙ୍ଗୁଳୀଭିଃ କାର୍ଯ୍ୟୋଽନୁଦ୍ରୁତେ ଚ କରନିଷ୍ଠା ॥
ଅର୍ଥ :—ତିନୋଟି ଅଙ୍ଗୁଳି ଗଣନା କରି ଅନୁଦ୍ରୁତ ଦେଖାଇବ ।

Digitized by srujanika@gmail.com

ଅଥାନୁଦ୍ରୁତାଦ୍ୟଙ୍ଗାନାଂ ରେଖାନ୍ୟାସମାହ—

ଅନୁଦ୍ରୁତାଦିର ରେଖାନ୍ୟାସ—

ତିର୍ଯ୍ୟଗ୍ରେଖାଽନୁଦ୍ରୁତାଙ୍ଗୀ ଶୂନ୍ୟାକାରଂ ଦ୍ରୁତଂ ସ୍ମୃତମ୍ ।
ଲଘୁ ଋଜ୍ୱଲ୍ପିକା ରେଖା ରେଖାଽଧୋ ବକ୍ରିତା ଗୁରୁଃ ॥
ପ୍ଲୁତଂ ଗୁରୋର୍ମୂର୍ଦ୍ଧ୍ନି ରେଖା ତିର୍ଯ୍ୟକ୍ ଦକ୍ଷପାର୍ଶ୍ୱଗା ।୫୪।

ଅନୁବାଦ : ୫୩ ଓ ୫୪

ଅନୁଦ୍ରୁତରେ ଅଙ୍ଗରେଖା ଗୋଟିଏ ଏବଂ ବଙ୍କା । ଦ୍ରୁତର ଅଙ୍ଗ ଶୂନ୍ୟ, ଲଘୁର ଅଙ୍ଗ ଗୋଟିଏ ସରଳ ରେଖା, ଗୁରୁର ଅଙ୍ଗ ଗୋଟିଏ ରେଖାର ତଳଭାଗ ବଙ୍କା । ଯେତେବେଳେ ଗୁରୁର ଉପର ବା ମସ୍ତକ ଭାଗ ବକ୍ର ହୋଇ ଦକ୍ଷିଣ ଆଡ଼କୁ ଯାଏ, ସେତେବେଳେ ତାହା ପ୍ଲୁତ ବୋଲାଏ ।

ଅଥ ଦ୍ରୁତାଦୀନାଂ ସଶବ୍ଦ ନିଃଶବ୍ଦଘାତପ୍ରକାର ମାହ—

ଦ୍ରୁତ ପ୍ରଭୃତିର ସଶବ୍ଦ ଓ ନିଃଶବ୍ଦ ଘାତ—

ଉଚ୍ଚୈର୍ଘାତଃ ସଶବ୍ଦଃ ସ୍ୟା ଦେକ ଏବ ଲଘୌ ପରମ୍ ।
ଗୁରୌ ଘାତଦ୍ୱୟଂ ପ୍ରୋକ୍ତମେକୋ ନାଦଃ ପରୋଽସ୍ୱନଃ ।୫୫।

ସୋଽପ୍ୟର୍ଦ୍ଧଂ ଯାତି ଚ ଲଘୋରର୍ଦ୍ଧମାନାଦ୍ଦ୍ରୁତାହତଃ ॥
ପ୍ଲୁତେ ଘାତଃ ସଶବ୍ଦଃ ସ୍ୟାଦେକୋ ଘାତ ଦ୍ୱୟଂ ତତଃ ।
ତନ୍ନିଃଶବ୍ଦଂ ତ୍ୱେକ ଉର୍ଦ୍ଧ୍ୱଂ ପ୍ରପତେତ୍ ଦପରସ୍ୟଧଃ ।୫୬।

ଅନୁବାଦ

ଲଘୁକ୍ରିୟାବେଳେ ଯୋରରେ ଗୋଟିଏ ଶବ୍ଦ (ତାଳ) ହେବ । ଗୁରୁକ୍ରିୟାରେ ଦୁଇଗୋଟି ଘାତ ହୁଏ, ଏଥି ମଧ୍ୟରୁ ଗୋଟିଏ ସଶବ୍ଦ ଓ ଗୋଟିଏ ନିଃଶବ୍ଦ । ନିଃଶବ୍ଦ ଘାତବେଳେ ହାତ ଉପରକୁ ଉଠିବାକୁ ହୁଏ । ଲଘୁକ୍ରିୟାରେ ଯେଉଁ ସଶବ୍ଦ ଘାତ ହୁଏ, ତାହାର ଅର୍ଦ୍ଧ ପରମାଣରେ ଦ୍ରୁତର

Digitized by srujanika@gmail.com

ସଶବ୍ଦ ଘାତ ହୁଏ । ଦ୍ରୁତରେ ଗୋଟିଏ ସଶବ୍ଦ ଘାତ ଓ ଦୁଇଟି ନିଃଶବ୍ଦ ଘାତ ହୁଏ । ସେଥିମଧ୍ୟରୁ ଗୋଟିଏ ଉପରକୁ ଯାଏ ଓ ଗୋଟିଏ ତଳକୁ ଯାଏ ।

ଅଥ ଦ୍ରୁତାଦୀନାଂ ଚତୁରାଂଗୁଳାଦ୍ୱ ଘାତନିର୍ବାହ ପ୍ରକାର ମାହ—

ଦ୍ରୁତ ପ୍ରଭୃତିଙ୍କର ଚତୁରାଂଗୁଳାଦ୍ୱ ପ୍ରମାଣ—

ଚୂର୍ଣ୍ଣିକ :—

ଚତୁରଙ୍ଗୁଳଂ ଶଙ୍କୁଂ ଭୂମୌ ନିଖନ୍ୟ ତଚ୍ଛିଖାଗ୍ର ପର୍ଯ୍ୟନ୍ତଂ କର-ମୁତ୍କ୍ଷିପ୍ୟ ପାତନେ ଯାବାନ୍ କାଳ ସ୍ତାବତାକାଳେନ ଦ୍ରୁତାଘାତଃ ॥ ଏବଂ ଲଘ୍ୱାବପି ॥

ଅର୍ଥ :—ଚାରିଆଙ୍ଗୁଳ ଉଚ୍ଚରେ ଗୋଟିଏ କଳା ଭୂଇଁରେ ପୋତିବ । ତା' ଉପରୁ ହାତ ରଖି ତଳକୁ ଆଣିବା ସମୟ ପର୍ଯ୍ୟନ୍ତ ଯେତିକ କାଳ ଲାଗିବ, ତାହା ଦ୍ରୁତାଘାତ କାଳ ।

ଲଘୁ :—ଏହି ରୀତିରେ ଆଠ ଆଙ୍ଗୁଳ କଳା ଉପରେ ହାତ-ରଖି ତଳକୁ ପକାଇବା କାଳକୁ ଲଘୁଘାତ କୁହାଯାଏ ।

ଚୂର୍ଣ୍ଣିକ—

ଗୁରୌତୁ ଷୋଡ଼ଶାଙ୍ଗୁଳାତ୍ମକଂ ଘାତମଷ୍ଟାଙ୍ଗୁଳ ତସ୍ୟା ଦ୍ୱିଧା ବିଭଜ୍ୟ, ତନ୍ମୂଲେ ଅଷ୍ଟାଙ୍ଗୁଳ ସମିତସ୍ୟା ଘାତଂ ଦତ୍ତ୍ୱା ତଦ୍‌ବଧିକୋଽସ୍ୱନୋ ଘାତସ୍ତ୍ୱପରି ଦେୟଃ । ଘାତକାର ଦର୍ଶନ ମାନଂ କର୍ତ୍ତବ୍ୟମିତ୍ୟର୍ଥଃ ॥

ଅର୍ଥ—

ଗୁରୁ—ଷୋଳ ଅଙ୍ଗୁଳ କଳା ପୋତି ତା' ଅଧରୁ (ଆଠ ଅଙ୍ଗୁଳ) ତଳକୁ ହାତ ନେଇ ସଶବ୍ଦ ଘାତ କରିବ ଏବଂ ବାକି ଅଧକଠାରୁ ଉପରକୁ

Digitized by srujanika@gmail.com

ନିଃଶବ୍ଦର ହାତ ଉଠାଇବ (ନିଃଶବ୍ଦ ଆଘାତ) ଏହା ଏକଟେ ଗୁରୁଘାତ କୁହାଯିବ ।

ଏବଂ ପ୍ଲୁତେଽପି ଚତୁର୍ବିଂଶାଙ୍ଗୁଳାନ ଦ୍ୱିଧା ବିଭଜ୍ୟ ଘାତାଃ ଦେୟାଃ ।
ହସ୍ତକ ବିଶେଷାତ୍ତୁ ହସ୍ତନାୟକାଦାବନୁମେୟାଃ ।

ପ୍ଲୁତ—ଚବିଶ ଆଙ୍ଗୁଳ କାଳ ପୋଷ୍ଟ ତାକୁ ଦୁଇ ଭାଗରେ ବାଣ୍ଟିବ, ମଝି ଆଠଆଙ୍ଗୁଳରେ ସଶବ୍ଦ ଘାତ ଦେବ । ଉପର ଆଠ ଆଙ୍ଗୁଳ ନିଃଶବ୍ଦ ଓ ତଳ ଆଠ ଆଙ୍ଗୁଳ ନିଃଶବ୍ଦ ଘାତ ହେବ ।

ଏହି ରୂପେ ହସ୍ତର ଅନେକ ଭେଦ ଅଛି । ତାହା ହସ୍ତନାୟକ ଆଦିଙ୍କ ଠାରୁ ଜଣାପଡ଼ିବ ।

ଅଥ ଦ୍ରୁତାଦୀନାଂ ମଧ୍ୟେ କସ୍ୟ କୁତ୍ର ଘାତୋଦେୟ ଇତ୍ୟାହ—

ଦ୍ରୁତାଦି ତାଳ ମଧ୍ୟରେ କେଉଁଠାରେ କାହାର କେତେ ଘାତ ?

ଦ୍ରୁତେ ଲଘୌ ଗୁରୋର୍ମୂଲେ ପ୍ଲୁତମୂଲେ ସଶବ୍ଦକମ୍ ।
ନିଃଶବ୍ଦଂ ତୁ ଗୁରୋର୍ମୂର୍ଦ୍ଧ୍ନି ପ୍ଲୁତମୂର୍ଦ୍ଧ୍ନି, ଦ୍ୱିବାରକମ୍ ।୫୭।

ଅନୁବାଦ

ଦ୍ରୁତ, ଲଘୁ ଓ ଗୁରୁର ମୂଳରେ, ପ୍ଲୁତର ମୂଳରେ (ଆରମ୍ଭରେ ବା ପ୍ରଥମରେ) ସଶବ୍ଦ ଏବଂ ଗୁରୁର ମସ୍ତକରେ ଥରେ, ପ୍ଲୁତର ମସ୍ତକରେ ଦୁଇଥର (ଅର୍ଥାତ୍ ତାଳାଘାତର ସମାପ୍ତି ବେଳେ) ନିଶବ୍ଦ ଆଘାତ ଦେବ ।

ଅଥ ସଶବ୍ଦ ନିଶବ୍ଦୟୋରନିତ୍ୟତାମାହ —

ସଶବ୍ଦ ଓ ନିଶବ୍ଦର ଅନିତ୍ୟତା (ପରିବର୍ତ୍ତନ ଧାରା)

ନିଃଶବ୍ଦଂ ତୁ ସଶବ୍ଦଂ ସ୍ୟାନ୍ନିଶବ୍ଦମପି କେଚନ ॥

Digitized by srujanika@gmail.com

ଏତଦ୍ ଉଦାହରଣଂ "ପ୍ରକ୍ରିୟା କୌମୁଦ୍ୟାଂ" ଦର୍ଶୟତି—

"ପ୍ରତ୍ତଜ୍ଞାଽନୁନାସିକ୍ୟାଃ ପାଣିନୀୟାଃ ॥"

ଅର୍ଥ—ନାଃଶବ୍ଦ କେଉଁଠାରେ ସଶବ୍ଦ ହୁଏ ଏବଂ ସଶବ୍ଦ କେଉଁଠାରେ ନଶବ୍ଦ ହୁଏ। (ଲସ୍ୱ ଅନୁସାରେ ନାଃଶବ୍ଦ ଲଘୁକୁ ସଶବ୍ଦ ଲଘୁ ରୂପେ ଗ୍ରହଣ କରାଯାଇ ପାରେ)।

'ପ୍ରକ୍ରିୟା କୌମୁଦୀ'ରେ ଏହାର ଉଦାହରଣ ଦ୍ରଷ୍ଟବ୍ୟ। ପାଣିନୀ ପ୍ରଭୃତି ଋଷିମାନଙ୍କ ମତାନୁସାରେ ଅନୁନାସିକ ବୋଲି ଯାହା ବିବେଚ୍ୟ ତଦନୁସାରେ ପାଳନୀୟ। (ଅର୍ଥାତ ବ୍ୟାକରଣାନୁସାରେ ଯାହା ସଙ୍ଗୀତ ପ୍ରତି ଉପଯୁକ୍ତ (ସିଦ୍ଧ) ତାହା କରଣୀୟ)।

ଅଥ ଦ୍ରୁତାଦିନାଂ ଅଙ୍ଗୁଲ୍ୟା ବାଦନ-ପ୍ରକାରମାହ—

ଦ୍ରୁତାଦିମାନଙ୍କର ଅଙ୍ଗୁଳି ବାଦନ ଦ୍ୱାରା ପ୍ରକାଶ ରୀତି—

ଅଙ୍ଗୁଲ୍ୟଗ୍ରେଣ ବିକ୍ଷେପୈ ବାଦନଂ ବୈ ଦ୍ରୁତସ୍ୟ ଚ।
ଶବ୍ଦାଙ୍ଗୁଲ୍ୟା କେବଳୟା ବାଦନଂ ଯଂଲଘସ୍ୟ ତୁ ।୫୫।

ଶବ୍ଦାଙ୍ଗୁଲ୍ୟା କୁଞ୍ଚନାଭ୍ୟାଂ ବାଦନଂ ତୁ ଗୁରୋର୍ଭବେତ୍।
ଶବ୍ଦାଙ୍ଗୁଲ୍ୟାଂ କୁଞ୍ଚନାଭ୍ୟାଂ ପ୍ରସାରେଣ ପ୍ଳୁତସ୍ୟ ଚ ।୫୯।

ଅନୁବାଦ

ଦ୍ରୁତର ବାଦନ ପ୍ରକାଶ ଅଙ୍ଗୁଳି ଅଗ୍ରରେ। ଆଙ୍ଗୁଠିକୁ ସିଧା-କଲେ ତାହା ଲଘୁ, ଆଙ୍ଗୁଠିକୁ ଥରେ ସିଧା କରି ଥରେ ବଙ୍କାଇବା ଦ୍ୱାରା ଗୁରୁ ବୁଝାଏ ଓ ଆଙ୍ଗୁଠି ସିଧାକରି ଥରେ ବଙ୍କାଇ ପୁଣି ଥରେ ସିଧା କରିବା କ୍ରିୟା ଲଘୁ ବୁଝାଏ।

Digitized by srujanika@gmail.com

ଅଥାନୁଦ୍ରୂତାଦ୍ୱନାମୁତ୍ପନ୍ନ ପ୍ରକାରମାହ—

ରାଧାହ୍ୱାନେ ପ୍ଲୁତୋଜାତୋ ଗୁରୁଃ ଶଶିକଳା କୃତେ ।
ଲଘୁଃ କନକରେଖାୟାଂ ପାରଜାତେ ଦ୍ରୁତୋଦୟଃ ।୭୦।

ଅନୁଦ୍ରୁତସ୍ୟ ସ୍ତେତ୍ପତ୍ତିଃ ପଦ୍ମାହ୍ୱାନେ ବଭୂବହ ।
ଏବଂ ସାଙ୍କେତକେ ବେଣୌ କୃଷ୍ଣସ୍ୟାପନ ପ୍ଲୁତାଦୟଃ ।୭୧।

ଅନୁଦ୍ରୁତାଦ୍ୱର ପ୍ରକାର—

ଅନୁବାଦ

ରାଧାଙ୍କ ଅହ୍ୱାନରୁ ପ୍ଲୁତ ଜାତ । ଶଶୀକଳାଙ୍କ ଆହ୍ୱାନରେ ଗୁରୁ, କନକରେଖାଙ୍କ ଆହ୍ୱାନରେ ଲଘୁ, ପାରଜାତଙ୍କ ଆହ୍ୱାନରେ ଦ୍ରୁତ, ପଦ୍ମାଙ୍କ ଆହ୍ୱାନରେ ଅନୁଦ୍ରୁତ ଜାତ । ଏହାପରେ ଶ୍ରୀକୃଷ୍ଣଙ୍କର ବେଣୁବାଦନ ସଙ୍କେତରେ ପ୍ଲୁତ ଇତ୍ୟାଦି ଜାତ ।

ଦ୍ରୁତାଦୀନାଂ ପ୍ରକାରାନ୍ତରେଣାପି "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକାୟାଂ"
ଉତ୍ପତ୍ତି ରଧିରସ୍ତି । ଯେ ଜିଜ୍ଞାସବସ୍ତେ ତତୋ ଜାନନ୍ତୁ ॥

ଅର୍ଥ—ଏହାର ପ୍ରକାରନ୍ତରେ ବର୍ଣ୍ଣନା ଅନୁସନ୍ଧିତ୍ସୁମାନେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକାରୁ ପାଇବେ ।

ଅଥ ଗୀତବାଦ୍ୟ-ନୃତ୍ୟାନାଂ ତାଳସ୍ୟ ମୂଳକାରଣତ୍ୱମାହ—

ଗୀତ, ବାଦ୍ୟ ନୃତ୍ୟର ମୂଳକାରଣ ତାଳ—

ନ ତାଳେନ ବିନା ଗୀତଂ ନ ବାଦ୍ୟଂ ତାଳ ବର୍ଜିତମ୍ ।
ନ ନୃତ୍ୟଂ ତାଳହୀନଞ୍ଚ ତତସ୍ତାଳୋଽସ କାରଣମ୍ ।୭୨।

ଅନୁବାଦ

ଗୀତ ବାଦ୍ୟ ନୃତ୍ୟ କେହିଁ ତାଳ ବିନା ସମ୍ଭବ ନୁହେଁ । ଏଣୁ ତାଳ ହିଁ ମୂଳ ବା ସର୍ବପ୍ରଧାନ ।

Digitized by srujanika@gmail.com

ପୁନସ୍ତାଳସ୍ୟାପି ପ୍ରାଧାନ୍ୟତ୍ୱମାହ—

ତାଳର ପ୍ରାଧାନ୍ୟ—

ଯଥା ତାଳେନ ଗୀତାଦେର୍ନ ଶୁଦ୍ଧିର୍ନ ଜାୟତେ ।
କର୍ଣ୍ଣଧାରଂ ଯଥା ନାବ ଉଦାହନ୍ତ୍ରାନ୍ ପ୍ରଚକ୍ଷତେ ।୭୩।

ଅନୁବାଦ

ମଙ୍ଗୁଆଳ ବନା ନୌକାର ଗତି ଯେପରି ସ୍ଥିର ହୋଇ ନପାରେ, ସେହିପରି ତାଳ ବନା ଗୀତ ଇତ୍ୟାଦିର ଗତି ଶୁଦ୍ଧ ହୋଇପାରେ ନାହିଁ । ଏଣୁ ତାଳକଥା କୁହାଯାଉଅଛି ।

ଅଥ ତାଳସ୍ଥିତ ଦେବାନାହ—

ତାଳରେ ଥିବା ଦେବତା—

“ତ-କାରଃ ଶରଜନ୍ମାସ୍ୟାଦକାରୋ ବିଷ୍ଣୁରୁଚ୍ୟତେ ।
ଲ-କାରୋ ମାରୁତଃ ପ୍ରୋକ୍ତସ୍ତାଳେ ଦେବା ବସନ୍ତ୍ୟମଂ ।୭୪।

ଅନୁବାଦ

‘ତ’ କାରର ଦେବତା କାର୍ତ୍ତିକେୟ, ‘ଅ’ କାରର ଦେବତା ବିଷ୍ଣୁ ଓ ‘ଲ’ କାରର ଦେବତା ବାୟୁ ।

“ସର୍ବେଷୁ ତାଳେଷୁ ସତ୍ସୁ ପ୍ରବନ୍ଧାଙ୍ଗତ୍ୱାଦ୍‌ବାହ୍ୟାତ୍ ଦଶ ତାଳାନ୍
ସଦ୍ଭେଦାନ୍ କଳାବହୁଳତ୍ୱା ଶଚୀପ୍ରିୟ ନଳକୂବର ବାଦକାକୁଳ
ସିଂହନନ୍ଦନାନମେ ବକ୍ଷ୍ୟାମଃ ॥”

ଅର୍ଥ—ସବୁ ପ୍ରକାର ତାଳଥିଲେ ମଧ୍ୟ ପ୍ରବନ୍ଧର ଅଂଗ ଦୃଷ୍ଟି-ବାହାରରେ ଦଶତାଳରେ ଭେଦ ସହିତ କଳା ବହୁଳତା ହେତୁ ଶଚୀପ୍ରିୟ, ନଳକୁବେର, ବାଦକାକୁଳ, ସିଂହନନ୍ଦନା ଇତ୍ୟାଦି ତାଳମାନଙ୍କ ସମ୍ବନ୍ଧ କୁହାଯାଉନାହିଁ ।

Digitized by srujanika@gmail.com

କେ ଇତ୍ୟାହ—

ସେମାନେ କିଏ ?

ଆଦିର୍ଯତିର୍ନିଃଶାରଶ୍ଚ ମଣ୍ଠ ଝମ୍ପକ ରୂପକାଃ ।
ତ୍ରିପୁଟୋ ହ୍ୟଡ୍ଡତାଳଶ୍ଚ ହ୍ୟେକତାଳୀ ତତଃପରମ୍ ॥
କୁଡ୍ଡତାଳାସ୍ତୁ କଥିତା ଦଶଧେତି ମୁନୀଶ୍ୱରୈଃ ।୬୨।

ଅନୁବାଦ

ଆଦି, ଯତି, ନିଃଶାରି, ମଣ୍ଠ, ଝମ୍ପକ, ରୂପକ, ତ୍ରିପୁଟ, ଅଡ୍ଡ, ଏକତାଳୀ ଓ କୁଡ୍ଡକ ଏମାନେ ଦଶତାଳ ।

"ଇଦାନୀଂ ତୁ ଦଶତାଳାନାଂ ମଧ୍ୟେ ଆଦି ତାଳସ୍ୟ ନାନାବିଧ ଭେଦ ବିସ୍ତର ସ୍ୱସନାମ ପୂର୍ବକ ଦଶତାଳାନାଂ କଳାନିରୂପଣ ତଚ୍ଛକାର ଉଦାହରଣ ଗୀତ ସ୍ୱର କରଣାନି ଯଥାକ୍ରମେ କଥୟିଷ୍ୟାମି ।"

ଅର୍ଥ—ବର୍ତ୍ତମାନ ପ୍ରୋକ୍ତ ଦଶତାଳ ମଧ୍ୟରେ ଆଦି ତାଳର ସ୍ୱ ନାମକ ତାଳ ଏବଂ ଅନ୍ୟାନ୍ୟ ଦଶତାଳର କଳା ନିରୂପଣ, ତଚ୍ଛକାର; ଉଦାହରଣ ଗୀତ ଓ ସ୍ୱରକରଣ ଇତ୍ୟାଦି କ୍ରମରେ କୁହାଯାଉଅଛି ।

ଏକ ଏବ ଲଘୁର୍ଯତ୍ର ଆଦିତାଳଃ ସ କଥ୍ୟତେ ।
ଗୁରୁସ୍ତତ୍ ପୂରତୋ ବାଚ୍ୟଃ ପ୍ରାପ୍ତେୟଣେ ତନ୍ନି ଦର୍ଶନମ ।୬୩।

ଅନୁବାଦ

ଯହିଁରେ ଗୋଟିଏ ଲଘୁ, ତାକୁ ଆଦିତାଳ କୁହନ୍ତି । ଏହାର ପ୍ରଥମରୁ ଗୁରୁ ହେବାର ନିଦର୍ଶନ ପ୍ରାପ୍ତ ଦେଖାଯାଏ ।

Digitized by srujanika@gmail.com

ଚୂର୍ଣ୍ଣିକ—

"ଏତନ୍ତ ଗାୟକପରମ୍ପରାୟା ସବିରାମ ବିଳମ୍ବିତ ଲଘୁ ଦ୍ରୁତ ସଂଯୋଗାଦ ତାଳସ୍ୟାବୃତ୍ତିଦ୍ୱୟଂ ଗାୟନ୍ତି । ନ ତତ୍‌କୁତ୍ରାପି ବିଲୋକ୍ୟତେ । ଅହଂ ପୁନର୍ମନ୍ୟେ ଦ୍ରୁତ ଚତୁଷ୍ଟୟେନ ଲଘୁଦ୍ୱୟଂ ଭବତି । ତାଳାବୃତ୍ତି ଦ୍ୱୟଂ ତୁ ଦ୍ରୁତାନ ବିଭଜ୍ୟ ଏକଂ ବିଶ୍ରାମ୍ୟ ତାଳାବୃତ୍ତି ଦ୍ୱୟଂ ସମର୍ଥୟନ୍ତୁ ॥"

ଅର୍ଥ—

ଆଜିକାଲି ଗାୟକମାନେ କ୍ରମରେ ବିରାମ ସହିତ ବିଳମ୍ବିତ ଓ ଦ୍ରୁତଲଘୁ ମିଶାଇ ଦୁଇ ତିନିଥର ଆବୃତ୍ତି କରି ଆଦିତାଳ ଗାଆନ୍ତି । ଏହି ବ୍ୟବହାର କେଉଁଠି ଦେଖାନାହିଁ (ଉଚିତ ନୁହେଁ) । ମୁଁ (ଗ୍ରନ୍ଥକାର) ମନେକରୁଛି, ଦ୍ରୁତ ଚାରିଗୋଟିରେ ଗୋଟିଏ ଲଘୁ ହୁଏ । ତାଳାବୃତ୍ତିକୁ ଦୁଇଟି ବିଭାଗ କରାଯାଉ । ଗୋଟିଏ ବିଭାଗରେ ଗୋଟିଏ ଦ୍ରୁତ ଓ ଅନ୍ୟ ବିଭାଗରେ ତିନି ଦ୍ରୁତ କାଳ ବିଶ୍ରାମ କରିବା ଦ୍ୱାରା ଦୁଇଥର କାଳାବୃତ୍ତି ବିଧି ଆଦିତାଳ ପାଇଁ ସଙ୍ଗତ ହେବ ।

ଅଥ ଆଦି ତାଳସ୍ୟ ଗ୍ରସନାମୋଚ୍ୟତେ —

ଆଦି ତାଳର ଗ୍ରସନାମ—

ଆଦିରେକେନ ଲଘୁନା ହ୍ରସୋଽସ୍ୟଂ କଣ୍ଠି ଦୁଚ୍ୟତେ ॥୦॥ ଲ

ଅନୁବାଦ

ଗୋଟିଏ ଲଘୁରେ ଯେଉଁ ଆଦି ତାଳ ହୁଏ, ତାକୁ କେହି କେହି ଗ୍ରସତାଳ ବୋଲି କୁହନ୍ତି ॥୦॥ ଲ ।

ଅଥ ଠେକାର—

ଧିମିଧିମି ଥୋଇଁୟାଂ ତା ତା ତା ଥେଇ । ତାଥେଇ ଥୋ ଧିମି ତା ତା ତା ତା ତା ତା ତା ତା ॥

Digitized by srujanika@gmail.com

ଅଥୋଦାହରଣଂ । ଗୀତମ୍—

"ଜୟ ମୁରନାୟକ, ବାଞ୍ଛିତ ଦାୟକ" ।ଇତି।

ସ୍ୱର କରଣ—

"ସା ଧା ସା ରି ଗ ମ ରି ଗ ମ ପ ପ ମ ପ ଧ ମ ପ ଧ ନି ମ ଗ ରି ସା ଧ ନି ମ ପ ଧା ।"

"ଦ୍ରାଂ ଦ୍ରାଂ ଦ୍ରାଂ ଦ୍ରା ଦ୍ରୁମି ଦ୍ରୁମି ଦ୍ରୁମିକଟ ତେନାର୍ଊ ତେନାର୍ଊ ତେନ୍ନା ତେନାଇଆ ।" ଇତ୍ୟାଦି ତା ତୋ ଗତଃ ॥

ଅଥ ଆଦଃ କତିଭେଦୋ ଭବତି ତଦାହ—

ଆଦର ପ୍ରକାର ଭେଦ—

ବନୋଦୋ ବରଦଶ୍ଚୈବ ନନ୍ଦଃ କୁମୁଦ ଏବଚ ।
ଏବଂ ଚତୁର୍ବିଧସ୍ୟାଦଃ ପ୍ରୋକ୍ତୋ ଗୀତ ବିଶାରଦୈଃ ।୬୮।

ଅନୁବାଦ

ଆଦ - ଏହା ଚାରିପ୍ରକାର । (୧) ବନୋଦ, (୨) ବରଦ, (୩) ନନ୍ଦ, (୪) କୁମୁଦ ।

ଅଥ ତେଷାଂ ଚତୁର୍ଭେଦାନାଂ ପ୍ରତ୍ୟେକଂ କଳାସୂତ୍ରମାହ —

ଏହି ଚାରି ବିଭାଗ ପ୍ରତ୍ୟେକଙ୍କର କଳା ସୂତ୍ର—

ବନୋଦ ତାଳଃ କଥିତୋ ଲଘୁନାଂ କେବଳେ ନ ଚ ।୬୯।

ଅନୁବାଦ

ବନୋଦ—କେବଳ ଗୋଟିଏ ଲଘୁରେ ବନୋଦ ତାଳ ॥ଲ॥

Digitized by srujanika@gmail.com

"ଲଘୁଦ୍ରୁତୌ ଗୁରୁର୍ଯତ୍ର ବରଦଃ ସ ପ୍ରକୀର୍ତ୍ତିତଃ" ।୨୦।

ଅନୁବାଦ

ବରଦ—ଗୋଟିଏ ଲଘୁ, ଦୁଇଟି ଦ୍ରୁତ ଏବଂ ଗୋଟିଏ ଗୁରୁ ମିଶିଲେ ବରଦ ତାଳ ହୁଏ । ଲ ଦ ଦ ଗ । 00S

"ପ୍ଲୁତେନ ଲଘୁନାଚୈବ କୀର୍ତ୍ତିତୋ ନନ୍ଦ ସଂଜ୍ଞକଃ" ।୨୧।

ଅନୁବାଦ

ନନ୍ଦ ଗୋଟିଏ ପ୍ଲୁତ, ଗୋଟିଏ ଲଘୁ = ପ ଲ = ଃ। ।

ଅଥ କୁମୁଦୋ ଯଥା—

"ଗୁରୁ ଯୁଗ୍ମାତ୍ ପ୍ଲୁତେନୈକେନ ଗୀୟତେ କୁମୁଦୋ ବୁଧୈଃ" ।୨୨।

ଅନୁବାଦ

କୁମୁଦ – ଗୁରୁ ଦୁଇଟି + ପ୍ଲୁତ ଗୋଟିଏ ।। ଗଗପ = SSଃ
"ଇତ୍ୟାଦିତାଳଃ ସଂଭେଦୋ ଗତଃ ।"

ଅର୍ଥ—ଇତି ଆଦିତାଳ ଭେଦ ।

ଅଥ ଯତି—

ଲଘୁଦ୍ୱନ୍ଦାଦ୍ଦ୍ରୁତ ଦ୍ୱନ୍ଦଂ 'ଯତି' ତାଳେ ପ୍ରକୀର୍ତ୍ତିତମ୍ ।
ସା ପୁନଃର୍ଦ୍ୱିଧା ପ୍ରୋକ୍ତା ଶୁଦ୍ଧା ଚ ସ ପୃଷ୍ଠାନ୍ତର ।୨୩।

ଅନୁବାଦ

ଦୁଇଟି ଲଘୁ ଓ ଦୁଇଟି ଦ୍ରୁତ ମିଶି 'ଯତି' ତାଳ ଗଠିତ ହୁଏ । ଏହା ପୁଣି ଦୁଇପ୍ରକାର—(ଲଘୁ = ଲ ଲ ଦ ଦ) । ଶୁଦ୍ଧା ଏବଂ ସ୍ୱପୃଷ୍ଠାନ୍ତର ।।00।

Digitized by srujanika@gmail.com

ଅଥ ଚଛକାର—

ଦଗି ଦଗି ଥେଇ ଥେଇ ଥୋ, ଦଗି ଥା ଥା ଥା ଥା ଥା ଥା

ଅତଃ ଶୁଦ୍ଧଯତ୍ୟାମୁଦାହରଣମ୍—

ଶୁଦ୍ଧ ଯତିର ଉଦାହରଣ—

"ଜୟ ଜୟ ନରକ ନାଶନ ଦୁଷ୍ଟ ସଞ୍ଚୟ ବନ୍ଧୁତ ଶାସନ ରେ" ।

ଅଥ ସ୍ୱର କରଣମ୍—

ଆ ଆ ସା ସା ସା ସା ରି ଗ ମ ରି ଗ ମ ଗ ମ ପ ଧ ମ ଗ ରି ସା ଧ ନ ନ ଧ ନ ଆ ଆ ।

ତେ ନା ତେ ନା ତେନାନା ତେନାତେ ନାତେ ନାତେନାଉଁ ତେନା ତେନା ତେନା ଇ ଆ ଆ ।

ନାଟରାଗ ସୂଡ଼ା । ଗୀତମ୍—

ନାଟରାଗ ସୂଡ଼ରେ ଉଦାହରଣ ଗୀତ (ଝୀପୁଟ)—

ଜୟ ଜଳନିଧି । ଉତ୍ତରଙ୍ଗରେ ନୀଳନଗଶିଖରେ ବ୍ରହ୍ମ ପ୍ରକାଶ ଆ···
କପଟେ ଦାରୁ ଶରୀର, ମନୋରମ ପରମ ସୁଖ ପ୍ରକାଶ ।
ଜୟ ନୀଳନିଧି ।

ଝୀପୁଟ

ନୀଳମଣି ନୀଳ ଜଳଦ ନଭ ଫଟିକ ନିନ୍ଦିତ ଲପନ
କାନ୍ତ ଉଦାରୁ ଆ···
ଆ ଆ ବିକଚ କମଳେ କି ନିନ୍ଦିତ ମଧୁକର ନେତ୍ର ଯୁଗଳ
ବିଶାଳ । ଜୟ ଜଳନିଧି ।

Digitized by srujanika@gmail.com

ଯତି ଭେଦ

ଅଥ ଯତିଃ କତି ଭେଦା ଭବତି ତଦାହ—

ଯତି ଭେଦ କୁହାଯାଉଅଛି—

'ଅଥ ତେଷାଂ ଚତୁର୍ଭେଦାନାଂ ପ୍ରତ୍ୟେକଂ କଳାପୂର୍ବମାହ ।'

ଅର୍ଥ—ଏହା ଚାରିପ୍ରକାର –(୧) ଲୀଳା, (୨) ଆନ୍ଦୋଳିତ, (୩) କୌମୁଦୀ, (୪) ହଂସମାଳିକା ।

ଲୀଳା—"ପ୍ଲୁତେନୈକେନ ଲୀଳାଖ୍ୟାଂ ଯତିରୁକ୍ତା ମନୀଷୀଭିଃ ।"

ଅର୍ଥ—ଗୋଟିଏ ପ୍ଲୁତରେ ଲୀଳାତାଳ ହୁଏ । ପ = ଃ

(୨) ଆନ୍ଦୋଳିତା—"ଲଘୁଦ୍ୱନ୍ଦ୍ୱାଦ୍ୟସୁଗ୍ମେନ ଯତିରାନ୍ଦୋଳିତା ମତା" ।

ଅର୍ଥ—ଦୁଇଟି ଲଘୁ ଓ ଦୁଇଟି ଦ୍ରୁତରେ ଆନ୍ଦୋଳିତା
= ଲ ଲ ଦ ଦ = ||00

(୩)କୌମୁଦୀ—"ପ୍ଲୁତେନ ଲଘୁନୈକେନ କୌମୁଦୀ ପରିକୀର୍ତ୍ତିତା" ।

ଅର୍ଥ—ଗୋଟିଏ ପ୍ଲୁତ ଓ ଗୋଟିଏ ଲଘୁରେ କୌମୁଦୀ
= ପ ଲ = ଃ|

(୪) ହଂସମାଳିକା—"ଦ୍ରୁତଚତୁଷ୍କାତ୍ ଗୁରୁଯଂବ ସାପ୍ୟକ୍ତା ହଂସମାଳିକା ।"

ଅର୍ଥ—ଦ୍ରୁତ ଚାରିଗୋଟି ଓ ଗୋଟିଏ ଗୁରୁରେ ହଂସମାଳିକା
= ଦ ଦ ଦ ଦ ଗ ||0000S||

ଇତି ଯତିତାଳ ସମାପ୍ତ ।

Digitized by srujanika@gmail.com

ଅଥ ନିଃସାରୁ ତାଳ—

ନିଃସାରୀ ତାଳ—

ସବିରାମଦ୍ରୁତଦ୍ୱନ୍ଦ୍ୱା ନିଃସାରୌ ତୁ ଲଘୁଦ୍ୱୟମ୍ ।
ଵ ଵ ଲ ଲ ॥00॥

ଅର୍ଥ—ବିରାମ ସହିତ ଦୁଇଟି ଦ୍ରୁତ, ତା'ପରେ ଦୁଇଟି ଲଘୁ—
ଦଦ ଵ ଲଲ = 00/।।

ଠେକାର—

ଧିଗି ଧିଗି ଥେଇ ତ ଥେଇ ତ ଥେଇ । ଥେଇ ଥୋ ଧିଗିତା, ତତା ଟତା ତତା ତତା ।

ଅଥୋଦାହରଣମ୍—

ଉଦାହରଣ ଗୀତ—

ଦଂଷ୍ଟ୍ରାଧୃତ ଦୁର୍ଦ୍ଧରଧରଣେ । ଭବ-ଜଳଧି ତରଣେ ଚରଣେ ।

ଅଥ ସ୍ୱରକରଣମ୍—

ସା ସା ରି ସା ରି ସା ରି ଗ ନି ସା ରି ।
ସା ରି ଗ ମ ରି ଗମ ଗଧନି ପମ ପ ଧ ସା ।
ଠେଙ୍ଗଣ ଙ୍ଗଣ ଙ୍ଗଣଙ୍ଗ-ଥା ଇତା ଙ୍ଗଣ ଙ୍ଗଣ ଙ୍ଗଣ
ଙ୍ଗଣ ଙ୍ଗଣ—ଥା ରି ।

ଖେରଠୀ ଖେରଠୀ ଖେରଠୀ ଖେରଠୀ ଥାଉ—ନଉଉଁକୁ ତାଉଉଁକୁଁ ଉ ଉକୁଁ ତତଥେଇ, ତତଥେଇ କଠଥେୟା ଧା ଧିନ୍ ତା—

ଇତି ନିଃସାରୀ ତାଳୋଗତଃ ।

Digitized by srujanika@gmail.com

ନିଃସାରୀ ଭେଦ—

ଅଥ ନିଃସାରୀ କତି ଭେଦୋ ଭବତି ତଦାହ—

ନିଃସାର କେତେ ପ୍ରକାର ?

"ଦୃଢ଼ଃ ପ୍ରୌଢ଼ୋଽଥ ଖଚରୋ ବଚରଶ୍ଚତୁରକ୍ରମ ।
କୁନ୍ଦଶ୍ଚ ଷଡ୍‌ବିଧ ସ୍ତେବଂ ନିଃସାରମୁନିପଣ୍ଡିତଃ" ।

ଅର୍ଥ—ଏହା ଛଅ ପ୍ରକାର । ଯଥା—(୧) ଦୃଢ଼, (୨) ପ୍ରୌଢ଼, (୩) ଖଚର, (୪) ବଚର, (୫) ଚତୁରକ୍ରମ, (୬) କୁନ୍ଦ ।

ଅଥ ତେଷାଂ ଷଡ୍‌ବିଧ ନିଃସାରୀଣାଂ ପ୍ରତ୍ୟେକଂ କଳାସୂତ୍ର ମାହ—

ଏମାନଙ୍କର ପ୍ରତ୍ୟେକଙ୍କ କଳାସୂତ୍ର—

(୧) ଦୃଢ଼—"ଦୃଢ଼ାଭିଧେ ଚ ତାଳେ ସ୍ୟାଲ୍ଲଘୁଦ୍ୱନ୍ଦଂ ତୁ କେବଳମ୍" ।

ଅର୍ଥ—ଯୋଡ଼ିଏ ଲଘୁ = ଲ ଲ = ॥

(୨) ପ୍ରୌଢ଼—"ପ୍ରୌଢ଼ଃଖ୍ୟାତୋ ଗୁରୁଦ୍ୱନ୍ଦାଦେକେନ ଲଘୁନାଽପିଚ ।"

ଅର୍ଥ—ଦୁଇଟି ଗୁରୁ ଗୋଟିଏ ଲଘୁ = ଗ ଗ ଲ SS।

(୩) ଖଚର—"ଖଚରେ—ଗୁରୁଣୈକେନ ତଥୈକ ଲଘୁନାଽପିଚ ।"

ଅର୍ଥ—ଗୋଟିଏ ଗୁରୁ ଗୋଟିଏ ଲଘୁ = ଗ ଲ = S।

(୪) ବଚର—"ବଚରେସ୍ୟାଲ୍ଲଘୁଦ୍ୱନ୍ଦଂ ଲଘୁଦ୍ୱନ୍ଦାତ୍ ଗୁରୁଦ୍ୱୟମ୍" ।

Digitized by srujanika@gmail.com

ଅର୍ଥ—ଦୁଇଟି ଦ୍ରୁତ, ଦୁଇଟି ଲଘୁ ଓ ଦୁଇଟି ଗୁରୁ = ଦ ଦ ଲ ଲ ଗ ଗ = 00।।SS

(୫) ଚତୁରଙ୍ଗମ—"ଦ୍ରୁତଯୁଗ୍ମଂ ପ୍ଲୁତଯୁଗ୍ମଂ ଗୁରୁଃସ୍ୟାଚ୍ଚତୁରଙ୍ଗମେ" ।

ଅର୍ଥ—ଦୁଇଟି ଦ୍ରୁତ, ଦୁଇଟି ପ୍ଲୁତ ଓ ଗୋଟିଏ ଗୁରୁ = ଦ ଦ ପ ପ ଗ = 00ऽऽS

(୬)କୁନ୍ଦ—"ଦ୍ରୁତଦ୍ୱନ୍ଦାଦେକମାନ ଯୁଗ୍ମଂସ୍ୟାତ୍କୁନ୍ଦ ସଂଜ୍ଞକେ" ।

ଅର୍ଥ—ଦୁଇଟି ଦ୍ରୁତ, ଲଘୁ ଦୁଇଟି = ଦ ଦ ଲ ଲ = 00।।

"ଷଡ୍ବିଧସ୍ୟ ନିଃସାରୋଃ କୁନ୍ଦନାମା ନିଃସାରୁମୁଖ୍ୟ ପ୍ରକାର ଇତ ହରିନାୟକୋ ବ୍ରୂୟାତ୍ ।"

ଅର୍ଥ—ଏହି ଛଅପ୍ରକାର ନିଃସାରୀ ମଧ୍ୟରେ କୁନ୍ଦ ନାମକ ନିଃସାରୁ ପ୍ରଧାନ ବୋଲି ହରିନାୟକ ମତ ଦିଅନ୍ତି ।

ଇତି ନିଃସାରୀ ସମାପ୍ତ ।

ଅଥ ମଣ୍ଠକଃ—

ମଣ୍ଠକ ତାଳ—

"ସଗଣାଲ୍ଲଘବୋ଼ଃଶଦାଷ୍ଟଭ୍ରାରେ ମଣ୍ଠକେ ପୁନଃ ।"

ଅର୍ଥ—'ସ' ଗଣ ଉତ୍ତାରୁ ଚାରିଟି ଲଘୁ—

ଅନ୍ୟାକ୍ଷରଗଣ—ଲ ଲ ଗ ଲ ଲ ଲ ଲ = ।।S।।।। ।

ଅସ୍ୟକଳା— ।।S।।।। ।

ଅଥ ଚଚ୍ଚକାର

ଥେଇ ଆଂ ଦଗି ଦଗି ଥେଇ ତଥେଇତା ତତତତ ତା ତ ତା ।

Digitized by srujanika@gmail.com

ଉଦାହରଣ ଗୀତ—

ଜୟ କଂସାସୁର ନୃଶଂସ, କର-ସରସିଜ-କଳିତ-ବଂଶ ।

ପାଠ—

ଧା ଡା ଡା ଝେଁ ହିଣା, ତା ଡା ଡା ଝେଁହିଁଣା ଝେଁ ଝେଁ ହିଣା ଝେଁ ହିଣା । ଟା ଦ୍ରିମିକଟ ଥୋ ଦ୍ରିମିକଟ ତା ଧିକଟ ତାଧିନା ।

ମଣ୍ଠକ ଭେଦ—

"ଅଥ ମଣ୍ଠକଃ କତିଭେଦୋ ଭବନ୍ତି ତଦାହ ।"

"ଜୟପ୍ରିୟଃ କଳାପଶ୍ଚ କମଳଃ ସୁନ୍ଦରସ୍ତଥା ।
ମଙ୍ଗଳୋ ବଲ୍ଲଭଶ୍ଚୈବ ମଣ୍ଠକାଃ ଷଟ୍ ପ୍ରକୀର୍ତ୍ତିତାଃ ।"

ଅର୍ଥ—(୧) ଜୟପ୍ରିୟ, (୨)କଳାପ, (୩) କମଳ, (୪) ସୁନ୍ଦର, (୫) ମଙ୍ଗଳ, (୬) ବଲ୍ଲଭ—ଏହିପରି ଛଅ ପ୍ରକାର ।

ଅଥ ତେଷାଂ ଷଡ଼୍‌ବିଧ ମଣ୍ଠକ ଭେଦାନାଂ ପ୍ରତ୍ୟେକଂ କଳାସୂତ୍ର ମାହ—

ଛଅ ପ୍ରକାର ମଣ୍ଠକର କଳାସୂତ୍ର ।

(୧) ଜୟପ୍ରିୟ—"ଲଘୁର୍ଗୁରୁର୍ଲଘୁର୍ଯତ୍ର ସୋଽପ୍ୟୁକ୍ତଶ୍ଚ ଜୟପ୍ରିୟ ।"

ଅର୍ଥ—ଗୋଟିଏ ଲଘୁ ଗୋଟିଏ ଗୁରୁ ପୁଣି ଗୋଟିଏ ଲଘୁ =ଲ ଗ ଲ = ISI

(୨) କଳାପ—"ଲଘୋରେକାଦ୍‌ଗୁରୁଦ୍ୱନ୍ଦଂ କଳାପେ ପରିକୀର୍ତ୍ତିତମ୍ ।"

ଅର୍ଥ—ଗୋଟିଏ ଲଘୁ ପରେ ଗୁରୁ ଦୁଇଟି = ଲ ଗ ଗ = ISS

(୩) କମଳ—"ଲଘୁଦ୍ୱନ୍ଦାଦ୍ ଗୁରୁ ଶ୍ଚୈକୋ କମଳାଖ୍ୟେ ତୁ ମଣ୍ଠକେ ।"

ଅର୍ଥ—ଦୁଇଟି ଲଘୁ ଗୋଟିଏ ଗୁରୁ = ଲ ଲ ଗ = I I S

Digitized by srujanika@gmail.com

(୪) ସୁନ୍ଦର—"ଗୁର୍ବେରେକାଲ୍ଲଘୁଦ୍ୱନ୍ଦଂ ସୁନ୍ଦରେସ୍ୟାତ୍ତୁ ମଣ୍ଡୁକେ ।"

ଅର୍ଥ—ଗୋଟିଏ ଗୁରୁ ଓ ଦୁଇଟି ଲଘୁ = ଗ ଲ ଲ = SII

(୫) ମଙ୍ଗଳ—"ଆଦୌ ଗୁରୁର୍ଲଘୁର୍ମଧ୍ୟେ ପ୍ଳୁତୋଽନ୍ତେ ମଙ୍ଗଳେ ସ୍ମୃତଃ ।"

ଅର୍ଥ– ଗୁରୁ ଗୋଟିଏ, ଲଘୁ ଗୋଟିଏ, ପ୍ଳୁତ ଗୋଟିଏ = ଗ ଲ ପ = SIଃ

(୬) ବଲ୍ଲଭ—"ଆଦୌ ଗୁରୁର୍ଲଘୁର୍ମଧ୍ୟେ ଗୁରୁରନ୍ତେ ଚ ବଲ୍ଲଭେ ।"

ଅର୍ଥ—ଗୁରୁ ଗୋଟିଏ, ଲଘୁ ଗୋଟିଏ, ଗୁରୁ ଗୋଟିଏ = ଗ ଲ ଗ = SIS

ଇତି ମଣ୍ଡୁକତାଳଃ ସଭେଦୋ ଗତଃ ।

—ମଣ୍ଡୁକ ତାଳର ଭେଦ କୁହାଗଲା ।

ଅଥ ଝମ୍ପକ—

ଝମ୍ପକ ତାଳ—

"ସବିରାମ ଦ୍ରୁତଦ୍ୱନ୍ଦ୍ୱାଲ୍ଲଘୁନା ଝମ୍ପକୋ ମତଃ ।"

ବିରାମ ସମ୍ବଳିତ ଦୁଇଟି ଦ୍ରୁତ, ତାପରେ ଗୋଟିଏ ଲଘୁ = କ୍ କ୍ ଲ = 00I

(ସବିରାମ ଦ୍ରୁତକୁ 'କ୍' ଅକ୍ଷରରେ ପ୍ରକାଶ କରାଯାଇଅଛି)

ଅଥ ଚଚ୍ଚକାର—

ଥେଇ ଥେଇ ତତା •ତତା ଥେଇ ଥେଇ ଥେଇ ତା ତତା ତା ତତ ତାନ୍ତା

Digitized by srujanika@gmail.com

ଅନ୍ୟୋଦାହରଣମ୍—

"ଲକ୍ଷ୍ମୀ ଚକ୍ରଧର ମାଂ ପାହି ବନ୍ଧୁଧବର"

ଅଥ ସ୍ୱରକରଣମ୍—

ସା ସା ଶ ସା ପ ନ ସା ଶ ସା ଶ ଗ ମ ପ ସା ସା
ସା ନ୍ନ ଧ ପ ମ ପ ଗ ଶ ସା ଶ ଗ ପ ମ ପ ସା ସା
ଝେଁ ଦ୍ରୁମିକଥା ଦ୍ରୁମିକ ତାକ ଦ୍ରୁମିକ ତା ତା
ତାକ ଝେଣାକ ନାକ୍ ଝେଣାକ ତାକ ଧିକଥ ଧା ଧା ।
ତେନ୍ନା ତେନ୍ନା ତେନା ଉତେନା ତେନା ତେନ୍ନା ।
ତେନା ତେନାଉଁ ତେନା ତେନାଉଁ ତେନା ତେନା ତେନ୍ନ ।

ଝମ୍ପକ ଭେଦ—

"ଅଥ ଝମ୍ପକଃ କତିଭେଦସ୍ତଦାହ ।"
—ଝମ୍ପକ ଭେଦ କୁହାଯାଉଅଛି ।

"ଗର୍ଭସ୍ତୁରଗଲ୍ଲଲସ୍ତ କନ୍ଦୁକୋ ସ୍ୱରବନ୍ଧନମଃ ।
ନିଃଭନ୍ଦୋଦର୍ପଣନୃପୌ ସପ୍ତଧେତ ଚ ଝମ୍ପକଃ ।"

ଝମ୍ପକ ୭ ପ୍ରକାର—

(୧) ଗର୍ଭ, (୨) ତୁରଗଲ୍ଲଳ, (୩) କନ୍ଦୁକ, (୪) ସ୍ୱର ବନ୍ଧନ, (୫) ନିଃଭନ୍ନ, (୬) ଦର୍ପଣ, (୭) ନୃପ ।

ଅଥ ତେଷାଂ ସପ୍ତବିଧ ଝମ୍ପକାନାଂ ପ୍ରତ୍ୟେକଂ କଳାସୂତ୍ର ମାହ—

ମାନଙ୍କର କଳାସୂତ୍ର—

(୧) ଗର୍ଭ—"ଚତ୍ତୁଦ୍ରୁତଂ ବର୍ଣମାନ୍ତଂ ତାଳେସ୍ୟାଦ୍ ଗର୍ଭସଂଜ୍ଞକେ ।"
ଅର୍ଥ—ବର୍ଣମାନ୍ତ ୪ ଗୋଟି ଦ୍ରୁତ =ଦ ଦ ଦ ଦ=0000 ।

Digitized by srujanika@gmail.com

(୨) ଭୁରଗଲ୍ପକ—"ଦ ଯୁଗେନୈକ ଲଘୁନା ଭବେତ୍ତୁର ଗଲ୍ପ-କଃ"

ଅର୍ଥ—ଦ୍ରୁତ ଦୁଇଗୋଟି ଓ ଲଘୁ ଗୋଟିଏ =ଦ ଦ ଲ=00।

(୩)ଚନ୍ଦ୍ରକ—"ଲଘୁଦ୍ୱୟଂ ବିରାମାନ୍ତେ ତାଳେ କୁନ୍ଦ୍ରକ ସଜ୍ଞକେ"

ଅର୍ଥ—ବିରାମାନ୍ତ ଲଘୁ ଦୁଇଟି=ଲ ଲ=॥

(୪) ଖାରବକ୍ରମ—"ଲଘୁରେକୋ ଦ୍ରୁତୌଗଶ୍ଚ ତାଳେସ୍ୟାଦ୍ ଖାରବକ୍ରମଃ"

ଅର୍ଥ—ଗୋଟିଏ ଲଘୁ, ଦୁଇଟି ଦ୍ରୁତ ଓ ଗୋଟିଏ ଗୁରୁ
=ଲ ଦ ଦ ଗ=।00S

(୫) ଶୀଭନ୍ଦ—"ଶିଭନ୍ଦେ ଲଘୁରେକଶ୍ଚ ଗୁରୁରେକସ୍ତଥା ଦ୍ରୁତଃ"

ଅର୍ଥ—ଲଘୁ ଗୋଟିଏ, ଗୁରୁ ଗୋଟିଏ, ଦ୍ରୁତ ଗୋଟିଏ=ଲ ଗ ଦ =।S0

(୬)ଦର୍ପଣ—"ଦ୍ରୁତଦ୍ୱନ୍ଦାଦ୍ ଗୁରୁଶ୍ଚୈକସ୍ତାଳେ ସ୍ୟାଦ୍ଦର୍ପଣା-ଖ୍ୟକେ"

ଅର୍ଥ—ଦ୍ରୁତ ଦୁଇଗୋଟି ଗୁରୁ ଗୋଟିଏ=ଦ ଦ ଗ=00S

(୭) ନୃପ—"ଲଘୁଦ୍ରୁତୌ ଲଘୁସ୍ତାନ୍ତେ ନୃପତାଳେଽପ୍ୟୁଦାହୃତଃ"

ଅର୍ଥ—ଲଘୁ ଗୋଟିଏ, ଦ୍ରୁତ ଦୁଇଟି ଓ ଲଘୁ ଗୋଟିଏ =ଲ ଦ ଦ ଲ= ।00।

ଇତି ଝମ୍ପକଃ ସଭେଦା ଗତଃ

ଅର୍ଥ—ଝମ୍ପକ ତାଳ ସମାପ୍ତ ।

Digitized by srujanika@gmail.com

ଅଥ ରୂପକ—

ରୂପକ ତାଳ—

"ରୂପକେ ତୁ ବିରାମାନ୍ତଂ ଦ୍ରୁତଦ୍ୱୟମୁଦାହୃତମ୍"

ଅର୍ଥ—ଦୁଇଟି ଦ୍ରୁତ ଶେଷରେ ବିରାମ =କ୍ କ୍= 00/

ତଇକାର—

ଧିଗି ଧିଗି ଥେଇ; ତଥେଇ ତଥେଇ ଥେଇ; ଧିଗି ତା ତତା ତତା ତା ।

ଉଦାହରଣ ଗୀତ –

ଜୟ ସୁରମୁନି, କଳ୍ପରେଣ ଲୀଳାଧୃତ ଗୋପବେଶ"

ସ୍ୱର କରଣ –

ସା ସା ମା ମା ଗ ମ ସା ସା ସା ନ ଧ ନ ପ ଧ ପ ମ ସା ସା

ସାନି ଧନି ନ ଧ ନି ନ ରି ଧ ନ ନି ରି ରି ସା

ତା ଦ୍ରିମିକଟ ତା ଦ୍ରିମିକଟ ତା ତା ଦ୍ରିମିକଟ ତା

ତାକଝେଁ କାକୁ ନାକଝେଁ କାକୁ ତାକ ଧିକଟ ଧା ଧା ।

ରୂପକ ଭେଦ –

"ଅଥ ରୂପକଃ କତି ଭେଦୋ ଭବନ୍ତି ତଦାହ ।"

ଅର୍ଥ—ରୂପକରେ ଭେଦ କୁହାଯାଉ ଅଛି ।

ତରୁଶାଖାନ୍ତର କ୍ରୀଡ଼ା ଚନ୍ଦ୍ରକ୍ରୀଡ଼ ସ୍ତୃଣ୍ଣାସ୍ୟକଃ

ମଦନଃ ସନ୍ନିପାତଶ୍ଚ କେନ୍ଦୁକଃ ସପ୍ତରୂପକଃ ।

ଏହା ସାତ ପ୍ରକାର । ଯଥା—(୧) ତରୁଶାଖା, (୨) ଅନ୍ତରକ୍ରୀଡ଼ା, (୩) ଚନ୍ଦ୍ରକ୍ରୀଡ଼ା, (୪) ତୃଣ୍ଣାସ୍ୟ, (୫) ମଦନ, (୬) ସନ୍ନିପାତ, (୭) କେନ୍ଦୁକ ।

Digitized by srujanika@gmail.com

"ଅଥ ତେଷାଂ ସପ୍ତବଧ ରୂପକାଣାଂ ପ୍ରତ୍ୟେକଂ
କଳାସୂତ୍ର ମାହ –

ଏମାନଙ୍କର କଳାସୂତ୍ର କୁହାଯାଉ ଅଛି –

(୧) ଚତୁଶାଖା—"ଚତ୍ୱାରସ୍ତୁ ଦ୍ରୁତା ଯତ୍ର ଚତୁଶ୍ଶାଖାଭିଧସ୍ତୁ ସଃ"

ଅର୍ଥ—ଚାରିଟି ଦ୍ରୁତ = ଦ ଦ ଦ ଦ = 0000

(୨) ଅନ୍ତର କ୍ରୀଡ଼ା—"ବିଭିର୍ବିରାମିବୈଦ୍ରୁତୈରନ୍ତରକ୍ରୀଡ଼ଂ ସଂସ୍କୃତ" ।

ଅର୍ଥ—ବିରାମଯୁକ୍ତ ୩ ଗୋଟି ଦ୍ରୁତ = ଦ/ଦ/ଦ = 0/0/0

(୩) ଚନ୍ଦ୍ରକ୍ରୀଡ଼ା—"ଅର୍ଦ୍ଧମାତ୍ରଦ୍ୱୟେନୈବ ଚନ୍ଦ୍ରକ୍ରୀଡ଼ୋଽପି କଳ୍ପିତଃ"

ଅର୍ଥ—ଦୁଇଟି ଦ୍ରୁତ = ଦ ଦ = 00

(୪) ତୃଣଷ୍ଟୁ—"ସ୍ୟାତ୍ତୃଣଷ୍ଟୁଭିଧେ ତାଳେ ବିରାମାନ୍ତଂ ଦ୍ରୁତ-ତ୍ରୟମ୍"

ଅର୍ଥ—ବିରାମାନ୍ତ ହୋଇ ତିନୋଟି ଦ୍ରୁତ = ଦଦଦ = 000

(୫)ମଦନ—"ଦ୍ରୁତଦ୍ୱୟାଲ୍ଲଘୁଶ୍ଚୈକୋ ମଦନେ କୀର୍ତ୍ତିତୋ ବୁଧୈଃ ।"

ଅର୍ଥ—ଦୁଇଟି ଦ୍ରୁତ ଓ ଗୋଟିଏ ଲଘୁ = ଦଦଲ = 00।

(୬)ସନ୍ନିପାତ—"ଗୁରୁରେକୋ ଭବେତ୍ ଯତ୍ର ସନ୍ନିପାତଃ ସ କଥ୍ୟତେ ।"

ଅର୍ଥ—ଗୋଟିଏ ମାତ୍ର ଗୁରୁ = ଗ = S

Digitized by srujanika@gmail.com

(୭) କେନ୍ଦୂକ—"ଦ୍ରୁତଦ୍ୱୟଂ ଵିରମାନ୍ତଂ ତାଳୋଽଦ୍ଧଂ କେନ୍ଦ୍ର ସଙ୍ଗକଃ"

ଅର୍ଥ—ବିରାମାନ୍ତରେ ଦ୍ରୁତ ଦୁଇଟି = ଦ ଦ = 00।

ଇତି ରୂପକ ।

"ଇତି ରୂପକ ସଭେଦା ଗତଃ ।"

ଅର୍ଥ—ରୂପକର ଭେଦ କୁହାଗଲା ।

ଅଥ ନିପୁଣ—

"ଦ୍ରୁତଦ୍ୱୟଂ ବିରମାନ୍ତ ନିପୁଣେ ପରକୀର୍ତ୍ତିତମ୍"

ଅର୍ଥ—ତିନୋଟି ଦ୍ରୁତ ପରେ ବିରାମ = କ୍ କ୍ କ = 000

ତଚ୍ଛକାର—

ଥେଇ ତତା ତତ ଥେଇ ତଥେଇ ଥେଇ ତା ତତା ତେତ ତତା

ଉଦାହରଣ ଗୀତ—

କମଳ ଲୋଚନ ଦୂରିତ ମୋଚନ ଇତ୍ୟାଦି ।

ସ୍ୱରକରଣ—

ସା ସା ସା ରି ଗ ମ ରି ଗ ମ ସା ରି ଗ ମ ସାଃ ।

ସା ସା ସା ରି ଗ ମ ରି ଗ ମ ସା ରି ଗ ମ ସାଃ ।

ସା ସା ରି ଗ ମ ରି ମ ମ ସା ।

ଠେଣାଙ୍ଗ ଣାଙ୍ଗ ଣାଙ୍ଗ ଠେଣା ଣାଙ୍ଗ ଣାଙ୍ଗ ଣାଙ୍ଗ ଣାଙ୍ଗ ତା ଧା। ଆ କଟ ଦେଁ ନିଣା ।

ନିପୁଣ ଭେଦ—

"ନିପୁଣଃ କତିଭେଦୋ ଭବନ୍ତି ତଦାହ"

ଅର୍ଥ—ନିପୁଣର ପାଞ୍ଚପ୍ରକାର ଭେଦ—

"କ୍ରୀଡ଼ା ଚ ବାର୍ଣ୍ଣିତଶ୍ଚୈବ ରଙ୍ଗୋଽଥ ଗଜଲୀଳକଃ ।

ତତଃ ସରଭଲୀଳଶ୍ଚ ନିପୁଣଶ୍ଚୈବ ପଞ୍ଚଧା ।"

Digitized by srujanika@gmail.com

ଯଥା—(୧) କ୍ରୀଡ଼ା, (୨) ବାଞ୍ଛିତ, (୩) ରଙ୍ଗ, (୪) ଗଜଲ୍ଲିଳ, (୫) ସରଭଲ୍ଲିଳ ।

କଳାସୂତ୍ର—(୧) କ୍ରୀଡ଼ା—"ଦ୍ରୁତତ୍ରୟଂ ତ ବର୍ଷ୍ଣେଯଂ କ୍ରୀଡ଼ା ତାଳେ ମନୀଷୀଭିଃ"

ଅର୍ଥ— ତିନୋଟି ଦ୍ରୁତ = ଦ ଦ ଦ = 000

(୨) ବାଞ୍ଛିତ - "ବାଞ୍ଛିତାଭିଧତାଳେ ତ ଲଘୋରେକା ଦ୍ରୁତେ ଭବେତ୍ ।

ଅର୍ଥ—ଗୋଟିଏ ଲଘୁ ଗୋଟିଏ ଦ୍ରୁତ = ଲ ଦ = I0

(୩) ରଙ୍ଗ—"ଦ୍ରୁତ ଦ୍ୱନ୍ଦାଦ୍ ଗୁରୁ ଶ୍ଚୈକୋ ରଙ୍ଗ ତାଳେଷୁ ବୁଧୈଃ ସ୍ମୃତଃ ।"

ଅର୍ଥ – ଦୁଇଟି ଦ୍ରୁତ ଗୋଟିଏ ଗୁରୁ = ଦ ଦ ଗ = 00S

(୪) ଗଜଲ୍ଲିଳ—"ଗଜଲ୍ଲିଳୋ ବିରମାନ୍ତଂ ଜ୍ଞେୟଂ ଲଘୁ ଚତୁଷ୍ଟୟମ୍"

ଅର୍ଥ—ଲଘୁ ୪ଟି ପରେ ବିରମ = ଲ ଲ ଲ ଲ/ = IIII/

(୫) ସରଭଲ୍ଲିଳ—"ଲଘ୍ଣ ଦଣ୍ଡ ଲଘୂଦ୍ୱୟାତ୍ତାଂ ତାଳେ ସରଭ—ଲ୍ଲିଳକେ"

ଅର୍ଥ—ଗୋଟିଏ ଲଘୁ, ଗୋଟିଏ ଦ୍ରୁତ ପରେ ଦୁଇଟି ଲଘୁ = ଲ ଦ ଲ ଲ = I0II

ଇତି ଏକପୁଟ ।

ଅଥାଡ଼୍ଡ଼ ତାଳ —

' ଲଘୋର୍ଦ୍ଦ୍ରୁତ ଦ୍ୱୟେନ ସ୍ୟାଚ୍ଛ୍ରୁଙ୍ଗଃ ଶୃଙ୍ଗାର ବୀରୟୋଃ ।"

ଅର୍ଥ— ଗୋଟିଏ ଲଘୁ ଦୁଇଟି ଦ୍ରୁତ = ଲ ଦ ଦ = I00

ଏହା ବୀର ଏବଂ ଶୃଙ୍ଗାର ରସରେ ବ୍ୟବହୃତ ହୁଏ ।

Digitized by srujanika@gmail.com

ଚଛକାର —

ଥେଇ ତାତା ତାଥେଇ । ଥେଇ ଥେଇ ତାକଠ ଦ୍ରା ତା ତା ତା ।

ଉଦାହରଣ ଗୀତ—

"ମୁରହରେ ହରତୁ ତେ ଦୁରିତ-ତମୋପଦମ୍ ।"

ସ୍ୱରକରଣ—

ସା ସା ସା ସା ସାରିଗମ ସାରି ସାରିଗମ ।
ରିଗମ ପଧ ଗମ ଗମ ପଧ ।
ସା ନି ନି ସାନି ଧପ ସା ସା ।
ରି ଗ ମା ଗା ଗା ।
ରି ଗ ପ ଧ ପ ଧ ନି ।
ଧ ଗ ମା ରି ଗ ମା ଗା ସା ନି ନି ।

ଅଙ୍ଗଭେଦ—

"ଅଙ୍ଗ କଣ୍ଠ ଭେଦସ୍ତଦାହ"

ଅର୍ଥ — ଅଙ୍ଗର ଭେଦ କୁହା ଯାଉଅଛି ।

"ବର୍ଣ୍ଣଲୀଳୋ ଗୁରୁଃ ଶୀଳୋ ହଂସଲୀଳୋ ବଧ୍ଵମ ଏବମଙ୍ଗଃ ପଞ୍ଚବଧୋ ଭରତସ୍ୟାପି ସମ୍ମତଃ ।"

ଅର୍ଥ —ଏହା ପାଞ୍ଚପ୍ରକାର । ଯଥା—(୧) ବର୍ଣ୍ଣଲୀଳ, (୨) ଗୁରୁ (୩) ଶୀଳ, (୪) ହଂସଲୀଳ, (୫) ବଧ୍ଵମ ।

୧—ବର୍ଣ୍ଣଲୀଳ—"ବର୍ଣ୍ଣଲୀଳାଖ୍ୟ ତାଳେ ତୁ ସ୍ୟାତାଂ ଦ୍ରୌ ତ ଲଗୌପ୍ଲୁନଃ ।"

ଅର୍ଥ —ଦ୍ରୁତ ଦୁଇଟି, ଲଘୁ ଗୋଟିଏ, ଗୁରୁ ଗୋଟିଏ
=ଦ ଦ ଲ ଗ = _00ıS

Digitized by srujanika@gmail.com

୨- ଗୁରୁ—"ଏକ ଏବ ଗୁରୁର୍ଯତ୍ର ଗୁରୁ-ତାଳଃ ସକଥ୍ୟତେ"

ଅର୍ଥ—ଗୋଟିଏ ଗୁରୁ = ଗ = S

୩- ଶୀକ—"ଶୀକେଲ୍ତୁ ଦ୍ରୁତ ଯୁଗ୍ମଂ ସ୍ୟାଲ୍ଲଘୁରେକାନ୍ତ ଗୋଭବେତ୍"

ଅର୍ଥ—ଦ୍ରୁତ ଦୁଇଗୋଟି ଲଘୁ ଗୋଟିଏ = ଦ ଦ ଲ = 00।

୪- ହଂସଲ୍ଲୀଳ—"ହଂସଲୀଳେ। ଲଘୋରନ୍ତେ ଦ ତ୍ରୟଂ ପରିକୀର୍ତ୍ତିତମ୍।"

ଅର୍ଥ—ଲଘୁ ଗୋଟିଏ, ଦ୍ରୁତ ତିନୋଟି = ଲ ଦ ଦ ଦ = ।000

୫-ବର୍ଧକ୍ରମ—"ଦ୍ରୁତଦ୍ୱନ୍ଦଂ ବିରାମାନ୍ତଂ ତଥା ପ୍ରାନ୍ତେ ଭବେଲ୍ଲଘୁଃ ॥
ତାଳେ ବର୍ଧନମେ ପ୍ରୋକ୍ତଂ ଗୀତ୍ୱବଦ୍ୟା ବଶାର ଦୈଃ।"

ଅର୍ଥ—ଦ୍ରୁତ ଦୁଇଟି, ବିରାମ ତା'ପରେ ଲଘୁ = ଦଦ/ଲ = 0/0।

କେଷାଂଚନ୍ମତେ ଅଡ୍ଡ ଷଡ୍ବିଧଃ। ତଦନୁରୋଧେନ ମୟାଽପି ଶଙ୍କଃ ପ୍ରାଗୁକ୍ତଃ ।

ଅର୍ଥ—ମତାନ୍ତରେ ଅଡ୍ଡତାଳ ୬ ପ୍ରକାର । ତେଣୁକରି ସଙ୍କୁ ନାମକ ଅଡ୍ଡ ତାଳକୁ ଗ୍ରହଣ କରାଯାଉଅଛି । ଏହି ସମ୍ବନ୍ଧରେ ପ୍ରଥମେ କୁହାଯାଇଅଛି ।

ଇତି ଅଡ୍ଡତାଳ ।

ଅଥୈକ ତାଲୀ—

"ଦ୍ରୁତେ ନୈକେ ନୈକତାଳୀ"

ଅର୍ଥ—ଗୋଟିଏ ମାତ୍ର ଦ୍ରୁତରେ ଏକତାଳୀ ହୁଏ । = ଦ = 0

"ଏକତାଳୀତଃ ପୂର୍ବମାଳାପ ଗାନମେବ ମୂଳମ୍"

ଅର୍ଥ—ଏକତାଳୀ ପୂର୍ବରୁ ଆଳାପ ଗାୟନ ବିଧି ।

Digitized by srujanika@gmail.com

ଚଉକାର—

ଦିଗି ଦିଗି ତେଥେଇ ଥେଇ କ ତାକ ଥେଇ ।
ତାଥେଇ ଥୋ ଦିଗିଣ ତନ୍ଦା
ଝଟାକଟ ଧୋ ଦିଗ ତାଚ ।

ଉଦାହରଣ ଗୀତ—

'ଗୋପ ନନ୍ଦନ, ସୁରମୁନି ବନ୍ଦିତ' ।

ସ୍ୱରକରଣ –

ସା ସା ର ସା ସା ର ସା ର ଗମ ସା ସା
ସା ନ ଧ ପ ମ ପ ଗ ର ଧର ପର ସା ସା
ଦିଦି ଥେ ଦିଗେ ଦିଗେ ଥେ ଦିଗି ଦିଗି ଦିଗି ଦିଗି ଦିଗି ଦିଗି
ଦିଗି ଦିଗି ଦିଗେ ଦିଗି ଦିଗି ଦିଗି ଥୋ—
ତେନାଉଁ ତେନାଉଁ ତେନ୍ନା ତେନା ଇ-ଆ······

ମାନ—ସା ସା ସା ର ଗମ ର ଗ ମ ପ ଗ ମ ପ ଧ ।

ଏକତାଳୀ ଭେଦ—

"ଅଥୈକତାଳୀ କତିଭେଦା ତଦାହ୍ୱ"

ଅର୍ଥ—ଏକତାଳୀ ଭେଦ କୁହାଯାଉଅଛି ।

"ବହୁଳା ଚନ୍ଦ୍ରିକା ରମା ଜିସ୍ର ଶ୍ଚୈବୈକତାଳକା ।

ଭେଦତା ଉରତନାପି ମୂନନା ଗୀତ ବେଦନା ।"

ଅର୍ଥ—ଏହା ତିନପ୍ରକାର ଯଥା—(୧) ବହୁଳା (୨) ଚନ୍ଦ୍ରିକା, (୩) ରମା । (ଭରତ ମତରେ) ।

Digitized by srujanika@gmail.com

କଳାସୂତ୍ର—(୧) ବପୁଳା—"ଲଘୁରେକୋଽପି ଯତ୍ରସ୍ୟାତ୍ ବପୁଳେତ୍ତ ର ମା ମତା ।"

ଅର୍ଥ—ଗୋଟିଏ ଲଘୁ = ଲ = ।

୨- ଚନ୍ଦ୍ରକା—"ଚନ୍ଦ୍ରକା ଯାତ୍ରୁ କାମ୍ନୈବ ଦ୍ରୁତ ନୈକେନ ସା ଭବେତ୍" ।

ଅର୍ଥ—ଦ୍ରୁତ ଗୋଟିଏ = ଦ = 0

୩- ବ୍ରମା—"ଏକେନ ଗୁରୁଣା ବ୍ରମା କଳ୍ପିତା ଗୀତ ବେଦଭିଃ"

ଅର୍ଥ—ଗୋଟିଏ ଗୁରୁ = ଗ = S

"ଇତ୍ତ ସଭେଦା ଏକତାଳୀ ଗତା"

—ଏକତାଳୀ ଭେଦ ସମାପ୍ତ ।

ଅଥ କୁଣ୍ଡକ ତାଳ—

"ଦୃତାଭ୍ୟାଂ ପରତୋ ହ୍ରସ୍ୱୌ କୁଣ୍ଡକ ଫଣୋକ୍ତି ତଃ ।"

ଅର୍ଥ—ଦୁଇଟି ଦ୍ରୁତ ଓ ଦୁଇଟିଲଘୁ = ଦ୍ ଦ୍ ଲ ଲ = 00।।

ଚଇକାର—

ଥେଇ ତାକଟ ତାତା ଥେଇ
ତା ଥେଇ ଥୋ ଦଗି ତାତା ତାତା ତାତା ତାତା ତାତା

ଉଦାହରଣ ଗୀତ—

ଜୟ ଜନରଞ୍ଜନ ଦନୁସୁତ-ଭଞ୍ଜନ ସୁରବର ପାଳନ ଫଣିପତି ଗଞ୍ଜନ ।

Digitized by srujanika@gmail.com

ସ୍ୱରକରଣ—

ସା ମା ସା ର ଗ ମ ର ଗ ମ ପ ଗ ମ ପ ଧ ।
ମ ପ ଧ ନ ନ ଧ ପ ନ ମ ପ ଗ ର ସା ।
ତେ ଟେ ତେ ଟେ ତେ ଟେ ଥେଇ ।
ତା ଧିଗି ତେ ଟେ ତେ ଥେଇ ତା ଧିଗି ତେଟେ ତେଟେ ଥେଇ ।
ତେ ଧିଗି ଥେଇ । ତେ ଧିଗି ଥେଇ, ତେ ଧିଗି ।
ତେ ତାଟେ ତାଟେ ଧିଗି ତାତା ।

କୁଡ଼୍ଡକ ଭେଦ—"ଅଥ କୁଡ଼୍ଡକଃ କତିଭେଦୋଭବନ୍ତି ତଦୋହ ।"

ଅର୍ଥ – କୁଡ଼୍ଡୁକ ଭେଦ କୁହା ଯାଉଅଛି ।

"ସମରଃ କୁଦୁବଳଶ୍ଚ ତତସ୍ତୁ ଲଘୁଶେଖରଃ
ଏବଂ ତ୍ରି ବିଧଃ କୁଡ଼୍ଡକୌ ଚଦତୋ ଗୀତପଣ୍ଡିତୈଃ ।"

ଅର୍ଥ—ଏହା ତିନି ପ୍ରକାର । ଯଥା—(୧)ସମର, (୨) କୁଦୁବଳ, (୩) ଲଘୁଶେଖର ।

ଲକ୍ଷଣ—(୧) ସମର—"ଲଘୁଦ୍ରୁତୌ ଲଘୁଶ୍ଚାନ୍ତେ ତାଳେ ଚ ସମରଖ୍ୟକେ ।"

ଅର୍ଥ—ଏକ ଲଘୁ, ଦୁଇଟି ଦ୍ରୁତ, ଗୋଟିଏ ଲଘୁ=
ଲ ଦ ଦ ଲ =।00।

୨- କୁଦୁବଳ—"ଦ୍ରୁତଦ୍ୱନ୍ଦ୍ୱଂ ଲଘୁଦ୍ୱର୍ନ୍ଦ୍ୱଂ କୁଦୁବଳୋ ପ୍ରକୀର୍ତ୍ତିତମ୍"

ଅର୍ଥ—ଦ୍ରୁତ ଦୁଇଟି, ଲଘୁ ଦୁଇଟି =ଦ ଦ ଲ ଲ =00।।

୩- ଲଘୁଶେଖର—"ଏକେନ ସବିରାମେଣ ଲଘୁନା ଲଘୁଶେଖରଃ"
ଅର୍ଥ —ବିରାମ ସହିତ ଗୋଟିଏ ଲଘୁ = ⁄ ଲ = ⁄।

ଇତି ସଭେଦଃ କୁଡ଼୍ଡୁକୋ ଗତଃ
—କୁଡ଼୍ଡୁକ ଭେଦ ସମାପ୍ତ ।

Digitized by srujanika@gmail.com

'ଅଥ କଳା ବହୁଳାନ୍ ଶଶୀପ୍ରିୟାଦ୍ଵ ଚତୁସ୍ତାଳା ନାହ'—

କଳାବହୁଳ ଶଶୀପ୍ରିୟାଦ୍ଵ ଚ୍ଚରତାଳ—

"ଗତ୍ରୟଂ ପତ୍ରୟଂ ଲଷ୍ଟ ତାଳେ ଯାତ୍ ଶଶୀପ୍ରିୟେ ।"

ଅର୍ଥ—ଗୁରୁ ତିନିଗୋଟି, ପ୍ଳୁତ ତିନଗୋଟି ଓ ଲଘୁ ଗୋଟିଏ =
ଗ ଗ ଗ ପ ପ ପ ଲ = SSS꤮꤮꤮।

ଉଦାହରଣ ଗୀତ—

"ଶ୍ୟାମ ଅଙ୍ଗ ଅତ ସୁଭଙ୍ଗ ଶ୍ରୀମୁଖ ସୁରେଖ ଭଙ୍ଗିମା ।
ନାଗ ନର ସୁରମଣ୍ଡଳେ ଆଉ ନାହିଁ ଉପମା ।"

ପରଂବ୍ରହ୍ମ ଯେ ଆ ॥ ଆ ଆ ଆ ଆ ଯେ ଆ ଯେ ଆ ଯେ ଆ ..
ହିସ୍ର ଇଆରେ.........

ନଳକୁବର ତାଳ—

"ମଗୌ ପୌ ପୌ ନଳୌ ଚୈତ୍ ତାଳେ ସ୍ୟାନ୍ନଳକୁବରେ ।"

ଅର୍ଥ—ନଳ କୁବର ତାଳରେ—

'ମ' ଗଣ (ତିନୋଟି ଗୁରୁ)+ଆଉ ଗୋଟିଏ ଗୁରୁ = ୪ ଗୁରୁ
ପ୍ଳୁତ = ୪ ଗୋଟି

'ନ'ଗଣ (୩ ଲଘୁ+୧ ଲଘୁ) = ୪ ଲଘୁ ।
= ଗ ଗ ଗ ଗ+ପ ପ ପ ପ+ଲ ଲ ଲ ଲ = SSSS꤮꤮꤮꤮ ||||

ଉଦାହରଣମ୍—

ଶ୍ୟାମଳତନୁ ପୀତବସନ,
ଶୋଭାକୃତ ମଦନ କଦନ ।
ନଖରୁଚ ଜିତ ଇନ୍ଦୁ, ଭାଲେ ଘୃଣୀ ଚନ୍ଦ୍ର
ମୌଳି ବକୁଳମାଳ, ଉରେ ବନ ବନମାଳ
ଭଜନ୍ତୁ ରେ ସଖି ନନ୍ଦଲାଲ ।

Digitized by srujanika@gmail.com

ଅଥ ବାଦକାକୁଳ—

"ପ୍ଳୁତୌ ନ ଯୌ ମଭୌ ଚୈବ ଦ୍ରୁତୌ ଚ ଲଘୁରେକନଃ
ନଶବ୍ଦଂ ଲ ଚତୁଷ୍କଂ ଚ ତାଳେ ସ୍ୟାଦ୍ ବାଦକାକୁଳେ"

ଅର୍ଥ— ପ୍ଳୁତ ଦୁଇଟି—
'ନ' ଗଣ = ଲଘୁ ତିନୋଟି
'ଯ' ଗଣ = ଲଘୁ ଗୋଟିଏ, ଗୁରୁ ଦୁଇଟି
'ମ' ଗଣ = ଗୁରୁ ତିନୋଟି
'ଭ' ଗଣ = ଗୁରୁ ଗୋଟିଏ, ଲଘୁ ଦୁଇଟି
ଦ୍ରୁତ ଦୁଇଗୋଟି + ଲଘୁ ଗୋଟିଏ + ନଶବ୍ଦ ଗୋଟିଏ + ଲଘୁ-
ଗୁଡ଼ିକ ଚାରିଟି = ପ ପ, ଲ ଲ ଲ, ଲ ଗ ଗ ଗ ଗ ଗ ଗ ଲ ଲ କ୍ କ୍ ଲ
(ଅଶବ୍ଦ) ଲ ଲ ଲ ଲ = ଃଃ||| + |SS + SSS + S|| + O ｡| ||||

ଅଥୋଦାହରଣମ୍ ଗୀତମ୍—

ଜୟ ଶୀତକର ବଦନ ଚିତ୍ତହର ନୟନ ଆ ।
ସୁରମନ ଶଶୀଖଣ୍ଡ ଶିରଧୀ ଜଟିଳ ମୁକୁଟ ଧରଣ ଆ ।
ଦଳିତାଞ୍ଜନ ଦ୍ୟୁତିଗଞ୍ଜନ ଗଳେ ରଞ୍ଜନ ଗରଳ ଆ ।

ସିଂହ ନନ୍ଦନ ତାଳ—

"ଗୌ ଲପୌ ଲଗୁରୁ ଦ୍ରୌତ ଗୌଲ ପୌଲ ପଗା ଲଘୁ ।
ନଃଶବ୍ଦଂ ଲ ଚତୁଷ୍କଂ ଚ ତାଳେ ସ୍ୟା ସିଂହନନ୍ଦନେ ।"

ଅର୍ଥ—ଗୁରୁ ଦୁଇଟି + ଲଘୁ ଗୋଟିଏ + ପ୍ଳୁତ ଗୋଟିଏ + ଲଘୁ-
ଗୋଟିଏ + ଗୁରୁ ଗୋଟିଏ + ଦ୍ରୁତ ଦୁଇଗୋଟି + ଗୁରୁ ଦୁଇଟି + ଲଘୁ-
ଗୋଟିଏ + ପ୍ଳୁତ ଗୋଟିଏ + ଲଘୁ ଗୋଟିଏ + ପ୍ଳୁତ ଗୋଟିଏ + ଗୁରୁ-
ଗୋଟିଏ + ଲଘୁ ଦୁଇଟି + ନଃଶବ୍ଦ ଲଘୁ ୪ ଗୋଟି =

ଗ ଗ ଲ ପ ଲ ଗ କ୍ କ୍ ଗ ଗ ଲ ପ ଲ ପ ଗ ଗ—ଲଲଲଲ
SS|ଃ|SOO|ଃ|| – ||||

Digitized by srujanika@gmail.com

ଅଥୋଦାହରଣମ୍ ଗୀତମ୍—

ପଲ୍ଲବ ଘନ ଘଟିତ ଶୟନ, ବନହ୍ରଦ ଚନ୍ଦ୍ର ସଣ୍ଡିକା ।
ବାସବନ୍ତେ ଗଗନେ କାନ୍ତ କମୁହ୍ୱ ମକର ରେଖିକା ।
ପ୍ରବଳ ମଦନ ନଷ୍ଟଜନନ ଶ୍ୱେଦ ସଲୀଳ ସଞ୍ଚିତା ।
ଶଶଧର ମଣି ଘଟିତ ରମଣୀ କମ୍ବୁ ଶରୀରର ଚନ୍ଦ୍ରିକା ।

ଇତି ଚତୁର୍ଦ୍ଦଶ ତାଳ ।

———

ପ୍ରଯୋଜ୍ୟା ବାପି ଯେ ତାଳା ନୋକ୍ତା ବସ୍ତର ଶଙ୍କୟା
ତେଷାଂ ଜଜ୍ଞାସୁଭର୍ଦ୍ଦୃଶ୍ୟା ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକା ।”

ଅର୍ଥ—ଅନ୍ୟାନ୍ୟ ତାଳ, ପୋଥି ବୃଦ୍ଧି ପାଇବା ଭୟରେ ଲେଖା-ଯାଉନାହିଁ । ଯାହାଙ୍କର ଜାଣିବା ପାଇଁ ଇଚ୍ଛା, ସେମାନେ ‘ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକା’ ଦେଖନ୍ତୁ ।

“ଚକ୍ରେ ନୃପୋ ଯାଂ ଭୁବ କେରଳାୟାଂ
ଶ୍ରୀ ମାଳକଣ୍ଠୋଽପି ଚ ନାଟ୍ୟ ପୂର୍ବାମ୍ ।
ମନୋରମାଖ୍ୟାନ୍ତୁ ଗତସ୍ତୃତୀୟଃ—
ପାଦସ୍ତୁ ତସ୍ୟାଂ ବୁଧଶର୍ମଦାୟାମ୍ ।”

ଅର୍ଥ—କେରଳର ରଜା ନାଟ୍ୟପୂର୍ବ ମନୋରମା ଅର୍ଥାତ୍ ମନୋରମା ଶୀର୍ଷକ ଯେଉଁ ଗ୍ରନ୍ଥ ରଚନା କଲେ, ତହିଁର ତୃତୀୟ ପାଦ ଶେଷ ହେଲା । ଏହା ପଣ୍ଡିତମାନଙ୍କର ସୁଖ ଦାୟକ ଅଟେ ।

ଇତି ତୃତୀୟ ପାଦ ।

———

Digitized by srujanika@gmail.com

ଚତୁର୍ଥଃ ପାଦଃ

ଚତୁର୍ଥ ପାଦ

ଅଥ କ୍ଷୁଦ୍ରଗୀତ ଲକ୍ଷଣମାହ—

ଅଥାତଃ କ୍ଷୁଦ୍ରଗୀତାନାଂ ଲକ୍ଷଣଂ ପ୍ରତିପଦ୍ୟତେ ।
ଆଦ୍ୟା ଚିତ୍ରପଦା ଚିତ୍ରକଳା ଧ୍ରୁବପଦା ତଥା ॥
ପାଞ୍ଚାଳୀତି ସମାଖ୍ୟାତା ଗୀତାସ୍ତୈବ ଚତୁର୍ବିଧଃ ।୧।

କ୍ଷୁଦ୍ର ଗୀତ ଲକ୍ଷଣ—

ଅନୁବାଦ

ଏହା ଚାରିପ୍ରକାର । (୧) ଚିତ୍ରପ୍ରଦା, (୨) ଚିତ୍ରକଳା, (୩) ଧ୍ରୁବପଦା, (୪) ପାଞ୍ଚାଳୀ ।

କେବଳ କ୍ଷୁଦ୍ର ଗୀତମାହ—

କେବଳ କ୍ଷୁଦ୍ର ଗୀତ—

ତାଳଧାତୁଯୁତଂ ବାକ୍ୟମାତ୍ରଂ କ୍ଷୁଦ୍ରମିତୀର୍ଯ୍ୟତେ ।”
କ୍ଷୁଦ୍ରଗୀତା ଦାବନ୍ତ୍ୟାଽନୁପ୍ରାସୋ ନିବେଶନୀୟ ଇତି ବିଶେଷଜ୍ଞା ବଦନ୍ତି ।

ଅର୍ଥ—ତାଳ, ଧାତୁଯୁକ୍ତ ବାକ୍ୟ ରଚନାକୁ କ୍ଷୁଦ୍ରଗୀତ କୁହାଯାଏ । ଏଥିରେ ଅନ୍ତ୍ୟାନୁପ୍ରାସ ରକ୍ଷା କରିବାକୁ ପଣ୍ଡିତମାନେ ମତ ଦିଅନ୍ତି ।

Digitized by srujanika@gmail.com

ଅନ୍ତ୍ୟାନୁପ୍ରାସୋ ଯଥା—

ଅନ୍ତ୍ୟାନୁ ପ୍ରାସ—

ବ୍ୟଞ୍ଜନଂ ଚେଦ୍ୟଥାବସ୍ଥଂ ପୂର୍ବସ୍ୱର-ସମନ୍ୱିତମ୍ ।
ଆବର୍ତ୍ତେତେଽନ୍ତ ଯୋଜ୍ୟତ୍ୱାଦନ୍ତ୍ୟାନୁପ୍ରାସ ଉଚ୍ୟତେ ।୨।

ଇତି କ୍ଷୁଦ୍ରଗୀତ ଲକ୍ଷଣମ୍ ॥

ଅର୍ଥ—

ଅନ୍ତ୍ୟାନୁ ପ୍ରାସ —

ଗୀତର ପ୍ରଥମ ପାଦର ଶେଷରେ ଯେଉଁ ସ୍ୱର ଯେଉଁ ରୂପରେ ଥିବ, ପର ପଦରେ ସେହିଭଳି ଭାବରେ ସ୍ୱର ସେହି ରୂପେ ସ୍ଥାପନ କରବାକୁ ଅନ୍ତ୍ୟାନୁପ୍ରାସ କୁହନ୍ତି ।

ଇତି କ୍ଷୁଦ୍ରଗୀତ ।

ଅଥ ଚିତ୍ରପଦାଗୀତ ଲକ୍ଷଣମାହ—

ଚିତ୍ରପଦା ଲକ୍ଷଣ—

କେବଳଂ ପଦ ମାତ୍ରେଣ ବୈଚିତ୍ର୍ୟଂ ଯତ୍ର ଦୃଶ୍ୟତେ ।
ନ ଧାତ୍ୱାଦୌ ବିଚିତ୍ରତ୍ୱଂ ଜ୍ଞେୟା ଚିତ୍ରପଦେତି ସା ।୩।

ଅନୁବାଦ

ଧାତୁ (ଅକ୍ଷର ସଞ୍ଚୟ) ପ୍ରଭୃତିର (ବିରୁଦ ପ୍ରଭୃତି) ର କୌଣସି ବିଚିତ୍ରତା ନଥାଇ, କେବଳ ପଦର ବୈଚିତ୍ର୍ୟ ଥିଲେ, ତାହାକୁ ଚିତ୍ରପଦା କୁହନ୍ତି—

ଉଦାହରଣ-ଗୁଣ୍ଡକେରୀ ରାଗେଣ—

କଳସ୍ପୃଷ୍ଟ ନୟନଂ ଝଣି ଝଣି ବଳିତମ୍ ।
ପଙ୍କଜମିବ ମୃଦୁ ମାରୁତ ଚଳିତମ୍ ॥

Digitized by srujanika@gmail.com

କେଳି ସଦନେ ପ୍ରବିଶତି ରାଧା ।
ପ୍ରତିପଦ ସମୁଦିତ ମନସିଜ ବାଧା ॥ ଧ୍ରୁବ ॥
ଜନୟତୁ ରୁଦ୍ର ଗଜେଶମୁଦିତମ୍ ।
ରମାନନ୍ଦରାୟ କବି ଗଦିତମ୍ ॥

ଦ୍ରଷ୍ଟବ୍ୟ—ଏହା ପଞ୍ଚଦଶ ଶତାବ୍ଦୀର ସଙ୍ଗୀତଜ୍ଞ କବି ରାୟ ରାମାନନ୍ଦ ପଟ୍ଟନାୟକଙ୍କ ଦ୍ୱାରା ରଚିତ "ଜଗନ୍ନାଥ ବଲ୍ଲଭ ନାଟକ"ର ଗୋଟିଏ ଗୀତ । ଓଡ଼ିଶାର ଅନ୍ୟାନ୍ୟ ସଙ୍ଗୀତ ଗ୍ରନ୍ଥ ଲେଖକମାନେ ମଧ୍ୟ ଏହି ଗୀତଟିକୁ ଉଦାହରଣ ସ୍ଥଳରେ ବ୍ୟବହାର କରିଛନ୍ତି । ରାୟକବି ତାଙ୍କର ଗୁଣଗ୍ରାହୀତା ପୃଷ୍ଠପୋଷକ ମହାରାଜ ଗଜପତି ପ୍ରତାପରୁଦ୍ରଙ୍କର ଆନନ୍ଦ ବର୍ଦ୍ଧନାର୍ଥେ ଏ ଗୀତ ରଚିତ ବୋଲି ଲେଖିଛନ୍ତି । ଯଥା—"ଜନୟତୁ ରୁଦ୍ର," ଗଜେଶ ମୁଦିତମ୍" ।

ଅଥ ଚନ୍ଦ୍ରକଳା ଗୀତଲକ୍ଷଣମାହ—

ଉଦ୍‌ଗ୍ରାହ ଧ୍ରୁବମାତ୍ରାସ୍ୟାଦ୍ରୁଦ୍ରବ ତୁ ନ୍ୟୂନମାତ୍ରିକା ।
ଉଦ୍‌ଗ୍ରାହେ ବହୁଧା ଭେଦେ ମାତୃଷ୍ଟେ ଚକଳା ମତା ।୩।

ଅନୁବାଦ

ଧ୍ରୁବ ପଦରେ (ଘୋଷା)ରେ ମାତ୍ରା କମ୍ ଥିବ, ଉଦ୍‌ଗ୍ରାହରେ ଏହି ମାତ୍ରା ପରିମାଣ ଊଣା ଅଧିକ ହୋଇପାରେ । ଉଦ୍‌ଗ୍ରାହ ଅପେକ୍ଷା ଆଭୋଗରେ ମାତ୍ରା ଅଧିକ ଥିବ, ମାତୃ (ତାନ ସ୍ୱର) ଥିବ । ଏହା ଚନ୍ଦ୍ରକଳାର ଲକ୍ଷଣ ।

ଅଥ ଚନ୍ଦ୍ରକଳା ଭେଦମାହ—

ଚନ୍ଦ୍ରକଳା ଭେଦ—

ଦ୍ୱୀପଦୀ ତ୍ରିପଦୀ ଚୈବ ଚତୁଃ ପଞ୍ଚପଦୀ ତଥା ।
ଷଟ୍‌ପଦୀ ଚେତ୍ୟସୌ ଚନ୍ଦ୍ରକଳା ବହୁବିଧା ଭବେତ୍ ।୪।

Digitized by srujanika@gmail.com

ଅନୁବାଦ

ଚିତ୍ରକଳା ଗୀତ ଦୁଇପଦ, ତିନପଦ, ଚାରିପଦ, ପାଞ୍ଚପଦ ବା ଛଅ ପଦରେ ରଚିତ ହୋଇପାରେ । ଏହାପରି ଏହା ବହୁପ୍ରକାର ହୋଇ-ପାରେ ।

ଉଦାହରଣଂ ଶ୍ରୀ ଗୀତଗୋବିନ୍ଦେ ଗୁର୍ଜରୀ ରାଗେଣ –

ଉଦାହରଣ—ଶ୍ରୀଗୀତ-ଗୋବିନ୍ଦ (ଗୁର୍ଜରୀ ରାଗ)

– ଗୀତ —

ହରିରଭି ସରତି ବହତି ମଧୁପବନେ,
କିମପରମଧିକ ସୁଖଂ ସଖି ଭବନେ ।
ମାଧବେ ! ମା କୁରୁ ମାନିନି ମା-ନମୟେ ॥ ଧ୍ରୁବ ॥
(ଇତ୍ୟାଦ୍ୟନନ୍ତରମ୍)

ଶ୍ରୀ ଜୟଦେବ କବେରିଦମୁଦିତମ୍ ।
ସୁଖୟତୁ ସୁଜନଜନଂ ହରିଚରିତମ୍ । (ଆଭୋଗ)

ଅଥ ଧ୍ରୁବପଦାଗୀତଲକ୍ଷଣମାହ—

ଧ୍ରୁବ ପଦାଗୀତ ଲକ୍ଷଣ—

ଧ୍ରୁବଂ ଗୀତ୍ୱା ଭିନ୍ନ ଧାତୁର୍ଯତ୍ରାଭୋଗସ୍ତୁ ଗୀୟତେ ।
ତତ୍ପ୍ରୋର୍ଲ କ୍ଷଣଯୁତା ସୈକା ଧ୍ରୁବପଦା ମତା ।୬।

ଅନୁବାଦ

ଯେଉଁ ଗୀତର ପ୍ରଥମରେ ଧ୍ରୁବ ପଦଟି ଗାଇବା ପରେ ଆଭୋଗ ଅଂଶର ଅବୟବ ଅଲଗା ହୁଏ, ତା'ପରେ ଚନ୍ଦ୍ରପଦା ଏବଂ ଚିତ୍ରକଳା —ଏ ଦୁହିଁଙ୍କର ମାତ୍ରାଲକ୍ଷଣ ମଧ୍ୟ ଥାଏ, ତାହାକୁ ଧ୍ରୁବପଦା କୁହନ୍ତି ।

Digitized by srujanika@gmail.com

ମାରବାରାଗେଣ ରୂପକତାଲେନୋଦାହରଣମ୍ —

ଉଦାହରଣ ଗୀତ—(ମାରବା ରାଗ-ରୂପକ ତାଳ)

ସୁଜନ ବଦ ମୁରରିପୁ ନାମ ।
ଦୁଷ୍କୃତମପହାୟ ପାନ୍ଥ ଦୁର୍ଲ୍ଲଭ ଦଶଧାମ ।। ଧ୍ରୁବ ।।
ପୁତ୍ରମିତ୍ର ବାନ୍ଧବଗଣମିଦ ନ କଳୟ ସତ୍ୟମ୍ ।
ପୁରୁଷୋତ୍ତମ ମିଶ୍ର ଗଦିତ, ମନୁଜବପୁ ନିତ୍ୟମ୍ ।। ଇତ୍ୟାଦ୍ୟୋଗଃ ।।

ଅଥ ପାଞ୍ଚାଳୀ ଗୀତଲକ୍ଷଣମାହ —

ପାଞ୍ଚାଳୀ—

ଅତି ବସ୍ତୀର୍ଣ୍ଣ ପଦତା ପଞ୍ଚପ୍ରୋକ୍ତା ମନୀଷୀଭିଃ ।
ସ ଯତ୍ରାସ୍ତୀତି ସମ୍ପ୍ରୋକ୍ତା ପାଞ୍ଚାଳୀ ଭରତାଦିଭିଃ । ୧ ।

ଅନୁବାଦ

ଅତି ବସ୍ତୀର୍ଣ୍ଣ ହୋଇ ପାଞ୍ଚଗୋଟି ପଦ ଯେଉଁଥିରେ ଥାଏ, ତାହାକୁ ପାଞ୍ଚାଳୀ କୁହନ୍ତି ।

ଏତସ୍ୟା ଲକ୍ଷଣଂ ମତାନ୍ତରେ ତୁ ଅନ୍ୟତ୍ କମପ୍ୟସ୍ତି —

ଅନ୍ୟ ମତରେ ଏହାର ଅନ୍ୟ ଲକ୍ଷଣ—

"ପାଞ୍ଚାଳୀ ବହୁଭିଃ ପାଦୈର୍ଦ୍ଵିଧା ସଧ୍ରୁବାଽଧ୍ରୁବା"
ଅର୍ଥ—ପାଞ୍ଚାଳୀ ବହୁପାଦ ବିଶିଷ୍ଟ । ଏହା ଦୁଇପ୍ରକାର ।
ଯଥା—ସଧ୍ରୁବା ଓ ଅଧ୍ରୁବା ।

ଉଦାହରଣଂ ତୁ ସଙ୍ଗୀତସାରେ —

'ସଙ୍ଗୀତସାର'ରେ ଉଦାହରଣ—

"କୃଷ୍ଣ ଭଜସ୍ୱବାନ୍ ରଚନ୍ତ ଅଙ୍କ ଚୀନାଦ ।"
ଅସ୍ୟା ଏବ ଗୌଡ଼େ ପାଞ୍ଚାଳୀତି ପ୍ରସିଦ୍ଧିଃ ।

Digitized by srujanika@gmail.com

ଏବଂ ଭାଷାନ୍ତରେ ଜ୍ଞେୟଂ ଗୀତଂ ଗୀତ ବିଶାରଦୈଃ ।
ଅସ୍ୟାମନ୍ୟୋଽନ୍ୟ ସାଙ୍କର୍ଯ୍ୟାଦ୍ଭେଦା ବହୁତର ମତାଃ ।
ମୟା ତୁ ଗ୍ରନ୍ଥ-ବାହୁଲ୍ୟ-ଭୀତ୍ୟା ତେ ନେହ ବର୍ଣ୍ଣିତାଃ ।
ଶ୍ରଦ୍ଧାଳବୋ ଯେ ପଠନ୍ତୁ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାମ୍ ।୯।

ଅର୍ଥ—ଏହାକୁ ଗୌଡ଼ ଦେଶରେ ପାଞ୍ଚାଳୀ ବୋଲି କୁହନ୍ତି । ଗୀତ ବିଶାରଦମାନେ ଏହି ଗୀତକୁ (ପାଞ୍ଚାଳୀକୁ) ବିଭିନ୍ନ (ପ୍ରଦେଶାନ୍ତର) ଭାଷାରେ ଚଳୁଥିବାର ଜାଣିବେ । ଗ୍ରନ୍ଥ ବଢ଼ିଯିବା ଭୟରେ ମୁଁ (ଲେଖକ) ଏଠାରେ ବର୍ଣ୍ଣନା କରୁନାହିଁ । ଯେଉଁମାନେ ଶ୍ରଦ୍ଧାରେ ଜାଣିବାକୁ ଇଚ୍ଛିବେ ସେମାନେ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା" ଦେଖନ୍ତୁ ।

ଅଥ ଗୀତାନାଂ ଦିବ୍ୟମାନୁଷାଦି ଭେଦତ୍ରୟସ୍ୟ କଥନମ୍—

ଦିବ୍ୟଂ ଚ ମାନୁଷଂ ଚୈବ ଗୀତଂ ସ୍ୟାଦ୍ଦିବ୍ୟ ମାନୁଷମ୍ ।
ଦିବ୍ୟଂ ସଂସ୍କୃତ-ସମ୍ବନ୍ଧଂ ମାନୁଷଂ ପ୍ରାକୃତୋଦ୍ଭବମ୍ ।
ସଂସ୍କୃତ-ପ୍ରାକୃତୋତ୍ଥଂ ଚ ଦିବ୍ୟ-ମାନୁଷମୁଚ୍ୟତେ ।୧୦।

ଅନୁବାଦ

(୧) ଦିବ୍ୟ— କେବଳ ସଂସ୍କୃତରୁ ରଚିତ ଗୀତ ।
(୨) ମାନୁଷ—କେବଳ ପ୍ରାକୃତରୁ ରଚିତ ଗୀତ ।
(୩) ଦିବ୍ୟମାନୁଷ—ସଂସ୍କୃତ ଓ ପ୍ରାକୃତ ମିଶ୍ରିତ ଗୀତ ।

ଅଥ ମାନୁଷ ଗୀତହେତୁ ଭାଷାମାହ—

ଅଙ୍ଗ ବଙ୍ଗ କଳିଙ୍ଗାଦ୍ୟା ଦେଶ ଭାଷାଦି ଭେଦତଃ ।
ଯେଷୁ ଯେଷୁ ଚ ଦେଶେଷୁ ଯା ଭାଷା ଚୈବ ବକ୍ଷ୍ୟତେ ।୧୧।

Digitized by srujanika@gmail.com

ଅନୁବାଦ

ଅଙ୍ଗ, ବଙ୍ଗ, କଳିଙ୍ଗ ଇତ୍ୟାଦି ଦେଶର ଭାଷା ମାନୁଷ ଗୀତର ହେତୁ ଅଟେ । ଅର୍ଥାତ୍ ଯେଉଁ ଦେଶରେ ଯେଉଁ ଭାଷା ଚଳେ, ସେହି ଭାଷାରେ ଗୀତ ରଚନା ହେବ ।

"ତାସ୍ତତଦ୍ଦେଶଜନାନାଂ ଭାଷାଭିର୍ନୃତ୍ୟ ପ୍ରୟୋଜୟେତ୍ ।"

—ସେହି ଦେଶ ଲୋକମାନେ ଯେଉଁ ଭାଷାରେ କଥାବାର୍ତ୍ତା କରନ୍ତି, ସେହି ଭାଷାରେ ଗୀତ ରଚନା ହେବ ।

"ଅପରେଽପି ଯେ ଗୀତବିଶେଷାଃ ସନ୍ତି ମୟା ତୁ ତେ ନାତି-
ପ୍ରୟୋଜନତ୍ୱାଦୁପେକ୍ଷିତାଃ ।"

ଅର୍ଥ – ଏହାଛଡ଼ା ଯେଉଁ ବିଶେଷ ଭାବରେ ଗୀତ ଅଛି, ସେଗୁଡ଼ିକ ଅପ୍ରୟୋଜନ ବୋଧରେ ଲେଖାଯାଉ ନାହିଁ ।

ଅଥ ଗୀତଗୁଣା ବକ୍ଷ୍ୟନ୍ତେ—

ଗୀତର ଗୁଣ—

ଗୁଣା ଗୀତସ୍ୟ ମାଧୁର୍ଯ୍ୟ ମୌଦାର୍ଯ୍ୟଂ ପୂର୍ଣ୍ଣତା ତଥା ।
ବ୍ୟକ୍ତିଶ୍ଚ ରଞ୍ଜକତ୍ୱଂ ଚ ପ୍ରସାଦଶ୍ଚେତି କୀର୍ତ୍ତିତାଃ ।୧୨।

ଅନୁବାଦ

ଏହା ଛଅ ପ୍ରକାର । ଯଥା—(୧) ମାଧୁର୍ଯ୍ୟ, (୨) ଔଦାର୍ଯ୍ୟ, (୩) ପୂର୍ଣ୍ଣତା, (୪) ବ୍ୟକ୍ତ, (୫) ରଞ୍ଜକ, (୬) ପ୍ରସାଦ ।

ଅଥ ଗ୍ରହବିଷୟମାହ –

ଗ୍ରହ—

ତ ଲୋ ଗୀତଗତେଃ ସାମ୍ୟକାଲେ ତସ୍ୟ ଗ୍ରହାଶ୍ରୟଃ ।
ଅନାଗତ ସମାତୀତ ସଙ୍ଜ୍ଞାଃ ସବଂଶ ତେ ମତାଃ ।୧୩

Digitized by srujanika@gmail.com

ଅନୁବାଦ

ଗୀତର ଗତ ସାମ୍ୟକାଳକୁ ଗ୍ରହ କୁହନ୍ତି । ସେଉଁ କାର୍ଯ୍ୟ, ଗୀତର ମାତ୍ରା ନିର୍ଣ୍ଣୟ କରେ, ତାହା ତାଳ । ତାଳର ତିନି ଗୋଟି ଗ୍ରହ ଧରାଯାଏ । ଯଥା—ସମ, ଅତୀତ ଓ ଅନାଗତ ।

ତେଷାଂ ଗ୍ରହଣାଂ ମଧ୍ୟେ ପ୍ରଥମତୋଽନାଗତ ଗ୍ରହମାହ—

ଅନାଗତ ଗ୍ରହ—

ଗୀତାରମ୍ଭାଦ୍‌ଦ୍ୱୌ ପୂର୍ବଂ ସମୁଚ୍ଚାର୍ଯାଽକ୍ଷରଦ୍ୱୟମ୍ ।
ତାଳସ୍ୟ ନ୍ୟସନାଦୁକ୍ତ ସ୍ତଦୈବାଽନାଗତଗ୍ରହଃ ।୧୪।

ଅନୁବାଦ

ଗୀତ ଆରମ୍ଭର ଦୁଇଟି ଅକ୍ଷର ଉଚ୍ଚାରଣ ପରେ, ତାଳ ନ୍ୟାସ (ପତନ) ସ୍ଥିତିକୁ ଅନାଗତ ଗ୍ରହ କୁହାଯାଏ ।

ଅତ୍ରୋଦାହରଣ ଗୀତମାହ—

ଉଦାହରଣ ଗୀତ—

ଜୟ ଜୟ କମଳା କୁଚଚନ୍ଦନ ମଣ୍ଡନ
ବକ୍ଷସ୍ଥଳ ଦୁର୍ଜ୍ଜନ ଖଣ୍ଡନ, ଷଣ୍ମାସୁର ଦଣ୍ଡନ ପଣ୍ଡିତ,
ପୁଣ୍ଡରୀକ ଲୋଚନ ଆ...

"ଅତ୍ର ନିଃସାରୀ ତାଳେ ଜୟ ଜୟେତ୍ୟକ୍ଷର ଚତୁଷ୍ଟୟଂ
ତାଳାବାଦ୍ୟମେବ କମଳେତ୍ୟାରଭ୍ୟ ତାଳଃ ପତତି ।"

ଅର୍ଥ—ଏହି ଗୀତଟି ନିଃସାରୀ ତାଳରେ ରଚିତ । "ଜୟ ଜୟ" ଏହି ଅକ୍ଷର ଗୁଡ଼ିକଗାଇ ସାରିବା ପରେ, କମଳା ଶବ୍ଦ ଉଚ୍ଚାରଣବେଳେ ତାଳ ପତନ ଆରମ୍ଭ ହେବ ।

Digitized by srujanika@gmail.com

ଅଥ ସମଗ୍ରହମାହ—

ସମଗ୍ରହ—

ଗୀତୋଚ୍ଚରଣ ମାତ୍ରେଣ ଯଦା ତାଳୋଦୟୋ ଭବେତ୍ ।
ତଦା ସମଗ୍ରହଃ ପ୍ରୋକ୍ତୋ ଭରତାଦ୍ୟ ମୁନୀଶ୍ୱରୈଃ ।୧୫।

ଅନୁବାଦ

ଗୀତର ପଦ ଉଚ୍ଚାରଣ ସଙ୍ଗେ ସଙ୍ଗେ ତାଳାଘାତକୁ ସମଗ୍ରହ କୁହାଯାଏ । ଏହା ଭରତ ଆଦି ମୁନିମାନଙ୍କର ମତ ।

ଅତ୍ରୋଦାହୃତଂ ମଣ୍ଠକ—

ମଣ୍ଠାଦି ତାଳରେ ସମଗ୍ରହ ବିଷୟର ଉଦାହରଣ ଦ୍ରଷ୍ଟବ୍ୟ ।

ଅଥାତୀତ ଗ୍ରହମାହ—

ଅତୀତ ଗ୍ରହ —

କଳା ତୁ ଯା ପତିଷ୍ୟନ୍ତି ପଶ୍ଚାତ୍ ସା ପ୍ରଥମେ ଯଦି ।
ବିନ୍ୟସ୍ୟ ଗୀୟତେ ତାଳସ୍ତଦାଽତୀତଗ୍ରହଃ ସ୍ମୃତଃ ।୧୬।

ଅନୁବାଦ

ଯେଉଁ କଳା ଗୀତର ପଛରେ ପଡ଼ିବାର କଥା, ସେ ଯଦି ପ୍ରଥମରେ ପଡ଼େ ଏବଂ ସେହିକଳା ଅନୁସାରେ ତାଳ ପଡ଼େ, ତାହା ଅତୀତ ଗ୍ରହ ।

ଉଦାହରଣଂ ଯଥା ଗୋପଗୋବନ୍ଦେ—

"ଶିଶିର ଶୀତଳ, ମଞ୍ଜୁଳ ବଞ୍ଜୁଳ,
ମୃଦୁଳ କଣଳୟ ସଙ୍କୁଳମ୍ ।"...
(ଗୋପଗୋବନ୍ଦ)

ଇତ୍ୟାଦି ଯତି ତାଳେନ ଗୀୟତେ ।
—ଏହା ଯତି ତାଳର ଗୀତ ।

Digitized by srujanika@gmail.com

"ସର୍ବେଷ୍ୱେବଂ ହ୍ୱ ତାଳେଷୁ ଗ୍ରହ ସ୍ତ୍ରିବିଧ ଇଷ୍ୟତେ"
—ଏହିପରି ଅନ୍ୟାନ୍ୟ ତାଳମାନଙ୍କର ତ୍ରିବିଧ ଗ୍ରହମାନଙ୍କ ବିଷୟ ଜ୍ଞାତବ୍ୟ

ଅଥ ଗ୍ରହାଣାଂ ମାହାତ୍ମ୍ୟମାହ —

ଗ୍ରହ ମାହାତ୍ମ୍ୟ—

ନ ଜ୍ଞାତ୍ୱା ଯେ ଗ୍ରହବିଧିଂ ଗୀତଂ ଗାୟନ୍ତି ମାନବାଃ ।
ପାପିନସ୍ତେ ସମାଖ୍ୟାତା ଅତୋ ଗ୍ରହବିଧିଂ ସ୍ମରେତ୍ ।୧୬।

ଅନୁବାଦ

ଯେଉଁମାନେ ଗ୍ରହବିଧାନ ନ ଜାଣି ଗୀତ ଗାଆନ୍ତି, ସେମାନେ ପାପୀ । ଏଣୁ ଗ୍ରହବିଧି ଜାଣିବା ଉଚିତ ।

ସମାତୀତାନାଗତାସ୍ତୁ ଗ୍ରହାଃ ଶାନ୍ତିବରପ୍ରଦାଃ ।
ଗାୟକାନାଂ ହିତକରାଃ ସର୍ବମଙ୍ଗଳ ଦାୟିନଃ ।୧। ।

ଅନୁବାଦ

ସମ, ଅତୀତ ଓ ଅନାଗତ ଗ୍ରହମାନେ ମଙ୍ଗଳ ଦାୟକ । ଏମାନେ ଗାୟକଙ୍କ ହିତ ସାଧନ କରନ୍ତି ।

ଅଥ ଲୟଲକ୍ଷଣମାହ—

ଲୟ ଲକ୍ଷଣ—

ଗୀତବାଦ୍ୟ ପଦନ୍ୟାସଃ କ୍ରିୟାଣାଂ ସମତା ମିଥଃ ।
ଲୟ ଇତ୍ୟୁଚ୍ୟତେ ପ୍ରାଜ୍ଞୈର୍ଦ୍ରୁତୋ ମଧ୍ୟୋ ବିଲମ୍ବିତଃ ।୧୯।

ଅନୁବାଦ

ଗୀତ, ବାଦ୍ୟ, ପଦନ୍ୟାସ ଓ କ୍ରିୟା —କାଳର ସମତା ରକ୍ଷା କରିବା ହେତୁରୁ ଏହାକୁ ଲୟ କୁହନ୍ତି । ଏହା ତିନପ୍ରକାର । ଯଥା— ଦ୍ରୁତ, ମଧ୍ୟ ଓ ବିଲମ୍ବିତ ।

Digitized by srujanika@gmail.com

ଅଥ ଦ୍ରୁତାଦ ଲୟତ୍ରୟାଣାଂ ପାଦ-ନିର୍ଣ୍ଣୟମାହ—

ଦ୍ରୁତାଦ ତିନିଲୟର ପାଦ ନିର୍ଣ୍ଣୟ—

ଲୟସ୍ତୁ ପ୍ରଥମୋ ମାଚ ପାଦାଣାଂ ସ୍ୟାଦ୍ଦ୍ରୁତସ୍ତଥା ।
ମଧ୍ୟମାନାଂ ତୁ ମଧ୍ୟଃ ସ୍ୟାଦୁତ୍ତମାନାଂ ବିଲମ୍ବିତଃ ।୨୦।

ଅନୁବାଦ

ଦ୍ରୁତ ଲୟର ପାଦ ମାଚ, ମଧ୍ୟ ଲୟର ମଧ୍ୟମ ଓ ବିଳମ୍ବିତ ଲୟର ପାଦ ଉତ୍ତମ ବା ଶ୍ରେଷ୍ଠ ।

ଅଥ ଦ୍ରୁତାଦ୍ଦ ଲୟତ୍ରୟାଣାଂ ମାତ୍ରା ନ୍ୟୂନାଧିକ ପ୍ରମାଣମାହ—

ଦ୍ରୁତାଦ୍ଦ ତିନି ଲୟର ନ୍ୟୂନାଧିକ ମାତ୍ରା ପ୍ରମାଣ—

ଏକମାତ୍ରୋ ଦ୍ରୁତୋ ମଧ୍ୟେ ବିଶ୍ରାନ୍ତି ର୍ଦ୍ଵିଗୁଣା ଦ୍ରୁତାତ୍ ।
ବିଲମ୍ବିତସ୍ତ ଦ୍ଵିଗୁଣଃ ସର୍ବେଽମୀ ସର୍ବତାଳଗାଃ ।୨ ।

ଅନୁବାଦ

ଦ୍ରୁତର ଗୋଟିଏ ମାତ୍ରା, ମଧ୍ୟ ଲୟ, ଦ୍ରୁତ ଲୟର ଦୁଇଗୁଣ ଏବଂ ବିଶ୍ରାମ କାଳ ମଧ୍ୟ ଏହିପରି ଦୁଇଗୁଣ । ବିଳମ୍ବିତ ଲୟ; ମଧ୍ୟ ଲୟର ଦୁଇଗୁଣ । ଏ ବିଧି ସବୁ ତାଳରେ ଚଳେ ।

ଅଥ ଯତିଲକ୍ଷଣମାହ—

ଯତି ଲକ୍ଷଣ—

ଲୟ ପ୍ରବୃତ୍ତି ନିୟମୋ ଯତିରିତ୍ୟଭିଧୀୟତେ ।
ସମା ସ୍ରୋତୋବହା ଗୋପୁଚ୍ଛିକା ଚେତି ତ୍ରିଧାମତା ।୨୨।

ଅନୁବାଦ

ଲୟ ପ୍ରବର୍ତ୍ତନାର ନିୟମକୁ ଯତି କୁହନ୍ତି । ଏହା ତିନିପ୍ରକାର । ଯଥା—ସମା, ସ୍ରୋତୋବହା ଓ ଗୋପୁଚ୍ଛିକା ।

Digitized by srujanika@gmail.com

ଅଥ ସମା ଯତିମାହ—

ସମା ଯତି—

"ଆଦ୍ୟମଧ୍ୟାବସାନେଷୁ ଲୟେଷ୍ୱେକତ୍ରେ ସମାମତ୍ୟା ।"

ଅର୍ଥ—ଗୀତର ଆରମ୍ଭ, ମଧ୍ୟଭାଗ ଓ ଶେଷଅଂଶ ସମାନ ଲୟରେ ଚଳିଲେ, ତାକୁ ସମାଯତି କୁହନ୍ତି ।

ଅଥ ସ୍ରୋତୋବହା ଯତିମାହ—

ସ୍ରୋତୋବହା—

ଆଦ୍ୟମଧ୍ୟାବସାନେଷୁ କ୍ରମେଣ ଯଦି ଗୀୟତେ ।
ବିଳମ୍ବ-ମଧ୍ୟ-ଦ୍ରୁତଲୟା ତଦା ସ୍ରୋତୋବହା ମତା ।୨୩।

ଅନୁବାଦ

ଗୀତର ଆରମ୍ଭ, ମଧ୍ୟ ଓ ଶେଷ ଭାଗ ଯଥାକ୍ରମେ ବିଳମ୍ବିତ, ମଧ୍ୟ ଓ ଦ୍ରୁତ ଲୟରେ ପରିଚାଳିତ ହେଲେ ତାହାକୁ ସ୍ରୋତୋବହା ଯତି କୁହନ୍ତି ।

ଅଥ ଗୋପୁଚ୍ଛିକା ଯତିମାହ—

ଗୋପୁଚ୍ଛିକା—

ଲୟୋର୍ଗୋପୁଚ୍ଛିକା ପ୍ରୋକ୍ତା ଦ୍ରୁତମଧ୍ୟାବିଲମ୍ବିତୈଃ ।୨୪।

ଅନୁବାଦ

ଗୀତର ଆଦ୍ୟ, ମଧ୍ୟ ଓ ପ୍ରାନ୍ତ ଯଥାକ୍ରମେ ଦ୍ରୁତ, ମଧ୍ୟ ଓ ବିଳମ୍ବିତ ଲୟରେ ଗାଇଲେ ତାହା ଗୋପୁଚ୍ଛିକା ଯତି ବୋଲାଏ ।

ଅଥ ମାନ ଲକ୍ଷଣମାହ—

ବିଶ୍ରାନ୍ତିକାରଣୀ କାଳକ୍ରିୟା ମାନମିହୋଚ୍ୟତେ ।
ତାଳ ବିଶ୍ରାମକାରତ୍ୱାନ୍ମାନଂ ତାଳସମାପ୍ତିକୃତ୍ ।୨୫।

Digitized by srujanika@gmail.com

ଅନୁବାଦ

ଗୀତ ଗାଇବାବେଳେ ବିଶ୍ରାମ ନେବା କାଳକୁ ମାନ କୁହନ୍ତି । ମାନ ତାଳର ବିଶ୍ରାମକାଷ୍ଠା । ଏଣୁ ଏହା ତାଳର ସମାପ୍ତକାଷ୍ଠା ।

"ବିଶେଷସ୍ତୁ ସଙ୍ଗୀତାର୍ଣ୍ଣବଚନ୍ଦ୍ରିକାୟାଂ ବିଜ୍ଞାତବ୍ୟଃ ।"

ଅର୍ଥ—ଏ ସମ୍ବନ୍ଧରେ ବିଶେଷ ଜାଣିବାର ଇଚ୍ଛାଥିଲେ, "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା" ଦେଖନ୍ତୁ ।

ଅଥ ଧାତୋଃ ପୁନରୁକ୍ତତାଂ ନବନବତ୍ୱଂ ଚାହ—

ଧାତୁର ପୁନରୁକ୍ତି ଓ ନବନବତ୍ୱ—

ଗୀତାବୟବସ୍ୟ ପୁନଃ ପୁନର୍ଗାନଂ ପୁନରୁକ୍ତତା ।
ନବ ନବତ୍ୱଂ ଚ ବାରଂ ବାରଂ ଗୀୟମାନମପି
ରଞ୍ଜକାତିରେକେଣ ନବ ନବ ପ୍ରତୀୟମାନତ୍ୱମ୍ ।

ଅର୍ଥ—ଗୀତର ଅବୟବ ଧାତୁର ବାରମ୍ବାର ଗାଇବା ରୀତିକୁ (ଦୋହରାଇ) ପୁନରୁକ୍ତତା କୁହନ୍ତି । ରଞ୍ଜକତା ବା ମନହାରିତା ସୃଷ୍ଟି ହେଲାଭଳି ବାରମ୍ବାର ଗାଇବା ରୀତିକୁ ନବନବତ୍ୱ କୁହନ୍ତି ।

ଅଥ ରାଗରମ୍ୟତ୍ୱ ଲକ୍ଷଣମାହ—

ରାଗର ରମ୍ୟତା ଲକ୍ଷଣ—

କର୍ଣ୍ଣପ୍ରିୟଂ ସତସ୍ଥଂ ସ୍ୟାଦ୍‌ଭଙ୍ଗିଯୁକ୍ତଂ ସୁଖାବହମ୍ ।
ମନ୍ଦ୍ର ମଧ୍ୟମ ତାରସ୍ଥଂ ରାଗରମ୍ୟତ୍ୱମିରିତମ୍ ।୨୭।

ଅନୁବାଦ

ଯେଉଁ ଗୀତ (ଗାଇବା ରୀତି) କର୍ଣ୍ଣପ୍ରିୟ ହୁଏ, ସପ୍ତ ମଧ୍ୟରେ ସ୍ଥିତ ହୁଏ, ଭଙ୍ଗୀଯୁକ୍ତ ହୋଇ ଆନନ୍ଦ ଦିଏ ଏବଂ ମନ୍ଦ୍ର, ମଧ୍ୟ ଓ ତାର-ସ୍ଥାନଲୟରେ ଗୀତ ହୁଏ, ତାହାକୁ ରାଗରମ୍ୟତା କୁହାଯାଏ ।

Digitized by srujanika@gmail.com

ଅଥ ଗମକୋତ୍ପତ୍ତି ସ୍ଥାନମାହ—

ଗମକର ଉତ୍ପତ୍ତି ସ୍ଥାନ—

ନାଭିସ୍ଥାନାଭିସମ୍ଭୂତା ମେଦସ୍ଥା ମେଦସମ୍ଭବା ।
ହୃଦିଜା ହୃଦୟସ୍ଥା ଚ କଣ୍ଠସ୍ଥା କଣ୍ଠସମ୍ଭବା ।୨୭।
ଚିବୁକସ୍ଥା ଚିବୁକଜା ମୁଖସ୍ଥା ମୁଖ ସମ୍ଭବା ।
ଶିରସ୍ଥା ଶିରଯୋଜାତା ଗମକୋତ୍ପତ୍ତି ରୁଚ୍ୟତେ ।୨୮।

ଅନ୍ୟତ୍ର ସର୍ବଂ ସୁବୋଧମ୍—

ଅନୁବାଦ

ଗମକ ନାଭି ମଣ୍ଡଳରୁ ଜାତ ହୁଏ, ମେଦରୁ ଉତ୍ପନ୍ନ ହୁଏ ଏବଂ ସ୍ଥିତ ହୁଏ । ହୃଦୟରୁ ଉତ୍ପନ୍ନ ହୁଏ ଏବଂ ସ୍ଥିତ ହୁଏ । କଣ୍ଠରୁ ଜାତହୁଏ ଏବଂ ସ୍ଥିତହୁଏ । ସେହିପରି ଚିବୁକ, ମୁଖ ମସ୍ତକରୁ ଉତ୍ପନ୍ନ ହୋଇ ସେହି ସେହି ସ୍ଥାନ ମାନଙ୍କରେ ସ୍ଥିତ ହୁଏ । ଅନ୍ୟସମସ୍ତ ଏହିପରି ।

ଅଥ ଗମକ ସ୍ୱରୂପମାହ –

ଗମକର ସ୍ୱରୂପ—

ଯଶ୍ରୁତିସ୍ଥାନସମ୍ପନ୍ନସ୍ୱସ୍ୟ ଶ୍ରୁତ୍ୟନ୍ତରାଶ୍ରୟାମ୍ ।
ସ୍ୱରେ ଯୋ ମୂର୍ଚ୍ଛନାମେତି ଗମକଃ ସ ଇହୋଚ୍ୟତେ ।୨୯।

ଅନୁବାଦ

ଯେଉଁ ସ୍ୱର ଶ୍ରୁତି ସ୍ଥାନ ପୂର୍ଣକରି ଶ୍ରୁତ୍ୟନ୍ତରକୁ ଆଶ୍ରୟ କରିଥାଏ, (କୌଣସି ଶ୍ରୁତିରୁ ଆରମ୍ଭ ହୋଇ ଅନ୍ୟ ଶ୍ରୁତିକୁ ଆଶ୍ରୟ କରିଥାଏ) ଏହିପରି ମୂର୍ଚ୍ଛନାଯୁକ୍ତ ସ୍ୱରକୁ ଗମକ କୁହାଯାଏ ।

"ଅପରଃ ପକ୍ଷୋହସ୍ତି"

—ଅନ୍ୟ ପକ୍ଷରେ—

Digitized by srujanika@gmail.com

ସ୍ୱରସ୍ୟ କମ୍ପୋ ଗମକଃ ଶ୍ରୋତୃଚିତ୍ତ-ସୁଖାବହଃ ।
ଇତି କେଚିଦ୍ ବଦନ୍ତି ।

ଅର୍ଥ—ଶ୍ରୋତାର ଆନନ୍ଦ ଦାୟକ ସ୍ୱରର କମ୍ପନକୁ ଗମକ କୁହନ୍ତି । ଏହା କେହି କେହି କୁହନ୍ତି ।

ଅଥ ଗମକଃ କତିବିଧୋ ଭବତି ତଦାହ—

ଗମକ ଭେଦ—

ତସ୍ୟ ପ୍ରଭେଦାସ୍ତିରିପଃ ସ୍ଫୁରିତଃ କମ୍ପିତସ୍ତଥା ।
ଲୀନ ଆନ୍ଦୋଳିତ ବଳି ତ୍ରିଭିନ୍ନ କୁରୁଳା ହତା ।୩୦।

ଉନ୍ନାମିତଃ ପ୍ଲାବିତଶ୍ଚ ହୁଂକୃତୋ ମୁଦ୍ରିତସ୍ତଥା ।
ନାମିତୋ ମିଶ୍ରିତଃ ପଞ୍ଚଦଶେତି ପରିକୀର୍ତ୍ତିତାଃ ।୩୧।

ଅନୁବାଦ

ଏହା ୧୫ ପ୍ରକାର । ଯଥା—(୧) ତିରିପ, (୨) ସ୍ଫୁରିତ, (୩) କମ୍ପିତ, (୪) ଲୀନ, (୫) ଆନ୍ଦୋଳିତ, (୬) ବଳୀ, (୭) ତ୍ରିଭିନ୍ନ, (୮) କୁରୁଳ, (୯) ଆହତ, (୧୦) ଉନ୍ନାମିତ, (୧୧) ପ୍ଲାବିତ, (୧୨) ହୁଙ୍କୃତ, (୧୩) ମୁଦ୍ରିତ, (୧୪) ନାମିତ, (୧୫) ମିଶ୍ରିତ ।

"ଏତତ୍ର ପଞ୍ଚଦଶ ଗମକାନାଂ ଲକ୍ଷଣଂ ଗ୍ରନ୍ଥ ବାହୁଲ୍ୟଭୟା ମାୟା ନ ଲିଖିତମ୍ । ଜିଜ୍ଞାସାଚେତାର୍ହି ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାୟାମନ୍ୱେଷଣମ୍ ।"

ଅର୍ଥ—ଏହି ସମସ୍ତଙ୍କ ଲକ୍ଷଣ ଗ୍ରନ୍ଥ ବାହୁଲ୍ୟ ଭୟରେ ଲେଖାଗଲାନାହିଁ । ଯେଉଁମାନଙ୍କର ଜାଣିବାର ଇଚ୍ଛା, ସେମାନେ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା" ଦେଖନ୍ତୁ ।

Digitized by srujanika@gmail.com

ଅଥ ଗମକାଭ୍ୟାସ ପ୍ରକାରମାହ –

ଗମକର ଅଭ୍ୟାସ ବିଧି—

ମାଘପୌଷନଶାସ୍ୱାଂ ତୁ ଶେଷପ୍ରହର ମାତ୍ରକେ ।
ସ୍ଥିତ୍ୱୋଦକେ ପଞ୍ଚଦଶ ଗମକାନ୍ ସାଧକୋଽଭ୍ୟସେତ୍ ।୩୨।

ଅନୁବାଦ

ମାଘ ଏବଂ ପୌଷମାସ ରାତ୍ରିର ଶେଷ ପ୍ରହରରେ, ପାଣି ଭିତରେ ପଶି ଏହି ୧୫ ପ୍ରକାର ଗମକ ଗାୟକ ଅଭ୍ୟାସ କରିବେ ।

ଅଥ ନୈର୍ମଲ୍ୟମାହ—

ନିର୍ମଲତା—

ଉଚ୍ଚାରଣେନ ବାକ୍ୟସ୍ୟ ସମ୍ୟକ୍ ପ୍ରକଟନଂ ଯତଃ ।
ସୁଖଦାଦୋଷରସଯୁକ୍ ଗୃର୍ଥ ନୈର୍ମଲ୍ୟମେବ ତତ୍ ।୩୩।

ଅନୁବାଦ

ସ୍ପଷ୍ଟ ଓ ସୁଖପ୍ରଦ ଉଚ୍ଚାରଣ ନିର୍ଦ୍ଦେଶ ଏବଂ ରସଯୁକ୍ତ କଥାଦ୍ୱାରା ଅର୍ଥ ପରିଷ୍କାର (ନିର୍ମଳ) ହୁଏ ।

ଅଥ ଗୀତାଙ୍ଗହୀନ ଦୋଷମାହ—

ଗୀତର ଅଙ୍ଗହୀନ ଦୋଷ—

ତାଳହୀନେ କାୟବେଗୋ ଧାତୁହୀନେ ଧନକ୍ଷୟଃ ।
ଧାତୁ ମାତୁ ପଦଂ ଯତ୍ର ନାସ୍ତି ତଦ୍ ଗୀତକଂ ରୂଯୁଃ ।୩୪।

ଅନୁବାଦ

ଗାୟକ ତାଳ ଭୁଲ କଲେ (ବେତାଳ କଲେ) ଦେହରେ ବେଗହୁଏ, ଧାତୁହୀନରେ ଅର୍ଥାତ୍ ଅକ୍ଷର ବା ପଦର ଗୋଳମାଳରେ

Digitized by srujanika@gmail.com

ଧନ କ୍ଷୟହୁଏ । ଧାତୁ, ମାତୁ ଓ ପଦ ନଥିବା ଗୀତ ଗାୟକର ଶତ୍ରୁ ଅଟେ ।

ଅଥ ସାମାନ୍ୟତଃ ସଂସ୍କୃତ-ପ୍ରାକୃତ ଗୀତଦୋଷମାହ—

ସଂସ୍କୃତ ଓ ପ୍ରାକୃତ ଗୀତରେ ଦୋଷ ସଙ୍କେତ—

ଗୀତେଷୁ ଦୋଷଃ ସ୍ଖଳନା-ଦବାସ୍ୟତାନାଦ୍ୟଭବେନ ନବନ୍ଧନଂ ଚ ।
ସ୍ୟାଦ୍ଧାତୁମାତ୍ୱାଦନ୍ୱତଃ କଷ୍ଟୋକ୍ତି ରସାଦନ୍ୱାନଃ ଶ୍ରବଣାପ୍ରିୟତ୍ୱମ୍ ।୩୫।

ଅନୁବାଦ

ଧାତୁ ଓ ମାତୁ (ଅକ୍ଷର ଓ ତାଳ) ତାଳ, ବାଣୀ, ଗୀତର ଉପଯୁକ୍ତ ହୋଇ ନଥିବା, ଶ୍ରୁତି କଷ୍ଟ ଓ ରସହୀନ ହୋଇଥିବା ରଚନା ଗୀତର ଦୋଷ ।

ଇତ୍ୟାଦି ଦୋଷାଃ ଗୀତେଷୁ ବହବୋ ଯଦି ସନ୍ତ୍ୟପି ।
ନୋକ୍ତାସ୍ତେ ଚେଦ୍ ଗ୍ରନ୍ଥସ୍ତେଷାଂ ଜ୍ଞାନେ ତଦ୍ଗ୍ରନ୍ଥ ବିଲୋକ୍ୟତାମ୍ ।୩୬।

ଅନୁବାଦ

ଏହିରୂପେ ପୂର୍ବୋକ୍ତମତେ ଗୀତର ଦୋଷ ଅନେକ ପ୍ରକାର ଅଛି । ଏ ସମସ୍ତ ଜାଣିବା ନିମିତ୍ତ ପୁରାତନ ଗ୍ରନ୍ଥମାନ ଦେଖନ୍ତୁ ।

ଅଥ କେବଳ ଭାଷାଗୀତ ବିଷୟମାହ—

କେବଳ ଭାଷାଗୀତ—

ଗୀତେ ଦୀର୍ଘୋ ଭବେଦ୍ଧ୍ରସ୍ୱୋ ହ୍ରସ୍ୱୋ ଦୀର୍ଘଃ କ୍ୱଚିଦ୍ଭବେତ୍ ।
ଏକତ୍ୱେ ଚ କ୍ୱଚିଦ୍ଦ୍ୱିତ୍ୱଂ ଦ୍ୱିତ୍ୱେ ଚୈକତ୍ୱମେବଚ ।୩୭।

ଶ୍ଳିଷ୍ଟେ ବିଶ୍ଳିଷ୍ଟତା କ୍ୱାପି କ୍ୱଚିଦ୍ରେଫସ୍ୟ ବୈକୃତମ୍ ।
କ୍ୱଚନ୍ କୋମଳତା ଗାଢ଼େ ଗାଢ଼ତା କୋମଳେ କ୍ୱଚିତ୍ ।୩୮।

Digitized by srujanika@gmail.com

ଶୀଘ୍ରୋଚ୍ଚାରେ ଚ ବର୍ଣ୍ଣାନାଂ ତଥା ଚୈବ ପ୍ରସାରଣେ ।
ଲିଙ୍ଗାନ୍ୟତ୍ୱେ ବିସନ୍ଧୌ ଚ ସଂଯୁକ୍ତାକ୍ଷର ମୋକ୍ଷଣେ ।୩୯।

ଅସଂଯୁକ୍ତୋଽପି ସଂଯୋଗୋ ହ୍ରସ୍ୱଦୀର୍ଘ ବ୍ୟତିକ୍ରମେ ।
ପୌନରୁକ୍ତ୍ୟଂ ଭାଷାନ୍ତ୍ୟେ ଗୀତେ ଦୋଷୋଽଭିଜାୟତେ ।୪୦।

ଅନୁବାଦ

ଗୀତ ମଧ୍ୟରେ କେଉଁ କେଉଁଠାରେ ଦୀର୍ଘ ବର୍ଣ୍ଣ ହ୍ରସ୍ୱ ହୁଏ, ହ୍ରସ୍ୱ ଦୀର୍ଘ ହୁଏ । ଏକ ବଚନଠାରେ ଦୁଇ ବଚନ ହୁଏ, କିମ୍ବା ଦ୍ୱିବଚନଠାରେ ଏକ ବଚନ ହୁଏ । କେଉଁଠି ଶ୍ଲିଷ୍ଟ ଅକ୍ଷର ଅଶ୍ଲିଷ୍ଟ ହୁଏ (ବ୍ୟକ୍ତ ଅକ୍ଷର ଅବ୍ୟକ୍ତ ହେବା) କିମ୍ବା ଅଶ୍ଲିଷ୍ଟ, ଶ୍ଲିଷ୍ଟ ହୁଏ । ଧୀର ଉଚ୍ଚାରଣ ହେବା ଶବ୍ଦ ଉଚ୍ଚରେ ଉଚ୍ଚାରିତ ହୁଏ, କେଉଁଠି ବା ଉଚ୍ଚରେ ଉଚ୍ଚାରିତ ହେବା ଭଳି ଶବ୍ଦ ଧୀରରେ ଉଚ୍ଚାରିତ ହୁଏ, କେଉଁଠି ବା ଶୀଘ୍ର ଉଚ୍ଚାରିତ ହେବା ଶବ୍ଦ ବିଳମ୍ବରେ ଉଚ୍ଚାରିତ ହୁଏ, କେଉଁଠି ପୁଂଲିଙ୍ଗ ଶବ୍ଦ ସ୍ତ୍ରୀଲିଙ୍ଗଭଳି ଓ ସ୍ତ୍ରୀଲିଙ୍ଗ ଶବ୍ଦ ପୁଂଲିଙ୍ଗ ହୁଏ, ସନ୍ଧି ଶବ୍ଦ ସନ୍ଧିହୀନ ହୁଏ, ଅସଂଯୁକ୍ତ ଅକ୍ଷର ସଂଯୁକ୍ତ ହୁଏ ବା ଶବ୍ଦର ପୁନରୁକ୍ତି ହୁଏ । ଭାଷା ଗୀତରେ ଏ ସମସ୍ତ ଦୋଷ ଧରାଯାଏ ନାହିଁ ।

ଅଥ ସଂସ୍କୃତ ଗୀତିବିଷୟମାହ—

ସଂସ୍କୃତ ଗୀତ ବିଷୟ –

“ଭବନ୍ତ୍ୟେତେ ଚ ଦୋଷାସ୍ତୁ ଗୀତେ ଚୈବ ତୁ ସଂସ୍କୃତେ ।”

ଅର୍ଥ—ଭାଷା ଗୀତରେ ଯାହା ଦୋଷ ନୁହେଁ ବୋଲି କୁହାଗଲା, ସେଗୁଡ଼ିକ ସଂସ୍କୃତ ଦୋଷ ରୂପେ ଧରାଯାଏ ।

“ଯଦ୍ୟପି ଶ୍ରୁତି କଷ୍ଟାଦୟୋ ଦୋଷାଃ ସନ୍ତି, ତଥାପି ଆଦ୍ର ବଣିଜୋ ବହିତ୍ର ସ୍ୟାନୁସନ୍ଧାନେନ କିଂ ପ୍ରୟୋଜନ ମିତି ନୋକ୍ତାଃ । ଜିଜ୍ଞାସା ତେତ୍ୱନ୍ୟ ସାହିତ୍ୟଦର୍ପଣାଦାବନ୍ୱେଷଣୀୟାଃ ।”

Digitized by srujanika@gmail.com

ଅର୍ଥ—ଶ୍ରୁତିକଟୁ ପ୍ରଭୃତି ଅନ୍ୟାନ୍ୟ ଦୋଷ ଧସଯାଜ ଥିଲେ ମଧ୍ୟ ଅବା ବେପାସ୍ତର ବୋଇତ ବିଷୟ ବିସ୍ତୃତବା କି ପ୍ରୟୋଜନ ? ଯାହାଙ୍କର ଏ ବିଷୟରେ ବେଶୀ ଜାଣିବା ଦରକାର, ସେ 'ସାହିତ୍ୟଦର୍ପଣ ଦେଖନ୍ତୁ ।

ଅଥ ଗାୟକ ଦୋଷମାହ –

ଗାୟକ ଦୋଷ—

ଭୀତୋଽବ୍ୟକ୍ତପଦଃ ଶିକ୍ଷେ ବଚଳତଃ ଫୁତ୍କାରକୋ ବିସ୍ୱରଃ ।
ସ୍ୟାଦ୍ଦଷ୍ଟରଦୋ ନମୀଳନପୁନୋ ଗ୍ରାମାବ୍ୟବସ୍ଥା ସ୍ତଥା ।
ଗାପୂନ୍ ବହଚଳଃ ସ୍ୱଶାନ୍ତବନ୍ଧୁଳଃ ସ୍ୟାଦ୍ରାଗ ଫମଣ୍ଡକଃ ।
କମ୍ପାଙ୍ଗୋଽନବଧାନସୂର୍ ବିରସବାନ କାକସ୍ୱରଃ ଘର୍ଘରଃ ।୪୧।

ଅନୁବାଦ

ଭୟାକ୍ତ, ପଦର ଅସ୍ପଷ୍ଟ ଓ ଅଶୁଦ୍ଧି ଉଚ୍ଚାରଣ, ଶିର କମ୍ପନ, ଗାଇବାବେଳେ ଫୁତ୍କାର, ବିକୃତସ୍ୱର, ଦାନ୍ତ କାମୁଡ଼ିବା, ଆଖି ମୁଦିବା, ଗ୍ରାମର ଅବ୍ୟବସ୍ଥା, ସ୍ୱରର ଉଚ୍ଚତା ନୀଚତା ନବାରିବା, ରାଗ ଗାୟନର ଅଶୁଦ୍ଧତା, ଗାୟନ କାଳରେ ଅନ୍ୟମନସ୍କତା, ରସହୀନ କରି ଗାଇବା, କାକସ୍ୱର ଭଳି ଗାଇବା, ଅତି ଚିତ୍କାର କରି ଗାଇବା, ହ୍ରସ୍ୱ ଦୀର୍ଘର ବ୍ୟତିକ୍ରମ ଇତ୍ୟାଦି ଗାୟକର ଦୋଷ ।

ସନ୍ତ୍ୟେବଂ ବହବୋ ଦୋଷା ନୋକ୍ତା ବିସ୍ତର ଶଙ୍କୟା ।
ଦ୍ରଷ୍ଟବ୍ୟା ବୁଧୈସ୍ତୁ ତେ ଜ୍ଞେୟାଃ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାମ୍ ।୪୨।

ଅନୁବାଦ

ଏହି ପ୍ରକାର ଆହୁରି ଅନେକ ଦୋଷ ରହିଛି । ଗ୍ରନ୍ଥ ବଡ଼ ହେବା ଭୟରେ ସେଗୁଡ଼ିକୁ ଉଲ୍ଲେଖ କଲାନାହିଁ । ଏ ସମ୍ପର୍କରେ ଆହୁରି ଅନେକ କଥା ଜାଣିବାପାଇଁ 'ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା' ଦେଖନ୍ତୁ ।

Digitized by srujanika@gmail.com

ଅଥ ଗାୟକ ଭେଦତ୍ରୟମାହ—

ଗାୟକ ଭେଦ—

"ଗାୟକସ୍ତ୍ରିବିଧାଃ ପ୍ରୋକ୍ତା ଉତ୍ତମାଧମ ମଧ୍ୟମାଃ ।"

ଅର୍ଥ—ଏହା ତିନପ୍ରକାର । ଯଥା—ଉତ୍ତମ, ମଧ୍ୟମ ଓ ଅଧମ ।

ପୁନର୍ଗାୟକସ୍ୟ ପଞ୍ଚବିଧ ଭେଦମାହ—

ପୁନର୍ବାର ଗାୟକର ପାଞ୍ଚପ୍ରକାର ଭେଦ—

ଶିକ୍ଷାକାରେଽନୁକାରଶ୍ଚ ରସିକୋ ରଞ୍ଜକସ୍ତଥା ।
ଭାବକଶ୍ଚେତି ଗୀତଜ୍ଞାଃ ପଞ୍ଚଧା ଗାୟକଂ ବଦୁଃ ।୪୩।

ଅନୁବାଦ

(୧) ଶିକ୍ଷାକାର, (୨) ଅନୁକାର, (୩) ରସିକ, (୪) ରଞ୍ଜକ ଓ (୫) ଭାବକ ।

ଏଷାଂ ତୁ ଲକ୍ଷଣଂ ନୋକ୍ତଂ ମୟା ବାହୁଲ୍ୟ ଭୀତିତଃ ।
ଓଣ୍ୟନ୍ତୁ ପଦ ଜିଜ୍ଞାସା ସଙ୍ଗୀତାର୍ଣ୍ଣବଚନ୍ଦ୍ରିକାମ୍ ।୪୪।

ଅନୁବାଦ

ବାହୁଲ୍ୟ ଭୀତିରୁ ମୁଁ ଅଧିକ ଲେଖୁନାହିଁ ।

× × ×

ଏ ବିଷୟରେ ଅଧିକ ଜାଣିବାପାଇଁ 'ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା' ଦେଖନ୍ତୁ ।

ଅଥ ଗାୟକସ୍ୟ ଏକଳାଦି ଭେଦତ୍ରୟ କଥନମ୍—

ଏକଳାଦି ଗାୟକ ଭେଦ—

ଏକକେ ସମକେ ବୃନ୍ଦୋ ଗାୟକଶ୍ଚେତି ସ ତ୍ରିଧା ।
ଏକ ଏବ ତୁ ଯୋ ଗାୟେତ୍ତଦସା ବେକଳ-ଗାୟକଃ ।
ସ-ଦ୍ୱିତୀୟସ୍ତୁ ଯମଳଃ ସ-ବୃନ୍ଦୋ ବୃନ୍ଦଗାୟକଃ ।୪୫।

Digitized by srujanika@gmail.com

ଅନୁବାଦ

ଗାୟକ ତ୍ରିବିଧପ୍ରକାର । ଯଥା—ଏକଳ, ଜମଳ ଓ ବୃନ୍ଦ ।
(ଏକାକୀ, ଦୁଇଜଣ ଓ ସମୂହ)
"ଏତେଷାଂ ଲକ୍ଷଣମନ୍ୟତ୍ରାସ୍ତୁ ବୋଧନ୍ନାନ୍ନଲିଖିତମ୍"
ଏହା ସାଧାରଣ ଲକ୍ଷଣ ବୋଲି ଲେଖାଗଲା ।

ଅଥ ଗାୟନୀ ଲକ୍ଷଣମାହ—

ଗାୟିକା ଲକ୍ଷଣ—

ରୂପଯୌବନଶାଳିନ୍ୟୋ ଗାୟିନ୍ୟୋ ଗୀତପଣ୍ଡିତାଃ ।
ମାଧୁର୍ଯ୍ୟଧୂର୍ଯ୍ୟଧୁନୟୁଷ୍ଟଚତୁରଷ୍ଟଚତୁରପ୍ରିୟାଃ ।୪୭।

ଅନୁବାଦ

ଗାୟିକା (ଗାୟୁଣୀ) ରୂପବତୀ, ଯୁବତୀ, ଗୀତ-ପଣ୍ଡିତା, ମଧୁରଭାଷିଣୀ, ସୁବୁଦ୍ଧିଶାଳିନୀ, ସୁଚତୁର ଏବଂ ଚତୁର ଲୋକମାନଙ୍କର ଆଦରଣୀୟା ହେବା ଉଚିତ ।

ଅଥ ବାଗ୍‌ଗେୟକାର ଲକ୍ଷଣମାହ—

ବାଚଂ ଗେୟଂ ଚ କୁରୁତେ ଯଃ ସ ବାଗ୍‌ଗେୟକାରକଃ ।"

ଅର୍ଥ—ବାକ୍ୟକୁ ଯେ ଗାଏ, ସେ ବାଗ୍‌ଗେୟକାରକ । ଅର୍ଥାତ୍ ଯେ ଧାତୁ ଓ ମାତୁ ସଂଯୋଗରେ ଗାନ କରନ୍ତି ।

ସ ବାଗ୍‌ଗେୟକାରକଃ କତିବିଧ ଭେଦୋ ଭବତି ତଦାହ—

ବାଗ୍‌ଗେୟକାର ଭେଦ—

"ସ ଚ ଶ୍ରେଷ୍ଠୋ ମଧ୍ୟମଶ୍ଚାଧମୋଽପି ତ୍ରିବିଧଃ ସ୍ମୃତଃ ।୪୭।

ଅର୍ଥ—ଏମାନେ ତ୍ରିବିଧପ୍ରକାର । ଯଥା—ଶ୍ରେଷ୍ଠ, ମଧ୍ୟମ ଓ ଅଧମ ।

Digitized by srujanika@gmail.com

ଅଥୈଷାଂ ଲକ୍ଷଣମାହ—

ଏମାନଙ୍କର ଲକ୍ଷଣ—

"ଯ କୋଷାଦଶ୍ଚ ସର୍ବତ୍ର ସାବଧାନଃ ସ ଉତ୍ତମଃ ।"

ଅର୍ଥ—ଯେ ଭାଷା ଓ ବ୍ୟାକରଣ ଇତ୍ୟାଦି ପ୍ରତି ସାବଧାନ ସେ ଶ୍ରେଷ୍ଠ ।

ମଧ୍ୟମ—

ପ୍ରବନ୍ଧକରଣାଶକ୍ତୋ ମଧ୍ୟମୋ ଧାତୁମାତୃକ୍ତତ୍ ।
ପରଧାତୋର୍ମାତୃକର୍ତ୍ତ କୁଟିଳାଳାପ ସଂଯୁତଃ ।୭୮।

ଅର୍ଥ—ଧାତୁ ଓ ମାତୁ ଇତ୍ୟାଦି ଯୁକ୍ତ ଗୀତ ଗାଏ; କିନ୍ତୁ କୁଟିଳ ଆଳାପ କରେ—ସେ ମଧ୍ୟମ ।

ଅଧମ –

ଧାତୁଷ୍ୱନ୍ୟକୃତେଷ୍ୱେବମନ୍ୟଧାତୁ ପ୍ରଦୋଽଧମଃ ।

ଅର୍ଥ—ଗୀତାବସ୍ଥୁବକୁ ଯେ ବିକଳ୍ପ କରି ଗାଏ—ସେ ଅଧମ ।
"ବିଶେଷ ଲକ୍ଷଣଂ ତୁ ସଙ୍ଗୀତାର୍ଣ୍ଣବଚନ୍ଦ୍ରିକାୟାଂ ବିଜ୍ଞାତବ୍ୟମ୍"

ଅର୍ଥ—ବିଶେଷ ଲକ୍ଷଣ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା"ରେ ଦ୍ରଷ୍ଟବ୍ୟ ।

ଚକ୍ରେ ନୃପୋ ଯାଂ ଭୁବି କେରଳାୟାଂ ଶ୍ରୀମାଳକଣ୍ଠୋଽପିଚ ନାଟ୍ୟପୂର୍ବାମ ।
ମନୋରମାଖ୍ୟାନ୍ତୁ ଗତଶ୍ଚତୁର୍ଥଃ ପାଦସ୍ତୁ ତସ୍ୟାଂ ବୁଧଶର୍ମଦାତ୍ର୍ୟାମ୍ ।୭୯।

ଅର୍ଥ—କେରଳର ରାଜା ଶ୍ରୀମାଳକଣ୍ଠ ପଣ୍ଡିତ ମାନଙ୍କର ସୁଖ-ପ୍ରଦାୟକ ନାଟ୍ୟ ମନୋରମା ଗ୍ରନ୍ଥ ରଚନା କଲେ ।

ଏହାର ଚତୁର୍ଥ ପାଦ ଏଠାରେ ଶେଷ ହେଲା ।

Digitized by srujanika@gmail.com

ଅଥ ପଞ୍ଚମଃ ପାଦଃ

ପଞ୍ଚମ ପାଦ

ଅଥ ବାଦ୍ୟମାହାତ୍ମ୍ୟମାହ—

ବାଦ୍ୟ ମାହାତ୍ମ୍ୟ—

ନ ବାଦ୍ୟେନ ବିନା ଯସ୍ମାତ୍ ଗୀତଂ ତାଳଂ ଚ ଶୋଭତେ ।
ତସ୍ମାନ୍ମାଙ୍ଗଲ୍ୟମସ୍ମାଭିର୍ବାଦ୍ୟମତ୍ର ନିଗଦ୍ୟତେ ।୧।

ଅନୁବାଦ

ବାଦ୍ୟ ବିନା ଗୀତ ତାଳ ଶୋଭା ପାଏ ନାହିଁ । ସେହି ହେତୁରୁ ମଙ୍ଗଳ କର୍ମରେ ପ୍ରୟୋଜନୀୟତା ଦୃଷ୍ଟିରୁ ଏହି ପଞ୍ଚମ ପାଦରେ ବାଦ୍ୟ ବିଷୟ କୁହାଯାଉଅଛି ।

ଅଥ ବାଦ୍ୟ ଫଳମାହ—

ବାଦ୍ୟର ଫଳ—

ବାଦ୍ୟ ଦତ୍ତ୍ୱା ତଥା ବିପ୍ରାଃ ଶକ୍ରଲୋକମବାପ୍ନୁୟାତ୍ ।
ସ୍ୱୟଂ ବାଦ୍ୟେନ ସମ୍ପୂଜ୍ୟ ତସ୍ୟୈବାନୁଚରୋ ଭବେତ୍ ।୨।

ଅନୁବାଦ

ବିଷ୍ଣୁ ପ୍ରୀତ୍ୟର୍ଥେ ମୂଲ୍ୟ ଦେଇ ବାଦନ କରାଇଲେ ଇନ୍ଦ୍ରଲୋକ ପ୍ରାପ୍ତି ହୁଏ । ନୋହିଲେ ଏହି ଅଭିପ୍ରାୟରେ ବାଦ୍ୟ ବଜାଇଲେ ବିଷ୍ଣୁ-ସେବକ ହୁଅନ୍ତି ।

Digitized by srujanika@gmail.com

ଅଥ କତି ବାଦ୍ୟଭେଦସ୍ତଦାହ—

ବାଦ୍ୟ ଭେଦ—

"ତତଂ ଶୁଷିରମାନଦ୍ଧଂ ଘନମିତ୍ୟଂ ଚତୁର୍ବିଧମ୍ ।"

ଅର୍ଥ—ଏହା ଚାରିପ୍ରକାର ।

"ଅଥ ଚତୁର୍ବିଧମାହ"

ତତଂ ବୀଣାଦିକଂ ବାଦ୍ୟଂ ବଂଶାଦି ଶୁଷିରଂ ତଥା ।
ଆନଦ୍ଧଂ ମୁରଜାଦ୍ୟଂସ୍ୟାଦ୍‌ଘନଂ ତାଳାଦିକଂ ମତମ୍ ।୩।

ଅନୁବାଦ

(୧) ତତ, (୨) ସୁଶୀର, (୩) ଆନଦ୍ଧ, (୪) ଘନ ।

(୧) ବୀଣା ପ୍ରଭୃତି ବାଦ୍ୟକୁ ତତ କୁହନ୍ତି ।
(୨) ବଂଶୀ ପ୍ରଭୃତି ବାଦ୍ୟକୁ ଶୁଶିର କୁହନ୍ତି ।
(୩) ମୃଦଙ୍ଗ ପ୍ରଭୃତି ବାଦ୍ୟକୁ ଆନଦ୍ଧ କୁହନ୍ତି ।
(୪) ତାଳ ବାଦ୍ୟମାନଙ୍କୁ ଘନ କୁହନ୍ତି ।

ଅଥ ତତାଦିବାଦ୍ୟ ଭେଦନାହ—

ତତ ବାଦ୍ୟର ଭେଦ—

ଅଲାବଣୀ, ବ୍ରହ୍ମବୀଣା, କିନ୍ନରୀ, ଲଘୁକିନ୍ନରୀ ।
ବିପଞ୍ଚୀ, ବଲ୍ଲକୀ, ଜ୍ୟେଷ୍ଠା, ଚିତ୍ରା, ଘୋଷବତୀ, ଜୟା ।
ହସ୍ତିକା, କୁବ୍‌ଜିକା, କୂର୍ମୀ, ସାରଙ୍ଗୀ, ପରିବାଦିନୀ ।
ତ୍ରିସ୍ୱରୀ, ଶାର୍ଙ୍ଗତନ୍ତ୍ରୀ ଚ ନକୁଳୌଷ୍ଠୀ, ଚତୁଃସ୍ୱରୀ ।
ଔଦୁମ୍ବରୀ, ପିନାକୀ ଚ ନିବନ୍ଧଃ ପୁଷ୍କଳସ୍ତଥା ।
ଗଦାବାରଣହସ୍ତଶ୍ଚ ରୁଦ୍ରୋଽଥ ସ୍ୱରମଣ୍ଡଳଃ ।
କପିଳାସୋ, ମଧୁସ୍ୟନ୍ଦୀ ଘୋଷେତ୍ୟାଦି ତତଂ ଭବେତ୍ ।୬।

Digitized by srujanika@gmail.com

ଅନୁବାଦ

ଅଲବଣୀ, ବ୍ରହ୍ମବୀଣା, କିନ୍ନରୀ, ଲଘୁ କିନ୍ନରୀ, ବିପଞ୍ଚୀ, ବଲ୍ଲକୀ, ଜ୍ୟେଷ୍ଠା, ଚିତ୍ରା, ଘୋଷବତୀ, ଜୟା, ହସ୍ତିକା, କୁବ୍ଜିକା, କୂର୍ମୀ, ସାରଙ୍ଗୀ, ପରିବାଦିନୀ, ତ୍ରିସରୀ, ଶତତନ୍ତ୍ରୀ, ନକୁଳୌଷ୍ଠୀ, ଚତୁସରୀ, ଔଦୁମ୍ବରୀ, ପିନାକୀ, ନିବନ୍ଧ, ପୁଷ୍କଳ, ଗଦା, ବାରଣହସ୍ତ, ରୁଦ୍ର, ସ୍ୱରମଣ୍ଡଳ କପିଳାସ, ମଧୁସ୍ୟନ୍ଦୀ ଓ ଘୋଣା ଇତ୍ୟାଦି ୩୦ ଗୋଟି ।

ସନ୍ତ୍ୟେଷାଂ ଘଟନା ଲୋକେ ପାରଂପର୍ଯ୍ୟୋପଦେଶତଃ ।
ତଥାପି ବକ୍ଷ୍ୟେଽହଂ ରୁଦ୍ରବୀଣାୟାଶ୍ଚାପି ଲକ୍ଷଣମ୍ ।୭।

ଅନୁବାଦ

ରୁଦ୍ରବୀଣା—ପରମ୍ପରାକ୍ରମେ ଏହି ତତବାଦ୍ୟ ଗୁଡ଼ିକ ପ୍ରସିଦ୍ଧି ଲାଭ କରିଥିଲେ ହେଁ, ରୁଦ୍ରବୀଣାର ଲକ୍ଷଣ କୁହାଯାଉଅଛି ।

ଦଣ୍ଡୋଽସ୍ୟା ରୁଦ୍ରବୀଣାୟା ମୁଷ୍ଟ୍ୟେକାଦଶ ସମ୍ମିତଃ ।
ଦ୍ରୁମଦଙ୍ଗୁଷ୍ଠାଗ୍ରମିତଂ ଶୁଷିରଂ ତସ୍ୟ କୀର୍ତ୍ତିତମ୍ ।୮।

ଅନୁବାଦ

ରୁଦ୍ରବୀଣାର ଦଣ୍ଡପ୍ରମାଣ—ରୁଦ୍ରବୀଣା ଦଣ୍ଡର ଲମ୍ବ ୧୧ମୁଠା । ବୁଢ଼ା ଆଙ୍ଗୁଠି ଅଗ୍ର ବୁଲିବା ଭଳି ରନ୍ଧ୍ର ଏଥିରେ କରାହେବ ।

ଦଣ୍ଡସ୍ୟୋଭୟତୋ ଦେୟଂ କାଂସ୍ୟ ସଂବରକ ଦ୍ୱୟମ୍ ।
ପଶ୍ଚାତ୍ସମ୍ବରକଂ ଗୃହ୍ୟ ଛିଦ୍ରୀକୃତଶିରୋ ଭବେତ୍ ।୯।

ଅନୁବାଦ

ଦଣ୍ଡନିର୍ମାଣ ପ୍ରଣାଳୀ—ଦଣ୍ଡର ଦୁଇ ମୁଣ୍ଡରେ ଦୁଇଟି କଂସାର ସମ୍ବରକ ବସାଇବ । ପଛ ସମ୍ବରକ ମୁଣ୍ଡକୁ ଛିଦ୍ରାପରି କରିବ ।

Digitized by srujanika@gmail.com

ଦଣ୍ଡସ୍ୟ ବେଷ୍ଟନଂ ସାର୍ଦ୍ଧ ପଞ୍ଚାଙ୍ଗୁଳ ମିହୋଦ୍ଭବମ୍ ।
ତନ୍ତ୍ରିଚାନଖଗ୍ର ତସ୍ୟାଃ କର୍ତ୍ତବ୍ୟା ସୁନ୍ଦରାକୃତିଃ ।୧୦।

ଅନୁବାଦ

ଦଣ୍ଡର ବେଷ୍ଟନୀ ୫ ୧/୨ ଅଙ୍ଗୁଳ ହେବ । ସୁନ୍ଦର କରି ନଖଗ୍ର ଗଢ଼ିବ ।

କକୁଭେ ରୁଦ୍ରବାଣାସ୍ୟାସ୍ତି ଶିରାଃ ପରିକୀର୍ତ୍ତିତାଃ ।
ଊର୍ଦ୍ଧ୍ୱେ ଶିରସି ଦାତବ୍ୟା ଲୌହପଟୀ ସମନ୍ୱିତା ।୧୧।

ଅନୁବାଦ

ଏହାର କକୁଭକୁ ତିଶିର କରିବ ଏବଂ ଉପର ଶରରେ ଲୁହା ପାତିଆ ଦେବ ।

ମୂଳତନ୍ତ୍ରୀସ୍ତଦୁପରି ନ୍ୟାସ୍ୟାଲ୍ଲୌହଂ ତତଃପରମ୍ ।
ଦକ୍ଷିଣେ ଶିରସି ନ୍ୟସ୍ୟାଙ୍କ୍ରୀତି ତନ୍ତ୍ରୀଦ୍ୱୟଂ କ୍ରମାତ୍ ।୧୨।

ଅନୁବାଦ

ସେହି ଲୁହାପାତିଆ ଉପରେ ମୂଳତନ୍ତ୍ରମାନଙ୍କୁ ଦେବ । ତା'ପରେ ଲୁହାପାତିଆ ଦେବ । ସେହି କକୁଭର ଦକ୍ଷିଣ ମୁଣ୍ଡରେ କ୍ରମରେ ଶ୍ରୁତି-ଗୁଣା ଦୁଇଟି ଦେବ ।

ଏବଂ ତୁ କକୁଭଂ ନ୍ୟସ୍ୟ ଯାଣାଦଣ୍ଡେ ନବେଶୟେତ୍ ।
ଅଙ୍ଗୁଳୋଚ୍ଚଂ ତଦୂର୍ଦ୍ଧ୍ୱଶିରୋଽଙ୍ଗୁଷ୍ଠ ମାନଂ ତୁ ପାର୍ଶ୍ୱକମ୍ ।୧୩।

ଅନୁବାଦ

ଏହିଭଳି କକୁଭକୁ ଯାଣାଦଣ୍ଡରେ ବସାଇବ । ଉପର ମୁଣ୍ଡ ଅଙ୍ଗୁଳେ ଉଚ୍ଚ କରିବ । ପାର୍ଶ୍ୱ ମୁଣ୍ଡ ବୁଢ଼ା ଆଙ୍ଗୁଳ ପ୍ରମାଣ କରିବ ।

Digitized by srujanika@gmail.com

ସପ୍ତାଙ୍ଗୁଳାନ୍ତରଂ ତସ୍ମାତ୍ତୁମ୍ବୁଖଂ ନବେଶୟେତ୍ ।
ଅନ୍ୟଂ ଚତୁସ୍ତ୍ରିଂଶଦଙ୍ଗୁଳାନ୍ତରମାକ୍ଷିପେତ୍ ।୧୪।

ଅନୁବାଦ

କକୁଭରୁ ପାଞ୍ଚ ଅଙ୍ଗୁଳ ଉପରୁ ଲାଉ ବସାଇବ । ଏହି ସ୍ଥାନରୁ ୩୪ ଆଂଗୁଳ ଛଡ଼ାରେ ଅନ୍ୟ ଲାଉ ବସାଇବ ।

ଅଷ୍ଟାଦଶାଂଗୁଳ ମୁଖଂ ତତ୍କୋଷ୍ଠେ ଗୁରୁ ଗର୍ଭକମ୍ ।
ସୁକୁମ୍ଭମୁନ୍ନତଂ କାନ୍ତଂ ବର୍ତ୍ତୁଳଂ ତୁମ୍ବୁପୁଗ୍ବକମ୍ ।୧୫।

ଔନ୍ନତ୍ୟଂ କଞ୍ଚିଦାଧିକ୍ୟମନୟୋଷ୍ଟ ପ୍ରଶସ୍ୟତେ ।
ଅର୍ଦ୍ଧାଂଗୁଳାନ୍ତରଂ ପଶ୍ଚାତ୍ତୁମ୍ବୁଂ ଚ ସ୍ଥାପୟେଦ୍ବୁଧଃ ।୧୬।

ଅନୁବାଦ

ବୀଣା ଲାଉର ମୁହଁ ଅଠର ଆଂଗୁଳ ହେବ । ଏହା ସୁନ୍ଦରଭାବେ ବର୍ତ୍ତୁଳ ହୋଇଥିବ, ଉଚ୍ଚ ହୋଇଥିବ ଏବଂ କୁମ୍ଭପରି ହୋଇଥିବ । ଏହି ଦୁଇ ଲାଉ ମଧ୍ୟରେ ଯେଉଁ ଲାଉଟି ଉଚ୍ଚ ହୋଇଥିବ, ସେଇ ଲାଉକୁ ମୁଖ୍ୟ ବୋଲି ଗଣନା କରିବ । ଅଧ ଆଂଗୁଳି ଉଣା ଲାଉଟି ସେଇ ପଛ ପଟରେ ବସାଇବ ।

ଦଣ୍ଡପୃଷ୍ଠେ ରନ୍ଧ୍ରଯୁକ୍ତେଽସ୍ୟାଃ ସରସ୍ୱତିକାଂ ପୁନଃ ।
ସମ୍ବରଦ୍ୟଂଗୁଳୋଚ୍ଚାନ୍ତାଂ ଛତ୍ରାକୃତି ଶିରୋଯୁତାମ୍ ।୧୭।

ଅନୁବାଦ

ରୁଦ୍ର ବୀଣାର ପୃଷ୍ଠ ଦେଶ ରନ୍ଧ୍ରଯୁକ୍ତ ହେବ । ପୃଷ୍ଠରେ ସରସ୍ୱତୀ ବସାଇବ । ସମ୍ବରକକୁ ଦୁଇ ଆଂଗୁଳ ଉଚ୍ଚ କରିବ । ଶିରୋଭାଗ ଛତାପରି ହେବ ।

ତତଃ ସାର୍ଦ୍ଧଦ୍ୟଂଗୁଳାନ୍ତେ ଚୈକାଂ ମୋଟନକାଂ ନ୍ୟସେତ୍ ।
ପଞ୍ଚାଂଗୁଳାନ୍ତରଂ ତସ୍ୟାମଗ୍ରେ ବେଷ୍ଟବକାନ୍ବିତାମ୍ ।୧୮।

Digitized by srujanika@gmail.com

ଅନୁବାଦ

ଏହାପରେ ଅଢ଼େଇ ଆଂଗୁଳ ଉଚ୍ଚରୁ ମୋଟନକା ପ୍ରସ୍ତୁତ କରିବ । ପୁଣି ପାଞ୍ଚ ଆଂଗୁଳ ଉଚ୍ଚରୁ ବାଣର ଅଗରେ ଯେଉଁ ବେଷ୍ଟନରନ୍ଧ୍ର ଅଛି, ତାକୁ ମିଶାଇ ଗୋଟିଏ ମୋଟନକା କରିବ ।

ପୂର୍ବ ମୋଟନକା ବେଷ୍ଟ ରନ୍ଧ୍ରମେକଂ ସମନ୍ତତଃ ।
ଲୋହାଙ୍କୁଶଂ ତୁ କର୍ତ୍ତବ୍ୟଂ ବର୍ତ୍ତୁଳଂ ବଡ଼ିଶାକୃତି ।୧୯।

ଅନୁବାଦ

ପ୍ରଥମ ମୋଟନ ବେଷ୍ଟରନ୍ଧ୍ର ସମାନ ଗୋଟିଏ ରନ୍ଧ୍ର କରିବ । ବର୍ତ୍ତୁଳଭାବେ ବଂଶୀପରି ଗୋଟିଏ ଲୁହାର ଅଙ୍କୁଶ କରିବ ।

ତଦ୍‌ବନ୍ଧନଗୁଣଂ ତସ୍ମିନ୍ ବେଷ୍ଟରନ୍ଧ୍ରେ ନବେଶୟେତ୍ ।
ତତ୍‌ପରସ୍ମିଂସ୍ତୁ ମୋଟନ୍ୟାଂ ବେଷ୍ଟରନ୍ଧ୍ରେଽଙ୍କୁଶଂ କ୍ଷିପେତ୍ ।୨୦।

ଅନୁବାଦ

ବନ୍ଧନଗୁଣାକୁ ବେଷ୍ଟରନ୍ଧ୍ରରେ ବାନ୍ଧିବ । ସେହି ଗୁଣାରେ ବନ୍ଧା-ହୋଇଥିବା ମୋଟଣୀରେ ଓ ବେଷ୍ଟରନ୍ଧ୍ରରେ ଆଙ୍କୁଶ ଦେବ ।

ତନ୍ମୋଟଣୀ ବୃତ୍ତ-ରନ୍ଧ୍ର-ସଦୃଶଂ ଦଣ୍ଡରନ୍ଧ୍ରକମ୍ ।
ସୁଯନ୍ତ୍ରିତେ ତୁ ତସ୍ମୈବ ବଧ୍ନୀୟାନ୍ମୁଖ୍ୟତନ୍ତ୍ରିକାମ୍ ।୨୧।

ଅନୁବାଦ

ମୋଟଣୀର ରନ୍ଧ୍ରର ସମାନ କଣ୍ଡଦଣ୍ଡରେ ରନ୍ଧ୍ର କରିବ । ଏହିପରି ସୁନ୍ଦର ଭାବେ ପ୍ରସ୍ତୁତ ପରେ ମୁଖ୍ୟଗୁଣା (ତନ୍ତ୍ରୀ) ବାନ୍ଧିବ ।

ତାବତ ଭ୍ରାମୟେତ୍ ପୂର୍ବାଂ ମୋଟଣୀଂ ଚ ଶନୈଃ ଶନୈଃ ।
ନ ଯାବଦେତି ସ୍ୱସ୍ଥାନଂ ତନ୍ତ୍ରୀ ଧନ୍ୱ-ବିଶାରଦଃ ।୨୨।

Digitized by srujanika@gmail.com

ଅନୁବାଦ

ଯନ୍ତ୍ର ବିଶାରଦ ତନ୍ତ୍ରୀ ବା ଗୁଣ ତା ନିଜ ସ୍ଥାନକୁ ନଯିବା ପର୍ଯ୍ୟନ୍ତ ଧୀରେ ଧୀରେ ବୁଲାଉଥିବ ।

ଅସ୍ୟାସ୍ତ୍ୱଷ୍ଟାଦଶ ପ୍ରୋକ୍ତାଃ ସାରିକାଃ ପୂର୍ବ ସୂରିଭିଃ ।
ତାସାଂ ବୃହତ୍ତରାସ୍ତ୍ୱଷ୍ଟୌ, ଦଶ; କ୍ଷୁଦ୍ରାଃ ପ୍ରକୀର୍ତ୍ତିତାଃ ।୨୩।

ଅନୁବାଦ

ଏଥିରେ ଅଠରଗୋଟି ଶାରୀ ହେବ—ବଡ଼ ୮ ଗୋଟି ଓ ସାନ ଦଶଗୋଟି ।

ଏତାସ୍ତୁ ତାରବାଦନ୍ୟସ୍ତିଷ୍ଠନ୍ତି ଗଦକୋପରି ।
ବିତସ୍ତିମାନି ଗଦ୍ଧକାଂଽଗୁଲ୍ୟୋଽସ୍ୟାସ୍ତୁ ଗର୍ଭକଃ ।୨୪।

ଅନୁବାଦ

ଏହି ଶାରୀଗୁଡ଼ିକ ଗଦ ଉପରେ ରହି ତାର ଦେହରେ ବାଜିବ । ସାଣାର ଗଦ ବାର ଅଂଗୁଳ ହେବ, ଉଚ୍ଚତା ବୁଢ଼ା ଅଂଗୁଳ ମାପରେ ହେବ ।

ଅବଚ୍ଛିନ୍ନ୍ୟସ୍ତୁ କର୍ତ୍ତବ୍ୟୋ ଯଥା ଦଣ୍ଡେ ସ୍ଥିରୋ ଭବେତ୍ ।
ମଦନସ୍ୟ ଚ ସିକ୍‌ଥସ୍ୟ ଯୋଗେନ ସୁଦୃଢ଼ୀକୃତାଃ ।୨୫।

ଅନୁବାଦ

ଗଦ ନିଶ୍ଚଳଭାବେ ଦଣ୍ଡ ଦେହରେ ରହିଲାଭଳି ଖୋଳିବ । ମହଣ ଅଠାରେ ଏଗୁଡ଼ିକ ଦୃଢ଼ଭାବେ ବସାଇବ ।

ବୃହତ୍ତୀନାଂ ଚ ସାକ୍ଷିଣାଂ ଖନନାସ୍ତୁଂ ତତଂ କ୍ରମାତ୍ ।
ଏତାସ୍ତୁ ସର୍ବାବୟୁବୈଃ କଥିତାସ୍ତ୍ୱଂଗୁଳା ବୁଧୈଃ ।୨୬।

Digitized by srujanika@gmail.com

ଅନୁବାଦ

ବଡ଼ ଘାର ଗୁଡ଼କର ଚଳ ସମରେ ଖୋଳାଇବ । ଏଗୁଡ଼ିକ ତିନ ଆଙ୍ଗୁଳ ହେବ ।

ସ୍ଥାପ୍ୟା ଦଣ୍ଡସ୍ୟ ତାଃ ପୃଷ୍ଠେ ଯଥା ସ୍ୱରସ୍ୱରଂ ପୁନଃ ।
ମଦନସ୍ୟ ଚ ସିକ୍ଥସ୍ୟ ଯୋଗେନ ସୁଦୃଢ଼ୀ କୃତାଃ ।୨୭।

ଅନୁବାଦ

ଦଣ୍ଡରେ ପିଠିରେ ଯେଉଁ ସାଘ ବସାଇବ, ସେଥିରେ ଉତ୍ତମ ସ୍ୱର ହେଲାଭଳି ଅଠାଦେଇ ବସାଇବ ।

ସର୍ବେଷାଂ ଲୋହକଳିକା ମସ୍ତକେ ସ୍ୟୁଃ ସୁଯନ୍ତ୍ରିତାଃ ।
ଏକାଂଗୁଳୋଚ୍ଚାଃ କ୍ଷୁଦ୍ରାଃ ସ୍ୟୁଃରନ୍ଧ୍ରସାଘ ବର୍ଜିତାଃ ।୨୮।

ଅନୁବାଦ

ଏହି ସାଘମାନଙ୍କ ମୁଣ୍ଡରେ ଲୁହା କଳିକା ଯନ୍ତ୍ରିତ କରିବ । କ୍ଷୁଦ୍ର ସାଘଗୁଡ଼ିକ ଆଂଗୁଳେ କରି ଉଚ୍ଚ କରିବ । ଏହାପରି ସବୁ ସାଘ ନିର୍ଣ୍ଣିତ ହେବ ।

ଏବଂ ବିନିର୍ମିତା ରୁଦ୍ରବୀଣା ଜନମନୋହରା ।
ଅସ୍ୟାଃ ଶିକ୍ଷାତୁ କର୍ତ୍ତବ୍ୟା ଦାକ୍ଷିଣାତ୍ୟୋପଦେଶତଃ ।୨୯।

ଇତି ରୁଦ୍ରବୀଣା ॥

ଅନୁବାଦ

ଏହି ସବୁ ରୁଦ୍ରବୀଣା ତିଆରି କଲେ ତାହା ଲୋକ ମନୋରଞ୍ଜକ ହୁଏ । ଏହି ବୀଣାଶିକ୍ଷା ଦକ୍ଷିଣ ଦେଶୀକଙ୍କଠାରୁ କରିବ ।

ଇତି ରୁଦ୍ରବୀଣା ।

Digitized by srujanika@gmail.com

ଅନେ୍ୟଷାଂ ତତବାଦ୍ୟାନାଂ ଗ୍ରନ୍ଥ ବିସ୍ତର ଭୟା ଲକ୍ଷଣଂ ନୋକ୍ତମ୍ ।
ବିବଦିଷା ଚେତ୍ତର୍ହି ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାୟା ବିଜ୍ଞେୟମ୍ ।

ଅର୍ଥ—ଗ୍ରନ୍ଥ ବିସ୍ତାର ଭୟରେ ବେଶୀ ଲେଖା ଯାଉନାହିଁ । ବେଶୀ ଜାଣିବାର ଥିଲେ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା" ଦେଖନ୍ତୁ ।

ଅଥ ତତବାଦ୍ୟ ଫଲମାହ—

ତତବାଦ୍ୟ ଫଳ—

ବାଦ୍ୟାନାମପି ଦେବସ୍ୟ ତନ୍ତ୍ରୀବାଦ୍ୟଂ ସଦାପ୍ରିୟମ୍ ।
ତେନ ସଂପୂଜ୍ୟ ବରଦଂ ଗାଣପତ୍ୟମବାପ୍ନୁୟାନ୍ ।୩୦।

ଅନୁବାଦ

ତନ୍ତ୍ରଯୁକ୍ତ ବାଦ୍ୟ ଦେବତାମାନଙ୍କର ସର୍ବଦା ପ୍ରିୟ । ଏଦ୍ୱାରା ଅଭୀଷ୍ଟ ଫଳ ପ୍ରାପ୍ତି ହୁଏ ଏବଂ ସମ୍ମାନଲାଭ ହୁଏ ।

ଅଥ ତତବାଦ୍ୟ ମଧ୍ୟେ ବୀଣାୟାଂ ମୋକ୍ଷସାଧନତ୍ୱମାହ—

ତତ ବାଦ୍ୟମାନଙ୍କ ମଧ୍ୟରେ ବୀଣା ସାଧନଦ୍ୱାରା ମୋକ୍ଷପ୍ରାପ୍ତି—

ବୀଣା ବାଦନତତ୍ତ୍ୱଜ୍ଞଃ ଶ୍ରୁତିଜାତି ବିଶାରଦଃ ।
ତାଳସ୍ୟାଽପି ଚ ଗୀତେନ ମୋକ୍ଷମାର୍ଗଂ ପ୍ରୟଚ୍ଛତି ।୩୧।

ଅନୁବାଦ

ଯେଉଁ ବୀଣାବାଦକ ଶ୍ରୁତି, ଜାତି, ତାଳ ଏବଂ ଯଥାର୍ଥ ଗୀତ ସମ୍ବନ୍ଧରେ ନିପୁଣ ସେ ମୋକ୍ଷପଦ ଲାଭ କରେ ।

Digitized by srujanika@gmail.com

ଅଥ ଶୁଷିର ବାଦ୍ୟାନାହ—

ଶୁଷିର ବାଦ୍ୟ—

ବଂଶୋଽଥ ପାଶ୍ୱ ମଧୁସ୍ୱ ତ୍ତିସ୍ୱ ଶଙ୍ଖ କାହଳାଃ ।
ତୋଣ୍ଡହ୍ୱୀ ମୁରଲୀ ବୁକ୍କା ଶୃଙ୍ଗିକା ସ୍ୱରନାଭୟଃ ।୩୨।

ଶୃଙ୍ଖଳା ପିକବଂଶଶ୍ଚ ଚର୍ମବଂଶସ୍ତଥା ପରଃ ।
ଏତେ ଶୁଷିର ଭେଦାସ୍ତୁ କଥିତାଃ ପୂର୍ବସୂରଭିଃ ।୩୩।

ଅନୁବାଦ

ବଂଶ, ପାଶ୍ୱ, ମଧୁସ୍ୱ, ତ୍ତସ୍ୱ, ଶଙ୍ଖ, କାହାଳୀ, ତୋଡ଼ହ୍ୱୀ, ମୁରଲୀ, ବୁକ୍କା, ଶୃଙ୍ଗିକା, ସ୍ୱରନାଭ, ଶୃଙ୍ଖଳା, ପିକବଂଶ, ଚର୍ମବଂଶ—ଏହା ସୁଷିରମାନଙ୍କ ନାମ ।

ଅଥ ଶୁଷିରବାଦ୍ୟାନାଂ ମଧ୍ୟେ ବଂଶ୍ରୋବଲ୍ଲଭ ତସ୍ମାଂଗ୍ରଗଣିତ ତ୍ୱେନ ବଂଶମେବାହ—

ଅନୁବାଦ

ଶୁଷିରବାଦ୍ୟମାନଙ୍କ ମଧ୍ୟରେ ବଂଶୀ ଶ୍ରୀକୃଷ୍ଣଙ୍କର ପ୍ରିୟ । ତେଣୁ ପ୍ରଥମେ ବଂଶୀକଥା କୁହାଯାଉଅଛି ।

ବଂଶବାଦ୍ୟ ।

ବର୍ତ୍ତୁଳଃ ସରଳଶ୍ଚୈବ ପର୍ବଦୋଷ ବିବର୍ଜିତଃ ।
ବୈଣବଃ ଖାଦରେବାପି ରକ୍ତ ଚନ୍ଦନଜୋଽଥବା ।୩୪।

ଶ୍ରୀଖଣ୍ଡଜୋଽଥ ସୌବର୍ଣ୍ଣୋ ଦନ୍ତଦନ୍ତମୟୋଽଥବା ।
ରାଜତସ୍ତାମ୍ରଜୋବାପି ଲୌହଜଃ ସ୍ଫାଟିକୋଽଥବା ।୩୫।

Digitized by srujanika@gmail.com

ଅନୁବାଦ

ବଂଶୀ ବର୍ତ୍ତୁଳ ଏବଂ ସଳଖ ହେବ । ଏଥିରେ ପର୍ବ (ଗଣ୍ଠି) ଦୋଷ ରହିବ ନାହିଁ । ଏହା ବାଉଁଶ, ଖଇର, ରକ୍ତ ଚନ୍ଦନ କମ୍ବା ଚନ୍ଦନକାଠରେ ଦଣ୍ଡ ନିର୍ମିତ ହେବ । ନତୁବା ସୁନା, ହାତୀଦାନ୍ତ, ରୂପା, ତମ୍ବା, ଲୁହା ବା ସ୍ଫଟିକରେ ତିଆରି ହେବ ।

କନିଷ୍ଠାଙ୍ଗୁଳି ତୁଲ୍ୟେନ ଗର୍ଭରନ୍ଧ୍ରେଣ ଶୋଧିତଃ ।
ଶିଳ୍ପ ବିଦ୍ୟା ପ୍ରମାଣେନ ବଂଶଃ କାର୍ଯୌ ମନୋହରଃ । ।୩୬।

ଅନୁବାଦ

କାଣୀ ଆଙ୍ଗୁଳି ପ୍ରମାଣ ବଂଶୀରେ ରନ୍ଧ୍ର କରିବ । ଭଲ ଶିଳ୍ପୀଦ୍ୱାରା ଏକାର୍ଯ୍ୟ କରାଇବ ।

ତତ୍ର ତ୍ୟକ୍ତ୍ୱା ଶିରୋଦେଶାଦଧୋଦ୍ୱିମିତ ମଙ୍ଗୁଳମ୍ ।
ଫୂତ୍କାର ରନ୍ଧ୍ରଂ କୁର୍ବୀତ ମିତମଙ୍ଗୁଳପର୍ବଣା ।୩୭।

ଅନୁବାଦ

ବାଉଁଶର ମୁଣ୍ଡପାଖରୁ ତଳକୁ ଦୁଇ ଆଙ୍ଗୁଳ ଛାଡ଼ି ଫୁଙ୍କିବା ରନ୍ଧ୍ର କରିବ । ଏହା ଆଙ୍ଗୁଳି ପବର ସମାନ ହେବ ।

ପଞ୍ଚାଙ୍ଗୁଳାନ ପରିତ୍ୟଜ୍ୟ ତାର ରନ୍ଧ୍ରାଣି କାରୟେତ୍ ।
କୁର୍ଯ୍ୟାଉତ୍ସାନ୍ୟ ରନ୍ଧ୍ରାଣି ସପ୍ତସଂଖ୍ୟାନ କୌଶଳାତ୍ ।୩୮।

ଅନୁବାଦ

ପାଞ୍ଚ ଆଙ୍ଗୁଳି ଛାଡ଼ି ସାତଗୋଟି ରନ୍ଧ୍ର ସୁବିଧାରେ କରିବ ।

ବଦସ୍ୱ ବାଜରନ୍ଧ୍ରାନ ପରିତ୍ୟଜ୍ୟାର୍ଦ୍ଧାର୍ଦ୍ଧ ମଙ୍ଗୁଳମ୍ ।
ପ୍ରାନ୍ତପ୍ରୋବନ୍ଧନଂ କାର୍ଯଂ ସ୍ୱର୍ଣ୍ଣାଦ୍ୟୈର୍ନାଦ ହେତବେ ।୩୯।

Digitized by srujanika@gmail.com

ଅନୁବାଦ

ଏହି ରନ୍ଧ୍ରଗୁଡ଼ିକ ଆଙ୍ଗୁଳେ ଲେଖାଏଁ ଛଡ଼ାରେ ହେବ । ଏହି ବରକୋଳ ମଞ୍ଜି ସମାନ ହେବ । ବଂଶୀର ଶେଷ ମୁଣ୍ଡରେ ସୁନା ବା ରୁପାରେ ମୁଠି ବାନ୍ଧିବ । ଶୁଷ (ନାଦ) ଭଲ ହେବାଲାଗି, ମହଣ ପିଠାରେ (କଳ) ଦେଲେ ତାହା ସୁସ୍ୱର ହୁଏ ।

ଅଥ ଶୁଷିର ବାଦ୍ୟ ବିଷୟେ 'ରସାମୃତସିନ୍ଧୌ' ବଂଶସ୍ୟ ଭେଦତ୍ରୟମାହ—

'ରସାମୃତ ସିନ୍ଧୁ'ରେ ବଂଶୀର ଭେଦ (ଶୁଷିର)—

"ଏଷ ତ୍ରିଧା ଭବେଦ୍‌ବେଣୁର୍ମୁରଲୀ ବଂଶିକେତ୍ୟପି ।୮୦।

ଅନୁବାଦ

ରସାମୃତ ସିନ୍ଧୁ ଅନୁସାରେ ବଂଶୀର ଭେଦ ତିନି ପ୍ରକାର । ଯଥା—ବଂଶୀ, ମୁରଲୀ ଓ ବେଣୁ ।

ତତ୍ର ବେଣୁର୍ଯଥା—

ପାରକାଖ୍ୟୋ ଭବେଦ୍ ବେଣୁର୍ଦ୍ୱାଦଶାଙ୍ଗୁଳ ଦୈର୍ଘ୍ୟଭାକ୍ ।
ସ୍ଥୌଲ୍ୟେଽଙ୍ଗୁଷ୍ଠମିତଃ ଷଡ଼୍‌ଭିରେଷ ରନ୍ଧ୍ରୈଃ ସମନ୍ୱିତଃ ।୮୧।

ଅନୁବାଦ

ପରକାଷ ବେଣୁ ବାର ଆଙ୍ଗୁଳ ହେବ । ବୁଢ଼ା ଆଙ୍ଗୁଳ ମୋଟ ହେବ ଓ ଛଅଟି ରନ୍ଧ୍ର ହେବ ।

ଅଥ ମୁରଲୀ—

ହସ୍ତଦ୍ୱୟ ମିତାଯ଼ାମା ମୁଖରନ୍ଧ୍ରସମନ୍ୱିତା ।
ଚତୁଃସ୍ୱରଚ୍ଛିଦ୍ର ଯୁକ୍ତା ମୁରଲୀ ଗୃଢ଼ନାଦନୀ ।୮୨।

Digitized by srujanika@gmail.com

ଅନୁବାଦ

ମୁରଲୀର ଲମ୍ବ ଦୁଇହାତ । ମୁହଁ ରନ୍ଧ୍ର ହେବ । ଗୃହ ସ୍ୱର ଉଚ୍ଚାରଣ କରିବା ନିମିତ୍ତ ଗୃହଟି ରନ୍ଧ୍ର ହେବ । ଏହା ମଧୁର ଧ୍ୱନି କରେ ।

ଅଥ ବଂଶୀ—

ଅର୍ଦ୍ଧାଙ୍ଗୁଳାନ୍ତରୋନ୍ମାନଂ ତାରଦ୍ୱରବଷ୍ଟକମ୍ ।
ତତୋଽଙ୍ଗୁଳାନ୍ତରେ ଯତ୍ର ମୁଖରନ୍ଧ୍ରଂ ତଥାଙ୍ଗୁଳମ୍ ।
ଶିରେ ବେଦାଙ୍ଗୁଳମ୍ ପୁଚ୍ଛଂ ଷଂଗୁଳଂ ସା ତୁ ବଂଶିକା ।୪୩।

ଇତରେଷାଂ ଶୁଷିର ବାଦ୍ୟ ଭେଦାନାଂ ଲକ୍ଷଣଂ ଗ୍ରନ୍ଥ ବିସ୍ତର ଭୟାନ୍ନୋକ୍ତମ୍ ॥ ତେଷାଂ ଲକ୍ଷଣଂ ତୁ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାୟାଂ" ମସ୍ତି ।

ଅନୁବାଦ

ଏଥିରେ ଅର୍ଦ୍ଧ ଅଂଗୁଳ ଛଡ଼ାରେ ଆଠଗୋଟି ରନ୍ଧ୍ର ହେବ । ଆଂଗୁଳେ ଛଡ଼ାରେ ମୁଖରନ୍ଧ୍ର ହେବ । ମୁଖରନ୍ଧ୍ର ଇଚ୍ଛା ଅନୁସାରେ କରିବ । ଏହି ରନ୍ଧ୍ର ମୁଣ୍ଡ ଆଡ଼କୁ ଗୃହ ଆଂଗୁଳ ଛାଡ଼ି ରହିବ । ତଳକୁ ଛଅ ଆଂଗୁଳ ପୁଚ୍ଛ ରହିବ ।

ଅନ୍ୟାନ୍ୟ ଶୁଷିର ବାଦ୍ୟମାନଙ୍କର ଭେଦ ଜାଣିବାକୁ ଇଚ୍ଛାଥିଲେ, 'ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା' ଦେଖନ୍ତୁ ।

ଅଥ ଫୁତ୍କୃତଃ ଗୁଣାଃ କଥ୍ୟନ୍ତେ—

ଫୁତ୍କୃତ ଗୁଣ—

ନୈବିଡ଼୍ୟଂ ପ୍ରୌଢ଼ତା ଗୃପି ସୁସ୍ୱରତ୍ୱଂ ଚ ଶୀଘ୍ରତା ।
ମାଧୁର୍ଯ୍ୟ ମିତ ପିଣ୍ଡାମଳିପୁଂଫୁତ୍କୃତେଷୁ ଗୁଣାଃ ମୃତାଃ ।୪୪।

Digitized by srujanika@gmail.com

ଅନୁବାଦ

ଏହା ପାଞ୍ଚପ୍ରକାର । ନବଡ଼ କରି ଫୁଙ୍କିବା ଓ ଯୋରରେ ଫୁଙ୍କିବା, ସୁସ୍ୱର କରି ଫୁଙ୍କିବା, ଶୀଘ୍ର ଫୁଙ୍କିବା ମଧୁର କରି ଫୁଙ୍କିବା ।

ଅଥ ଫୁତ୍କୃତ ଦୋଷା ଉଚ୍ୟନ୍ତେ—

ଫୁତ୍କାର ଦୋଷ—

ଶୀତ୍କାର ବହୁଳଃସ୍ତବ୍ଧେ ବିସ୍ୱରଃ ସ୍ଫୁଟିତୋ ଲଘୁ ।
ଅମାଧୁର୍ଯ୍ୟଂ ଚ ବଂଶ୍ରେଷ୍ଠା ଷଡ଼୍‌ଦୋଷାଃ ଫୁତ୍କୃତେ ସ୍ମୃତାଃ ।୪୫।

ଅନୁବାଦ

ବହୁ ପରିମାଣରେ ସୁ ସୁ କରିବା, ଏକ ପ୍ରକାର ଧ୍ୱନି କରିବା, ବେସୁରା ଧ୍ୱନି କରିବା, ଫୁଟ୍ ଫୁଟ୍ କରି ଧ୍ୱନି କରିବା, ଅଳ୍ପ ଧ୍ୱନି କରିବା, ଶ୍ରୁତି କଟୁ ଧ୍ୱନି କରିବା ଇତ୍ୟାଦି ଛ'ପ୍ରକାର ।

ଅଥ ବାଂଶିକ ଗୁଣାନାହ—

ବଂଶୀବାଦକର ଗୁଣ—

ପ୍ରଯୁକ୍ତରର୍ଦ୍ଧ ଯୁକ୍ତସ୍ଥ ଯୁକ୍ତଶ୍ଚେତ୍ୟଂଗୁଳେ ଗୁଣାଃ ।
ସ୍ୱସ୍ଥାନତ୍ୱଂ ସୁସ୍ୱରତ୍ୱମଂଗୁଳୀ ସାରଣ କ୍ଷିପ୍ରା ।୪୬।

ସମସ୍ତ ଗମକ-ଜ୍ଞାନଂ ରାଗରାଗାଂଗ-ବେଦିତା ।
କ୍ରିୟା ଭାଷା ବିଭାଷାସୁ ଦକ୍ଷତା ଗୀତବାଦନେ ।୪୭।

ସୁସ୍ଥାନେ ଋପି ଦୁଃସ୍ଥାନେ ନାଦନର୍ମାଣ-କୌଶଳମ୍ ।
ଗାତୃଣାଂ ସ୍ଥାନ-ଦାତୃତ୍ୱଂ ତଦ୍‌ଦୋଷାଚ୍ଛାଦନଂ ତଥା ।
ବାଂଶିକସ୍ୟଗୁଣା ଏତେ ମୟା ସଂକ୍ଷିପ୍ୟ ଦର୍ଶିତାଃ ।୪୮।

Digitized by srujanika@gmail.com

ଅନୁବାଦ

ପ୍ରୟୋଗ, ଅର୍ଦ୍ଧ ପ୍ରୟୋଗ, ଭିନ୍ନ ଆଙ୍ଗୁଳରେ ବାଦନ ନିପୁଣ, ଉପଯୁକ୍ତ ସ୍ଥାନରେ ବଜାଉଥିବା ସୁସ୍ୱର ଅଂଗୁଳି ଚାଳନା-ସୁଦକ୍ଷ, ଗମକ, ରାଗ, ରାଗାଙ୍ଗ, କରଣକ୍ରିୟା, ଦେଶଭାଷା, ବିଭାଷାର ଜ୍ଞାନଥିବ, ଗୀତ ଏବଂ ବାଦ୍ୟନିପୁଣ ହୋଇଥିବ । ଉପଯୁକ୍ତ କିମ୍ବା ଅନୁପଯୁକ୍ତ ସ୍ଥାନରେ ନାଦ ଉତ୍ପନ୍ନରେ କୁଶଳୀ ହୋଇଥିବ, ଗାୟକର ଦୋଷ ଘୋଡେଇ ପାରୁଥିବ, ସଂକ୍ଷେପରେ ଏହା ବଂଶୀ ବାଦକର ଗୁଣ ।

ଅଥ ବାଂଶିକ ଦୋଷମାହ—

ବଂଶୀବାଦକ ଦୋଷ—

ବହୁକୃତ୍ୟଃ ଶିରଃକମ୍ପଃ ସ୍ୱସ୍ଥାନାପ୍ରାପ୍ତିରେବ ଚ ।
ବୃଥା ପ୍ରୟୋଗ ବାହୁଲ୍ୟ ମଲ୍ପତା ଗୀତବାଦନେ ।
ଏଭର୍ଦୋଷୈର୍ଯୁତୋଽଜ୍ଞବ ନିନ୍ଦତୋ ବାଂଶିକୋ ମତଃ ।୫୦।

ବାଂଶିକସ୍ୟାପି ଦୋଷସ୍ତୁ ମୟା ସଂକ୍ଷେପ୍ୟ ଦର୍ଶିତଃ ।
ବିଶେଷଣେ ଜିଜ୍ଞାସାଚେତ୍ତାର୍ହ ସଂଗୀତାର୍ଣ୍ଣବ ଚନ୍ଦ୍ରିକାୟା
ମନ୍ୱେଷଣୀୟଃ ।

ଅନୁବାଦ

ବହୁବାର ମୁଣ୍ଡ ହଲାଇବା, ଯେଉଁ ସ୍ୱର ଯେଉଁଠାରେ ଉଚ୍ଚାରଣ ହେବା ଉଚିତ୍, ତାହାର ଜ୍ଞାନ ନଥିବା ଅଯଥା ପ୍ରୟୋଗ, ଅଳ୍ପ ଗାଇବା ବଜାଇବା ଜାଣିଥିବା, ଏଗୁଡ଼ିକ ବଂଶୀବାଦକର ଦୋଷ ସଂକ୍ଷେପରେ ବର୍ଣ୍ଣନା କରାଗଲା । ବିଶେଷ ଜାଣିବାକୁ ଇଚ୍ଛାଥିଲେ 'ସଂଗୀତାର୍ଣ୍ଣବ ଚନ୍ଦ୍ରିକା' ଦେଖନ୍ତୁ ।

Digitized by srujanika@gmail.com

ଅଥ ଆନଦ୍ଧବାଦ୍ୟନାହ—

ମର୍ଦ୍ଦଳୋ ମୁରଜ ଶ୍ଚୈବ ଢକ୍କା ପଟହ ଗୃଙ୍ଗବଃ ।
ପଣବଃ କୁଣ୍ଡଳୀ ଢେଶ୍ଚ ଘଟବାଦ୍ୟଂ ଚ ଝର୍ଝରଃ ।୫୧।
ଡମରୁ ଷ୍ଟୁମୁକମର୍ନ୍ଦୋ ହୁଡ଼ୁକ୍କୋ ମଡ଼ୁ ଡିଣ୍ଡିମୌ ।
ଉପାଙ୍ଗ ଦର୍ଦ୍ଦୁରବିତ୍ୟାଦିକ ମାନଦ୍ଧମୀରିତମ୍ ।୫୨।

ଆନଦ୍ଧ ବାଦ୍ୟ—

ଅନୁବାଦ

ମର୍ଦ୍ଦଳ, ମୁରଜ, ଢକ୍କା, ପଟହ, ଗୃଙ୍ଗ , ପଣବ, କୁଣ୍ଡଳୀ, ଢେଶ୍ଚ, ଘଟବାଦ୍ୟ, ଝର୍ଝର, ଡମରୁ, ଟୁମୁକ, ମନ୍ଦ, ହୁଡ଼କ୍କ, ମଡ଼ୁ, ଡିଣ୍ଡିମ, ଉପାଙ୍ଗ, ଦର୍ଦ୍ଦୁର ଇତ୍ୟାଦି ବାଦ୍ୟମାନଙ୍କୁ ଆନଦ୍ଧ ବୋଲାଯାଏ ।

ଅଥ ମର୍ଦ୍ଦଳୋପଯୋଗିତ୍ୱାଦର୍ଦ୍ଦୈତନ୍ନବାଙ୍ଗଃ ଗୃହ୍ୟନ୍ତେ—

ମର୍ଦ୍ଦଳର ନବାଙ୍ଗ ଉପଯୋଗୀ—

ରାଗୋ ମେଳାପକୋ ଜାଂଦ୍ଦୌଶ୍ଚ ଚକାରଶ୍ଚ ପାଟକଃ ।
ଗତିଶ୍ଚକତତୈମାନ ଏତଜ୍ ଜ୍ଞାନାଚ୍ଚ ତାଳବିତ୍ ।୫୩।

ଅନୁବାଦ

ରାଗ, ମେଳାପକ, ଜାଂ, ଅର୍ଦ୍ଧ, ପାଟ, ଗତି ଚକାର ଓ ମାନ —ଏଗୁଡ଼ିକ ଜାଣିଲେ ତାଳ ଜ୍ଞାନ ହୁଏ ।

ଆନଦ୍ଧେ ମାର୍ଦ୍ଦଳଃ ଶ୍ରେଷ୍ଠୋ ସତସ୍ତଲ୍ଲକ୍ଷଣଂ ବ୍ରୁବେ ।

—ଆନଦ୍ଧମାନଙ୍କ ମଧ୍ୟରେ ମର୍ଦ୍ଦଳ ଶ୍ରେଷ୍ଠ । ତାହାର ଲକ୍ଷଣ କହୁଯାଉଅଛି ।

ଅଥ ମର୍ଦ୍ଦଳୋପଯୋଗୀ କାଷ୍ଠମାହ—

ମର୍ଦ୍ଦଳଃ ଖାଦିର ଶ୍ରେଷ୍ଠୋ ହୀନଃସ୍ୟାଦନ୍ୟ ଦାରୁଜଃ ।
ରକ୍ତଚନ୍ଦନଜୋ ରମ୍ୟୋ ଗମ୍ଭୀରଧ୍ୱନିରୁଚ୍ଚକୈଃ ।୫୪।

Digitized by srujanika@gmail.com

ମର୍ଦ୍ଦଳ ଲକ୍ଷଣ—

ଅନୁବାଦ

ଖଇର କାଠରେ ତିଆରି ମର୍ଦ୍ଦଳ ଶ୍ରେଷ୍ଠ । ଅନ୍ୟ କାଠରେ ଏହା ହୀନ ଅଟେ । ରକ୍ତଚନ୍ଦନ କାଠରେ ମର୍ଦ୍ଦଳ ପ୍ରସ୍ତୁତ ହେଲେ, ତହିଁରୁ ମନୋହର ଧ୍ୱନି ବାହାରେ ।

ଅଥ ମର୍ଦ୍ଦଳସ୍ୟଦୀର୍ଘାଦ୍ଵ ପ୍ରମାଣମାହ—

ମର୍ଦ୍ଦଳର ଦୈର୍ଘ୍ୟ ପ୍ରମାଣ—

ସାର୍ଦ୍ଧହସ୍ତପ୍ରମାଣଂ ତୁ ଦୈର୍ଘ୍ୟମସ୍ୟ ବିଧୀୟତେ ।
ତ୍ରୟୋଦଶାଙ୍ଗୁଳଂ ବାମମଥବା ଦ୍ୱାଦଶାଙ୍ଗୁଳମ୍ ।
ଦକ୍ଷିଣଂ ଚ ଭବେତ୍‌ହୀନ ମେକେନାର୍ଦ୍ଧାଙ୍ଗୁଳେନ ବା ।୫୫।

ଅନୁବାଦ

ମର୍ଦ୍ଦଳ ଲମ୍ବରେ ଦେଢ଼ହାତ ହେବ । ବାମପାଖ ବାର ଆଙ୍ଗୁଳ କମ୍ବା ତେର ଆଙ୍ଗୁଳ ହେବ । ଦକ୍ଷିଣପଟ ବାମପଟଠାରୁ ଅଧ ଅଙ୍ଗୁଳ ବା ଆଙ୍ଗୁଳେ ଊଣା ହେବ ।

ଅଥ ମର୍ଦ୍ଦଳ ନିର୍ମାଣ ବିଧିମାହ—

ମର୍ଦ୍ଦଳ ନିର୍ମାଣ ବିଧି—

କରଣାନଦ୍ଧବଦନୋ ମଧ୍ୟେ ଚୈବ ପୃଥୁର୍ଭବେତ୍ ।
ଷଣ୍ମାସୀୟୋ ମୃତୋବତ୍ସସ୍ତଚର୍ମ କରଣଂ ମତମ୍ ।୫୭।

ଅନୁବାଦ

ମର୍ଦ୍ଦଳର ମୁଖରେ କରଣ ବାନ୍ଧିବ । ଦୁଇ ମୁହଁଠାରୁ ଏହାର ମଧ୍ୟଭାଗ ମୋଟା ହେବ । ଛ'ମାସର ବାଛୁରିର ମଡା ଚମକୁ କରଣ କୁହାଯାଏ ।

Digitized by srujanika@gmail.com

"ଏତଦ୍ ଗର୍ଭସ୍ଥ ଷଷ୍ଠମାସ ଜନ୍ମାବଧିଗତ୍ୟର୍ଥଃ ।"

ଏହି ଛ'ମାସର ଅର୍ଥ ଗର୍ଭସ୍ଥ ଛ'ମାସ ନୁହେଁ—ଜନ୍ମହେବା ପରେ ଛ'ମାସ ।

ଅଥ ମର୍ଦ୍ଦଳମୁଖଦେୟ ଖରଳ ଲେପମାହ—

ଖରଳ ଲେପ—

ବଭୂତଂ ଗୈରିକଂ ଭକ୍ତଂ କେନ୍ଦୁକେନ ଚ ସଂଯୁତମ୍ ।
ସଦ୍ୱା ଶପିଷ୍ଟକଂ ଦେୟଂ କ୍ଷାରମା ସନ୍ମିଶ୍ରିତମ୍ ।
ସହମେକତ୍ର-ପିଷ୍ଟଂ ତଲ୍ଲେପଃ ଖରଳ ଉଚ୍ୟତେ ।୫୭।

ଅନୁବାଦ

ମର୍ଦ୍ଦଳ ମୁହଁରେ ବୋଳାଯାଉଥିବା ଲେପକୁ (କରଣ) ଖରଳ କୁହାଯାଏ । ପାଉଁଶ, ଗେରୁ, ଭାତ (ଅଭାବରେ ଚୂନା) ହରଡ଼ା ଏକାଠି କରି ଯେଉଁ ଲେପ ଦିଆଯାଏ, ତାର ନାମ ଖରଳୀ ।

"ଅୟଂ ଖରଳଲେପୋ ମର୍ଦ୍ଦଳ-ଦକ୍ଷିଣମୁଖେ ଦେୟଃ ।"

ଅର୍ଥ—ଏହି ଖରଳ ଲେପ ମର୍ଦ୍ଦଳର ଦକ୍ଷିଣ ପଟରେ ଦେବ ।

ଅଥ ମର୍ଦ୍ଦଳ ବାମମୁଖେ ଦେୟ ପୂରିକାମାହ—

ପୂରିକା—

"ବାମାସ୍ୟେ ପୂରିକାଲେପଂ ବାଦନାର୍ଥଂ ବିଚକ୍ଷଣଃ ।"

ଅର୍ଥ—ପୂରିକା ମର୍ଦ୍ଦଳର ବାମ ପାଖରେ ଦିଆଯାଏ । ଏହା ମର୍ଦ୍ଦଳର ସୁନାଦ ନିମିତ୍ତ ବ୍ୟବହୃତ ହୁଏ ।

Digitized by srujanika@gmail.com

"ପରିକାନାମ-ଭକ୍ତଲାଜ ଚିପିଟକାନାମନ୍ୟତମେବ
ଜଲପିଷ୍ଟ 'ଭସ୍ମ ।"

ଅର୍ଥ—ଭାତ, ଲିଆ ବା ଚୁଡ଼ା ଏହି ତିନୋଟି ମଧ୍ୟରୁ ଗୋଟିଏ କୌଣସି ପଦାର୍ଥ ସହିତ ପାଣି ଓ ପାଉଁଶ ମିଶାଇ ଚକଟିଲେ ତାହା ପୂରିକା ହୁଏ ।

ତତଃ ସୂର୍ଯ୍ୟାତପେ ଦଦ୍ଧ୍ୟା ଶୋଷଣାନନ୍ତରଂ ତଥା ।
ଏବଂ ଦ୍ୱାଦଶବାରନ୍ତୁ କୁର୍ଯ୍ୟାଲ୍ଲେପନ ଶୋଷଣେ ।୫୭।

ତତଃ ପ୍ରଭାତ ସମୟେ ଶ୍ରୁତିଃ କାର୍ଯ୍ୟା ମନୋହରା ।
ଚର୍ମଜାଂ ଦ୍ୱିଗୁଣୀ କୃତ୍ୟ ରଜ୍ଜୁଂ ବା ପଟ୍ଟସୂତ୍ରକାମ୍ ।
ବାମେ ଦକ୍ଷେ ମର୍ଦ୍ଦଳସ୍ୟ ସୁଦୃଢ଼ଂ ତୁ ନିବଧ୍ୟ ଚ ।
ବାଦକଃ ସ୍କନ୍ଧମାରୋପ୍ୟ ବାଦୟେତ୍ତ୍ୱର ମାନସଃ ।୫୮ ।

ଅନୁବାଦ

ପୂରିକା ଲେପିସାରି ଖରାରେ ଶୁଖାଇବ ଏବଂ ଥରକୁ ଥର ବାର ଥର ଲେପି ବାରଥର ଶୁଖାଇବ । ଶୁଖିଲା ଉତ୍ତାରୁ ଶ୍ରୁତିର ଭଲମନ୍ଦ ବାଛିବ । ତା'ପରେ ପାଟସୂତା ବା ଚମଡ଼ାର ଦଉଡ଼ି ଦ୍ୱି'ଗୁଣ କରି ବଳି ମର୍ଦ୍ଦଳର ବାମ ଡାହାଣ ଦୁଇପାଖରେ ଦୃଢ଼କରି ବାନ୍ଧି କାନ୍ଧରେ ପକାଇ ପରମେଶ୍ୱରଙ୍କୁ ସ୍ମରଣ କରି ମର୍ଦ୍ଦଳ ବଜାଇବ ।

ମର୍ଦ୍ଦଳର ମାହାତ୍ମ୍ୟ—

ମର୍ଦ୍ଦଳଃ ପ୍ରବରଃ ପ୍ରୋକ୍ତଃ ସର୍ବବାଦ୍ୟୋତ୍ତମୋତ୍ତମଃ ।
ଅସ୍ୟ ସଂଯୋଗମାସାଦ୍ୟ ସର୍ବଂ ବାଦ୍ୟଂ ତୁ ଶୋଭତେ ।

ମର୍ଦ୍ଦଳ ବାଦ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଅନ୍ୟାନ୍ୟ ବାଦ୍ୟ ଏହା ସହିତରେ ଥାଇ ସୁଖପ୍ରଦ ହୁଏ ।

Digitized by srujanika@gmail.com

ଅନ୍ୟେଚ ଭରତାଦ୍ୟୁକ୍ତା ଆନଦ୍ଧା ବାଦ୍ୟଭେଦତଃ ।
ସନ୍ତ୍ୟେବାନର୍ଥବାହୁଲ ଖ୍ୟାତ୍ୟା ତେ ନ ମୟୋଦିତାଃ ।
ଜିଜ୍ଞାସା ଚେତ୍ତଦା ଜ୍ଞେୟା ସଙ୍ଗୀତାର୍ଣ୍ଣବ ଚନ୍ଦ୍ରକା ।୭୦।

ଅନୁବାଦ

ଭରତାଚାର୍ଯ୍ୟ ପ୍ରଭୃତି ମୁନିମାନେ ଏହିପ୍ରକାର ଅନେକ ଆନଦ୍ଧ ବାଦ୍ୟମାନଙ୍କ କଥା କହିଛନ୍ତି । ଅଧିକ ଜାଣିବାର ଇଚ୍ଛାଥିଲେ ସଙ୍ଗୀତାର୍ଣ୍ଣବ-ଚନ୍ଦ୍ରକା ଦେଖନ୍ତୁ ।

ଅଥ ଘନବାଦ୍ୟାନାହ—

ଘନବାଦ୍ୟ—

କରତାଳଃ କାଂସ୍ୟବଳୋ ଜୟଘଣ୍ଟାଥ ଶୁକ୍ତିଦଃ ।
ତାଳଶ୍ଚ ପଟ୍ଟବାଦ୍ୟଂ ଚ ଘଣ୍ଟାତାଦ୍ୟଂ ଚ ଘର୍ଘରମ୍ ।

ଝଂଝାତାଳଶ୍ଚ ମଞ୍ଜୀରଃ କର୍ତ୍ତରୀଙ୍ଗୁର ଏବଚ ।
ଦ୍ୱାଦଶୈତେ ମୁନୀନ୍ଦ୍ରେଣ କଥିତା ଘନସଜ୍ଞକାଃ ।୭୨।

ଅନୁବାଦ

କରତାଳ, କାଂସ୍ୟବଳ, ଜୟଘଣ୍ଟ, ଶୁକ୍ତିଦ, ତାଳ, ପଟ୍ଟବାଦ୍ୟ, ଘଣ୍ଟାତାଦ୍ୟ, ଘର୍ଘର, ଝାଂଞ୍ଜ, ତାଳ, ମଞ୍ଜିଳ, କର୍ତ୍ତରୀ, ଅଙ୍ଗୁର ଏହି ବାରପ୍ରକାର ଘନବାଦ୍ୟ ।

ତତ୍ର ଘନବାଦ୍ୟ ମଧ୍ୟେ ତାଳାନିର୍ମାଣମାହ—

ତାଳବାଦ୍ୟ ନିର୍ମାଣ—

ଷଟ୍ତ୍ରୟୋଦଶ ଯବବ୍ୟାସଂ ବନ୍ଧପିଣ୍ଡଂ ଯବୋନ୍ନତମ୍ ।
ଯବପଞ୍ଚକ-ଗମ୍ଭୀରଂ ମଧ୍ୟେ ଚ ଯବସପ୍ତକମ୍ ।୭୪।

Digitized by srujanika@gmail.com

ପୃଷ୍ଠତୋ ମଧ୍ୟଦେଶେଽପି ଶିବଲିଙ୍ଗ-ସମାକୃତିଃ ।
ମଧ୍ୟେ ଗୁଞ୍ଜାସମଂ ଛିଦ୍ରଂ ଫଟ୍ଟସୂତ୍ରାଦିଗୁମ୍ଫିତମ୍ ।
କାଶ୍ମୀରଜ ସମୁଦ୍ଭୂତଂ ତାଳମାହୁର୍ମନୀଷିଣଃ ।୭୦।

ଅନୁବାଦ

କାଶ୍ମୀର ଦେଶୀୟ ବିଶୁଦ୍ଧ କଂସାରେ ତାଳବାଦ୍ୟ ନିର୍ମାଣ କରିବ । ତାକୁ ଅତ୍ୟନ୍ତ ଆମ୍ବିଳ (ତୋରାଣୀ)ରେ ଥୋଡ଼ା ପାଣିଦେଇ ରଖିବ । ଓସାରରେ ତେର ଜବ ହେବ । ମୁଖପିଣ୍ଡକୁ ଜବେ ପରିମାଣ ଓ ଗମ୍ଭୀର ପାଞ୍ଚଜବ କରିବ । ମଝିରେ ଓସାର ସାତ ଜବ ହେବ, ପୃଷ୍ଠଦେଶର ମଧ୍ୟଭାଗରେ ଶିବଲିଂଗ ଆକୃତିର ଉଚ୍ଚ କରିବ । ତା ମଧ୍ୟରେ କାଇଁଚ ସମାନ ଗୋଟିଏ ରନ୍ଧ୍ର କରିବ । ତା'ଭିତରେ ଗୋଟିଏ ଡୋର ଗଳେଇବ ।

ସୁନାଦଂ ଦକ୍ଷିଣଂ ତାଳଂ ତତୋ ହୀନଂ ଚ ବାମକମ୍ ।
କୁର୍ବୀତ ତଦ୍ଦ୍ୱୟଂ ଧାର୍ଯ୍ୟଂ ତର୍ଜନ୍ୟଙ୍ଗୁଷ୍ଠଯୋଗତଃ ।୭୧।
ବାମହସ୍ତସ୍ଥ ତାଳସ୍ୟ ମଧ୍ୟମଂ ଷଡ଼୍ଜନାମିତମ ।
ତର୍ଯଗ୍‌ଦକ୍ଷିଣ ତାଳସ୍ୟ ପରିଧ୍ୱଂସେନ ତାଡ଼ୟେତ୍ ।
ତାଳାଙ୍ଗୈର୍ବାଦୟେତ୍ତୈବ ପ୍ଲୁତଗୁର୍ବଲଘୁଦ୍ରୁତୈଃ ।୭୨।

ଅନୁବାଦ

ଏହି ତାଳବାଦ୍ୟ (ଝଂଜରି ବା କୁବ୍‌ଜା)ର ମଧୁର ନାଦ ହୁଏ । ଦକ୍ଷିଣ ହାତର କୁବ୍‌ଜାଠାରୁ ବାମହାତର କୁବ୍‌ଜା ଟିକିଏ ସାନ ହେବ । ଦୁଇଟି ଯାକର ଡୋର ବନ୍ଧି ଆଙ୍ଗୁଠିରେ ଧରିବ । ବାମହାତ ତାଳ ମଧ୍ୟମ ସ୍ୱର ଓ ଦକ୍ଷିଣହାତ ତାଳ ଷଡ଼ଜ ସ୍ୱର ହେବ । ତେରଛାଇ କରି ବାମ-ହାତ ତାଳକୁ ଦକ୍ଷିଣହାତ ତାଳ ସହିତ ବଜାଇବ । ପ୍ଲୁତ, ଗୁରୁ, ଲଘୁ ଓ ଦ୍ରୁତ ଇତ୍ୟାଦି ତାଳାଙ୍ଗମାନଙ୍କରେ ବଜାଇବ ।

ନାନ୍ୟେଷାଂ ଘନ-ବାଦ୍ୟାନାଂ ଲକ୍ଷଣଂ ଗଦିତଂ ମୟା ।
ଜିଜ୍ଞାସା ତେଭ୍ୟୋ ଜ୍ଞେୟା ସଙ୍ଗୀତାର୍ଣ୍ଣବ-ଚନ୍ଦ୍ରିକା ।୭୩।

Digitized by srujanika@gmail.com

ଅନୁବାଦ

ଏହିପରି ଅନେକ ତାଳ ଅଛି । ବେଶୀ ଜାଣିବାକୁ ଇଚ୍ଛାଥିଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଅଥ ତତାଦି ବାଦ୍ୟ ଚତୁଷ୍ଟୟସ୍ୟୋତ୍ପତ୍ତି ହେତୁମାହ—

ତତବାଦ୍ୟ ଚାରିଟିର ଉତ୍ପତ୍ତି କାରଣ—

ରୁକ୍ମିଣ୍ୟାଃ ସତ୍ୟଭାମାୟାଃ କାଳିନ୍ଦୀମିତ୍ରବିନ୍ଦୟୋଃ ।
ଜାମ୍ବବତ୍ୟାଃ ନାଗ୍ନଜିତ୍ୟାଃ ଲକ୍ଷ୍ମଣା ଭଦ୍ରୟୋରପି ।୭୦।

କୃଷ୍ଣସ୍ୟାଷ୍ଟ ମହିଷ୍ୟାଶ୍ଚ ପୁରୈବାହ୍ୱ ମହୋତ୍ସବେ ।
ତତଂ ଶୁଷିରମାନଦ୍ଧଂ ଘନଂ ଚ ଯୁଗପତ୍କ୍ୱନାଃ ।
ଅବାଦୟନ୍ନ ଇତ୍ୟେତମିତ୍ତ ପୌରାଣିକ କଥା ।୭୦।

ଅନୁବାଦ

ରୁକ୍ମିଣୀ, ସତ୍ୟଭାମା, କାଳିନ୍ଦୀ, ମିତ୍ରବିନ୍ଦା, ଜାମ୍ବବତୀ, ନାଗ୍ନଜିତି, ଲକ୍ଷ୍ମଣା ଓ ଭଦ୍ରା ଏହି ଆଠଜଣ ମହିଷୀ ଶ୍ରୀକୃଷ୍ଣଙ୍କର ଆନନ୍ଦ ନିମିତ୍ତ ଇନ୍ଦ୍ର ଉତ୍ସବ କରିଥିଲେ । ତହିଁରେ ତତ ଶୁଷିର, ଆନଦ୍ଧ ଓ ଘନ ଏହି ଚାରି ପ୍ରକାର ବାଦ୍ୟକୁ ବହୁ ପରିମାଣରେ ବଜାଇଲେ । ପୁରାଣରେ ଏହିପରି ବାଖ୍ୟାନ ଅଛି ।

ଅଥ ତତାଦି ଚତୁର୍ବିଧ ବାଦ୍ୟାନାଂ ମଧ୍ୟେ କେ କେଷାଂ ତଦାହ—

ଏହି ଚାରିବାଦ୍ୟରୁ କିଏ କେଉଁ ବାଦ୍ୟ ବଜାଉଥିଲେ ?

ତତଂ ବାଦ୍ୟଂତୁ ଦେବାନାଂ ଗନ୍ଧର୍ବାଣାଂ ଚ ଶୌଷିରମ୍ ।
ଆନଦ୍ଧଂ ରାକ୍ଷସାନାଂଚ ମାନବାନାଂ ଘନଂ ବିଦୁଃ ।
ନିଜାବତାରେ ଗୋବିନ୍ଦଃ ସର୍ବମେବାନୟତ୍ କ୍ଷିତୌ ।୭।

Digitized by srujanika@gmail.com

ଅନୁବାଦ

ଦେବତାମାନେ ବୀଣା, ଗନ୍ଧର୍ବମାନେ ଶୁଷିର, ରାକ୍ଷସମାନେ ଆନଦ୍ଧ, ମନୁଷ୍ୟମାନେ ଘନବାଦ୍ୟ ବଜାନ୍ତି । ନିଜେ ଭଗବାନ ଅବତାରରେ ସବୁବାଦ୍ୟ ପୃଥିବୀକୁ ଆଣିଲେ ।

ଅଥ ସର୍ବଜନ ରଞ୍ଜନତ୍ୱମ୍ ନୃତ୍ୟମାହ -

ସର୍ବମନୋରଞ୍ଜକ ନୃତ୍ୟ -

ଯୋ ଯସ୍ୟ ବସ୍ତୁତୋଭାବଃ ସ ତଂ ନାଟ୍ୟେ ନିରୀକ୍ଷତେ ।
ଅତଃ ସର୍ବମନୋହାରି ନାଟ୍ୟ କସ୍ୟ ନ ରଞ୍ଜକମ୍ ।୭୨।

ତନ୍ନାଟ୍ୟ ନୃତ୍ୟନୃତ୍ତାନି ଶମ୍ଭୋରଗ୍ରେ ପ୍ରଯୁକ୍ତବାନ୍ ।
ଜ୍ଞାତ୍ୱା ଚତୁର୍ମୁଖ-ମୁଖାତ୍ ଭରତୋ ହି ମୁନୀଶ୍ୱରଃ ।୭୩।

ଅନୁବାଦ

ଯାହାର ଯେଉଁକଥା ପ୍ରିୟ ସେ ତାହାକୁ ନାଟ୍ୟରେ ଦେଖେ । ତେଣୁ ସର୍ବଜନ ମନୋହାରୀ ନାଟ୍ୟ କାହାର ମନୋହରଣ ନକରେ ? ମୁନିଶ୍ରେଷ୍ଠ ଭରତ ବ୍ରହ୍ମାଙ୍କଠାରୁ ଶିଖି ମହାଦେବଙ୍କ ଆଗରେ ନାଟ୍ୟ, ନୃତ୍ୟ ଓ ନୃତ୍ତ ପ୍ରଦର୍ଶନ କରିଥିଲେ ।

ତତ୍ର ନୃତ୍ୟ ଲକ୍ଷଣମାହ—

ନୃତ୍ୟ ଲକ୍ଷଣ—

ଦେଶରୀତ୍ୟା ପ୍ରତିତୋ ଯତ୍ତାଳ ମାନ ଲୟାଶ୍ରିତଃ ।
ସବିଳାସାଙ୍ଗ-ବିକ୍ଷେପୋ ନୃତ୍ୟମିତ୍ୟୁଚ୍ୟତେ ବୁଧୈଃ ।୭୪।

Digitized by srujanika@gmail.com

ଅନୁବାଦ

ତାଳ, ମନ ଓ ଲୟ ବିଳାସ ସହିତ (ଶୃଙ୍ଗାର ପ୍ରଭୃତି ରସର ଅଭିବ୍ୟକ୍ତି ସହିତ) ଦେଶଗତି ଅନୁସାରେ ନୃତ୍ୟ ସାଧନ କରାଯାଏ ।

ବିଳାସୋ ଯଥା—

ନାୟିକାଲୋକନାଦୌ ତୁ ବିଶେଷାଦ୍ଧି କ୍ରିୟାସୁ ଯଃ ।
ଶୃଙ୍ଗାର-ଚେଷ୍ଟାସହିତୋ ବିଳାସଃ ସ ନିଗଦ୍ୟତେ ।୨୫।

ଅନୁବାଦ

ନାୟକ ଦର୍ଶନରେ (ନାୟକର ମନୋରଞ୍ଜନ ନିମିତ୍ତ) ଶୃଙ୍ଗାର ଚେଷ୍ଟା ସହିତ ଯେଉଁ କ୍ରିୟା ତାହାକୁ ବିଳାସ କହନ୍ତି ।

ଅଥ ନୃତ୍ୟାଦୌ ଗାୟନାବଶ୍ୟକ କର୍ତ୍ତବ୍ୟତାମାହ—

ନୃତ୍ୟ ପ୍ରାରମ୍ଭରେ ଗାୟନର ଆବଶ୍ୟକତା—

ଯୋ ଗୀତ ବ୍ୟତିରେକେଣ କୁର୍ଯାଦଭିନୟଂ ନରଃ ।
ଭ୍ରୂଣହା ଜାୟତେ ତେନ ମହାନିରୟ ମୃଚ୍ଛତି ।
ତସ୍ମାଦାଦୌ ପ୍ରଯତ୍ନେନ କୁର୍ଯାଦ୍‌ଗୀତବିଧିଂ ସୁଧୀଃ ।୨୬।

ଅନୁବାଦ

ନୃତ୍ୟର ପ୍ରାରମ୍ଭରେ ଗୀତ ଗାଇବା ଆବଶ୍ୟକ । ଯେ ଗୀତ ନ ଗାଇ ଅଭିନୟ କରେ, ସେ ଭ୍ରୂଣହତ୍ୟା ଦୋଷୀ ହୋଇ ନର୍କଗାମୀ ହୁଏ । ତେଣୁ ପଣ୍ଡିତମାନେ ନୃତ୍ୟ ଆଗରେ ଗୀତର ବିଧାନ କରିଛନ୍ତି ।

ଅଥ ନୃତ୍ୟସ୍ୟ ମହିମାନମାହ—

ନୃତ୍ୟମହିମା—

ଯୋ ନୃତ୍ୟତି ପ୍ରହୃଷ୍ଟାତ୍ମା ସର୍ବୈର୍ବହୁ ସୁଭକ୍ତିତଃ ।
ସନିର୍ଦ୍ଦହତି ପାପାନି ମନ୍ୱନ୍ତର ଶତେଷ୍ୱପି ।୨୭।

Digitized by srujanika@gmail.com

ଅନୁବାଦ

ଭକ୍ତ ଭାବାପନ୍ନ ହୋଇଯେ ଆନନ୍ଦରେ ନୃତ୍ୟକରେ, ତାହାର ଶତ ମନ୍ୱନ୍ତରର ପାପ କ୍ଷୟ ହୁଏ ।

ପୁରାଣାନ୍ତରେଽପି ନୃତ୍ୟସ୍ୟ ମହିମାନମାହ –

ପୁରାଣାନ୍ତରେ ନୃତ୍ୟ ମହିମା—

ନୃତ୍ୟତାଂ ଶ୍ରୀପତେରଗ୍ରେ ତାଳକାବାଦନୈର୍ଭୃଶମ୍ ।
ଉଡ୍ଡୀୟନ୍ତେ ଶରୀରସ୍ଥାଃ ସର୍ବେ ପାତକ-ପକ୍ଷିଣଃ ।୨୮।

ଅନୁବାଦ

ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ତାଳ ବଜାଇ ଯେଉଁମାନେ ନୃତ୍ୟ କରନ୍ତି, ତାଙ୍କ ଶରୀରରୁ ପାତକ, ପକ୍ଷୀଭଳି ଉଡ଼ିଯାଏ ।

ଅଥ ନୃତ୍ତସ୍ୟ ଭେଦଦ୍ୱୟମାହ—

ନୃତ୍ୟର ଦୁଇଟି ଭେଦ—

ତାଣ୍ଡବଂ ଲାସ୍ୟମିତ୍ୟେତନ୍ନୃତ୍ୟ ଦ୍ୱିଧା ନିଗଦ୍ୟତେ ।
ପୁଂ ନୃତ୍ୟଂ ତାଣ୍ଡବଂ ନାମ ସ୍ତ୍ରୀ ନୃତ୍ୟଂ ଲାସ୍ୟମୁଚ୍ୟତେ ।୨୯।

ଅର୍ଥ – ପୁରୁଷ ନୃତ୍ୟର ନାମ ତାଣ୍ଡବ ଓ ସ୍ତ୍ରୀ ନୃତ୍ୟର ନାମ ଲାସ୍ୟ । ଏହିପରି ନୃତ୍ୟର ଦୁଇଟି ଭେଦ ।

ଅଥ ତାଣ୍ଡବସ୍ୟାପି ଭେଦଦ୍ୱୟମାହ –

ତାଣ୍ଡବର ଦୁଇଟିଭେଦ –

ପ୍ରେରଣୀ ବହୁରୂପଂ ଚ ତାଣ୍ଡବଂ ଦ୍ୱିବିଧଂ ମତମ୍ ।

ଅର୍ଥ—ପ୍ରେରଣୀ ଓ ବହୁରୂପ ଏହା ତାଣ୍ଡବର ଦୁଇଟି ଭେଦ ।

Digitized by srujanika@gmail.com

ଅଥ ପ୍ରେରଣୀ ଲକ୍ଷଣମାହ —

ଅଙ୍ଗବିକ୍ଷେପ ବାହୁଲ୍ୟଂ ତଥାଽଭିନୟଶୂନ୍ୟତା ।
ଯତ୍ର ସା ପ୍ରେରଣୀ ତସ୍ୟାଃ ସଂଜ୍ଞା ଜ୍ଞେୟା ବିଚକ୍ଷଣୈଃ ।୮୦।

ଅନୁବାଦ

ଅର୍ଥ—ଅଭିନୟ ଶୂନ୍ୟ, କେବଳ ଅଙ୍ଗ ବିକ୍ଷେପ ନୃତ୍ୟର ନାମ ପ୍ରେରଣୀ ।

ଅଥ ବହୁରୂପ ଲକ୍ଷଣମାହ—

ବହୁରୂପ ଲକ୍ଷଣ—

ଛେଦନଂ ଭେଦନଂ ଯତ୍ର ବହୁରୂପାମୁଖାବଳୀ ।
ତାଣ୍ଡବ ବହୁରୂପଂତଦ୍‌ବାରୁଣୀ ଗତ ମୂଦ୍ଧତମ୍ ।୮୧।

ଅନୁବାଦ

ଯେଉଁ ପୁରୁଷ ନୃତ୍ୟରେ ଛେଦନ, ଭେଦନ କରିବାର ଭଙ୍ଗୀ ଇତ୍ୟାଦି ଓ ନାନାପ୍ରକାର ମୁଖଭଂଗୀ ପ୍ରଦର୍ଶିତ ହୁଏ, ତାହାକୁ ବହୁରୂପ କୁହନ୍ତି । ମଦିରା ପାନରେ ଉଦ୍ଧତ ହୋଇପରି ବହୁରୂପ ନର୍ତ୍ତକ ନୃତ୍ୟ କରେ ।

ଅଥ ଲାସ୍ୟମାହ —

ଲାସ୍ୟଂ ତୁ ସୁକୁମାରାଙ୍ଗମ୍ ମକରଧ୍ୱଜବର୍ଦ୍ଧନମ୍ ।

ଅନୁବାଦ

ଲାସ୍ୟ-ସୁକୁମାର ନୃତ୍ୟ (ସ୍ତ୍ରୀଲୋକମାନଙ୍କର ନୃତ୍ୟ) । ଏହା ମକରଧ୍ୱଜ ଅର୍ଥାତ୍ କନ୍ଦର୍ପରସ ବର୍ଦ୍ଧକ ।

Digitized by srujanika@gmail.com

ଅଥ ଲାସ୍ୟସ୍ୟାପି ଭେଦଦ୍ୱୟମାହ—

ଲାସ୍ୟର ଦୁଇ ଭେଦ—

ସ୍ଫୁରିତଂ ଯୌବତଂ ଚେତି ଲାସ୍ୟଂ ଦ୍ୱିବିଧମୁଚ୍ୟତେ ।୮୨।

ଅନୁବାଦ

(୧) ସ୍ଫୁରିତ ଓ (୨) ଯୌବତ ଲାସ୍ୟର ଦୁଇଟି ଭେଦ ।

ଅଥ ସ୍ଫୁରିତ ଲକ୍ଷଣମାହ—

ଯତ୍ରାନ୍ୟୋନ୍ୟଂ ଭବେଦ୍ଭାବୈ ରସୈରାଶ୍ଳେଷ-ଚୁମ୍ବନୈଃ ।
ନାୟିକା-ନାୟକୌ ଯତ୍ର ନୃତ୍ୟତଃ ସ୍ଫୁରିତଂ ହି ତତ୍ ।୮୩।

ଏଥିରେ ନାୟକ ଓ ନାୟିକା ନୃତ୍ୟ କରନ୍ତି । ରସ ଏବଂ ଭାବ, ଆଲିଙ୍ଗନ ଓ ଚୁମ୍ବନ ଇତ୍ୟାଦି ଏଥିରେ ପ୍ରଦର୍ଶିତ ହୁଏ ।

ଅଥ ଯୌବତଲାସ୍ୟ ଲକ୍ଷଣମାହ—

ଯୌବତ-ଲାସ୍ୟ ଲକ୍ଷଣ—

ମଧୁରୋଦ୍ଧତଲୀଳାଭିର୍ନର୍ତ୍ତକୀ ଭର୍ଯତ୍ର ନୃତ୍ୟତେ ।
ବଶୀକରଣବିଦ୍ୟାଭଂ ତଲ୍ଲାସ୍ୟଂ ଯୌବତଂ ମତମ୍ ।୮୪।

ଅନୁବାଦ

ଯେଉଁ ନୃତ୍ୟରେ ନଟୀ (ନର୍ତ୍ତକୀ) ମନୋହର ଭାବରେ ଦର୍ଶକଙ୍କୁ ବଶ କଲାପରି (ବଶୀକରଣ ବିଦ୍ୟାପ୍ରୟୋଗ କଲାଭଳି) ନୃତ୍ୟ କରନ୍ତି, ତାହାକୁ ଯୌବତ ଲାସ୍ୟ ନୃତ୍ୟ କୁହନ୍ତି ।

ଅଥ ନୃତ୍ୟପ୍ରବର୍ତ୍ତନ କ୍ରମମାହ—

ନୃତ୍ୟ ପ୍ରବର୍ତ୍ତନ କ୍ରମ—

ଗେୟାଦୁତ୍ତିଷ୍ଠତେ ବାଦ୍ୟଂ ବାଦ୍ୟାଦୁତ୍ତିଷ୍ଠତେ ଲୟଃ ।
ଲୟ ତାଳ ସମାରବ୍ଧଂ ତତୋ ନୃତ୍ୟଂ ପ୍ରବର୍ତ୍ତତେ ।୮୫।

Digitized by srujanika@gmail.com

ଅନୁବାଦ

ଗୀତରୁ ବାଦ୍ୟ, ବାଦ୍ୟରୁ ଲୟ, ଲୟରୁ ତାଳ ଜାତ ହୋଇ ନୃତ୍ୟ ପ୍ରବର୍ତ୍ତେ ।

କାଷ୍ଠି ନୃତ୍ୟମାହ—

ଅଥ କାଷ୍ଠି ନୃତ୍ୟ—

ଅଷ୍ଟାଭିର୍ଗୋପନାରୀଭିରଷ୍ଟଭିଃ କୃଷ୍ଣମୂର୍ତ୍ତିଭିଃ ।
କାଷ୍ଠୀନୃତ୍ୟଂ ପ୍ରଭବନ୍ତ କୃତସ୍ୱସ୍ତିକ ମଣ୍ଡଳମ୍ ।୮୭।

ଅନୁବାଦ

ସ୍ୱସ୍ତିକ ମଣ୍ଡଳରେ ଆଠଜଣ ଗୋପୀ ଏବଂ ଆଠଜଣ ଗୋପୀ ଏବଂ ଆଠଜଣ କୃଷ୍ଣମୂର୍ତ୍ତି ଘେନ ଯେଉଁ ନୃତ୍ୟ ହୁଏ-ତାକୁ କାଷ୍ଠୀ-ନୃତ୍ୟ କୁହନ୍ତି ।

ଅଥ ଜାକଡ଼ି ନୃତ୍ୟ ଲକ୍ଷଣମାହ—

ଜାକଡ଼ି ନୃତ୍ୟ—

ପିଚ୍ଛଗୁଚ୍ଛକରୌ 'ପାନମତ୍ତୌ' ଗୀତ୍ୱା ସ୍ୱଭାଷୟା ।
ତୁରୁଷ୍କୌ ନୃତ୍ୟତେ ଯତ୍ର ତଂ ନୃତ୍ୟଂ ଜାକଡ଼ୀତି ଚ ।୮୮।

ଅନୁବାଦ

ଦୁଇହାତରେ ଦୁଇଗୋଛା ମୟୂର ପୁଚ୍ଛଥିବ । ମଦ୍ୟର ପାନରେ ଉନ୍ମତ୍ତ ହୋଇଥିବ, ନିଜ ଭାଷାରେ ଗୀତ ଗାଉଥିବ । (ଅର୍ଥାତ୍ ତୁରୁଷ୍କ ଭାଷାରେ ଗାଉଥିବେ-ଦୁଇଜଣ ତୁରୁଷ୍କ ନୃତ୍ୟ କରୁଥିବେ) ଏହା ଜାକଡ଼ୀ-ନୃତ୍ୟ ।

Digitized by srujanika@gmail.com

ଅଥଶାବରୀ ନୃତ୍ୟମାହ—

ଶାବରୀ ନୃତ୍ୟ—

ନୃତ୍ୟନ୍ତ ଶବର ଯତ୍ର ଗାୟନ୍ତୋ ନିଜଭାଷୟା ।
ତଦ୍ଧିଦଂ ଶାବରୀନୃତ୍ୟମିତ୍ୟାହୁ ନୃତ୍ୟକୋବିଦାଃ ।୮୯।

ଅନୁବାଦ

ଯେଉଁ ନୃତ୍ୟରେ ଶବରମାନେ ତାଙ୍କ ନିଜ ଭାଷାରେ ଗୀତଗାଇ ନାଚ କରନ୍ତି—ତାକୁ ଶାବରୀ ନୃତ୍ୟ କୁହନ୍ତି ।

ଅଥ କୁରଞ୍ଜି ନୃତ୍ୟମାହ—

କୁରୁଞ୍ଜି ନୃତ୍ୟ—

ଶାବରୀବେଶୟୋ ଗୁଞ୍ଜାପୁଞ୍ଜ ଭୂଷଣୟୋଃ ସ୍ତ୍ରିୟୋଃ ।
ନୃତ୍ୟ କୁରଞ୍ଜୀତି ବଦୁର୍ଗାୟନ୍ତ୍ୟୋଷ୍ଟ ସ୍ୱଭାବତଃ ।୯୦ ।

ଅନୁବାଦ

ଦୁଇଜଣ ସ୍ତ୍ରୀ ଶବରୀ ବେଶହୋଇ କାଇଞ୍ଚମାଳ ବେକରେ ପକାଇ ଗାଆନ୍ତି ଏବଂ ନାଚନ୍ତି ତାକୁ କୁରଞ୍ଜି ନୃତ୍ୟ କୁହନ୍ତି ।

ଅଥ ମତ୍ତାବଳୀ ନୃତ୍ୟମାହ—

ମତ୍ତାବଳୀ ନୃତ୍ୟ—

ମତ୍ତନାଂ ଚ ତୁରୁଷ୍କାଣାମପେୟା ସ୍ୱାଦନାନ୍ତରମ୍ ।
ଯଃ ପ୍ରକାର ସ୍ତେନ ନୃତ୍ୟଂ ବଦୁର୍ମତ୍ତବଳୀଂ ବୁଧାଃ ।୯୧।

ଅନୁବାଦ

ତୁରୁଷ୍କମାନେ ମଦ୍ୟପାନରେ ମତ୍ତ ହୋଇ ଯେଉଁ ନୃତ୍ୟ କରନ୍ତି । ପଣ୍ଡିତମାନେ ତାକୁ ମତ୍ତାବଳୀ ନୃତ୍ୟ କୁହନ୍ତି ।

Digitized by srujanika@gmail.com

ଯସ୍ମିନ୍ ଦେଶେ ଚ ଯା ରୀତିର୍ଯା ଚ ଭାଷା ମନୋହରା ।
ତସ୍ମାତି ନୃତ୍ୟଂ ଭବତି ପ୍ରଭୂଣାଂ ଚିତ୍ତରଞ୍ଜକମ୍ ।୯୨।

ଅନୁବାଦ

ଦେଶ ରୀତି, ବେଶ, ଭାଷା ଅନୁସାରେ ନୃତ୍ୟ କଲେ, ତାହା ମନୋରଞ୍ଜକ ହୁଏ ।

ବିବିଧା ଯାନି ନୃତ୍ୟାନି ନାଟ୍ୟଭେଦାନି ସନ୍ତି ଚ ।
ତାନି ତାନି ପ୍ରମାଣାନି ମୟାନୋକ୍ତାନ୍ୟତୋଽଧିକା ।
ଯେଷାଂ ତୁ ଦୃଶ୍ୟା ଜିଜ୍ଞାସା ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ।୯୩।

ଅନୁବାଦ

ଅନ୍ୟାନ୍ୟ ଯେତେ ପ୍ରକାର ନୃତ୍ୟ ଅଛି, ସେଗୁଡ଼ିକର ପ୍ରମାଣ ଏଥିରେ କୁହାଯାଇନାହିଁ । ଅଧିକ ଜାଣିବାର ଇଚ୍ଛା-ଥିଲେ "ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା" ଦେଖନ୍ତୁ ।

ନାଟ୍ୟଶାଳା ନିରୂପଣଂ ତୁ ବହୁତ୍ୱାନ୍ମୟା ନ ଲିଖିତମ୍ ।
ତତ୍ର ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାୟାମସ୍ତି । ଜିଜ୍ଞାସୁଭିସ୍ତତୋଜ୍ଞେୟମ୍ ।
କୋହଳାଦ୍ୟୁକ୍ତ ମାର୍ଗେଣ ଶାଳାନିର୍ମାଣମାଚରେତ୍ ।।

ଅର୍ଥ—ନାଟ୍ୟଶାଳା ନିରୂପଣ ସମ୍ବନ୍ଧରେ ଗ୍ରନ୍ଥ ବାହୁଲ୍ୟ ଭୟରେ ବିଶେଷ କିଛି ଲେଖାଯାଇ ନାହିଁ । ଅନୁସନ୍ଧିତ୍ସୁ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖିଲେ ଜାଣିପାରିବ ।

କୋହଳଙ୍କ ନିର୍ଦ୍ଦେଶ ଅନୁସାରେ ନାଟ୍ୟଶାଳା ନିର୍ମାଣ କରିବ ।

ଅଥ ସଭା ନିବେଶନ ବିଧିମାହ—

ସଭା ନିବେଶନ ବିଧି—

ସଭାପ୍ତିଃ ପୂର୍ବଦିଗ୍‌ଭାଗେ କାରୟେନ୍ନୃତ୍ୟମଣ୍ଡପମ୍ ।
ସର୍ବୋପକରଣୈର୍ଯୁକ୍ତୌ ବିଶେଦ୍ୟତ୍ର ମହୀପତିଃ ।୯୪।

Digitized by srujanika@gmail.com

ଅନୁବାଦ

ନୃତ୍ୟସଭାର ପୂର୍ବଦିଗରେ ରାଜମଣ୍ଡପ ପ୍ରସ୍ତୁତ ହେବ । ସେଠାରେ ଉପକରଣ ସହିତ ରାଜା କରିବେ ।

ପୂର୍ବେ ଭୂପସ୍ୟ ବିପ୍ରାଶ୍ଚ ମଣ୍ଡପସ୍ୟ ଚ ଦକ୍ଷିଣେ ।
ଅମାତ୍ୟା ରାଜ ପୁତ୍ରାଶ୍ଚ ଦ୍ୟୁତ୍ତରଂ ଭିତ୍ତିମାଶ୍ରିତାଃ ।୯୫।

ଅନୁବାଦ

ମଣ୍ଡପର ଦକ୍ଷିଣରେ ରାଜାଙ୍କ ପୂର୍ବରେ ବ୍ରାହ୍ମଣମାନେ ବସିବେ । ଉତ୍ତର ପଟରେ ମନ୍ତ୍ରୀ ଓ ରାଜପୁତ୍ରମାନେ ବସିବେ ।

ପୂର୍ବେଭାଗେ ନରପତେ ର୍ବେଶ୍ୟାଃସ୍ୟୁର୍ଭିତ୍ତିମାଶ୍ରିତାଃ ।
ବନ୍ଦିନଃ କବୟୋଽନ୍ୟେବ କଳାନାଟ୍ୟଜ୍ଞୋଽପି ଚ ।୯୬।

ଅନୁବାଦ

ରାଜାଙ୍କ ସମ୍ମୁଖରେ ବେଶ୍ୟାମାନେ, ଭାଟମାନେ, କବିମାନେ, ଚୌଷଠି କାମକଳା ଜାଣିଥିବା ଲୋକମାନେ ଓ ନୃତ୍ୟଜ୍ଞାନଥିବା ଲୋକମାନେ ବସିଥିବେ ।

ନାଟ୍ୟଧାମ୍ନୋ ବହିର୍ଯୌଧମୁଖ୍ୟାସ୍ତିଷ୍ଠନ୍ତୁ ଶସ୍ତ୍ରିଣଃ ।
ରାଜ୍ଞୋଽଙ୍ଗରକ୍ଷା ଚୈତୈଃ କାର୍ଯ୍ୟା ଯାବନ୍ନାଟକଦର୍ଶନମ୍ ।୯୬।

ଅନୁବାଦ

ରାଜା ବସିଥିବା ପର୍ଯ୍ୟନ୍ତ ନୃତ୍ୟଶାଳାର ବାହାରେ ପ୍ରଧାନ ଯୋଦ୍ଧାମାନେ ଶସ୍ତ୍ର ଧାରଣକରି ରାଜଅଙ୍ଗ ରକ୍ଷା ନିମିତ୍ତ ବେଢ଼ି ରହିଥିବେ ।

ଚଣ୍ଡୋଛାର୍ଯାଃ ପ୍ରଯତ୍ନେନ ଅବଜ୍ଞାଧାଶ୍ଚ ଶସ୍ତ୍ରିଣଃ ।
ତଥା ମ୍ଲେଛାଃ ଗ୍ରାମବସ୍ତ୍ରତଥା ପାଷାଣ୍ଡ-ଧର୍ମିଣଃ ।୯୭।

Digitized by srujanika@gmail.com

ଅନୁବାଦ

ନୃତ୍ୟଶାଳାରୁ ଶସ୍ତ୍ରଧର ନଜାଣିଥିବା ଲୋକ, ମ୍ଳେଚ୍ଛ, ପାମର ଓ ଓ ପାଷାଣ୍ଡମାନଙ୍କୁ ଯତ୍ନରେ ବାହାର କରିଦେବ ।

ଅଥ ସଭ୍ୟ ସଦ୍‌ଜନାନାଂ ଲକ୍ଷଣମାହ—

ସଭ୍ୟସଦ୍‌ଜନ ଲକ୍ଷଣ—

ରାଜାଜ୍ଞୟା ସର୍ବଏବୋପବିଷ୍ଟାଃ ସ୍ୟୁଃ ସଭ୍ୟସଦଃ ।
ମଧ୍ୟସ୍ଥାଃ ସାବଧାନାଶ୍ଚ ବାଗ୍ମିନୋ ନ୍ୟାୟବର୍ତ୍ତିନଃ ।୧୮।
ଅଗର୍ବା ରସଭାବଜ୍ଞା ସ୍ତୋର୍ଯ୍ୟତ୍ରିତୟ କୋବିଦାଃ ।
ତୃଟିତାଽତୃଟିତାଽଭିଜ୍ଞା ଅସଦାଦି ନିଷେଧକାଃ ।
ସାନନ୍ଦା ରସଭାବଜ୍ଞାଃ ଗୁଣିନଃ ସ୍ୟୁଃ ସଭାସଦଃ ।୧୯।

ଅନୁବାଦ

ସଭ୍ୟସଦ୍‌ବର୍ଗ ରାଜା ଦେଶପାଇ ସଭାରେ ବସିବେ । ସେମାନେ ମଧ୍ୟସ୍ଥ ହେବେ, ବୁଦ୍ଧି ଦେବେ, ବକ୍ତୃତ କହିପାରୁଥିବେ । ନ୍ୟାୟ ଜାଣିଥିବେ । ରସ, ଭାବ, ଗୀତ, ବାଦ୍ୟ ଓ ନୃତ୍ୟପଣ୍ଡିତ ହୋଇଥିବେ । ବିଷୟର ଶେଷ ନିଷ୍ପତ୍ତି ଜ୍ଞାନ ଥିବ । ଅସାର ବିଷୟରୁ ନିବର୍ତ୍ତାଇ ପାରୁଥିବେ । ଗୁଣବନ୍ତ ହୋଇଥିବେ, ଗର୍ବୀ ହୋଇ ନଥିବେ—ଏଗୁଡ଼ିକ ସଭ୍ୟସଦ୍‌ଜନଙ୍କ ଲକ୍ଷଣ ।

ରୋଗିଭିର୍ବଧିରୈରନ୍ଧୈର୍ନ ଗନ୍ତବ୍ୟା ସଭାସ୍ଥଳୀ ।
—ରୋଗୀ, ବଧିର, କାଲ, ଅନ୍ଧମାନେ ସଭାକୁ ଯିବାକୁ ମନା ।

ଅଥ ନୃତ୍ୟେସ୍ତ୍ରିୟ ଏବ ପ୍ରଧାନ ପାତ୍ରମିତି ଦର୍ଶୟିତୁମାହ—

ନୃତ୍ୟରେ ସ୍ତ୍ରୀମାନେ ପ୍ରଧାନ ପାତ୍ର—

ରସସ୍ୟ ଚ ସ୍ତ୍ରିୟୋ ମୂଳମାତ୍ର ଯୌବନ- ବିଭ୍ରମାଃ ।
ତସ୍ମାନ୍ନୃତ୍ୟେଷୁ ପାତ୍ରାଣି ସ୍ତ୍ରିୟଃ କାର୍ଯ୍ୟାଃ ପ୍ରଯତ୍ନତଃ ।

Digitized by srujanika@gmail.com

ଅର୍ଥ—ଯୁବତୀ ସ୍ତ୍ରୀମାନେ ରସର ମୂଳ । ଏଣୁ ସେମାନଙ୍କୁ ଆଦରରେ ନୃତ୍ୟ ପାଠ କରିବ ।

ଯତଃ—ପୁଂଭିଃ ପ୍ରଯୁକ୍ତାଙ୍ଗହାରା ନ ଶୋଭନ୍ତେ କଦାଚନ ।
ସହଜାନ୍ୟାହେପିତଯୋଃ ସହଜସ୍ତୁ ବଶିଷ୍ୟତେ ।୧୦୦।

ଅର୍ଥ—ଯେଣୁ ଅଙ୍ଗହାର ପୁରୁଷମାନଙ୍କୁ ଶୋଭାପାଏ ନାହିଁ, ଏହା ସ୍ତ୍ରୀମାନଙ୍କ ପକ୍ଷରେ ସହଜ ଏବଂ ଆରୋପିତ ଗୁଣ ମଧ୍ୟରେ ସହଜଗୁଣ (ସ୍ୱଭାବଜ ଗୁଣ) ଶ୍ରେଷ୍ଠ ଅଟେ ।

ଅଥ ନର୍ତ୍ତକୀସ୍ତ୍ରୀଣାଂ ଲକ୍ଷଣମାହ—

ନର୍ତ୍ତକୀ ସ୍ତ୍ରୀମାନଙ୍କ ଲକ୍ଷଣ—

ନାତି ଦୀର୍ଘୋ ନ ଖର୍ବା ଚ ସୁପକ୍ଷ୍ମା ଚ ସୁଲୋଚନା ।
ସର୍ବାଙ୍ଗ-ସୁଭଗା ସ୍ଥୂଳ-ନିତମ୍ବଜଘନସ୍ତନା ।
ଲୟମାନ ସମାଯୁକ୍ତା ଯନ୍ତ-ତାଳଗ୍ରହୋତ୍ତମା ।
କନ୍ୟାସରଭସା ପୂର୍ଣ୍ଣା ନର୍ତ୍ତକୀ ସମୁଦାହୃତା ।୧୦୧।

ଅନୁବାଦ

ବେଶୀ ଡେଙ୍ଗୀ ହୋଇ ନଥିବ, କମ୍ପା ଗେଡ଼ୀହୋଇ ନଥିବ, ସୁନୟନା, ଆଖିପତା ବାଳ ସରୁ ହୋଇଥିବ ସର୍ବାଙ୍ଗ ସୁନ୍ଦର ହୋଇଥିବ, ନିତମ୍ବ, ଜଘନ ଏବଂ ସ୍ତନ ସୁନ୍ଦର ଥିବ, ଲୟ-ମାନ-ଜନ୍ତ ତାଳ ଓ ଗ୍ରହ ଉତ୍ତମ ରୂପେ ଜାଣିଥିବ, ହର୍ଷଯୁକ୍ତା କନ୍ୟା ହୋଇଥିବ, ପୂର୍ଣ୍ଣବୟସ୍କା ହୋଇଥିବ—ଏମାନେ ନୃତ୍ୟପାଇଁ ଯୋଗ୍ୟ ପାତ୍ରୀ ।

ଦଶବର୍ଷା ଭବେତ୍କନ୍ୟା ଇତି ଶ୍ରୁତି ବାକ୍ୟମସ୍ତି ।

ଅର୍ଥ—ଶ୍ରୁତିବାକ୍ୟ ଅନୁସାରେ ଦଶବର୍ଷ ବୟସ୍କାକୁ କନ୍ୟା କୁହାଯାଏ ।

Digitized by srujanika@gmail.com

ଅଥ ନୃତ୍ୟାଯୋଗ୍ୟ ସ୍ତ୍ରୀ ଲକ୍ଷଣମାହ—

ନୃତ୍ୟର ଅଯୋଗ୍ୟ ସ୍ତ୍ରୀ ଲକ୍ଷଣ—

ଅତ୍ୟୁଚ୍ଚା, ବାମନା, ସ୍ଥୂଳା, କୃଶାଙ୍ଗୀ, ଦନ୍ତୁରାନନା ।
ହୀନସ୍ତନୀ ଚ ପୀତାକ୍ଷୀ ଗୃଷ୍ଟୋ ତା ନୃତ୍ୟବର୍ଜିତାଃ ।୧୦୨।

ଅନୁବାଦ

ଡେଙ୍ଗୀ, ବାଙ୍ଗରୀ, ମୋଟୀ, ପାତଳୀ, ଦାନ୍ତୁରୀ, ହୀନସ୍ତନୀ, ଚଳାଆଖି ଅଳସେଇ—ଏହି ଆଠପ୍ରକାର ସ୍ତ୍ରୀ, ନୃତ୍ୟର ଅଯୋଗ୍ୟା ।

ଏତଲ୍ଲକ୍ଷଣ ବିଶେଷସ୍ତୁ ବହୁତ୍ୱାଦୁପେକ୍ଷିତୋ । ଯେ ତୁ ଜିଜ୍ଞାସାବନ୍ତେ
ପୂନଃ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଜାନନ୍ତୁ ।

ଅର୍ଥ—ଏହାନ୍ତଡ଼ା ଅନେକ ଲକ୍ଷଣ ଅଛି । ଜାଣିବାର ଇଚ୍ଛାଥିଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଅଥ ଜର୍ଜରପୂଜାବିଧିମାହ—

ଜର୍ଜରପୂଜାବିଧି—

ପଞ୍ଚପର୍ବଯୁତୋ ବଂଶୋ ଜର୍ଜରଃ ପରିକୀର୍ତ୍ତିତଃ ।
ଊର୍ଦ୍ଧ୍ୱପର୍ବଣୀ ଶୁକ୍ଳଃ ସ୍ୟାତ୍ତଦଧୋ ନୀଳବର୍ଣ୍ଣକଃ ।୧୦୩।

ତତଃ ପୀତସ୍ତତୋ ରକ୍ତଃ ଚିତ୍ରବର୍ଣ୍ଣସ୍ତତଃ ପରମ୍ ।
ସର୍ବବର୍ଣ୍ଣ-ପତାକାଭିଃ ସର୍ବତଃ ସମଲଂକୃତମ୍ ।୧୦୪।
ତଂ ଜର୍ଜରବଂଶେ ଗଣପତି ଦିକ୍‌ପାଳାଦି ପୂଜାଂ କୁର୍ଯାତ୍ ।

ଅନୁବାଦ

ପାଞ୍ଚଗୋଟି ପର୍ବଥିବା ବାଉଁଶକୁ ଜର୍ଜର ବୋଲି କୁହନ୍ତି । ତାହାର ଉପର ଅଂଶକୁ ଧଳା ଏବଂ ତଳ ଅଂଶକୁ ନୀଳବର୍ଣ୍ଣ କରିବ । ତୃତୀ ପର୍ବ-

Digitized by srujanika@gmail.com

ପରେ ହଳଦିଆ, ହଳଦିଆ ଉପରକୁ ରକ୍ତବର୍ଣ୍ଣ, ତା'ଉପର ସବ ନାନା ବର୍ଣ୍ଣରେ ଚଳିତଥିବ । ସବୁ ବର୍ଣ୍ଣର ପତାକା ଖଞ୍ଜିବ । ଏହି ଜର୍ଜର ବାଉଁଶକୁ ଗଣେଶ ଓ ଦିଗପାଳ ରୂପେ ପୂଜା କରିବ ।

ଅଥ ଯବନିକାବିଧିମାହ—

କାର୍ଯ୍ୟା ଯବନିକା ତତ୍ର ନିରନ୍ଧ୍ରା ସୂକ୍ଷ୍ମବାସସା ।
ଧାର୍ଯ୍ୟା ସୁରୂପନାରୀଭ୍ୟାଂ ତତ୍ପାତ୍ର ପ୍ରବେଶନେ ।୧୦୫।

ଅନୁବାଦ

ଯବନିକା ସରୁ ଲୁଗାରେ ହେବ ଏବଂ ନିରନ୍ଧ୍ର ହେବ । ଛିଦ୍ରଫଟା ହୋଇନଥିବ । ଦୁଇଜଣ ସୁନ୍ଦରୀ ସ୍ତ୍ରୀ, ପାତ୍ର ପ୍ରବେଶ ପର୍ଯ୍ୟନ୍ତ ଯବନିକା ଧରି ରଖିବେ ।

ଅଥ ଯବନିକାବସ୍ତ୍ରସ୍ୟ ଶୃଙ୍ଗାରାଦିରସେଷୁ ବର୍ଣ୍ଣଭେଦମାହ—

ରସ ଭେଦରେ ଯବନିକାର ବର୍ଣ୍ଣଭେଦ—

ଶୁଭ୍ରବର୍ଣ୍ଣା ଚ ଶୃଙ୍ଗାରେ, ପୀତା ବୀରେ ପ୍ରଶସ୍ୟତେ ।
ଧୂମ୍ରବର୍ଣ୍ଣା ଚ କରୁଣେ କର୍ତ୍ତବ୍ୟା କପିଶାଦ୍ଭୁତେ ।୧୦୬।
ହାସ୍ୟେ ବିଚିତ୍ରା କର୍ତ୍ତବ୍ୟା ନୀଳବର୍ଣ୍ଣ ଭୟାନକେ ।
ବୀଭତ୍ସକେ ଧୂମ୍ରନୀଳାସ୍ୟାଦ୍ରୌଦ୍ରେ ରକ୍ତା ପ୍ରଶସ୍ୟତେ ।
ଅରୁଣାବାପି ସର୍ବସ୍ମିନ୍ କାର୍ଯ୍ୟା ଯବନିକା ବୁଧୈଃ ।୧୦୭।

ଅନୁବାଦ

ଶୃଙ୍ଗାର —ଶୁକ୍ଳବର୍ଣ୍ଣ
ବୀର —ପୀତବର୍ଣ୍ଣ
କରୁଣ —ଧୂମ୍ରବର୍ଣ୍ଣ

Digitized by srujanika@gmail.com

ଅଦ୍ଭୁତ —କପିଶବର୍ଣ୍ଣ
ହାସ୍ୟ —ଧଡଳବର୍ଣ୍ଣ
ଭୟାନକ—ନୀଳବର୍ଣ୍ଣ
ବିଭତ୍ସ —ଧୂମ୍ରଳବର୍ଣ୍ଣ
ରୌଦ୍ର —ରକ୍ତବର୍ଣ୍ଣ

ଅରୁଣବର୍ଣ୍ଣର ଜବନକା ସବୁ ରସ ପାଇଁ ଉପଯୁକ୍ତ ।

ଅଥ ନର୍ତ୍ତକସ୍ୟନର୍ତ୍ତକ୍ୟାଶ୍ଚ ମଣ୍ଡନ ବିଧିମାହ—

ନର୍ତ୍ତକ ଓ ନର୍ତ୍ତକୀର ମଣ୍ଡନ ବିଧି—

ସୁନୀଳସ୍ନିଗ୍ଧ ବସ୍ତୀର୍ଣ୍ଣ କେଶପାଶ ନିବେଶିତଃ ।
ଗ୍ରନ୍ଥିର୍ବିଲୁଳିତଃ ପୃଷ୍ଠେ ଲସତ୍ପୁଷ୍ପାବତଂସକଃ ।
ବେଣୀ ବା ସରଳା ଦୀର୍ଘା ମୁକ୍ତାଜାଲ ବିଜୃମ୍ଭିତା ।
କଳିତଂ କୁନ୍ତଳୈର୍ଭାଲଂ କସ୍ତୁରୀ ତିଳକା ଭବେତ୍ଃ ।
ରଚିତଂ ଚିତ୍ରକଂଗଣ୍ଡେ ନେତ୍ରେ ତୁ ସ୍ୱଞ୍ଜନାଞ୍ଚିତେ ।୧୦୮।୧୦୯।

ଅନୁବାଦ

ନୃତ୍ୟ ପାତ୍ରର କେଶ ଚିକ୍କଣ ଏବଂ ସୁନୀଳ ହୋଇଥିବ । ପିଠି ପଛରେ ଜୁଡ଼ା ବନ୍ଧା ହୋଇଥିବ । ସେଥିରେ ଫୁଲମାଳ ସଜ୍ଜିତ ହୋଇଥିବ କିମ୍ବା ମୁକ୍ତାଜାଲ ବିମଣ୍ଡିତ ସରଳ ଦୀର୍ଘ ବେଣୀ ସଜାଇବ । କୁନ୍ତଳରେ ସଜାଇବ ଓ କପାଳରେ କସ୍ତୁରୀ ଚନ୍ଦନ ଦ୍ୱାରା ଚିତ୍ର କରିବ । ଆଖିରେ ଅଞ୍ଜନ ଲଗାଇବ ।

ଅଥ ବେଶାନ୍ତରମାହ—

ଉଲ୍ଲସତ୍କାନ୍ତ ବଳୟେ ତାଳପତ୍ରେ ଚ କର୍ଣ୍ଣୟୋଃ ।
ଦନ୍ତପଂକ୍ତି-ଦ୍ୟୁତିଜାଳ ପ୍ରୋଜ୍ଜ୍ୱଳୀକୃତ-ରଙ୍ଗଭୂଃ ।
କସ୍ତୁରୀପତ୍ର ଭଙ୍ଗାଢ୍ୟୌ କପାଳୌ କଣ୍ଠଲମ୍ବିତା ।
ତାରହାରବଳୀ ସ୍ଥୂଳ ମୌକ୍ତିକାସ୍ତନମଣ୍ଡନା ।

Digitized by srujanika@gmail.com

ପ୍ରକୋଷ୍ଠୌ ନ୍ୟସ୍ତ-ସଦ୍ରତ୍ନ ସୌବର୍ଣ୍ଣ ବଳୟାନ୍ୱିତୌ ।
ଅଙ୍ଗୁଲ୍ୟୋ ଧୃତମାଣିକ୍ୟ ନୀଳଜ୍ରାବଦ୍ଧ ମୁଦ୍ରିକାଃ ।
ଚନ୍ଦନୈର୍ଧୂସରଂ ଗାତ୍ରଂ ଯଦ୍ୱା କୁଙ୍କୁମ-ରଞ୍ଜିତମ୍ ।
କ୍ଷୀରୋଦକଦୁକୂଳାଦ୍ୟ ବସ୍ତ୍ରଂ କୁର୍ଯାଦ୍ୱିକଂ ତନୁ ।
ଏତନ୍ମଣ୍ଡନ ନାନ୍ୟଦ୍ ବା ପାତ୍ରୟୋଃ ଶ୍ୟାମଗୌରୟୋଃ ।
ଯଥୋଚିତଂ ବିଧାତବ୍ୟମିତ୍ୟାହ ଶିବବଲ୍ଲଭଃ ।୧୧୫।

ବେଶାନ୍ତର--

ଅନୁବାଦ

ନର୍ତ୍ତ୍ୟପାତ୍ର ତା'ର କାନ ଦୁଇଟିରେ ସୁନ୍ଦର ତାଳପତ୍ର (ତାଟଙ୍କ) ପିନ୍ଧିଥିବ । ମନ୍ଦହାସରେ ରଙ୍ଗଭୂମିକୁ ମଣ୍ଡି ଦେଉଥିବ । ଦୁଇ କପୋଳରେ କସ୍ତୁରୀ ଚିତ୍ର ଲେଖିଥିବ । କଣ୍ଠରେ ବଡ଼ ବଡ଼ ମୁକ୍ତାମାଳା ପିନ୍ଧିଥିବ-ଯାହା କି ସ୍ତନଯୁଗ ପର୍ଯ୍ୟନ୍ତ ଲମ୍ବି ଶୋଭାବର୍ଦ୍ଧନ କରୁଥିବ। ରତ୍ନ ଖଚିତ ସୁନାର ବଳୟ କରଭୂଷଣ ହୋଇଥିବ । ଅଙ୍ଗୁଳିରେ ମାଣିକ, ନୀଳା ଖଚିତ ରତ୍ନ-ମୁଦି ପିନ୍ଧିଥିବ । ଅଙ୍ଗ, ଚନ୍ଦନରେ ଧୂସରିତ ହୋଇଥିବ କିମ୍ବା କୁଙ୍କୁମ ଲଗେଇଥିବ । କ୍ଷୀରୋଦକୀ କିମ୍ବା ସୁନ୍ଦର ଲୁଗା ପିନ୍ଧିଥିବ । ପାତ୍ର ଶ୍ୟାମାଙ୍ଗୀ କିମ୍ବା ଗୌରାଙ୍ଗୀ ଦେଖି ସେହି ଅନୁସାରେ ବିଚାର କରି ବେଶ ମଣ୍ଡନ କରିବ । ଶିବବଲ୍ଲଭ ଏହିପରି କହିଅଛନ୍ତି ।

ଅଥ ମସୀମାହ—

ଶୁଦ୍ଧାଃ ସଂଯୋଗଜାଶ୍ଚୋପବର୍ଣ୍ଣାଃଶ୍ଚେତି ତ୍ରିଧାମତାଃ ।

ଅର୍ଥ—ଏହା ତିନିପ୍ରକାର । ଯଥା—ଶୁଦ୍ଧ, ସଂଯୋଗଜ ଓ ଉପବର୍ଣ୍ଣ ।

ତତ୍ର ଶୁଦ୍ଧ ମସୀ ଯଥା—

ଶୁକ୍ଳୋ ନୀଳଶ୍ଚ ପୀତଶ୍ଚ ଚତୁର୍ଥୋ ରକ୍ତ ଏବ ଚ ।
ଏତେ ସ୍ୱଭାବଜା ବର୍ଣ୍ଣାସ୍ତତଃ ଶୁଦ୍ଧାଃ ପ୍ରକୀର୍ତ୍ତିତାଃ ।୧୧୬।

Digitized by srujanika@gmail.com

ଅର୍ଥ—ଶୁକ୍ଳ, ନୀଳ ପୀତ, ରକ୍ତ—ଏହି ଚାରିବର୍ଣ୍ଣକୁ ଶୁଦ୍ଧ ମସୀ କୁହାଯାଏ ।

ଅଥ ଶୁଦ୍ଧମସ୍ୟୁପଯୋଗୀ ଦ୍ରବ୍ୟାଣ୍ୟାହ—

ଶୁଦ୍ଧ ମସୀର ଉପଯୋଗୀ ଦ୍ରବ୍ୟ—

ଶୁକ୍ଳସ୍ୟ କଠିନୀ ଦ୍ରବ୍ୟଂ ତଥା ନୀଳସ୍ୟ କଜ୍ଜ୍ୱଳମ୍ ।
ହରିତାଳଂ ଚ ପୀତସ୍ୟ ରକ୍ତସ୍ୟାପି ଚ ହିଙ୍ଗୁଳମ୍ ।୧୧୭।

ଅର୍ଥ—ଶୁକ୍ଳର ଉପଯୋଗୀ ଦ୍ରବ୍ୟ ଖଡ଼ୀ, ନୀଳର ଉପଯୋଗୀ ଦ୍ରବ୍ୟ କଜ୍ଜ୍ୱଳ, ପୀତର ଉପଯୋଗୀ ଦ୍ରବ୍ୟ ହରିତାଳ ଓ ରକ୍ତର ଉପଯୋଗୀ ଦ୍ରବ୍ୟ ହିଙ୍ଗୁଳ ।

ସଂଯୋଗଜୋପବର୍ଣ୍ଣ ସଙ୍କରମସୀ ଦ୍ୱୟଂ ତୁ ବହୁଭିର ଭେଦାନ୍ନ ଲିଖିତମ୍ । ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାୟାଂ ସର୍ବମସ୍ତି । ଜିଜ୍ଞାସୁନା ଜନେନ ତତୋ ଜ୍ଞେୟମ୍ ।

ଅର୍ଥ—ସଂଯୋଗଜ ମସୀ ଓ ଉପବର୍ଣ୍ଣ ମସୀ ବହୁପ୍ରକାର ହୁଏ । ଏ ସମ୍ବନ୍ଧରେ ବିଶେଷ ଜାଣିବାର ଥିଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଅଥ ହରିତାଳସ୍ୟ ମହିମାନମାହ—

ହରିତାଳର ମହିମା—

ହରିତାଳୋ ଦେବମୟସ୍ତଦ୍ବିନାସ୍ୟାନ୍ୟମସୀ ବୃଥା ।

ଅର୍ଥ—ହରିତାଳ ଦେବତା ସ୍ୱରୂପ । ଏହାଛଡ଼ା ମସୀ ପ୍ରସ୍ତୁତ ବ୍ୟର୍ଥ ।

Digitized by srujanika@gmail.com

ହରିତାଳେ କେ ଦେବାସ୍ତିଷ୍ଠନ୍ତ ତଦାହ—

ହରିତାଳର ଦେବତା—

ହକାରଃ ଶଙ୍କରଃ ପ୍ରୋକ୍ତୋ ରେଫୋଽଗ୍ନିଃ ଷଣ୍ମୁଖୋ ମତଃ ।
ଇକାରସ୍ତୁ ତାକାରେ ବ୍ରହ୍ମାନଦୀ ଲକାରକଃ ।
ଏତେ ଦେବଗଣା ଏବଂ ହରିତାଳେ ବ୍ୟବସ୍ଥିତାଃ ।୧୧୮।୧୧୯

ଅର୍ଥ—'ହ'କାର—ମହେଶ
'ରେଫ୍'—ଅଗ୍ନିଦେବତା
'ଇ' —କାର୍ତ୍ତିକେୟ
'ତା' — ବ୍ରହ୍ମା
'ଳ' ବା 'ଲ'—ନଦୀ ।

ଅଥ ହରିତାଳସ୍ୟାଭିମନ୍ତ୍ରଣମଂତ୍ରମାହ—

ହରିତାଳର ଅଭିମଂତ୍ରଣ ମଂତ୍ର—

ବର୍ତ୍ତିକା ଗ୍ରହଣାର୍ଥନ୍ତ୍ୱଂ ନିର୍ମିତୋଽସି ସ୍ୱୟଂଭୁବା ।
ସର୍ବସିଦ୍ଧିପ୍ରଦୋ ନାଟ୍ୟେ ସର୍ବ ଦେବୈସ୍ତୁ ବନ୍ଦତଃ ।
ସର୍ବ ପାତକହରଃ ସାକ୍ଷାଦ୍ଧରିତାଳ ନମୋଽସ୍ତୁତେ ।
ତସ୍ମାତ୍ ପ୍ରଯଚ୍ଛ ମେ ସିଦ୍ଧିଂ ସର୍ବଦେବମୟ ପ୍ରଭୋ ।୧୨୦।୧୨୧।

ଅନୁବାଦ

ବ୍ରହ୍ମା ଶଳତଗ୍ରହଣ ନିମିତ୍ତ ତୁମକୁ ନିର୍ମାଣ କରିଅଛନ୍ତି । ତୁମେ ନାଟ୍ୟର ସର୍ବସିଦ୍ଧି ଦାତା । ଦେବତାମାନଙ୍କର ବନ୍ଦନୀୟ । ସମସ୍ତ ପାପ-ନାଶକ । ତୁମକୁ ନମସ୍କାର କରୁଛି, ତୁମେ ସର୍ବଦେବମୟ ଅଟ । ତେଣୁ ମୋତେ ସିଦ୍ଧିଦାନ କର ।

Digitized by srujanika@gmail.com

ଅଥ ବେଶ ନିର୍ଣ୍ଣୟମାହ—

ବେଶ ନିର୍ଣ୍ଣୟ—

ଶୁଦ୍ଧୋ ବିଚିତ୍ରୋ ମଳିନଃ ତ୍ରିବିଧୋବେଶ ଉଚ୍ୟତେ
ଯେଷାଂ ଯେ ଉଚିତୋ ବେଶଃ ସମାସ୍ତଦପି କଥ୍ୟତେ ।୧୨୨।

ଅନୁବାଦ

ବେଶ ତିନପ୍ରକାର । ଯଥା—ଶୁଦ୍ଧ, ବିଚିତ୍ର ଓ ମଳିନ । କାହାର କିପରି ବେଶ ହେବା ଉଚିତ କୁହାଯାଉଛି ।

ଧର୍ମକର୍ମଣି ଯୁକ୍ତାନାଂ ପୁଂସାଂ ବା ଯୋଷିତାମପି ।
ଅମାତ୍ୟ କଞ୍ଚୁକି-ଶ୍ରେଷ୍ଠ ଦ୍ୱିଜ ସିଦ୍ଧ ପୁରୋଧସାମ୍ ।
ଇତ୍ୟାଦିନାଂ ତୁ ବେଶଃ ସ୍ୟାଚ୍ଛୁଦ୍ଧଭୂଷାଂ ଶୁକ୍ଳାଦିଭିଃ ।୧୨୩।

ଅର୍ଥ—ଧର୍ମ୍ମ, କର୍ମ ନିଯୁକ୍ତ ପୁରୁଷ ଅବା ସ୍ତ୍ରୀମାନେ, ମନ୍ତ୍ରୀ, କଞ୍ଚୁକି ପ୍ରଧାନ ବ୍ୟକ୍ତି, ବ୍ରାହ୍ମଣ, ସିଦ୍ଧପୁରୁଷ ଓ ପୁରୋହିତ ଏମାନଙ୍କର ଶୁଦ୍ଧ ଭୂଷଣ ଅର୍ଥାତ୍ ଶୁକ୍ଳବର୍ଣ୍ଣର ଲୁଗା ବେଶଭୂଷା ବ୍ୟବହୃତ ହୁଏ ।

ବିଚିତ୍ର ମଳିନ ବେଶ ପାତ୍ରାଣି ବହୁଭ୍ୟାନ୍ୟପି ସନ୍ତିଚ ।
ତତ୍ର ଶ୍ରଦ୍ଧାଳୁନା ଜନେନ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକାଯ୍ୟା ଜ୍ଞାନବ୍ୟମ୍ ।

ଅର୍ଥ—ବିଚିତ୍ର ବେଶ ଓ ମଳିନ ବେଶଧାରୀ ସମ୍ବନ୍ଧରେ ବହୁ ବିଷୟ ଅଛି । ସେସବୁ ବିଷୟ ଜାଣିବାକୁ ଇଚ୍ଛାଥିଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଏବଂ ବେଶା ବୁଧୈଃ କାର୍ଯ୍ୟା ଦେଶ ଜାତି ବୟୋଽନୁଗା ।
ଉତ୍ତମାଧମମଧ୍ୟାନାଂ ନୃଣାଂ ସ୍ତ୍ରୀଣାମଥାପି ବା ।୧୨୪।

ଅନୁବାଦ

ଦେଶ, ଜାତି, ବୟସ ଅନୁସାରେ ଉତ୍ତମ, ମଧ୍ୟମ, ଅଧମ ପାତ୍ର ବିଷୟରେ ଅଥବା ସ୍ତ୍ରୀ-ପୁରୁଷ ବିଷୟରେ ବେଶ ଗ୍ରହଣବିଧେୟ ।

Digitized by srujanika@gmail.com

ଅଥ ବେଶାନ୍ତର୍ଗତମାଲ୍ୟସ୍ୟ ଭେଦଚତୁଷ୍ଟୟମାହ—

ବେଶର ଅନ୍ତର୍ଗତ ମାଳା ଧାରଣ ନିୟମ—

ଗର୍ଭିତଂ ଗୁମ୍ଫିତଂ ଚୈବ ବେଷ୍ଟିତଂ ଲମ୍ବିତଂ ତଥା ।
ମାଲ୍ୟଂ ଚତୁର୍ଦ୍ଧା ବେଶାନ୍ତର୍ଦ୍ଦୃଶ୍ୟାଦୃଶ୍ୟଂ ତୁ ଗର୍ଭିତମ୍ ।୧୨୫।

କେଶୋ ପରିଷ୍ଟାଦ୍‌ଗ୍ରଥିତଂ ପୁଷ୍ପଂ ଯଦ୍ ଗୁମ୍ଫିତଂ ତୁ ତତ୍ ।
ବେଷ୍ଟିତଂ ଯତ୍ର ମାଳାଭିସ୍ତଦା ବେଷ୍ଟିତ ମୁଚ୍ୟତେ ।
ଲମ୍ବିତଂ ତଦ୍‌ବେଣୀ ଚୂଡ଼ା କଣ୍ଠେଷ୍ୱାଲମ୍ବତେ ତୁ ଯତ୍ ।୧୨୬।

ଅନୁବାଦ

ଗର୍ଭିତ, ଗୁମ୍ଫିତ, ବେଷ୍ଟିତ ଓ ଲମ୍ବିତ—ଏହି ଚାରି ପ୍ରକାର ମାଳାର ଭେଦ । କେଶ ମଝିରେ ଖୋସା ହୋଇଥିବାପରି ଯେ ଦିଶେ—ସେ ଗର୍ଭିତ, କେଶ ଉପରେ ଗୁନ୍ଥାହୋଇ (ସଜଡ଼ା ହୋଇ) ଥିବା ଫୁଲକୁ ଗୁମ୍ଫିତ—କେଶରେ ଗୁଡ଼ା ହୋଇଥିବା ଫୁଲ ବେଷ୍ଟିତ—ବେଣୀ, ଜୁଡ଼ା ଓ କଣ୍ଠରେ ଲମ୍ବାହୋଇଥିବା ମାଳା ଲମ୍ବିତ ।

ଅଥ ଚତୁର୍ବିଧାଲଙ୍କାରମାହ—

ଚତୁର୍ବିଧ ଅଳଙ୍କାର—

ଚତୁର୍ବିଧଂ ତୁ ବକ୍ତ୍ରେସ୍ୟ ନାଟ୍ୟେଷ୍ୱାଭରଣଂ ବୁଧୈଃ ।
ଆବଦ୍ଧଂ ବନ୍ଧନୀୟଂ ଚ ପ୍ରକ୍ଷେପ୍ୟଂ ରୋପିତଂ ତଥା ।୧୨୭।

ଅର୍ଥ—(୧) ଆବଦ୍ଧ, (୨) ବନ୍ଧନୀୟ, (୩) ପ୍ରକ୍ଷେପ୍ୟ, (୪) ରୋପିତ—ଚାରିପ୍ରକାର ଅଳଙ୍କାର ।

Digitized by srujanika@gmail.com

ଅଥ ବଦ୍ଧାଦୀନାଂ ଅଲଂକାରଣାଂ ଲକ୍ଷଣମାହ—

ଏମାନଙ୍କର ଲକ୍ଷଣ—

ବଦ୍ଧେନାବୟବେନାପି କ୍ରିୟତେ ଭୂଷଣଂ ତୁ ଯତ୍ ।
ତଦାବଦ୍ଧମିତି ପ୍ରୋକ୍ତଂ ନାସାକର୍ଣ୍ଣାଦି ଭୂଷଣମ୍ ।
ଗ୍ରଥିତଂ ପଟ୍ଟସୂତ୍ରାଦ୍ୟୈର୍ବନ୍ଧମଚଳଂ ତୁ ଯତ୍ ।
ବନ୍ଧନୀୟଂ ତଦାଖ୍ୟାତଂ କାଞ୍ଚୀ ସୂତ୍ରାଙ୍ଗଦାଦିକମ୍ ।
ସ୍ୱନନ୍ତି ଚଳନାଦ୍ୟାନି ତାନି ପ୍ରକ୍ଷେପ୍ୟମୁଚ୍ୟତେ ।
ନୂପୁରଂ ବଳୟାଦିନ ବାସାଂସି ବିବିଧାନି ଚ ।
ସଙ୍କୋଚଶୀତାଦ୍ୟାରୋପ୍ୟଂ ଲମ୍ବତେ ଯତ୍ତନୌ ଧୃତମ୍ ।୧୨୮।

ଅନୁବାଦ

ନାକ, କାନ ପ୍ରଭୃତିରେ ଫୋଡ଼ା ହୋଇ ଯେଉଁ ଅଳଙ୍କାର ଲାଗେ, ତାହା ଆବଦ୍ଧ ।

ପାଟସୂତା ଇତ୍ୟାଦିରେ ଗୁନ୍ଥା ହୋଇ ଯେଉଁ ଅଳଙ୍କାର ଲଗାଯାଏ—ତାହା ବନ୍ଧନୀୟ ଏମାନେ ଅଚଳ ଯଥା:—ମେଖଳା, ସୂତା, ଅଙ୍ଗଦ ଇତ୍ୟାଦି ।

ଗୁଳିଲାବେଳେ ଯେଉଁଥିରୁ ଶବ୍ଦ ଶୁଣାଯାଏ, ତାକୁ ପ୍ରକ୍ଷେପ କୁହାଯାଏ, ନୂପୁର, କଙ୍କଣ, ବସ୍ତ୍ର (ମୂଲ୍ୟବାନ) ।

ଯେଉଁ ଅଳଙ୍କାର ଦେହରେ ଲମ୍ବଭାବରେ ଧାରଣ କରାଯାଇଥାଏ, ତାହାକୁ ଆରୋପିତ କୁହନ୍ତି । ଯଥା—ପଇତା

ଦେଶେ ଦେଶେ ଯାନି ରୂପ୍ୟାଣି କ୍ରିୟନ୍ତେ ଭୂଷଣାନି ତୁ ।
ତାନି ସର୍ବାଣି ନୋକ୍ତାନି ଗ୍ରନ୍ଥ ବିସ୍ତର ଭୀତିତଃ ।
ତଜ୍ଞ ଯେ ଶ୍ରଦ୍ଧାଳବସ୍ତେ ସର୍ଗୀତାର୍ଣ୍ଣବ ଚନ୍ଦ୍ରିକାପ୍ୟା ବଦନ୍ତୁ ।

Digitized by srujanika@gmail.com

ଅର୍ଥ—ଦେଶ ଭେଦରେ ଯାହା ଯାହା ରୁଚିକର ସେହିପରି ଅଳଙ୍କାର ପିନ୍ଧିବ । ଗ୍ରନ୍ଥବାହୁଲ୍ୟ ଭୟରେ ବେଶୀ ଲେଖାଗଲା ନାହିଁ । ବେଶୀ ଜାଣିବାର ଇଚ୍ଛାଥିଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଅଥ ନାଟ୍ୟଭାଷାମାହ—

ନାଟ୍ୟ ଭାଷା—

ସଂସ୍କୃତଂ ପ୍ରାକୃତଂ ଚେତି ନାଟ୍ୟଭାଷା ଦ୍ୱିଧା ମତା ।
ଭାଷୋପଭାଷାସ୍ଥାନାନ୍ତିଭାଷେତି ପ୍ରାକୃତଂ ତ୍ରିଧା ।
ଭାଷାଣାଂ ଲକ୍ଷଣଂ ନୋକ୍ତଂ ସର୍ବଂ ବିସ୍ତର-ଶଙ୍କୟା ।୧୨୯।

ଅନୁବାଦ

ଏହା ଦୁଇପ୍ରକାର, ଯଥା—ସଂସ୍କୃତ ଓ ପ୍ରାକୃତ । ପ୍ରାକୃତ ଭାଷା ପୁଣି ତିନପ୍ରକାର ହୁଏ । ଯଥା—ଭାଷା, ଉପଭାଷା, ସ୍ଥାନାନ୍ତି ଭାଷା । ଗ୍ରନ୍ଥ ବାହୁଲ୍ୟ ଯୋଗୁଁ ବେଶୀ ଲେଖାଯାଉ ନାହିଁ ।

ଅଥ ନାଟ୍ୟବୃତ୍ତିମାହ—

ନାଟ୍ୟବୃତ୍ତି—

ଭାରତ୍ୟାରଭଟୀ ଚୈବ ସାତ୍ତ୍ୱତୀ କୈଶିକୀ ତଥା ।
ଚତସ୍ରୋ ବୃତ୍ତୟୋ ହ୍ୟେତା ସର୍ବନାଟ୍ୟସ୍ୟ ମାତୃକାଃ ।୧୩୨।

ଅନୁବାଦ

ବୃତ୍ତି ଚାରିପ୍ରକାର । ଯଥା— (୧) ଭାରତୀ, (୨) ଆରଭଟୀ, (୩) ସାତ୍ତ୍ୱତୀ, (୪) କୈଶିକୀ ।

ଅଥ ଭାରତ୍ୟାଦ ନାଟ୍ୟବୃତ୍ତିନାଂ ବେଦୋତ୍ପତ୍ତି କଥନମ୍—

ଏମାନଙ୍କର ବେଦରୁ ଉତ୍ପତ୍ତି କଥା—

ଋଗ୍‌ବେଦାଦ୍‌ଭାରତୀ ଜାତା ଯଜୁର୍ବେଦାତ ସାତ୍ତ୍ୱତୀ ।
ଅଥର୍ବଣାଦାରଭଟୀ ସାମବେଦାତ୍ତୁ କୈଶିକୀ ।୧୩୩।

Digitized by srujanika@gmail.com

ଅନୁବାଦ

ଭାରତୀ ଋଗବେଦରୁ, ସାତ୍ତ୍ୱତୀ ଯଜୁର୍ବେଦରୁ, ଆରଭଟୀ ଅଥର୍ବ ବେଦରୁ ଏବଂ କୈଶିକୀ ସାମବେଦରୁ ଜାତ ହୋଇଅଛି ।

ଅଥ ଭରତଶାସ୍ତ୍ରାଣାଂ ମହିମାନମାହ—

ଗୀତଂ ବାଦ୍ୟଂ ତଥା ନୃତ୍ୟଂ ବୃତ୍ତିହୀନଂ ନ ଶୋଭତେ ।
ଅତୋ ବୃତ୍ତିର୍ବିଜାନୀୟାଦେତାଃ ଭରତ ଭାଷିତାଃ ।୧୩୪।

ଅନୁବାଦ

ଗୀତ, ବାଦ୍ୟ ବା ନୃତ୍ୟ କେବଳ ବୃତ୍ତିହୀନ ହେଲେ, ଶୋଭାପାଏ ନାହିଁ । ଭରତ ମୁନିଙ୍କ ମତରେ ବୃତ୍ତି ବିଷୟକ ଜ୍ଞାନଥିବା ଆବଶ୍ୟକ ।

ଅଥ ନର୍ତ୍ତକସ୍ୟ ରଙ୍ଗଭୂମୀ ପ୍ରବେଶ ପ୍ରକାର ମାହ—

ରଙ୍ଗ ପ୍ରବେଶ ପ୍ରକାର—

ଅନୁବାଦ

ସଭାଜନ-ମନୋହାରୀ ପାତ୍ରଂ ରଙ୍ଗଭୁବଂ ବିଶେତ୍ ।
ତତଃ ପୁଷ୍ପାଞ୍ଜଳିଂ ରଙ୍ଗ ମଧ୍ୟତୋ ବିକିରେଦପି ।
ସ୍ୱୟଂ ଚତୁର୍ମୁଖଃ ସାକ୍ଷାଦ୍ରଙ୍ଗପୀଠମଧିଷ୍ଠିତଃ ।୧୩୫।

ଅର୍ଥ—ସଭାସଦ୍‌ମାନଙ୍କର ମନୋହରଣ ହେବାଭଳି ରୂପରେ ନର୍ତ୍ତକ ରଙ୍ଗସ୍ଥଳକୁ ପ୍ରବେଶ କରିବେ । ତଦ୍ପରେ ନୃତ୍ୟସ୍ଥଳୀରେ ପୁଷ୍ପାଞ୍ଜଳି ପକାଇବେ । ନିଜକୁ ମୁଁ ବ୍ରହ୍ମା ବିଗ୍ରହ ନିର୍ଭୟରେ ରଙ୍ଗପୀଠରେ ଅଧିଷ୍ଠିତ ହେବେ ।

Digitized by srujanika@gmail.com

ଅଥ ସଭ୍ୟଜନାନାଂ ମଧ୍ୟେ କେଷାଂ କମପେକ୍ଷିତଂ—

ସଭ୍ୟଜନମାନଙ୍କର ଆକାଙ୍କ୍ଷା—

ପଣ୍ଡିତା ଗଜମିଚ୍ଛନ୍ତି ଭାବମିଚ୍ଛନ୍ତି ଭୂଭୁଜଃ ।
ଯୁବାନୋ ରୂପମିଚ୍ଛନ୍ତି ଶୃଙ୍ଗାରମିତରେ ଜନାଃ ।୧୩୬।

ଅନୁବାଦ

ପଣ୍ଡିତମାନେ ଗଜ (ହସ୍ତକ ଇତ୍ୟାଦି) ଅପେକ୍ଷା କରନ୍ତି । ରାଜାମାନେ ଭାବ ଇଚ୍ଛା କରନ୍ତି, ଯୁବକମାନେ ରୂପ ଇଚ୍ଛା କରନ୍ତି, ଅନ୍ୟାନ୍ୟମାନେ ବେଶଭୂଷାକୁ ଅପେକ୍ଷା କରନ୍ତି ।

ଅଥ ନର୍ତ୍ତକସ୍ୟ ନୃତ୍ୟପ୍ରକାରମାହ—

ନୃତ୍ୟ ପ୍ରକାର—

ନାନାବର୍ଣ୍ଣୈର୍ଯଥା ପୁଷ୍ପୈର୍ମାଲ୍ୟଂ ଗ୍ରଥ୍ନାତି ମାଲ୍ୟକୃତ୍ ।
ଅଙ୍ଗୋପାଙ୍ଗୈ ରସୈର୍ଭାବୈସ୍ତଥା ନାଟ୍ୟଂ ପ୍ରଦର୍ଶୟେତ୍ ।୧୩୭।

ଅନୁବାଦ

ମାଳୀ ଯେପରି ଫୁଲମାଳ ସଜାଡ଼ି ଗୁନ୍ଥେ, ନର୍ତ୍ତକ ସେହିପରି ନିଜର ଅଙ୍ଗ, ଉପାଙ୍ଗ, ରସ ଓ ଭାବ ସଜାଡ଼ି କରି ଉପସ୍ଥାପିତ କରିବ ।

ଅଥ ନୃତ୍ୟବର୍ଜନୀୟମାହ—

ନୃତ୍ୟର ବର୍ଜନୀୟ—

ଲଜ୍ଜାକରଂ ତୁ ଯତ୍କିଞ୍ଚିଦଙ୍ଗେ ପରିବର୍ଜୟେତ୍ ।
ପିତୃପୁତ୍ରଶ୍ନୁଷାଶ୍ୱଶ୍ରୂଦୃଶ୍ୟଂ ଯସ୍ମାତ୍ତୁ ନାଟକମ୍ ।୧୩୮।

ଅନୁବାଦ

ବାପ, ପୁଅ, ଶାଶୁ, ବୋହୂ—ଏମାନେ ନାଟକ ଦେଖିବାକୁ ଯାଆନ୍ତି । ଯାହା ଲଜ୍ଜାକର ଜନକ, ତାହା ନୃତ୍ୟରେ ପରିତ୍ୟାଗ କରିବ ।

Digitized by srujanika@gmail.com

ଅଥ ନାଟ୍ୟସ୍ୟ ରଞ୍ଜକ ସମୟମାହ—

ନାଟ୍ୟର ରଞ୍ଜକ ସମୟ ନିର୍ଣ୍ଣୟ—

ଯାମ ମାତ୍ରଂ ସମାପ୍ୟଂ ସତ୍ତନ୍ନାଟ୍ୟ ରାଗବର୍ଦ୍ଧନମ୍ ।
ଅର୍ଦ୍ଧଂ ବୈରାଗଜନକମତୋ ନାଟ୍ୟଂ ବର୍ଜୟେତ୍ ।୧୩୯।

ଅନୁବାଦ

ନାଟ୍ୟ ପ୍ରହରକ ମଧ୍ୟରେ ସମାପ୍ତ ହେଲେ ତାହା ରଞ୍ଜକ ହୁଏ । ଏଥିରୁ ଅଧିକ କାଳରେ ବିରାଗ ଜାତ ହୁଏ । ତେଣୁ ନାଟ୍ୟ ଅଧିକ କାଳ କରିବ ନାହିଁ ।

ନିଦ୍ରାୟା ପୀଡ଼ିତାଙ୍ଗାନାଂ ରସୋଦ୍‌ବୋଧୋ ନ ଜାୟତେ ।
ଅର୍ଥ—ନିଦ୍ରାପୀଡ଼ିତ ଅଙ୍ଗ ରସବୋଧ କରିପାରେ ନାହିଁ ।

ଅଥ ସାଧୁବାଦନ ମାହ—

ସାଧୁବାଦ—

ଅତ୍ୟୁତ୍ସାହଂ ଭବେତ୍ପାତ୍ରଂ ସଭ୍ୟୈଃ ସାଧୁବାଦନେ ।
ଅତଃ ପାତ୍ରସ୍ୟ ଦୁର୍ନ୍ୟସ୍ତଂ ସଭ୍ୟୈଂ ସ ଉଦାହରେତ୍ ।
ସ ବ୍ରହ୍ମହା ଜାୟତେ ବୈ ବଜ୍ରଂ ପତତି ମୂର୍ଦ୍ଧନି ।
ପତନ୍ତି ତସ୍ୟଃ ନରକେ କୁଳାନ୍ୟେଭ୍ୟସ୍ତୋ ଦଶ ॥
ତତ୍ସାଧୁବାଦନାଦନ୍ୟବଚନଂ ଯଃ ପ୍ରଯୋଜୟେତ୍ ।
ଗୋବଧସ୍ୟ ଫଳଂ ପ୍ରାପ୍ୟ ସ ବୈ ନିରୟ ମୃଚ୍ଛତି । ୧୪୦-୧୪୨

ଅନୁବାଦ

ସଭ୍ୟରେ ସାଧୁବାଦ କଲେ (ନର୍ତ୍ତକଙ୍କୁ) ତାହାର ଉତ୍ସାହ ବର୍ଦ୍ଧିତ ହୁଏ । ଏହି କାରଣରୁ ପାତ୍ର ନାଚିବାରେ ଭ୍ରମ ପ୍ରମାଦ କଲେ ମଧ୍ୟ ତାଙ୍କୁ ପ୍ରଶଂସା କରିବା ଉଚିତ୍ । ପାତ୍ରର ନିନ୍ଦାବାଦ କଲେ ବ୍ରହ୍ମହତ୍ୟା ପାପହୁଏ ଏବଂ ସେ ଲୋକର ବଜ୍ରାଘାତ ହୁଏ । ତାର ଦଶପୁରୁଷ ନରକଗାମୀ ହୁଏ । ସାଧୁବାଦ ନକରିବା ଲୋକ ଗୋହତ୍ୟା ପାପନିଏ ଏବଂ ନର୍କରେ ପଡ଼େ ।

Digitized by srujanika@gmail.com

ସମସ୍ୟାଃ ପ୍ରଥମୋତ୍ଥାନ ନିଷେଧମାହ—

ସଭାସ୍ଥଳ ପ୍ରଥମେ ଛାଡ଼ିଯିବା ନିଷେଧ ।

ପୂର୍ବେଗତ୍ୱା ସଭାଭଙ୍ଗଂ ଯଃ କରୋତି ନରାଧମଃ ।
ସ ମାତୃହା ପିତୃଘ୍ନଶ୍ଚ ଶିବଦ୍ରୋହୀ ଚ ଜାୟତେ ॥ ୧୪୩ ।

ଅନୁବାଦ

ଯେଉଁ ନରାଧମ ସଭାଭଙ୍ଗିବା ପୂର୍ବରୁ ସଭାଛାଡ଼ି ଯାଏ, ସେ ମାତୃହତ୍ୟା ଓ ପିତୃହତ୍ୟା ଦୋଷରେ ଭାଗି ଏବଂ ଶିବଦ୍ରୋହୀ ଅଟେ ।

ଅଥ ହସ୍ତକ ବିଷୟମାହ ତତ୍ର ଷଡ଼୍ବିଧାଙ୍ଗାନ୍ୟାହ—

ହସ୍ତକ ଓ ଷଡ଼ବିଧ ଅଙ୍ଗ—

ଶିରଃ କରୋଽଥ ହୃଦୟଂ ଜଠରଂ ପାର୍ଶ୍ୱଯୁଗ୍ମକମ୍ ।
କଟିଶ୍ଚେତି ଷଡ଼ଙ୍ଗାନି କଥିତାନି ଶରୀରିଣାମ୍ ॥ ୧୪୪ ॥

ଅନୁବାଦ

ଶିର, କର, ହୃଦୟ, ଜଠର, ପାର୍ଶ୍ୱଯୁଗ ଓ କଟୀ—ଭରତାଦି ମୁନିମାନଙ୍କ ମତରେ ଏହି ଛଅଟି ଅଂଗ ବୋଲି କଥିତ ।

ଅଥ ତେଷାଂ ଷଡ଼ଙ୍ଗାନାଂ ମଧ୍ୟେଽଙ୍ଗୋତ୍ତମତ୍ୱାତ୍ ପ୍ରଥମତଃ ଶିରୋଭେଦମାହ—

ଷଡ଼ଅଙ୍ଗ ମଧ୍ୟରେ ପ୍ରଧାନ ଶିରଭେଦ—

ଆକମ୍ପିତଂ କମ୍ପିତଂ ଚ ଧୂତଂ ବିଧୂତମେବଚ ।
ପରିବାହିତ ମାଧୂତମବଧୂତଂ ତଥାଞ୍ଚିତମ୍ ॥
ନିକୁଞ୍ଚିତଂ ପରାବୃତ୍ତମୁତ୍କ୍ଷିପ୍ତଂ ଚାପ୍ୟଧୋଗତମ୍ ।
ଲୋଳିତଂ ପ୍ରକୃତଂ ଚେତି ଚତୁର୍ଦ୍ଦଶବିଧଂ ଶିରଃ ॥ ୧୪୫-୧୪୬ ॥

Digitized by srujanika@gmail.com

ଅନୁବାଦ

ଅଙ୍ଗମାନଙ୍କ ମଧ୍ୟରେ ଶିରପ୍ରଧାନ । ତେଣୁ ପ୍ରଥମେ ସେ ବିଷୟ କୁହାଯାଉଅଛି । ଏହାର ଭେଦ ଚଉଦ ପ୍ରକାର । ଯଥା— ଆକମ୍ପିତ, କମ୍ପିତ, ଧୂତ, ବିଧୂତ, ପରିବାହିତ, ଆଧୂତ, ଅବଧୂତ, ଅଞ୍ଚିତ, ନିକୁଞ୍ଚିତ, ପରାବୃତ୍ତ, ଉତ୍କ୍ଷିପ୍ତ, ଅଧୋଗତ, ଲୋଳିତ ଓ ପ୍ରକୃତ ।

ଅଥ ଆକମ୍ପିତାଦି ଚତୁର୍ଦ୍ଦଶଶିରୋଭେଦାନାଂ ମଧ୍ୟେ ପରିବାହିତମାହ —

ପରିବାହିତ —

ଶିରସୋମଣ୍ଡଳାକାର ଭ୍ରମଣାତ୍ ପରିବାହିତମ୍ ।
ବିଚାରେ ବିସ୍ମୟେ ହର୍ଷେ ସ୍ମିତେ କ୍ରୋଧେଽନୁମୋଦନେ ॥୧୦୭॥

ଅନୁବାଦ

ଏମାନଙ୍କ ଭିତରେ ପରିବାହିତ ଶିରଭେଦ—ଶିରର ମଣ୍ଡଳାକାର ଭ୍ରମଣକୁ ପରିବାହିତ ଶିର କୁହନ୍ତି ।

ବିଚାର, ବିସ୍ମୟ, ହର୍ଷ, ସ୍ମିତ, କ୍ରୋଧ ଓ ଅନୁମୋଦନ ଅଭିନୟରେ ଏହା ପ୍ରଯୁକ୍ତ ।

ଅନ୍ୟେ ତ୍ରୟୋଦଶ ଭେଦା ଗ୍ରନ୍ଥବାହୁଲ୍ୟ ଭୟାଦୁପେକ୍ଷିତାଃ । ତେତୁ ସଂଗୀତାର୍ଣ୍ଣବ ଚନ୍ଦ୍ରିକାୟାଂ ସନ୍ତି । ତତ୍ର ଯେ ଅଭିଳାପିକା ତେ ତତୋ ଜାନନ୍ତୁ ॥

ଅନ୍ୟାନ ତେରଟି ଗ୍ରନ୍ଥବାହୁଲ୍ୟ ଭୟରେ ରହିଲା । ସେ ସମ୍ବନ୍ଧରେ ବିଶେଷ ଜାଣିବାର ହେଲେ ସଂଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

Digitized by srujanika@gmail.com

ଅଥ ହସ୍ତସ୍ୟ ହସ୍ତକ ଭେଦାନାହ—

ହସ୍ତର ହସ୍ତକ ଭେଦ—

ପତାକା ସ୍ତ୍ରିପତାକୋଽର୍ଦ୍ଧଚନ୍ଦ୍ରାଖ୍ୟଃ କର୍ତ୍ତରୀମୁଖଃ ।
ଅରାଳମୁଷ୍ଟିଶିଖର-କପିତ୍ଥ-ଖଟକାମୁଖାଃ ॥୧୪୮॥
ଶୁକତୁଣ୍ଡଃ କାଙ୍ଗୂଳସ୍ତୁ ପଦ୍ମକୋଷୋଽଳପଲ୍ଲବଃ ।
ସୂଚୀମୁଖଃ ସର୍ପଶିର ଶ୍ଚତୁରେ ମୃଗଶୀର୍ଷକଃ ॥୧୪୯॥
ହଂସାସ୍ୟୋ ହଂସପକ୍ଷସ୍ତୁ ଭ୍ରମରୋ ମୁକୁଳସ୍ତଥା ।
ଊର୍ଣ୍ଣନାଭସ୍ତୁ ସନ୍ଦଂଶସ୍ତାମ୍ରଚୂଡ଼ୋଽପରଃ କରଃ ।
ଅମୀତ୍ୱସଂଯୁତା ହସ୍ତାଶ୍ଚତୁର୍ବିଂଶତିରୀରିତାଃ ॥ ୧୫୦ ॥

ଅନୁବାଦ

ଏହା ଚବଶ ପ୍ରକାର । ଯଥା—ପତାକା, ତ୍ରିପତାକା, ଅର୍ଦ୍ଧ-ପତାକା, କର୍ତ୍ତରୀମୁଖ, ଅରାଳ, ମୁଷ୍ଟି, ଶିଖର, କପିତ୍ଥ, ଖଟକାମୁଖ, ଶୁକ-ତୁଣ୍ଡ, କାଂଗୁଳ, ପଦ୍ମକୋଷ, ଅଳପଲ୍ଲବ, ସୂଚୀମୁଖ, ସର୍ପଶୀର, ଚତୁର, ମୃଗଶୀର୍ଷ, ହଂସାସ୍ୟ, ହଂସପକ୍ଷ, ଭ୍ରମର, ମୁକୁଳ, ଊର୍ଣ୍ଣନାଭ, ସନ୍ଦଂଶ ଓ ତାମ୍ରଚୂଡ଼ ।

ଅଥ ପତାକହସ୍ତାଦି ଭେଦଦ୍ୱୟମାହ—

ପତାକ ହସ୍ତ—

ପତାକଃ ପ୍ରକୃତତ୍ୱେନ ବହୁହସ୍ତୋ ଭବତ୍ୟତଃ ।
ବିନିଯୋଗଃ ବହୁତ୍ୱାତ୍ ପ୍ରଥମଂ ସନ୍ନଗଦ୍ୟତେ ॥୧୫୧॥

ଅନୁବାଦ

ଏହି ହସ୍ତର ପ୍ରକୃତିରୁ ବହୁପ୍ରକାର ହସ୍ତକ ହୁଏ । ଅର୍ଥାତ୍ ପତାକ ହସ୍ତ ସ୍ୱାଭାବିକ । ବହୁତ ହସ୍ତକ, ପତାକ ହସ୍ତକରୁ ଉଦ୍ଭବ ହୁଅନ୍ତି । ବହୁ-ସ୍ଥଳରେ ଏହାର ବିନିଯୋଗ ହୁଏ । ତେଣୁ ପ୍ରଥମେ ପତାକ ହସ୍ତକଥା କୁହା-ଯାଉଅଛି ।

Digitized by srujanika@gmail.com

ଅଂଗୁଷ୍ଠୋ ଯସ୍ୟ ବକ୍ରଃ ସନ୍ ତର୍ଜନୀ ମୂଳ ସଂଶ୍ରିତଃ ।
ମୃଜବୋଂଽଗୁଳୟଃ ଶ୍ଳିଷ୍ଟାଃ ସ ପତାକ ଇତି ସ୍ମୃତଃ ।୧୫୨।

ଅନୁବାଦ

ହସ୍ତର ବୁଢ଼ା ଅଙ୍ଗୁଳି ବଙ୍କାଇ ବଣି ଆଙ୍ଗୁଠିର ମୂଳରେ ଲଗାଇ, ଅନ୍ୟ ଚାରିଗୋଟି ଆଂଗୁଠି ଲଗାଲଗି ହୋଇ ସିଧାଭାବେ ରଖିଲେ, ଏହା ପତାକ ହସ୍ତ ।

ଅଥ ତ୍ରିପତାକ ହସ୍ତମାହ

ପତାକଃ ସ୍ତ୍ରିପତାକଃ ସ୍ୟା ବକ୍ରିତା ଚେଦନାମିକା ।
ଏଷବଧାଦ ମାଂଗଲ୍ୟଦ୍ରବ୍ୟସ୍ପର୍ଶେ ପ୍ରଯୁଜ୍ୟତେ ।
ତ୍ରିପତାକେ କନିଷ୍ଠାଚେତ୍ ବକ୍ରିତାଽର୍ଦ୍ଧପତାକକା ।୧୫୩।

ଅନୁବାଦ

ପତାକ ହସ୍ତର ଅନାମିକା ଆଂଗୁଠି ବଙ୍କାହେଲେ ତାହାକୁ ତ୍ରିପତାକ ହସ୍ତ କୁହନ୍ତି । ଏହା ଦୂବ ପ୍ରଭୃତି ମାଂଗଲ୍ୟ ଦ୍ରବ୍ୟ ସ୍ପର୍ଶରେ ପ୍ରଯୁକ୍ତ ହୁଏ ।

ତ୍ରିପତାକ ହସ୍ତର କନିଷ୍ଠ ଅଂଗୁଳି ବକ୍ର ହେଲେ, ତାକୁ ଅର୍ଦ୍ଧ-ପତାକା କୁହନ୍ତି ।

ଏତେଷାଂ ବିନିଯୋଗସ୍ତୁ ଗ୍ରନ୍ଥବାହୁଲ୍ୟ ଭୟାଦୁପେକ୍ଷିତାଃ ।
ତେ ତୁ ସଂଗୀତାର୍ଣ୍ଣବ ଚନ୍ଦ୍ରିକାୟାଂ ଯନ୍ତ୍ର ତତୋ ବିଜ୍ଞାତବ୍ୟଃ ।
ହସ୍ତାଦ୍ୟାଦି ଚତୁରଂଗାନାଂ ଲକ୍ଷଣଂ ବହୁଧାନ୍ନ ଲିଖିତମ୍ ।
ତଦପି ତହାସ୍ତି

ଅର୍ଥ — ଆଉ ଅନ୍ୟାନ ୨୨ଟି ହସ୍ତର ଲକ୍ଷଣ, ଗ୍ରନ୍ଥ-ବହୁଳତା ହେତୁ ଲେଖାପାଉନାହିଁ । ଯେଉଁମାନଙ୍କ ଜାଣିବା ଇଚ୍ଛା, ସେମାନେ ସଂଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

Digitized by srujanika@gmail.com

ହୃଦୟସ୍ଥ ଇତ୍ୟାଦି ଗୁରୁ ଅଂଗର ଲକ୍ଷଣକୁ ବାହୁଲ୍ୟ ହେତୁ ଲେଖାଗଲନାହିଁ । ତେଣୁ ଆବଶ୍ୟକ ହେଲେ ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା ଦେଖନ୍ତୁ ।

ଅଥ ସଂଖ୍ୟାସୂଚକା ଯେ ତତଃ କାଂଶ୍ଚିତ୍ ପ୍ରଚକ୍ଷ୍ମହେ—

ସଂଖ୍ୟାସଚକ ହସ୍ତକ—

ଏକଂ ଧୃତ୍ୟଙ୍ଗେ କର୍ତ୍ତର୍ଯାଂ ଦ୍ବି ଶିଖେନ ତ୍ରି ସିଂହସ୍ୟନମ
ଚତସ୍ରେ ତୁ ପତାକେନ ପଞ୍ଚକଂ ମୁକୁଳେନ ତୁ ।୧୫୪।

ଅନୁବାଦ

ସୂଚୀ ହସ୍ତକରେ ଗୋଟିଏ ଆଂଗୁଠି, କର୍ତ୍ତରୀରେ ଦୁଇଟି, ସିଂହମୁଖରେ ତିନୋଟି ପତାକରେ ଚାରିଗୋଟି, ଆଂଗୁଠି ବିନିଯୋଗ କରିବ । ତିନି ସଂଖ୍ୟାରେ ତିନିଗୋଟି ଏବଂ ଚାରି ସଂଖ୍ୟାରେ ଚାରିଗୋଟି ଆଂଗୁଠି ପ୍ରୟୋଗ କରିବ । ମୁକୁଳ ହସ୍ତରେ ପାଞ୍ଚଗୋଟି ଆଂଗୁଠ ପ୍ରଯୁକ୍ତ ହୁଏ ।

ଅଥ ନର୍ତ୍ତକସ୍ୟ ହସ୍ତକକରଣ କାଳିନ ଚେଷ୍ଟିତମାହ—

ନର୍ତ୍ତକର ହସ୍ତକ କରଣ କାଳୀନ ଚେଷ୍ଟା –

ଅଂଗେନାଲମ୍ବୟେଦ୍ ଗୀତଂ ହସ୍ତେନାର୍ଥ ପ୍ରଦର୍ଶନମ୍ ।
ଚକ୍ଷୁର୍ଭ୍ୟାଂ ଭାବୟେଦ୍ଭାବଃ ପାଦାଭ୍ୟାଂ ତାଳ ନିର୍ମିତମ୍ ।୧୫୫।
ଇତରେଷାଂ ସର୍ବହସ୍ତକାନାଂ ଲକ୍ଷଣାନି ।

ଅନୁବାଦ

ନର୍ତ୍ତକର ଅଙ୍ଗ, ଗୀତର (ଆଲମ୍ବ) ଅବଲମ୍ବନ । ହସ୍ତରେ ଗୀତାର୍ଥ ପ୍ରଦର୍ଶିତ ହେବ । ଚକ୍ଷୁରେ ଭାବ ପ୍ରକାଶ ପାଇବ । (ଭାବର ଭାବନା କରିବ) ଦୁଇ ପାଦରେ ତାଳ ନିର୍ମାଣ କରିବ ।

Digitized by srujanika@gmail.com

କୋଟି ପଦ୍ମାର୍ବୁଦ, ମହାପଦ୍ମ ପରାର୍ଦ୍ଧ ସଂଖ୍ୟାକାଃ ସନ୍ତି । ତେଷୁ
ନୃତ୍ୟମାନେଷୁ ଗ୍ରନ୍ଥବାହୁଲ୍ୟ ଜାୟତେ, ଅତସ୍ତାନ ନୋକ୍ତାନ ।
ଯେ ତଲ୍ଲକ୍ଷ୍ମାସବସ୍ତେ ସଂଗୀତାର୍ଣ୍ଣବ ଚନ୍ଦ୍ରିକାୟାଂ ବଦନ୍ତୁ ।

ଅର୍ଥ :—ଅନ୍ୟାନ ଯେଉଁ ହସ୍ତକମାନଙ୍କର କୋଟି, ପଦ୍ମ, ଅର୍ବୁଦ, ମହାପଦ୍ମ ଏବଂ ପରାର୍ଦ୍ଧ ସଂଖ୍ୟାରେ ଲକ୍ଷଣମାନ ହୁଏ—ଏତଦ୍ଦ୍ୱାରା ଗ୍ରନ୍ଥ ବଢ଼ିଯିବ ସେହି ଭୟରେ ସେ ସମସ୍ତ ଲେଖାଯାଉନାହିଁ । ଆବଶ୍ୟକସ୍ଥଳେ ସଂଗୀତାର୍ଣ୍ଣବଚନ୍ଦ୍ରିକା ଦେଖନ୍ତୁ ।

ଅଥ ଚାରୀ ସ୍ୱରୂପମାହ :—

ଚାରୀ :—

ଏକ ପାଦପ୍ରଚାରେ ଯଃ ସ ଚାରୀତି ନିଗଦ୍ୟତେ ।
ସେୟଂଚାରୀ ଦ୍ୱିଧା ଜ୍ଞେୟା ଭୌମୀତ୍ୟାକାଶିକୀ ମତା ।
ମାର୍ଗଦେଶୀ ବଭେଦେନ ପ୍ରତ୍ୟେକଂ ତାଅପି ଦ୍ୱିଧା ।
ପ୍ରତ୍ୟେକଂ ଲକ୍ଷଣଂ ତ୍ୟାସାଂ ନୋକ୍ତଂ ବିସ୍ତର ଶଙ୍କୟା ॥୧୫୬।୧୫୭॥

ଚାରୀ :—

ଅନୁବାଦ

ନୃତ୍ୟର ଏକ ପାଦର ପ୍ରଚାର କର୍ମକୁ ଚାରୀ ବୋଲାଯାଏ । ଏହା ଦୁଇପ୍ରକାର, ଯଥା:—ଭୌମୀ, ଆକାଶିକୀ । ତାହା ପୁଣି ପ୍ରତ୍ୟେକ ମାର୍ଗୀ-ଦେଶୀ ବିଭାଗରେ ଦୁଇପ୍ରକାର । ପ୍ରତ୍ୟେକଙ୍କ ଲକ୍ଷଣ ଗ୍ରନ୍ଥବାହୁଲ୍ୟ ଯୋଗୁ ଲେଖା ଯାଉନାହିଁ ।

ଅଥାଭିନୟା ଏବ ରସୋତ୍ପତ୍ତି ହେତବ ଇତି ଦର୍ଶୟିତୁମାହ :—

ଅଭିନୟ ରସୋତ୍ପତ୍ତିର ହେତୁ :—

ନୂନଂ ଲ୍ଭଭିନୟାଃସର୍ବେ ରସସ୍ୟ ବ୍ୟଞ୍ଜକା ଅମୀ ।
ନାପେକ୍ଷନ୍ତେ ଜାତିଧର୍ମାନ୍ ଦେଶକାଳବୟଃକ୍ରମାନ୍ ॥ ୧୫୮ ॥

Digitized by srujanika@gmail.com

ଅନୁବାଦ

ଅଭିନୟ (ଅଂଗ ବିକ୍ଷେପ) କଣ୍ଠିତ ଭାବରେ ରସ ଫୁଟାଏ । ଏହା ଜାତି, ଧର୍ମ, ଦେଶ, କାଳ ବା ବୟସ କାହାକୁ ଅପେକ୍ଷା ରଖେ ନାହିଁ ।

ଅଥ ରସସ୍ୟ ଆତ୍ମସ୍ୱରୂପତାମାହ :—

ରସର ଆତ୍ମସ୍ୱରୂପ :—

ତସ୍ମାଦ୍ରସୋ ଭବେନ୍ନିତ୍ୟଃ ସତ୍ୟଜ୍ଞାନମୟୋ ହି ଯଃ ।
ଆନନ୍ଦରୂପସ୍ତେନାୟମାତ୍ମନୋ ନାତିରିଚ୍ୟତେ ।
ନହ୍ୟାତ୍ମବ୍ୟତିରେକେଣ ରସନାମାସ୍ତି କଶ୍ଚନ ।
ଆନନ୍ଦରୂପସ୍ତେନାହ ରସୋବୈ ସ ଇତି ଶ୍ରୁତିଃ ॥ ୧୫୯-୧୬୦ ॥

ଅନୁବାଦ

ରସ—ସତ୍ଜ୍ଞାନମୟ (ଅର୍ଥାତ୍ ସର୍ବଦା ସ୍ଥାୟୀ) ଆନନ୍ଦ ସ୍ୱରୂପ । ତେଣୁକରି ଏହା ଆତ୍ମାରୁ ଭିନ୍ନ ନୁହେ । ଆତ୍ମାଭିନ୍ନ ରସବୋଲି କେହି ନାହିଁ । ତେଣୁକରି ଶ୍ରୁତି କହେ ଏହା ଆନନ୍ଦର ସ୍ୱରୂପ ।

ଅଥ ନାନ୍ଦୀଲକ୍ଷଣମାହ :—

ନାନ୍ଦୀଲକ୍ଷଣ :—

ଗଂଗା ଗଣପତିଃ ସୌମଃ ସୁଧାନନ୍ଦୋ ଜୟାଶିଷଃ ।
ଏତୈର୍ନାମ ପଦୋର୍ଭିର୍ବୈର୍ନାନ୍ଦୀ କାର୍ଯା ବିଚକ୍ଷଣୈଃ ॥ ୧୬୧ ॥

ଅନୁବାଦ

ପଣ୍ଡିତମାନେ ବିଘ୍ନବିନାଶନ ହେତୁ ଗଂଗା, ଗଣପତି, ସୌମ, ସୁଧାନନ୍ଦ, ଜୟାଶୀର୍ବାଦ—ଏମାନଙ୍କ ନାମ ପଦଦ୍ୱାରା ନାନ୍ଦୀ ପାଠ କରିବେ ।

Digitized by srujanika@gmail.com

ଅଥ ନାନ୍ଦୀପ୍ରୟୋଜନମାହ—

ନାନ୍ଦୀର ପ୍ରୟୋଜନ—

ଶିବାନନ୍ଦକରୀ ନାନ୍ଦୀ ନାନ୍ଦୀ ବଦ୍ଧୋପଶାନ୍ତୟେ ।
ସୂତ୍ରଧାରଃ ପଠେନ୍ନାନ୍ଦୀଂ ମଧ୍ୟମ-ସ୍ୱର-ମାସ୍ଥିତଃ ॥ ୧୭୨ ॥

ଅନୁବାଦ

ନାନ୍ଦୀ ବନ୍ଧ ବିନାଶକ ଓ ମହେଶ୍ୱରଙ୍କର ଆନନ୍ଦଦାୟକ । (ପାଠାନ୍ତର ଆଶୀର୍ବାଦ ବାଣୀ ସଂଯୁକ୍ତ) ଏହାକୁ ସୂତ୍ରଧର ମଧ୍ୟମ ସ୍ୱରରେ ପାଠ କରିବେ ।

ଅଥ ଅଶୁଦ୍ଧ ଗୀତନୃତ୍ୟ ନିଷେଧମାହ—

ଅଶୁଦ୍ଧ ଗୀତ ନୃତ୍ୟ ନିଷେଧ—

ଅଶୁଦ୍ଧ ନୃତ୍ୟଗୀତେନ ଗୋଷ୍ଠୀଂ ନ କରୁତେ ବୁଧଃ ।
ମହାପାତକିନଃ ସଙ୍ଗାତ୍ସଂସର୍ଗୀପାତକୀ ଭବେତ୍ ।୧୭୩।

ଅନୁବାଦ

ବିଜ୍ଞବ୍ୟକ୍ତି ଅଶୁଦ୍ଧ ଗୀତ ନୃତ୍ୟଗୋଷ୍ଠୀ ବିଧାନ କରିବା ଅନୁଚିତ । ମହାପାତକର ସଂସର୍ଗରେ ଆସୁଥିବା ଲୋକ ମହାପାତକୀ ହୁଏ । (ଅର୍ଥାତ୍ ଅଶୁଦ୍ଧ ନୃତ୍ୟଗୀତକାରୀ ଲୋକ ମହାପାତକୀ) ତାକୁ ଯେଉଁ ଯେ ଗୋଷ୍ଠୀ ଗଢ଼େ, ସେ ମଧ୍ୟ ମହାପାତକୀ ହୁଏ ।

ଅଥ ସଙ୍ଗୀତଂ ବୃକ୍ଷରୂପକତ୍ୱେନ କଳ୍ପୟନ୍ତି—

ସଙ୍ଗୀତ ବୃକ୍ଷର ରୂପ—

ରାଗୋ ମୂଳଂ ସ୍ୱରାଃସ୍କନ୍ଧସ୍ତାଳଃ ଶାଖା ପଦଂ ଦଳଂ
ଗୀତଂ ତୁ କୋରକଃ ପୁଷ୍ପଂ ଗମକସ୍ତୁ ରସଃ ଫଳମ୍ ।୧୭୪।

Digitized by srujanika@gmail.com

ଅନୁବାଦ

ସଙ୍ଗୀତ ରୂପକ ବୃକ୍ଷର ରାଗ ହେଲା ମୂଳ । ସ୍ୱର, ସ୍କନ୍ଧ । ଅନ୍ୟମାନେ ଶାଖା । ପଦ ହେଲା ପଲ୍ଲବ - ଗୀତ ହେଲା କଢ଼ । ଗମକ ହେଲା ପୁଷ୍ପ ଓ ରସ ଏହାର ଫଳ ।

ଗୀତ ବାଦ୍ୟ ନୃତ୍ୟେଷୁ ବହୁତରାଣି ଭେଦାନ୍ତରାଣି ସନ୍ତି ।
ତାନ ଭରତ, କୋହଳାଦି କୃତ ଗ୍ରନ୍ଥେଭ୍ୟୋ ବଢ୍ଢେଯ୍ଯାନ ।

ଅନୁବାଦ

ଗୀତ, ବାଦ୍ୟ ନୃତ୍ୟ ପ୍ରଭୃତିରେ ବହୁଭେଦ ବର୍ତ୍ତମାନ । ସେଗୁଡ଼ିକ ଭରତ ଓ କୋହଳ ଇତ୍ୟାଦି ଋଷିମାନଙ୍କ ଗ୍ରନ୍ଥରୁ ଜାଣିବେ ।

ଚନ୍ଦେ ନୃପୋ ଯାଂ ଭୁବ କେରଳାୟାଂ—
ଶ୍ରୀ ମାଳକଣ୍ଠୋଽପି ଚ ନାଟ୍ୟପୂର୍ବାମ୍ ।
ମନୋରମାଖ୍ୟାଂ ତୁ ପ୍ରଯଯୌ ସମାପ୍ତିଂ—
ତସ୍ୟାମଟୌ ପଞ୍ଚମ ଏବ ପାଦଃ ।

ଗ୍ରନ୍ଥ ସମାପ୍ତି ସୂଚନା—

ଅର୍ଥ—କେରଳର ରଜାଙ୍କ ରଚିତ ନାଟ୍ୟପୂର୍ବ ମନୋରମା ରୂପକ ନାଟ୍ୟ ମନୋରମା ଗ୍ରନ୍ଥର ପଞ୍ଚମ ପାଦ ଶେଷ ହେଲା ।

ଗ୍ରନ୍ଥ କର୍ତ୍ତାଙ୍କର ପରିଚୟ—

ଅଙ୍କେ ଭର୍ଗମିତେ ଗଜେଶ ନୃପତେର୍ମାସେ ତୁ ଚୈତ୍ରେ ଶିତେ ।
ପକ୍ଷେ ପଞ୍ଚଦଶୀ ତିଥୌ ଭୃଗୁଦିନେ ଶ୍ରୀ ଦିବ୍ୟସିଂହସ୍ୟ ଚ ।
ଚକ୍ରେ 'ନାଟ୍ୟମନୋରମାତ' ବ ଭରତ ଶ୍ରୀ କେରଳୋର୍ବୀପତିଃ ।
ସଙ୍ଗୀତାର୍ଣ୍ଣବଚନ୍ଦ୍ର କାନ୍ତରଗତାଂ ଶ୍ରୀ ମାଳକଣ୍ଠଃ କୃତି ।

Digitized by srujanika@gmail.com

ଅର୍ଥ—ଗଜପତି ଶ୍ରୀ ଦିବ୍ୟସିଂହ ଦେବଙ୍କର ୧୧ଅଙ୍କ ଆଶ୍ୱିନ ମାସ ଶୁକ୍ଳପକ୍ଷ ପଞ୍ଚଦଶ ତିଥି ଶୁକ୍ରବାର ଦିନ ସୁପଣ୍ଡିତ କେରଳ ରାଜା ଶ୍ରୀ ମାନକଣ୍ଠ ସଂଗୀତାର୍ଣ୍ଣବ ଚନ୍ଦ୍ରକାର ମଧ୍ୟଗତ ନାଟ୍ୟ ମନୋରମା ଗ୍ରନ୍ଥ ଶେଷ କଲେ ।

ଉପଜୀବିକ ରଘୁନାଥ ରଥ ।

କେରଳାବନୀପ କଳ୍ପପାଦପଂ ମାନକଣ୍ଠମୁପଜୀବ୍ୟ ଭୂସୁରଃ ।
କାଳମାକ୍ଷିପତୁ ସର୍ବଦାରଥୋ ଯସ୍ତୁ ନାମ୍ନି ରଘୁନାଥ ବିଶ୍ରୁତଃ ।

ଅର୍ଥ—କଳ୍ପବୃକ୍ଷ ରୂପୀ କେରଳର ରାଜା ମାନକଣ୍ଠଙ୍କୁ ଉପଜୀବିକା କରି ରଘୁନାଥ ରଥ ଆଜୀବନ କାଳ ହରଣ କରୁ ।

ଭୀମସ୍ୟାପି ରଣେ ଭଂଗୋ ମୁନେରପି ମତିଭ୍ରମଃ ।
ଯଦିଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।
ଗ୍ରଂଥକର୍ତ୍ତା ସ୍ୱୟଂ ବ୍ୟାସୋ ଲେଖକସ୍ତୁ ବିନାୟକଃ
ତୟୋସ୍ତୁ ସ୍ଖଳିତା ବୁଦ୍ଧିର୍ମନୁଷ୍ୟାଣାଂ ଚ କା କଥା ।
ବାରେ ଭୂମୀସୁତସ୍ୟ ମାସୀ ଚ ମଧ୍ୟୋ ପକ୍ଷେ ଷଡ଼େଶୋଦସ୍ୟ,
ଲକ୍ଷ୍ମୀନାମ୍ନକ ବାସରେ ନରପତେଃ ଶ୍ରୀ ଦିବ୍ୟସିଂହ ଚ
ଅଙ୍କେ ସୂର୍ଯ୍ୟମିତେ ତ ଏବ ରଘୁନା ଶ୍ରୀକେରଳୋର୍ବୀପତେ—
ର୍ବାଗ୍ଧ ନାଟ୍ୟମନୋରମା ତୁ ଲିଖିତା ଶ୍ରୀ ମାନକଣ୍ଠସ୍ୟ ଚ
ଶ୍ରୀକୃଷ୍ଣଃ ଶରଣମ୍

Digitized by srujanika@gmail.com

ମୁଦ୍ରଣ—କୋଣାର୍କ ପ୍ରିଣ୍ଟର୍ସ, ଖଟବନସାହି, କଟକ-

Digitized by srujanika@gmail.com

ମୂଲ୍ୟ : ବାରଟଙ୍କା ଚଉଷଠି ପଇସା ମାତ୍ର

Digitized by srujanika@gmail.com